ଧରିତ୍ରୀ 50 Years
ପୃଷ୍ଠା–୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ମେ ୧୩/୨୦୨୪ (୮+୮=୧୬ ପୃଷ୍ଠା) Bhubaneswar, Monday, May 13/2024 Page 16 ₹ 7.00
୫୦ଶ ଭାଗ ୧୬୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 168 ମୂଲ୍ୟ₹୭/-



**ମୋଦି ଦେଶର ସବୁ ସମ୍ପତ୍ତି ୪/୫ ଜଣ ଧନୀଙ୍କୁ ଦେଇଛନ୍ତି: ପ୍ରିୟଙ୍କା** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ସମସ୍ତ ସମ୍ପତ୍ତିକୁ ୪/୫ ଜଣ ଧନୀବ୍ୟକ୍ତିଙ୍କୁ ଦେଇଛନ୍ତି। ରାଏବରେଲିରେ କଂଗ୍ରେସ ପ୍ରାର୍ଥୀ ରାହୁଲ ଗାନ୍ଧୀଙ୍କ ସମର୍ଥନରେ ଏକ ରାଲିକୁ ସମ୍ବୋଧିତ କରି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ରବିବାର ଏହା କହିଛନ୍ତି।



## ସଂକ୍ଷେପରେ

### ନିଜ୍ଜର ହତ୍ୟା ମାମଲାରେ ୪ର୍ଥ ଭାରତୀୟ ଗିରଫ

**ୱାଶିଂଟନ/ଓଟାୱା, ୧୨।୫(ପି.ଟି.):** ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ନେତା ହରଦୀପ ସିଂ ନିଜ୍ଜର ହତ୍ୟା ମାମଲାରେ କାନାଡା କର୍ତ୍ତୃପକ୍ଷ ଚତୁର୍ଥ ଭାରତୀୟଙ୍କୁ ଗିରଫ କରିଛନ୍ତି। ସୁରିର ବ୍ରମ୍ପଟନ୍‌ରେ ରହୁଥିବା ଅମନଦୀପ ସିଂ(୨୨)ଙ୍କ ନାଁରେ ହତ୍ୟା ଏବଂ ହତ୍ୟା ଷଡ଼ଯନ୍ତ୍ର ମାମଲା ରୁଜୁ ହୋଇଛି। ପୂର୍ବରୁ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ସେ ପିଲ୍ ରିଜିଅନାଲ ପୋଲିସ ହାଜତରେ ରହିଥିଲେ। ଏହି ମାମଲାରେ କାନାଡା ପୋଲିସ ସପ୍ତାହେ ପୂର୍ବରୁ ୩ ଜଣ ଭାରତୀୟଙ୍କୁ ଗିରଫ କରିଥିଲା। କାନାଡାର ବ୍ରିଟିଶ କଲମ୍ବିଆ ଅନ୍ତର୍ଗତ ସୁରିସ୍ଥିତ ଏକ ଗୁରୁଦ୍ୱାରା ବାହାରେ ଗତବର୍ଷ ଜୁନ୍ ୧୮ରେ ଖଲିସ୍ତାନୀ ନେତା ନିଜ୍ଜରଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଭାରତର ସମ୍ପୃକ୍ତି ଥିବା ଓଟାୱାର ଅଭିଯୋଗ ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ତିକ୍ତତା ଦେଖାଦେଇଛି। କାନାଡା ତଦନ୍ତକାରୀ ସଂସ୍ଥାର କହିବା ଅନୁଯାୟୀ ଅମନଦୀପ ଅସ୍ଥାୟୀ ଭିଜା ବଳରେ କାନାଡା ଆସି ହିଂସାତ୍ମକ ଅପରାଧରେ ସମ୍ପୃକ୍ତ ଥିଲେ। ୪ ଜଣ ହିଟ୍‌ମେନ୍ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ସହ ସମ୍ପୃକ୍ତ ଥିବା ସେମାନେ ସନ୍ଦେହ କରୁଛନ୍ତି।

### ୩୪ କୋଟି ଜବତ ମାମଲା: ଝାଡ଼ଖଣ୍ଡ ମନ୍ତ୍ରୀ ଆଲମଗିରଙ୍କୁ ଇଡି ସମନ

**ରାଞ୍ଚି, ୧୨।୫:** ଝାଡ଼ଖଣ୍ଡର ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ଆଲମଗିର ଆଲମଙ୍କ ବ୍ୟକ୍ତିଗତ ସଚିବଙ୍କ ସହାୟକ ଘରୁ ଗତ ସପ୍ତାହରେ ୩୪ କୋଟି ଟଙ୍କା ଜବତ ହୋଇଥିଲା। ଏହି ମାମଲାରେ ସଚିବ ସଞ୍ଜୀବ ଲାଲ୍ ଏବଂ ତାଙ୍କ ଘରୋଇ ସହାୟକ ଜେହାଙ୍ଗୀରଙ୍କୁ ଗିରଫ କରାଯାଇଥିବାବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନ୍ତ୍ରୀ ଆଲମଗିରଙ୍କୁ ନୋଟିସ କରିଛି। ତାଙ୍କୁ ମଙ୍ଗଳବାର ଇଡି କାର୍ଯ୍ୟାଳୟରେ ହାଜର ହେବା ଲାଗି କୁହାଯାଇଛି। ଜବତ ଟଙ୍କା ସହ କୌଣସି ସମ୍ପର୍କ ନ ଥିବା ମନ୍ତ୍ରୀ କହି ଆସୁଛନ୍ତି। ତେବେ ଜେହାଙ୍ଗୀରଙ୍କ ସହ ମନ୍ତ୍ରୀଙ୍କର କୌଣସି ସମ୍ପର୍କ ଥିଲା କି ନାହିଁ, ତାହା ଜାଣିବା ପାଇଁ ଇଡି ସମନ କରିଛି। ମନିଲଣ୍ଡରିଂ ମାମଲାରେ ଗ୍ରାମାଞ୍ଚଳ ବିକାଶ ବିଭାଗର ବହୁ ଅଫିସର ସମ୍ପୃକ୍ତ ଥିବା ଇଡି ପୂର୍ବରୁ କହିଥିଲା।

### ଦୁର୍ଘଟଣାରେ କନ୍ନଡ଼ ଅଭିନେତ୍ରୀଙ୍କ ମୃତ୍ୟୁ


ପବିତ୍ରା ଜୟରାମ

**ଅମରାବତୀ, ୧୨।୫:** ଏକ ସଡ଼କ ଦୁର୍ଘଟଣାରେ କନ୍ନଡ଼ ଅଭିନେତ୍ରୀ ପବିତ୍ରା ଜୟରାମ(୩୫)ଙ୍କର ରବିବାର ମୃତ୍ୟୁ ଘଟିଛି। ଆନ୍ଧ୍ରପ୍ରଦେଶର ମେହବୁବାନଗର ନିକଟସ୍ଥ ଏକ ହାଇ-ୱେରେ ପବିତ୍ରା ଯାଉଥିବା କାର୍‌ଟି ଏକ ବସ ସହ ଧକ୍କା ହୋଇଥିଲା। କାରରେ ଥିବା ଅନ୍ୟ ୨ ପରିବାର ସଦସ୍ୟ ଓ ଡ୍ରାଇଭର ଗୁରୁତର ହୋଇଛନ୍ତି। ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିର ବହୁ ବିଶିଷ୍ଟ କଳାକାର ଓ ପବିତ୍ରାଙ୍କ ବହୁ ପ୍ରଶଂସକ ଶୋକ ପ୍ରକାଶ କରିଛନ୍ତି। ପବିତ୍ରା 'ଜୋକାଲି' ସିରିଏଲରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ତେଲୁଗୁ ସିରିଏଲ 'ତ୍ରିନୟନି'ର ତିଲୋତ୍ତମା ଚରିତ୍ର ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା।


ଆମେରିକାର ଫ୍ଲୋରିଡାସ୍ଥିତ ଓର୍ଲାଣ୍ଡୋରେ ଇସ୍ରାଏଲ ବିରୋଧରେ ତଥା ପାଲେଷ୍ଟିନୀୟଙ୍କ ସମର୍ଥନରେ ବିକ୍ଷୋଭବେଳେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ବିକ୍ଷୋଭକାରୀମାନେ ପୋଲିସ ବିରୋଧୀ ସ୍ଲୋଗାନ ଦେଉଛନ୍ତି।

# ଆଜି ୯୬ ଆସନରେ ଭୋଟ

**ନୂଆଦିଲ୍ଲୀ, ୧୨।୫(ପି.ଟି.)**

ଲୋକ ସଭା ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ମତଦାନ ସୋମବାର ଅନୁଷ୍ଠିତ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୧୦ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯୬ଟି ଲୋକ ସଭା ଆସନରେ ଭୋଟ ନିଆଯିବ। ଓଡ଼ିଶାର ୪ ଲୋକ ସଭା ଆସନ ସମେତ ଏହା ଅନ୍ତର୍ଗତ ୨୮ ବିଧାନସଭା ଆସନରେ ସୋମବାର ମତଦାନ ହେବାକୁ ଥିବାବେଳେ ଆନ୍ଧ୍ରପ୍ରଦେଶର ସମସ୍ତ ଲୋକ ସଭା ଓ ୧୭୫ ବିଧାନସଭା ଆସନ ପାଇଁ ଭୋଟିଂ ହେବ। ଚତୁର୍ଥ ପର୍ଯ୍ୟାୟରେ ମୋଟ ୧,୭୧୭ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲାବେଳେ ୧୭.୭୦ କୋଟିରୁ ଊର୍ଦ୍ଧ୍ୱ ଯୋଗ୍ୟ ଭୋଟର ୧.୯୨ ଲକ୍ଷ ପୋଲିଂ ଷ୍ଟେଶନରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ନିର୍ବାଚନ ପରିଚାଳନା ପାଇଁ ୧୯ ଲକ୍ଷରୁ ଅଧିକ ପୋଲିଂ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଏହି ପର୍ଯ୍ୟାୟର ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ, ନିତ୍ୟାନନ୍ଦ ରାୟ, ରାଓସାହେବ ଡାନ୍‌ଭେ, କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ, ଟିଏମ୍‌ସିରୁ ପୂର୍ବତନ କ୍ରିକେଟର ୟୁସୁଫ୍ ପଠାନ, ଭାଜପା ନେତ୍ରୀ ପଙ୍କଜା ମୁଣ୍ଡେ, ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି ଏବଂ ଆନ୍ଧ୍ରପ୍ରଦେଶ କଂଗ୍ରେସ ସଭାପତି ୱାଇ.ଏସ୍. ଶର୍ମିଳା। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଅଜୟ କୁମାର ମିଶ୍ରା ଟେନି, ଟିଏମ୍‌ସିର ମହୁଆ ମୋଇତ୍ର, ଅଭିନେତାରୁ ରାଜନେତା ଶତ୍ରୁଘ୍ନ ସିହ୍ନା, ଭାଜପା ନେତା ଦିଲୀପ ଘୋଷ ପ୍ରମୁଖଙ୍କ ଭାଗ୍ୟ ପରୀକ୍ଷା ହେବାକୁ ଯାଉଛି। ପୂର୍ବ ୩ ପର୍ଯ୍ୟାୟରେ ୨୮୩ ଲୋକ ସଭା ଆସନରେ ମତଦାନ ଶେଷ ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ଆନ୍ଧ୍ରପ୍ରଦେଶର ସମସ୍ତ ୨୫ ଏବଂ ତେଲଙ୍ଗାନାର ସମସ୍ତ ୧୭ ଆସନରେ ମତଦାନ ହେବାକୁ ଯାଉଥିବାବେଳେ ଉତ୍ତରପ୍ରଦେଶର ୧୩, ବିହାରର ୫, ଓଡ଼ିଶା ଓ ଝାଡ଼ଖଣ୍ଡର ୪ଟି ଲେଖାଏ, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗର ୮ଟି ଲେଖାଏ, ମହାରାଷ୍ଟ୍ରର ୧୧ଟି ଏବଂ ଜମ୍ମୁ-କଶ୍ମୀରର ଗୋଟିଏ ଆସନରେ ଭୋଟଗ୍ରହଣ କରାଯିବ।

### ଖାର୍ଗେଙ୍କ ହେଲିକପ୍ଟର ଯାଞ୍ଚ

**ନୂଆଦିଲ୍ଲୀ, ୧୨।୫**

ବିହାରର ସମସ୍ତିପୁରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେଙ୍କ ହେଲିକପ୍ଟରକୁ ଯାଞ୍ଚ କରାଯାଇଛି। ଭାଜପା ଓ ଏହାର ସହଯୋଗୀ ଦଳର ନେତାଙ୍କୁ ଅବାଧ ବିଚରଣ ଅନୁମତି ମିଳୁଥିବାବେଳେ ବିରୋଧୀ ନେତାଙ୍କୁ ଟାର୍ଗେଟ କରାଯାଉଥିବା କଂଗ୍ରେସ କହିଛି। ପୂର୍ବରୁ ରାହୁଲ ଗାନ୍ଧୀଙ୍କ ହେଲିକପ୍ଟରକୁ ଯାଞ୍ଚ କରାଯାଇଥିଲା। ବିରୋଧୀଙ୍କ ପ୍ରତି ଇସିଙ୍କ ଦୁର୍ଭାବନାପୂର୍ଣ୍ଣ ଆଚରଣ ଗଣତନ୍ତ୍ରର ହତ୍ୟା ବୋଲି କଂଗ୍ରେସ ନେତା ରାଜେଶ ରାଠୋର ଏକ୍ସ'ରେ ଲେଖିଛନ୍ତି।

### ଭୋଟ ପୂର୍ବରୁ ପାଲାମୁରେ ବିସ୍ଫୋରଣ: ୪ ମୃତ

**ମେଦିନିନଗର, ୧୨।୫**

ଚତୁର୍ଥ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ପୂର୍ବରୁ ଝାଡ଼ଖଣ୍ଡର ପାଲାମୁରେ ରବିବାର ବିସ୍ଫୋରଣ ଘଟି ୩ ନାବାଳକଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଛି। ରାଜଧାନୀ ରାଞ୍ଚିଠାରୁ ୧୯୦ କିଲୋମିଟର ଦୂର ମାନାଟୁ ଥାନା ଅନ୍ତର୍ଗତ ଏକ ରଦ୍ଦି ସାମଗ୍ରୀ ଗୋଦାମରେ ଏହି ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣର କାରଣ ଜାଣିବାକୁ ପୋଲିସ ତଦନ୍ତ ଚଳାଇଛି।

### କାଲି ନାମାଙ୍କନ କରିବେ ମୋଦି

**ଲକ୍ଷ୍ନୌ, ୧୨।୫**

ଉତ୍ତରପ୍ରଦେଶର ବାରାଣସୀ ଲୋକ ସଭା ଆସନରୁ ତୃତୀୟ ଥର ପାଇଁ ନିର୍ବାଚନ ଲଢ଼ିବାକୁ ଯାଉଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲ କରିବେ। ଏହାର ପୂର୍ବଦିନ ଅର୍ଥାତ୍ ସୋମବାର ସେ ତାଙ୍କ ନିର୍ବାଚନ ମଣ୍ଡଳୀରେ ବିଶାଳ ରୋଡ୍ ଶୋ'ରେ ସାମିଲ ହେବେ। ଏହି ରୋଡ୍ ଶୋ'ରେ ଦେଶର ସାଂସ୍କୃତିକ ବିବିଧତା ପ୍ରତିଫଳିତ ହେବ। ପରଦିନ ନାମାଙ୍କନ ପତ୍ର ଦାଖଲ ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ରାଜନାଥ ସିଂ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ସମସ୍ତ ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ନେତା ଉପସ୍ଥିତ ରହିବେ।

### ହେମନ୍ତଙ୍କ ଶୁଣାଣି ଆଜି

**ନୂଆଦିଲ୍ଲୀ, ୧୨।୫**

ଜମି ଦୁର୍ନୀତି ସମ୍ପର୍କିତ ମନିଲଣ୍ଡରିଂ ମାମଲାରେ ଜାନୁଆରୀ ୩୧ରୁ ଇଡି ଦ୍ୱାରା ଗିରଫ ହୋଇ ଜେଲରେ ଥିବା ଜେଏମ୍‌ଏମ୍ ନେତା ହେମନ୍ତ ସୋରେନ୍‌ଙ୍କ ଆବେଦନର ଶୁଣାଣି ସୋମବାର ସୁପ୍ରିମକୋର୍ଟ କରିବେ। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ଇଡିର ଗିରଫଦାରିକୁ ଚ୍ୟାଲେଞ୍ଜ କରି ଝାଡ଼ଖଣ୍ଡ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ଉଚ୍ଚ ଅଦାଲତ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଏହା ବିରୋଧରେ ସେ ମେ' ୩ରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଲୋକ ସଭା ନିର୍ବାଚନରେ ପ୍ରଚାର ପାଇଁ ତାଙ୍କୁ ଅନ୍ତରୀଣ ଜାମିନ ଦିଆଯାଉ ବୋଲି ହେମନ୍ତ ନିଜ ଆବେଦନରେ ଉଲ୍ଲେଖ କରିଛନ୍ତି।

# ସନ୍ଦେଶଖାଲି: ମୋଦି, ଦିଦିଙ୍କ ବାକ୍‌ଯୁଦ୍ଧ

**କୋଲକାତା/ନୂଆଦିଲ୍ଲୀ, ୧୨।୫**

ପଶ୍ଚିମବଙ୍ଗର ୪୨ ଲୋକ ସଭା ଆସନ ପାଇଁ ସମସ୍ତ ୭ଟିଯାକ ପର୍ଯ୍ୟାୟରେ ନିର୍ବାଚନ ହେଉଛି। ପୂର୍ବରୁ ୩ ପର୍ଯ୍ୟାୟରେ ୧୦ଟି ଆସନରେ ନିର୍ବାଚନ ଅନୁଷ୍ଠିତ ହୋଇସାରିଥିବାବେଳେ ସୋମବାର ଚତୁର୍ଥ ପର୍ଯ୍ୟାୟରେ ୮ ଆସନରେ ଭୋଟ ଗ୍ରହଣ କରାଯିବ। ଏହାର ଦିନକ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ମମତାଙ୍କ ଗଡ଼କୁ ଯାଇ ରାଜନୈତିକ ଉଷ୍ମତା ବଢ଼ାଇଦେଇଛନ୍ତି। ହାଓଡାର ଭାଜପା ପ୍ରାର୍ଥୀ ରଥିନ୍ ଚକ୍ରବର୍ତ୍ତୀଙ୍କ ପାଇଁ ପ୍ରଚାର ବେଳେ ଏକ ସଭାକୁ ସମ୍ବୋଧିତ କରି ମୋଦି କହିଛନ୍ତି, ଟିଏମ୍‌ସି ନିଜ ଗୁଣ୍ଡାମାନଙ୍କୁ ସୁରକ୍ଷା ଦେଉଛି। ଏଥିପାଇଁ ସନ୍ଦେଶଖାଲିର ଅପରାଧୀମାନଙ୍କୁ ସୁରକ୍ଷା ଦେଇ ପୀଡ଼ିତାମାନଙ୍କୁ ଧମକ ଦେଉଛି। ମୋଦି ଉତ୍ତର ୨୪ ପ୍ରଗଣାର ଏକ ରାଲିରେ ଆହୁରି କହିଛନ୍ତି, ଦିଦିଙ୍କ ଶାସନରେ ହିନ୍ଦୁମାନେ ଦ୍ୱିତୀୟ ଶ୍ରେଣୀର ନାଗରିକ ପାଲଟିଯାଇଛନ୍ତି। ମୋଦି ଥିବା ଯାଏ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ

> ❝ **ଅପରାଧୀଙ୍କୁ ସୁରକ୍ଷା ଦେବା ପାଇଁ ମହିଳାଙ୍କୁ ଧମକାଉଛନ୍ତି ଟିଏମ୍‌ସି ଗୁଣ୍ଡା: ପ୍ରଧାନମନ୍ତ୍ରୀ**



ପଶ୍ଚିମବଙ୍ଗରେ ଲାଗୁ କରାଇବାରେ କେହି ଅଟକାଇପାରିବେ ନାହିଁ। ସନ୍ଦେଶଖାଲିର ମା' ଭଉଣୀଙ୍କ ସହ ଟିଏମ୍‌ସିର ଆଚରଣକୁ ଆମେ ଦେଖିଛେ। ଜମିହଡ଼ପ ଓ ଦଳିତ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ମାମଲାର ମୁଖ୍ୟ ଅଭିଯୁକ୍ତ ଶାହଜାହାନ୍ ଶେଖ୍‌ଙ୍କ ପାଇଁ ଏବେ ଟିଏମ୍‌ସି ଏହି ମହିଳାମାନଙ୍କୁ ଧମକାଉଛି।

**ପଶ୍ଚିମବଙ୍ଗର ସନ୍ଦେଶଖାଲି ହିଂସାକୁ ନେଇ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମୁହାଁମୁହିଁ ହୋଇଛନ୍ତି। ରାଜ୍ୟର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଭୋଟ ବ୍ୟାଙ୍କ ରାଜନୀତି କରୁଛି। ଏହାର ଗୁଣ୍ଡାମାନେ ଅପରାଧୀଙ୍କୁ ସୁରକ୍ଷା ଦେବାକୁ ଯାଇ ସନ୍ଦେଶଖାଲିର ପୀଡ଼ିତା ମହିଳାମାନଙ୍କୁ ଧମକ ଦେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଟାର୍ଗେଟ କରିଛନ୍ତି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ମିଛ କହିଚାଲିଛନ୍ତି। ରାଜ୍ୟପାଳଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆସିବା ପରେ ମଧ୍ୟ ମୋଦି ତାଙ୍କୁ ଇସ୍ତଫା ଦେବାକୁ କହୁନାହାନ୍ତି ବୋଲି ଟିଏମ୍‌ସି ସୁପ୍ରିମୋ ମମତା ସମାଲୋଚନା କରିଛନ୍ତି। ଲୋକ ସଭା ନିର୍ବାଚନରେ ସନ୍ଦେଶଖାଲି ଅନ୍ୟ ପ୍ରସଙ୍ଗଗୁଡ଼ିକୁ ପଛରେ ପକାଇ ବଡ଼ ରାଜନୈତିକ ମୁଦ୍ଦା ପାଲଟିଯାଇଛି।**

ସନ୍ଦେଶଖାଲିର ମହିଳାମାନଙ୍କଠାରୁ ଟିଏମ୍‌ସି ନେତାମାନେ ସାଦା କାଗଜରେ ଦସ୍ତଖତ

> ❝ **ମୋଦି ମିଛ କହିଚାଲିଛନ୍ତି, ରାଜ୍ୟପାଳଙ୍କୁ ଇସ୍ତଫା ମାଗୁନାହାନ୍ତି: ମମତା**



କରାଉଥିବା ବେଳର କେତେକ ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହେବା ପରେ ଉଠିଥିବା ବିବାଦକୁନେଇ ମୋଦି ଏପରି କହିଛନ୍ତି। ମୋଦି ହୁଗୁଳିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରି କହିଛନ୍ତି, ଏଥର ଶେହଜାଦାଙ୍କ ବୟସଠାରୁ କଂଗ୍ରେସ କମ୍ ଆସନ ପାଇବ। ଦୁର୍ନୀତି ହେଉଛି କଂଗ୍ରେସ, ଟିଏମ୍‌ସି ଏବଂ ଇଣ୍ଡିଆ ବ୍ଲକ୍‌ର ଅନ୍ୟ ଦଳଗୁଡ଼ିକର ଚରିତ୍ର।

୨୪ ପ୍ରଗଣା ଜିଲା ଆମଡଙ୍ଗାରେ ମମତା କହିଛନ୍ତି, ସନ୍ଦେଶଖାଲିକୁ ନେଇ ଭାଜପାର ଷଡ଼ଯନ୍ତ୍ର ପଦାକୁ ଆସିବା ପରେ ମୋଦି ଲଜ୍ଜିତ ହେବା କଥା। କିନ୍ତୁ ସେ ସନ୍ଦେଶଖାଲି ଉପରେ ମିଛ କହିଚାଲିଛନ୍ତି। ରାଜ୍ୟପାଳ ଆନନ୍ଦ ବୋଷଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆସିଥିଲେ ମଧ୍ୟ ତାଙ୍କୁ ମୋଦି ଇସ୍ତଫା ଦେବାକୁ କାହିଁକି ପରାମର୍ଶ ଦେଉନାହାନ୍ତି। ଶାହାଜାହାନ୍ ଶେଖଙ୍କ ବିରୋଧରେ ବିକ୍ଷୋଭ କରିବା ଲାଗି ୭୦ ମହିଳାଙ୍କୁ ୨,୦୦୦ ଟଙ୍କା ଲେଖାଏ ଦିଆଯାଇଛି ବୋଲି ଜଣେ ଭାଜପା ନେତା କହୁଥିବା ବେଳର ଭିଡିଓ ଭାଇରାଲ ହେବାକୁ ନେଇ ମମତା ଏପରି ଜବାବ ଦେଇଛନ୍ତି। ଇତିମଧ୍ୟରେ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ରେଖା ଶର୍ମା ଏବଂ ଭାଜପାର ପିୟାଲି ଦାସ ରାଜନୈତିକ ସ୍ୱାର୍ଥ ପାଇଁ ମହିଳାମାନଙ୍କୁ ଶୋଷଣ କରିଥିବା ଅଭିଯୋଗ ଆଣି ଟିଏମ୍‌ସି ରବିବାର ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଛି।

### ୨୯ ଥର ଏଭରେଷ୍ଟ ଚଢ଼ି କାମି ରୀତାଙ୍କ ରେକର୍ଡ

**କାଠମାଣ୍ଡୁ, ୧୨।୫ (ପି.ଟି.)**



ନେପାଳର ପ୍ରସିଦ୍ଧ ପର୍ବତାରୋହୀ କାମି ରୀତା ଶେର୍‌ପା(୫୪) ୨୯ ଥର ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗ ଏଭରେଷ୍ଟ ଚଢ଼ି ରେକର୍ଡ କରିଛନ୍ତି। ଏଭରେଷ୍ଟରେ ସର୍ବାଧିକ ଥର ଚଢ଼ିଥିବା ରେକର୍ଡ କାମିଙ୍କ ନାମରେ ଥିବାବେଳେ ରବିବାର ସେ ନିଜର ପୂର୍ବ ରେକର୍ଡକୁ ଭାଙ୍ଗି ଇତିହାସ ରଚିଛନ୍ତି। 'ସେଭେନ ସମ୍ମିଟ ଟ୍ରେକ୍ସ' ଦ୍ୱାରା ଆୟୋଜିତ ପର୍ବତାରୋହଣ ଅଭିଯାନରେ ୨୦ଜଣ ପର୍ବତାରୋହୀ ସାମିଲ ହୋଇଥିଲେ। ଏହି ପର୍ବତାରୋହୀ ଦଳରେ ନେପାଳର ୧୩ ଜଣ ରହିଥିବା ବେଳେ ଅନ୍ୟ ପର୍ବତାରୋହୀମାନେ ଆମେରିକା, କାନାଡ଼ା ଓ କାଜାକସ୍ତାନର ହୋଇଥିବା ଜଣାପଡ଼ିଛି।

କାମି ପ୍ରଥମ ଥର ପାଇଁ ୧୯୯୪ରେ ଏଭରେଷ୍ଟ ଚଢ଼ିଥିଲେ। ଗତବର୍ଷ ସେ ଗୋଟିଏ ସିଜନ୍‌ରେ ୨ଥର ଏଭରେଷ୍ଟ ଚଢ଼ିଥିଲେ। ୧୯୭୦ ଜାନୁୟାରୀ ୧୭ରେ ଜନ୍ମଗ୍ରହଣ କରିଥିବା କାମିରୀତା ଶେର୍‌ପାଙ୍କ ପର୍ବତାରୋହଣ ଯାତ୍ରା ୧୯୯୨ରେ ଆରମ୍ଭ ହୋଇଥିଲା। ସେତେବେଳେ ସେ ଜଣେ ସହାୟକ କର୍ମଚାରୀ ଭାବେ ଏଭରେଷ୍ଟର ଏକ ଅଭିଯାନରେ ଯୋଗ ଦେଇଥିଲେ। ସେବେଠାରୁ କାମି ନିର୍ଭୟର ସହ ଅନେକ ପର୍ବତାରୋହଣ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ସେ ନିଜ କ୍ୟାରିୟରରେ ମାଉଣ୍ଟ କେ-୨, ଚୋ ଓୟୁ, ଲୋହ୍‌ଟସ୍, ମନାସ୍ଲୁ ଆଦି ଅନେକ ପର୍ବତ ଶିଖର ସଫଳତାର ସହ ଚଢ଼ିଛନ୍ତି।

### ପିଓକେରେ ସଂଘର୍ଷ: ପୋଲିସ ମୃତ, ଶତାଧିକ ଆହତ

**ମୁଜାଫରାବାଦ, ୧୨।୫(ପି.ଟି.)**

ଅଟା ଦର ବୃଦ୍ଧି ଓ ବିଦ୍ୟୁତ ସଙ୍କଟ ସମେତ ବିଭିନ୍ନ ପ୍ରସଙ୍ଗରେ ଆନ୍ଦୋଳନ ଚଳାଇଥିବା ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ) ବାସିନ୍ଦା ଏବଂ ପୋଲିସ ମଧ୍ୟରେ ରବିବାର ସଂଘର୍ଷ ଘଟିଛି। ଏଥିରେ ଜଣେ ପୋଲିସ ଅଧିକାରୀଙ୍କ ମୃତ୍ୟୁ ଘଟିଥିବାବେଳେ ଶତାଧିକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅଧିକାଂଶ ପୋଲିସ କର୍ମଚାରୀ ବୋଲି ଜଣାପଡ଼ିଛି। ଇସ୍‌ଲାମଗଡ଼ରେ ଜମ୍ମୁ କଶ୍ମୀର ଜଏଣ୍ଟ ଆୱାମୀ ଆକ୍ସନ କମିଟି(ଜେଏଏସି) ବ୍ୟାନରରେ ରାଲି ବାହାରୁଥିବାବେଳେ ସବ୍‌ଇନ୍ସପେକ୍ଟର ଅଦନାନ କୁରେଶୀ ସେମାନଙ୍କୁ ରୋକିଥିଲେ। ବିକ୍ଷୋଭକାରୀ ଗୁଳି ଚଳାଇବାରୁ ତାଙ୍କ ଛାତିରେ ଗୁଳି ବାଜିଥିଲା। ଉତ୍ତେଜନାକୁ ଦୃଷ୍ଟିରେ ରଖି ପିଓକେର ଭିମ୍ବେର, ମୀରପୁର ଓ ବାଗ୍ ସହରରେ ମୋବାଇଲ ଇଣ୍ଟରନେଟ୍ ସେବା ବନ୍ଦ କରିଦିଆଯାଇଛି। ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲି ଜର୍ଦ୍ଦାରୀ ସୋମବାର ଜରୁରୀ ବୈଠକ ଡାକିଛନ୍ତି।

### ସୋନିଆ ଏମ୍‌ପି ପାଣ୍ଠିର ୭୦% ସଂଖ୍ୟାଲଘୁଙ୍କ ପାଇଁ ଖର୍ଚ୍ଚ କରିଛନ୍ତି: ଶାହା

**ପ୍ରତାପଗଡ଼, ୧୨।୫**

ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ତାଙ୍କ ସାଂସଦ ପାଣ୍ଠିର ୭୦%ରୁ ଊର୍ଦ୍ଧ୍ୱ ସଂଖ୍ୟାଲଘୁଙ୍କ ପାଇଁ ଖର୍ଚ୍ଚ କରିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ରାଏବରେଲିରେ ରବିବାର କହିଛନ୍ତି। ଶାହାଙ୍କ ମତରେ ଗାନ୍ଧୀ ପରିବାର ମିଛ କହିବାରେ ଧୁରନ୍ଧର। ପାକିସ୍ତାନର ପରମାଣୁ ବୋମାକୁ ରାହୁଲ ଡରୁଥାଇ ପାରନ୍ତି, କିନ୍ତୁ ଭାଜପା ଡରେନାହିଁ। ପାକ୍ ଅଧିକୃତ କଶ୍ମୀର ଭାରତର ଓ ଆମେ ଏହାକୁ ହାସଲ କରିବୁ ବୋଲି ଶାହା କଂଗ୍ରେସ ନେତା ମଣିଶଙ୍କର ଆୟାରଙ୍କ ପାକିସ୍ତାନୀ ବୋମା ମନ୍ତବ୍ୟର ସମାଲୋଚନା କରି କହିଥିଲେ।

# ଇସ୍ରାଏଲ୍‌କୁ ଇରାନର ଆଣବିକ ଆକ୍ରମଣ ଧମକ

**ତେହେରାନ, ୧୨।୫**

ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢ଼ିଥିବାବେଳେ ଇରାନର ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ସୟିଦ କମଲ ଖାରାଜି ଇସ୍ରାଏଲ୍‌କୁ ଆଣବିକ ବୋମାରେ ଆକ୍ରମଣ ଧମକ ଦେଇଛନ୍ତି। ଏବେ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମନେଇଙ୍କ ଉପଦେଷ୍ଟା ଥିବା ଖାରାଜି କହିଛନ୍ତି, ଇସ୍ରାଏଲ୍ ପଟୁ ଇରାନ ପ୍ରତି ବିପଦ ଦେଖାଦେଲେ ଏହା ଆଣବିକ ନୀତିରେ ପରିବର୍ତ୍ତନ କରିବାକୁ ବାଧ୍ୟ ହେବ। ଆଣବିକ ବୋମା ପ୍ରସ୍ତୁତ କରିବାରୁ କୌଣସି ନିଷ୍ପତ୍ତି


ଆୟାତୋଲ୍ଲା ଅଲି ଖାମନେଇ

ଆମେ ନେଇନାହୁଁ। ତେବେ ଇରାନର ସ୍ଥିତି ପ୍ରତି ଯଦି ବିପଦ ଦେଖାଦିଏ, ତେବେ ଆମ ସାମରିକ ସିଦ୍ଧାନ୍ତରେ ପରିବର୍ତ୍ତନ କରିବା ବ୍ୟତୀତ ଅନ୍ୟ ବିକଳ୍ପ ନାହିଁ ବୋଲି ଖାରାଜି କହିଛନ୍ତି। ସୂଚନାଯୋଗ୍ୟ, ଗତ ଏପ୍ରିଲରେ ସିରିଆ ରାଜଧାନୀ ଡମାସ୍କସ୍‌ରେ ଥିବା ଇରାନ ଦୂତାବାସ ଉପରେ ଇସ୍ରାଏଲ୍‌ର ବୋମାମାଡ଼ର ଜବାବରେ ତେହେରାନ ଇସ୍ରାଏଲୀ ଅଞ୍ଚଳକୁ ଟାର୍ଗେଟ କରି ଡ୍ରୋନ୍ ଓ ମିଶାଇଲ୍ ମାଡ଼ କରିଥିଲା। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଶୀର୍ଷରେ ପହଞ୍ଚିଥିଲା। ଅଣୁଅସ୍ତ୍ର ବିକାଶ ନ କରିବାକୁ ଖାମନେଇ ପୂର୍ବରୁ ଫତୱା ଜାରି କରିଥିବା ସତ୍ତ୍ୱେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ବାହ୍ୟ ଚାପ ପଡ଼ିଲେ ଇରାନ ଏହାର ଆଣବିକ ସ୍ଥିତିର ପୁନଃଆକଳନ କରିପାରିବ ବୋଲି ୨୦୨୧ରେ ତତ୍କାଳୀନ ଗୋଇନ୍ଦା ମନ୍ତ୍ରୀ ସୂଚନା ଦେଇଥିଲେ।

## ଫୁରସତ୍

# ପାକିସ୍ତାନରେ ହୃଦୟ ଜିଣୁଛି ଭାରତୀୟ ଫୁଡ୍ ଷ୍ଟଲ୍

**କରାଚୀ**

ଭାରତରେ ଅନେକ ପ୍ରକାରର ଖାଦ୍ୟ ମିଳିଥାଏ। ଲୋକମାନେ ନିଜ ଇଚ୍ଛା ଅନୁସାରେ ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରେ ଅନେକ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟ ଖାଇବାକୁ ପସନ୍ଦ କରିଥାନ୍ତି। ଭାରତରେ ଏପରି ଅନେକ ଫୁଡ୍ ଷ୍ଟଲ୍ ରହିଛି, ଯେଉଁଠାରେ ବିଭିନ୍ନ ଦେଶର ଅନେକ ପ୍ରସିଦ୍ଧ ଖାଦ୍ୟ ଉପଲବ୍ଧ ରହିଥାଏ, ଯାହାର ମଜା ଭାରତୀୟମାନେ ନେଇଥାନ୍ତି। ଅନ୍ୟପକ୍ଷରେ ପାକିସ୍ତାନରେ ମଧ୍ୟ ଏକ ଭାରତୀୟ ଫୁଡ୍ ଷ୍ଟଲ୍ ବେଶ୍ ପ୍ରସିଦ୍ଧିଲାଭ କରିଛି। ଏହି ଫୁଡ୍ ଷ୍ଟଲ୍‌ରେ ମିଳୁଥିବା ଭାରତୀୟ ଖାଦ୍ୟକୁ ସ୍ଥାନୀୟ ଲୋକେ ବେଶ୍ ପସନ୍ଦ କରୁଥିବା ଜଣାପଡ଼ିଛି।



ପାକିସ୍ତାନର କରାଚୀ ସହରର କ୍ୟାଣ୍ଟନ୍‌ମେଣ୍ଟ ରେଳ ଷ୍ଟେଶନ ନିକଟରେ ଏକ ଫୁଡ୍ ଷ୍ଟଲ୍ ରହିଛି, ଯାହା ଏକ ହିନ୍ଦୁ ପରିବାର ଦ୍ୱାରା ପରିଚାଳିତ ହେଉଛି। ପରିବାରର ଅନ୍ୟ ସଦସ୍ୟଙ୍କ ସହାୟତାରେ କବିତା ନାମ୍ନୀ ଜଣେ ମହିଳାଙ୍କ ଦ୍ୱାରା ଲଗାଯାଉଥିବା ଏହି ଫୁଡ୍ ଷ୍ଟଲ୍‌ର ନାମ ହେଉଛି 'କବିତା ଦିଦି କା ଇଣ୍ଡିଆନ ଖାନା'। ଏହି ଫୁଡ୍ ଷ୍ଟଲ୍ ସାରା କରାଚୀରେ ପ୍ରସିଦ୍ଧିଲାଭ କରିଥିବାବେଳେ ଏଥିରେ ଉଭୟ ଭାରତୀୟ ଶାକାହାରୀ ଏବଂ ଅଣ ଶାକାହାରୀ ଖାଦ୍ୟ ଉପଲବ୍ଧ ରହିଥାଏ। ନିକଟରେ କରାମତ୍ ଖାନ୍ ନାମକ ଜଣେ ପାକିସ୍ତାନୀ ଫୁଡ୍ ବ୍ଲଗର୍ ସୋସିଆଲ ମିଡିଆରେ ଏହି ଭାରତୀୟ ଫୁଡ୍ ଷ୍ଟଲ୍‌ର ଏକ ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ସେ କବିତାଙ୍କ ଫୁଡ୍ ଷ୍ଟଲ୍ ପରିଦର୍ଶନ କରିବା ସହ ନିଜ ଅଭିଜ୍ଞତା ବଖାଣିଛନ୍ତି। ଏହି ଷ୍ଟଲ୍‌ରେ ଉଭୟ ହିନ୍ଦୁ ଏବଂ ମୁସଲମାନମାନେ ମିଳିମିଶି ଭାରତୀୟ ଖାଦ୍ୟର ମଜା ନେଉଥିବା କରାମତ୍ କହିଛନ୍ତି। ଏହି ଫୁଡ୍ ଷ୍ଟଲ୍‌ର ପ୍ରତ୍ୟେକ ଖାଦ୍ୟ ବେଶ୍ ସ୍ୱାଦିଷ୍ଟ ହୋଇଥିବାରୁ ଏଥିରେ ଗ୍ରାହକଙ୍କର ଭିଡ଼ ପରିଲକ୍ଷିତ ହେଉଥିବା ସେ କହିଛନ୍ତି। ତେବେ କରାଚୀର ଲୋକମାନେ ବିଶେଷ ଭାବରେ ଭାରତୀୟ ଖାଦ୍ୟ, 'ପାଓ ଭାଜି', 'ବଡା ପାଓ' ଏବଂ 'ଡାଲ୍ ସମୋସା' ପସନ୍ଦ କରୁଥିବା କରାମତ୍ କହିଛନ୍ତି। ତେବେ କରାମତ୍‌ଙ୍କ ଏହି ଭିଡିଓରେ କବିତା କହିଛନ୍ତି, ମୁମ୍ବାଇ ପରି 'ବଡାପାଓ'କୁ କରାଚୀର ଲୋକମାନେ ମଧ୍ୟ ବେଶ୍ ପସନ୍ଦ କରିବା ଆରମ୍ଭ କରିଛନ୍ତି। ଏହି ଭିଡିଓ ଏବେ ଇନ୍‌ଷ୍ଟାଗ୍ରାମରେ ବେଶ୍ ଭାଇରାଲ ହେବାରେ ଲାଗିଛି। ୟୁଜର୍ସ ମାନେ ଭିଡିଓକୁ ପସନ୍ଦ କରିବା ସହ କବିତାଙ୍କୁ ସମର୍ଥନ କରିବା ପାଇଁ କରାଚୀ ସହରର ଜନସାଧାରଣଙ୍କୁ ଅପିଲ କରିଛନ୍ତି।

# ହେଡ୍‌କ୍ୱାର୍ଟର୍ସରେ ପିଲାଙ୍କୁ ଛାଡ଼ି ସୀମାରେ ମହିଳା ଯବାନ

**ଜୈସଲମେର:** ରାଜସ୍ଥାନର ଜୈସଲମେରସ୍ଥିତ ଭାରତ-ପାକିସ୍ତାନ ସୀମାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ସୀମା ସୁରକ୍ଷା ବଳ(ବିଏସ୍‌ଏଫ୍)ର ଅନେକ ମହିଳା ଯବାନ ଭାରତକୁ ସୁରକ୍ଷା ଯୋଗାଉଛନ୍ତି। ୪୫ ଡିଗ୍ରୀ ତାତିରେ ସେମାନେ ଦେଶର ସୀମାକୁ ଜଗି ରହୁଛନ୍ତି। ଦେଶ ସୁରକ୍ଷା ପାଇଁ ଅନେକ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଉଥିବା ଏହି ମହିଳା ଯବାନମାନଙ୍କ ମଧ୍ୟରୁ କେତେଜଣ ଡ୍ୟୁଟି ହେତୁ ନିଜ ପିଲାଙ୍କୁ ମୁଖ୍ୟାଳୟରେ ଛାଡ଼ି ଆସିବାକୁ ବାଧ୍ୟ ହେଉଛନ୍ତି। ସମ୍ପ୍ରତି ମହିଳା ସଶକ୍ତୀକରଣ ପାଇଁ ବିଏସ୍‌ଏଫ୍ ମହିଳା ଯବାନଙ୍କୁ ସୀମା ସୁରକ୍ଷା ଦାୟିତ୍ୱ ନ୍ୟସ୍ତ କରିବାରେ ଲାଗିଛି। ଜୈସଲମେରସ୍ଥିତ ଶାହଗଡ଼ ବୁଲ୍‌ଜ ଅଞ୍ଚଳର ଦ୍ୱିତୀୟ ସୀମା ଆଉଟ୍‌ପୋଷ୍ଟ ଦାୟିତ୍ୱରେ ସମ୍ପୂର୍ଣ୍ଣ ଭାବେ ମହିଳା




ଯବାନଙ୍କୁ ବିଏସ୍‌ଏଫ୍ ନିୟୋଜିତ କରିଛି। ସେନାରେ ଲିଙ୍ଗଗତ ସମାନତା ଦିଗରେ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବିବେଚନା କରାଯାଉଛି। ରବିବାର ମାତୃ ଦିବସ ଅବସରରେ ବିଏସ୍‌ଏଫ୍ ରାଜସ୍ଥାନ ସୀମାର ଇନ୍ସପେକ୍ଟର ଜେନେରାଲ ମକନ୍ଦର ଦେଉସ୍କର ଏହି ଅଞ୍ଚଳ ପରିଦର୍ଶନବେଳେ ମହିଳା ଯବାନଙ୍କ ସହ ଆଲୋଚନା କରି ସେମାନଙ୍କ ଉତ୍ସର୍ଗୀକୃତ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

ଧରିତ୍ରୀ 50 Years
ଧରିତ୍ରୀ
DHARITRI



# ଜୁଲାଇରୁ ବିଜୁଳି ବିଲ୍ ଆସିବ ନାହିଁ: ନବୀନ

**ବଲାଙ୍ଗୀର,୧୨।୫ (ବୀରେନ୍ଦ୍ର କୁମାର ଝାଙ୍କର)**

ବିଜୁ ଜନତା ଦଳ ସରକାର ବିଜୁଳି ମାଗଣାରେ ଦେବ। ଆସନ୍ତା ଜୁଲାଇ ମାସରୁ ବିଜୁଳି ବିଲ୍ ଆସିବ ନାହିଁ। ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ରବିବାର ଆୟୋଜିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଉଦ୍‌ବୋଧନ ସମୟରେ ରାଜ୍ୟ ସରକାର କାର୍ଯ୍ୟକାରୀ କରୁଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମିଶନ ଶକ୍ତି, ମମତା ସ୍କିମ୍, ପୁରୀ ଧାମ୍, ଲକ୍ଷ୍ମୀ ବସ୍, ୫-ଟି ସ୍କୁଲ, ଛାତ୍ର ବୃତ୍ତି, କାଳିଆ ଯୋଜନା, ମଧୁବାବୁ ପେନସନ ଯୋଜନା ଭଲ କି ବୋଲି ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକ ପ୍ରଶ୍ନର ଉତ୍ତରକୁ ଉପସ୍ଥିତ ଜନସାଧାରଣ, କର୍ମୀ ଓ ସମର୍ଥକ ଉତ୍ସାହର ସହ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବିରୋଧୀ ଦଳ ନେତା ମିଛ କଥା କହୁଛନ୍ତି ଓ ଭାଜପାର ନେତାମାନେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ବିଜୁ ଜନତା ଦଳ ମାଗଣାରେ ବିଜୁଳି ଦେବ, ଆପଣମାନେ ଖୁସି ତ ବୋଲି ମୁଖ୍ୟମନ୍ତ୍ରୀ ଚିରାଚରିତ ଢଙ୍ଗରେ ପଚାରିଛନ୍ତି।

ସଭାରେ ସେ ବିଜେଡିର ବଲାଙ୍ଗୀର ଲୋକ ସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଏବଂ ୭ ବିଧାନସଭା ଆସନର ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ସଭାରେ ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି, ବଲାଙ୍ଗୀର ଜିଲାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ହୋଇଛନ୍ତି। ଏଠାରେ ସେ ନୂଆ ଇତିହାସ ସୃଷ୍ଟି କରିବେ। ସଭାରେ ସେ ପ୍ରଧାନମନ୍ତ୍ରୀ ଓ ଅନ୍ୟ ଭାଜପା ନେତାମାନଙ୍କ ନିର୍ବାଚନୀ ବକ୍ତବ୍ୟକୁ ନେଇ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଭାଜପା ମାଗଣାରେ ବିଜୁଳି ଦେବ ବୋଲି

## ବଲାଙ୍ଗୀରରେ ନବୀନବାବୁ ନୂଆ ଇତିହାସ ସୃଷ୍ଟି କରିବେ: ପାଣ୍ଡିଆନ




ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡ଼ିଆରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

କହୁଛି। ୫୦ ହଜାର ଟଙ୍କା ଦେଲେ ସେମାନେ ସୋଲାର ପ୍ୟାନେଲ ଦେବେ। ସୂର୍ଯ୍ୟକିରଣରୁ ବିଜୁଳି ଯୋଗାଇବେ। ଏଭଳି କହି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୁନ ୯ରେ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଲେ ବିଜୁଳି ବିଲ୍ ରଦ୍ଦ ହେବ। ଓଡ଼ିଶାର ୯୦ ପ୍ରତିଶତ ପରିବାରକୁ ବିଜୁଳି ବିଲ୍ ଦେବାକୁ ପଡ଼ିବ ନାହିଁ ବୋଲି କହି ଆପଣଙ୍କୁ ଦିନରେ ଲଣ୍ଠନ ଦେଖାଇବା ସରକାର ଦରକାର ନା' ଲୋକଙ୍କ ପାଇଁ କାମ କରୁଥିବା ନବୀନବାବୁଙ୍କ ସରକାର ଦରକାର ବୋଲି ସେ ଲୋକଙ୍କୁ ପ୍ରଶ୍ନ କରିଛନ୍ତି। ଆୟୁଷ୍ମାନ ଭାରତ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ବିଷୟରେ ସେ ତୁଳନାତ୍ମକ ବିବରଣୀ ଦେଇ ବିଜୁ ସ୍ୱାସ୍ଥ୍ୟ କାର୍ଡ ବହୁ ଗୁଣରେ ଭଲ ବୋଲି କହିଛନ୍ତି। ଭାଜପା କ୍ଷମତାକୁ ଆସିଲେ କୁଇଣ୍ଟାଲ ପିଛା ଧାନର ସର୍ବନିମ୍ନ ମୂଲ୍ୟ ୩୧ ଶହ ଟଙ୍କା ହେବ ବୋଲି କହୁଛନ୍ତି। ୧୦ ବର୍ଷ ହେଲା ଭାଜପା କ୍ଷମତାରେ ଅଛି। ଏବେ ନିର୍ବାଚନର ୧୦ ଦିନ ପୂର୍ବରୁ ଏଭଳି ଘୋଷଣା କରୁଛି। ପୂର୍ବରୁ କେଉଁଠି ଶୋଇଥିଲେ ବୋଲି ପାଣ୍ଡିଆନ ପ୍ରଶ୍ନ କରିଛନ୍ତି। ଚାଷୀମାନେ ଦିଲ୍ଲୀ ଯାଇ ଆନ୍ଦୋଳନ କରିଥିଲେ, ସେତେବେଳେ ତାଙ୍କ କଥା କାହିଁକି ଶୁଣିଲେନି। ଭାଜପା ହାରିବା ଭୟରେ ଏବଂ ତାଙ୍କର ଶୋଇପଡ଼ିଥିବା ନେତାଙ୍କୁ ଉଠାଇବାକୁ ଯାଇ ଏଭଳି ବୁଷ୍ଟର ଡୋଜ୍ ଦେଇଛନ୍ତି। ତେବେ ଓଡ଼ିଶାବାସୀ ସବୁ ଜାଣିଛନ୍ତି ଓ ଆସନ୍ତା ୨୦ ତାରିଖରେ ଏହାର ଜବାବ ଦେବେ ବୋଲି ସେ କହିଛନ୍ତି।

ସଭାରେ ବିଜେଡିର ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ, ବଲାଙ୍ଗୀର ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ, ଟିଟିଲାଗଡ ବିଧାୟକ ପ୍ରାର୍ଥୀ ଟୁକୁନି ସାହୁ, ପାଟଣାଗଡ଼ ବିଧାୟକ ପ୍ରାର୍ଥୀ ସରୋଜ ମେହେର, ଲୋଇସିଂହା ବିଧାୟକ ପ୍ରାର୍ଥୀ ନୀହାର ରଞ୍ଜନ ବେହେରା, ସୋନପୁର ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀ ଓ ବୀରମହାରାଜପୁର ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା ବକ୍ତବ୍ୟ ଦେଇଛନ୍ତି। ସଭା ପ୍ରାରମ୍ଭରେ ବଲାଙ୍ଗୀର ଜିଲା ପରିଷଦ ସଭାପତି ଦେବକୀ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ପୌରାଧ୍ୟକ୍ଷା ଲିକା ସାହୁ ଧନ୍ୟବାଦ ଅର୍ପଣ କରିଛନ୍ତି। ସଭା ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ପ୍ରାର୍ଥୀ ହୋଇଥିବା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀର ସିନ୍ଧେକେଲା ଓ ଗଁରେଇଠାରେ ରବିବାର ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ଭୋଟ୍ ଦେବାକୁ ନିବେଦନ କରିଛନ୍ତି।

# ଚାଇନାକୁ ତଡ଼ିବୁ, ମାଗଣା ବିଜୁଳି ଦେବୁ

**ନୂଆଦିଲ୍ଲୀ,୧୨।୫**

କେନ୍ଦ୍ରରେ ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ସରକାର ଗଠନ କଲେ ଆମେ ଭାରତକୁ ଚାଇନାର ଦଖଲରୁ ମୁକ୍ତ କରିବୁ ଏବଂ ଦେଶବାସୀଙ୍କୁ ୨୪ ଘଣ୍ଟିଆ ମାଗଣା ବିଜୁଳି ଦେବୁ ବୋଲି ରବିବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପ୍ରତିଶ୍ରୁତି ଦେଇଛନ୍ତି। ତିହାର ଜେଲରୁ ଅନ୍ତରୀଣ ଜାମିନ୍‌ରେ ବାହାରିବା ପରେ ପ୍ରଥମ ଥର ପାଇଁ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କେଜ୍‌ରିୱାଲ ଯୁଦ୍ଧକାଳୀନ ଭିତ୍ତିରେ ପୂରଣ କରାଯିବାକୁ ଥିବା ୧୦ଟି ଗ୍ୟାରେଣ୍ଟି ସମ୍ପର୍କରେ ସୂଚନା ଦେଇଛନ୍ତି। ଦେଶକୁ ଆମେ ୧୦ ଗ୍ୟାରେଣ୍ଟି ଦେଉଛୁ। ଏହି ଗ୍ୟାରେଣ୍ଟି ନୂଆ ଭାରତର ଭିଜନ୍; ଯାହାକି ଯୁବ, ମହିଳା, ଧନୀ, ଗରିବ, କୃଷକ ଓ ବ୍ୟବସାୟୀ ସମସ୍ତଙ୍କ ଜୀବନକୁ ବଦଳାଇଦେବ। ଏହା କେଜ୍‌ରିୱାଲଙ୍କ ଗ୍ୟାରେଣ୍ଟି। ମୁଁ ଗ୍ୟାରେଣ୍ଟି ଦେଉଛି ଯେ, ଏହି ସମସ୍ତ ଗ୍ୟାରେଣ୍ଟି ପୂରଣ କରି ଭାରତର ଦିଶା ଓ ଦଶା ବଦଳାଇବୁ ବୋଲି ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଷ୍ଟ୍ରୀୟ ଆବାହକ କେଜ୍‌ରିୱାଲ କହିଛନ୍ତି।

ଭାରତର ଅର୍ଦ୍ଧାଧିକ ଲୋକ ସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହୋଇସାରିଥିବାବେଳେ ସୋମବାର ଚତୁର୍ଥ ପର୍ଯ୍ୟାୟରେ ୯୬ ଆସନ ପାଇଁ ଭୋଟ ଗ୍ରହଣ କରାଯିବ। ଏହାର ଦିନକ ପୂର୍ବରୁ ଇଣ୍ଡିଆ ବ୍ଲକ୍‌ର ଅନ୍ୟତମ ପ୍ରମୁଖ ନେତା କେଜ୍‌ରିୱାଲ ପ୍ରେସ୍ କନ୍‌ଫରେନ୍ସ ଡାକି ମୋଦିଙ୍କ ଗ୍ୟାରେଣ୍ଟି ଓ ତାଙ୍କ ଗ୍ୟାରେଣ୍ଟି ମଧ୍ୟରେ ତୁଳନାତ୍ମକ ଚିତ୍ର ଆଙ୍କି

## କେଜ୍‌ରିୱାଲଙ୍କ ୧୦ ଗ୍ୟାରେଣ୍ଟି




ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସହ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ 'କେଜ୍‌ରିୱାଲଙ୍କ ୧୦ ଗ୍ୟାରେଣ୍ଟି' ଉନ୍ମୋଚନ କରୁଛନ୍ତି।

ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ କହିଛନ୍ତି, ଭାଜପା ନିଜ ପ୍ରତିଶ୍ରୁତି ରକ୍ଷା କରିବାରେ ବିଫଳ ହୋଇଛି। ତାଙ୍କ ଗ୍ୟାରେଣ୍ଟିଗୁଡ଼ିକର ପ୍ରମାଣିତ ଟ୍ରାକ୍‌ରେକର୍ଡ ରହିଛି। ତେଣୁ ଜନତାଙ୍କୁ 'କେଜ୍‌ରିୱାଲଙ୍କ ଗ୍ୟାରେଣ୍ଟି' ଏବଂ 'ମୋଦିଙ୍କ ଗ୍ୟାରେଣ୍ଟି' ମଧ୍ୟରୁ ଗୋଟିଏକୁ ବାଛିବାକୁ ପଡ଼ିବ ବୋଲି କେଜ୍‌ରିୱାଲ କହିଛନ୍ତି।

କେଜ୍‌ରିୱାଲଙ୍କ ନିର୍ବାଚନୀ ପ୍ରତିଶ୍ରୁତିଗୁଡ଼ିକ ମଧ୍ୟରୁ ସବୁଠୁ ଆକର୍ଷଣୀୟ ହେଉଛି ସମସ୍ତଙ୍କୁ ମାଗଣା ବିଜୁଳି ପ୍ରଦାନ। ବିଶେଷକରି ସମାଜର ଆର୍ଥିକ ପଛୁଆ ବର୍ଗ ଯେପରି ଉପକୃତ ହେବେ ସେଥିଲାଗି ଏଥିରେ ଉଦ୍ୟମ କରାଯାଇଛି। ଦିଲ୍ଲୀ ମଡେଲରେ ଦେଶବ୍ୟାପୀ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଦେଶର ୨ ଲକ୍ଷ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ରହିଛି। ଆମ ଦେଶ ଚାହିଦାଠାରୁ ଅଧିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିପାରିବ। ଦିଲ୍ଲୀ ଓ ପଞ୍ଜାବରେ ଆମେ ଏହା କରିସାରିଛୁ। ଦେଶରେ ମଧ୍ୟ ଏହାକୁ ଲାଗୁ କରିବୁ। ସମସ୍ତ ଗରିବଙ୍କୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ମାଗଣାରେ ଯୋଗାଇଦେବୁ। ଏଥିପାଇଁ ଆବଶ୍ୟକ ୧.୨୫ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରାଯିବ।

କେଜ୍‌ରିୱାଲଙ୍କ ଦ୍ୱିତୀୟ ଗ୍ୟାରେଣ୍ଟି ହେଉଛି, ସରକାରୀ ସ୍କୁଲଗୁଡ଼ିକରେ ଶିକ୍ଷାରେ ଉନ୍ନତି ଆଣିବା। ଏଥିପାଇଁ ୫ ଲକ୍ଷ କୋଟି ଟଙ୍କା ଆବଶ୍ୟକ। ସେଥିରୁ କେନ୍ଦ୍ର ଓ ରାଜ୍ୟ ସରକାର ୨.୫ ଲକ୍ଷ କୋଟି ଟଙ୍କା ଲେଖାଏ ବହନ କରିବେ। ଏହାଦ୍ୱାରା ଘରୋଇ ସ୍କୁଲ ତୁଳନାରେ ସରକାରୀ ସ୍କୁଲରେ ଉନ୍ନତ ଶିକ୍ଷାଦାନ ସମ୍ଭବ ହୋଇପାରିବ।

ସେହିପରି ସରକାରୀ ହସ୍ପିଟାଲଗୁଡ଼ିକର ଆଧୁନିକୀକରଣ କରି ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଉନ୍ନତ କରାଯିବ। ଏହା ହେଉଛି ଆମର ତୃତୀୟ ଗ୍ୟାରେଣ୍ଟି। ସମସ୍ତ ଗ୍ରାମରେ ମୋହଲ୍ଲା କ୍ଲିନିକ୍ ଖୋଲାଯିବ। ଜିଲା ହସ୍ପିଟାଲଗୁଡ଼ିକୁ ମଲ୍ଟି-ସ୍ପେସାଲିଟି ହସ୍ପିଟାଲରେ ପରିବର୍ତ୍ତିତ କରାଯିବ। ଦେଶରେ ଜନ୍ମିତ ପ୍ରତ୍ୟେକ ବ୍ୟକ୍ତି ମାଗଣାରେ ଚିକିତ୍ସା ପାଇବେ। ସ୍ୱାସ୍ଥ୍ୟସେବା କ୍ଷେତ୍ର ପାଇଁ ୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି କେଜ୍‌ରିୱାଲ କହିଛନ୍ତି।

ଅନ୍ୟ ଗ୍ୟାରେଣ୍ଟିଗୁଡ଼ିକ ମଧ୍ୟରେ ଭାରତୀୟ ଭୂଖଣ୍ଡକୁ ଚାଇନା ଦଖଲରୁ ମୁକ୍ତ କରିବା, ଅଗ୍ନିବୀର ଯୋଜନାକୁ ବନ୍ଦ କରିବା, କୃଷକଙ୍କୁ ସ୍ୱାମୀନାଥନ୍ କମିଶନ ରିପୋର୍ଟ ଅନୁସାରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଏବଂ ଦିଲ୍ଲୀକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦେବା ଭଳି ପ୍ରସ୍ତାବ ରହିଛି। କେଜ୍‌ରିୱାଲ କହିଛନ୍ତି, 'ନେଶନ୍ ଫାଷ୍ଟ' ହେଉଛି ଆମର ଚତୁର୍ଥ ଗ୍ୟାରେଣ୍ଟି। ଚାଇନା ଆମ ଭୂମିକୁ ମାଡ଼ିବସିଛି। କିନ୍ତୁ ଆମ କେନ୍ଦ୍ର ସରକାର ଏହାକୁ ଅସ୍ୱୀକାର କରୁଛନ୍ତି। ଆମ ସେନାର ବିପୁଳ ଶକ୍ତି ରହିଛି। ଚାଇନା ଦଖଲରେ ଥିବା ସବୁ ଭୂମିକୁ ମୁକ୍ତ କରିବୁ। ଚାଇନାକୁ ତଡ଼ିବୁ। ଏଥିପାଇଁ ପ୍ରଥମେ କୂଟନୈତିକ ସ୍ତରରେ ଉଦ୍ୟମ କରିବୁ। ଅନ୍ୟପଟେ ସେନାକୁ ଏଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯିବ। ଅଗ୍ନିବୀର ଭଳି ଯୋଜନା ଦେଶପାଇଁ କ୍ଷତିକାରକ। ଯୁବପିଢ଼ି ମଧ୍ୟ ଏଥିରେ ଅସୁବିଧାରେ ପଡୁଛନ୍ତି। ଅଗ୍ନିବୀର ସ୍କିମକୁ ପ୍ରତ୍ୟାହାର କରିବୁ ବୋଲି କେଜ୍‌ରିୱାଲ ପ୍ରତିଶ୍ରୁତି ଦେଇଛନ୍ତି।

# ଦିଲ୍ଲୀ ଏୟାରପୋର୍ଟ, ୮ ହସ୍ପିଟାଲକୁ ଉଡ଼ାଇଦେବାକୁ ଧମକ

**ନୂଆଦିଲ୍ଲୀ, ୧୨।୫**

ଦିଲ୍ଲୀରେ ସ୍କୁଲ ପରେ ଏବେ ୮ ହସ୍ପିଟାଲ ଓ ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ଏୟାରପୋର୍ଟକୁ ବୋମାରେ ଉଡ଼େଇଦେବାକୁ ଇ-ମେଲ ଧମକ ମିଳିଛି। ବୁରାରୀ ସରକାରୀ ଚିକିତ୍ସାଳୟ, ସଞ୍ଜୟ ଗାନ୍ଧୀ ହସ୍ପିଟାଲ, ଗୁରୁ ତେଗ୍ ବାହାଦୁର ହସ୍ପିଟାଲ, ବାରା ହିନ୍ଦୁ ରାଓ ହସ୍ପିଟାଲ, ଜନକପୁରୀ ସୁପର ସ୍ପେଶିଆଲିଟି ହସ୍ପିଟାଲ, ଅରୁଣା ଅସଫ୍ ଅଲ୍ଲୀ ସରକାରୀ ଚିକିତ୍ସାଳୟ, ଦୀନ ଦୟାଲ ଉପାଧ୍ୟାୟ ଏବଂ ଦାବ୍ରି ସ୍ଥିତ ଦାଦା ଦେବ ହସ୍ପିଟାଲକୁ ରବିବାର ଅପରାହ୍ନରେ ଏହି ଧମକପୂର୍ଣ୍ଣ ଇମେଲ୍ ଆସିଥିବା ଦିଲ୍ଲୀ ଅଗ୍ନିଶମ ବାହିନୀ ସ୍ପଷ୍ଟ କରିଛି। ସେହିପରି ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ରବିବାର ସନ୍ଧ୍ୟାରେ ଧମକଭରା ଇ-ମେଲ ଆସିଥିବା ଦିଲ୍ଲୀ ପୋଲିସ ସୂଚନା ଦେଇଛି। ଧମକ ମିଳିଥିବା ସମସ୍ତ ହସ୍ପିଟାଲ ଓ ଇନ୍ଦିରା ଗାନ୍ଧୀ ଏୟାରପୋର୍ଟରେ ବୋମା ନିରୋଧୀ ଦଳ ଓ ଅଗ୍ନିଶମ ବାହିନୀ ସହ ଦିଲ୍ଲୀ ପୋଲିସର ଏକ ଟିମ୍ ପହଞ୍ଚି ସର୍ଚ୍ଚ ଅପରେଶନ କରିବା ସହ ଘଟଣାର ତଦନ୍ତ ଚଳାଇଛନ୍ତି। ଯାଞ୍ଚରେ କୌଣସି ସନ୍ଦିଗ୍ଧ ଉପକରଣ ମିଳି ନ ଥିବା ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ଗତ ୧ରେ ଦିଲ୍ଲୀର ୧୫୦ ସ୍କୁଲକୁ ବୋମାରେ ଉଡ଼େଇ ଦେବାକୁ ଧମକ ଆସିଥିଲା।

# ୧୫ରେ ରାହୁଲ, ୨୦ରେ ମୋଦି ଆସିବେ

## ବଲାଙ୍ଗୀରରେ ରାହୁଲଙ୍କ ବାଇକ୍ ରାଲି, ପୁରୀରେ ରୋଡ୍ ଶୋ' କରିବେ ମୋଦି



**ଭୁବନେଶ୍ୱର, ୧୨।୫(ସୁନିତ୍ ମିଶ୍ର)**

୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ନେତାମାନଙ୍କ ଘନଘନ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଦେଖିବାକୁ ମିଳୁଛି। ଏହା ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇ ଥର ଓଡ଼ିଶା ଗସ୍ତରେ ଆସି ନିର୍ବାଚନ ପ୍ରଚାର କରି ଫେରିଥିବା ବେଳେ ଆସନ୍ତା ୨୦ ତାରିଖରେ ପୁଣିଥରେ ଆସିବେ ବୋଲି ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ମୋଦି ଆସନ୍ତା ୨୦ରେ ଆଉଥରେ ଓଡ଼ିଶା ଆସି ପୁରୀରେ ରୋଡ୍ ଶୋ' କାର୍ଯ୍ୟକ୍ରମରେ ଯୋଗଦେବେ। ସେହିଦିନ ସେ କଟକ ଏବଂ ଅନୁଗୋଳ ଠାରେ ଏକ ଜନସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ନିକଟରେ ଓଡ଼ିଶା ଆସିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ପୁଣିଥରେ ରାଜ୍ୟ ଗସ୍ତରେ ଆସୁଥିବା ଜଣାପଡ଼ିଛି। ସେ ଆସନ୍ତା ୧୫ ତାରିଖରେ ବଲାଙ୍ଗୀର ଆସିବେ। ସେଠାରେ ସେ କଂଗ୍ରେସର ଲୋକ ସଭା ଓ ବିଧାନସଭା ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିବେ। ରାହୁଲ ବାଇକ ରାଲି ସହ ଜନସଭାରେ ଲୋକଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ରାହୁଲ ଗାନ୍ଧୀଙ୍କ ଗସ୍ତକୁ ନେଇ ବଲାଙ୍ଗୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି। ରାହୁଲ ଗାନ୍ଧୀ ଏହା ପୂର୍ବରୁ ଏପ୍ରିଲ ୨୮ରେ ସାଲେପୁର ଆସି କଂଗ୍ରେସ ପାଇଁ ପ୍ରଚାର କରିବା ସହ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସେ ତୀବ୍ର ସମାଲୋଚନା କରିଥିଲେ।

ସୂଚନାଯୋଗ୍ୟ ଯେ, ଆସନ୍ତା ୧୫ରେ ଭାଜପା ପ୍ରାର୍ଥୀଙ୍କ ପ୍ରଚାର ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଧ୍ୟ ଓଡ଼ିଶା ଆସୁଛନ୍ତି। ଶାହା ଏହି ଗସ୍ତ କାଳରେ ରାଉରକେଲା, କଣ୍ଟାବାଞ୍ଜି ଏବଂ ସୋରଡାରେ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଆସନ୍ତା ୧୭ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓଡ଼ିଶା ଗସ୍ତରେ ଆସିବେ। ସେ ସୁନ୍ଦରଗଡ଼, ହିଞ୍ଜିଳି ଏବଂ ପଦ୍ମପୁରଠାରେ ଆୟୋଜିତ ଏକ ସଭାରେ ଯୋଗଦେବେ। 'ବିକଶିତ ଭାରତ ବିକଶିତ ଓଡ଼ିଶା' ନିର୍ମାଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଭିମୁଖ୍ୟ ସ୍ପଷ୍ଟ। ଓଡ଼ିଶା ଚାହୁଁଛି ଦୁଇଥର ପଦ୍ମ, ଦୁଇ ଗୁଣା ବିକାଶ। ୨୦୨୪ ସାଧାରଣ ନିର୍ବାଚନ ଓଡ଼ିଶା ପାଇଁ ପରିବର୍ତ୍ତନର ନିର୍ବାଚନ ହେବ । ଓଡ଼ିଶାରେ ହେବ ବିଜେପିର ସରକାର ଓ କେନ୍ଦ୍ରରେ ପୁଣି ଥରେ ହେବ ମୋଦି ସରକାର। ନିର୍ବାଚନ ପ୍ରଚାର ପାଇଁ ଆସନ୍ତା ୧୪ ତାରିଖରେ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମା ଓଡ଼ିଶା ଆସୁଛନ୍ତି।

# ପ୍ୟାକିଂ ଖାଦ୍ୟର ଲେବୁଲ ବିଭ୍ରାନ୍ତ କରିପାରେ: ଆଇସିଏମ୍‌ଆର୍

**ନୂଆଦିଲ୍ଲୀ,୧୨।୫(ପି.ଟି.)**

ବଜାରରେ ଉପଲବ୍ଧ ହେଉଥିବା ପ୍ୟାକିଂ ଖାଦ୍ୟସାମଗ୍ରୀଗୁଡ଼ିକରେ ଲାଗିଥିବା ଲେବୁଲ୍‌ର ଦାବି ବିଭ୍ରାନ୍ତିକର ହୋଇପାରେ। ଦେଶର ଶୀର୍ଷ ସ୍ୱାସ୍ଥ୍ୟ ଗବେଷଣା ସଂସ୍ଥା ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ଏନେଇ ସତର୍କ କରାଇଛି। ସ୍ୱାସ୍ଥ୍ୟକର ଖାଦ୍ୟ ଚୟନ ସମୟରେ ଗ୍ରାହକମାନେ ସେଥିରେ ଥିବା ଲେବୁଲର ତଥ୍ୟକୁ ଭଲଭାବେ ପଢ଼ିବା ଓ ଯାଞ୍ଚ କରିବା ଆବଶ୍ୟକ ବୋଲି ଆଇସିଏମ୍‌ଆର କହିଛି। ଶର୍କରାମୁକ୍ତ ଖାଦ୍ୟ ଭାବେ ବିକ୍ରି ହେଉଥିବା ସାମଗ୍ରୀଗୁଡ଼ିକରେ ପ୍ରଚୁର ଫ୍ୟାଟ୍ ଥାଇପାରେ। ସେହିପରି ପ୍ୟାକିଂ ହୋଇଥିବା ଫ୍ରୁଟ୍ ଜୁସ୍‌ରେ ମାତ୍ର ୧୦% ଫଳରସ ଥାଇପାରେ ବୋଲି ସ୍ୱାସ୍ଥ୍ୟ ଗବେଷଣା ସଂସ୍ଥା ସୂଚନା ଦେଇଛି।

ଭାରତର ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ) କଠୋର ନିୟମ ରଖିଥିଲେ ମଧ୍ୟ ଏହାର ଗୁରୁତର ଉଲ୍ଲଂଘନ ହେଉଥିବା ଦେଖାଯାଇଛି। ତେଣୁ ଖାଦ୍ୟସାମଗ୍ରୀ ପ୍ୟାକେଟ୍ ଉପରେ ଲାଗିଥିବା




ଲେବୁଲ୍ ବିଭ୍ରାନ୍ତ କରିପାରେ ବୋଲି ଏହାର ଗାଇଡ୍‌ଲାଇନରେ କୁହାଯାଇଛି। ଆଇସିଏମ୍‌ଆର ଅଧୀନରେ ଥିବା ହାଇଦ୍ରାବାଦର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁଟ୍ରିଶନ (ଏନ୍‌ଆଇଏନ୍) ଗତ ବୁଧବାର ଏହି ଗାଇଡ୍‌ଲାଇନ ଜାରି କରିଥିଲା। ଯଦି ଖାଦ୍ୟସାମଗ୍ରୀରେ ରଙ୍ଗ ଏବଂ ସୁଗନ୍ଧ ମିଶାଯାଇ ନ ଥାଏ କିମ୍ବା ସର୍ବନିମ୍ନ ପ୍ରକ୍ରିୟାକରଣ ଦେଇ ପ୍ରସ୍ତୁତ କରାଯାଇଥାଏ, ତେବେ ତାହାକୁ 'ପ୍ରାକୃତିକ' କୁହାଯାଇପାରିବ ବୋଲି ଏନ୍‌ଆଇଏନ୍ କହିଛି। ବଜାରରେ ପ୍ରକୃତ ଫ୍ରୁଟ୍ ଜୁସ୍ ବୋଲି ଦାବି କରାଯାଉଥିବା ସାମଗ୍ରୀରେ ଚିନି ଓ ଅନ୍ୟାନ୍ୟ ଉପାଦାନ ପର୍ଯ୍ୟାପ୍ତ ପରିମାଣରେ ମିଶାଯାଉଥିବାବେଳେ ଫଳରସ ମାତ୍ର ୧୦% ରହୁଛି। ସେହିପରି 'ସମ୍ପୂର୍ଣ୍ଣ ଶସ୍ୟରୁ ପ୍ରସ୍ତୁତ' ଲେଖାଥିବା ପ୍ୟାକେଟର ଖାଦ୍ୟ ସାମଗ୍ରୀ ୩ ଥର ବା ତା'ଠାରୁ ଅଧିକ ପ୍ରକ୍ରିୟାକୃତ ହୋଇଛି କି ନାହିଁ, ତାହା କହିହେବ ନାହିଁ। ଖାଦ୍ୟସାମଗ୍ରୀ ଲେବୁଲରେ 'ଜୈବିକ' ଲେଖାଥିଲେ, ଏହା ସାଧାରଣତଃ ସମସ୍ତ କୃତ୍ରିମ ସଂରକ୍ଷକ, ସୁଗନ୍ଧ ଏବଂ ରଙ୍ଗରୁ ମୁକ୍ତ ହୋଇଥିବା ବିଶ୍ୱାସ କରାଯାଇଥାଏ। ଏହା କୀଟନାଶକ ଓ ରାସାୟନିକ ସାରରୁ ମୁକ୍ତ ବୋଲି ବିବେଚନା କରାଯାଇଥାଏ। ଉପରୋକ୍ତ ଦୁଇଟି ସର୍ତ୍ତ ପୂରଣ କରୁଥିଲେ ଲେବୁଲ ଉପରେ ୧୦୦ ପ୍ରତିଶତ ଜୈବିକ ଲେଖାଯିବା ସହ ଏଫ୍‌ଏସ୍‌ଏସ୍‌ଏଆଇ ଦ୍ୱାରା ସ୍ୱୀକୃତ 'ଜୈବିକ ଭାରତ' ଲୋଗୋ ରହିବ। ମଧୁମେହରେ ପୀଡ଼ିତ ଲୋକେ ସୁଗାର-ଫ୍ରି ଏବଂ କମ୍ କ୍ୟାଲୋରିଯୁକ୍ତ ଖାଦ୍ୟସାମଗ୍ରୀ ଖୋଜୁଛନ୍ତି। ତେବେ ବଜାରରେ ସୁଗାର-ଫ୍ରି ଦାବି କରାଯାଉଥିବା ଖାଦ୍ୟସାମଗ୍ରୀରେ ଫ୍ୟାଟ୍ସ, ରିଫାଇନ୍ ହୋଇଥିବା ଶସ୍ୟ, ଗୁପ୍ତ ଶର୍କରା ପ୍ରଚୁର ପରିମାଣରେ ରହିଥାଇପାରେ। ଏଗୁଡ଼ିକ ଉଚ୍ଚ ଗ୍ଲାଇସେମିକ୍ ଓ ଅଧିକ କ୍ୟାଲୋରିଯୁକ୍ତ ଖାଦ୍ୟ ବୋଲି ଏନ୍‌ଆଇଏନ୍ କହିଛି।



**ସଂକ୍ଷେପରେ**

## ଅଭିରାମ ପରମହଂସଙ୍କ ଆଶ୍ରମରେ ଭଉଁରି ଯାତ୍ରା

କଣାସ, ୧୨।୫(ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ ଆଳିବାଡ଼ ପଞ୍ଚାୟତର କରମଳାସ୍ଥିତ ଠାକୁର ଶ୍ରୀଅଭିରାମ ପରମହଂସଙ୍କ ଶାନ୍ତିଧାମ ଆନନ୍ଦ ଆଶ୍ରମରେ ଗତ ୧୦ତାରିଖଠାରୁ ଭଉଁରି ଯାତ୍ରା ପାଳିତ ହୋଇଆସୁଛି। ପ୍ରତିଦିନ ଛତ୍ର, ଚାମର, ବାଦ୍ୟ, ଘଣ୍ଟ, ଘଣ୍ଟା, ତୁରି ଧ୍ୱନୀ ମଧ୍ୟରେ ଠାକୁରଙ୍କ ପୂଜାର୍ଚ୍ଚନା ପରେ ଆଶ୍ରମରୁ ରାଧାମାଧବ ଏବଂ ଠାକୁର ଅଭିରାମ ପରମହଂସଙ୍କ ପ୍ରତିମୂର୍ତ୍ତି ଦୁଇ ସୁସଜ୍ଜିତ ବିମାନରେ ନିକଟବର୍ତ୍ତୀ ଚନ୍ଦନ ପୋଖରୀକୁ ନିଆଯାଇଥାଏ। ସେଠାରେ ଆସି ଆଗରୁ ସୁସଜ୍ଜିତ ହୋଇ ରହିଥିବା ନୌକାରେ ବସି ତିନିଘେରା ପୋଖରୀ ମଧ୍ୟରେ ଚାପଖେଳି ପୁନଶ୍ଚ ପୋଖରୀ କୂଳକୁ ଆସି ବିମାନ ଯୋଗେ ନିଜ ମନ୍ଦିରକୁ ଫେରିଯାଆନ୍ତି। ଏହି ଭଉଁରି ଯାତ୍ରା ୨୧ଦିନ ଧରି ଚାଲିବ। ଆସନ୍ତା ୨୩ ତାରିଖ ଦିନ ଏହା ଶେଷ ହେବ। ଆଚାର୍ଯ୍ୟ ବଳରାମ ଦାଶଙ୍କ ତତ୍ତ୍ୱାବଧାନରେ ବାବାଜି ବନବିହାରୀ ଦାସ ମହାରାଜ ଏବଂ ଅନ୍ୟ ସାଧୁସନ୍ଥମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା କରାଯାଉଛି।

## ବୃଦ୍ଧାଶ୍ରମରେ ମା'ମାନଙ୍କୁ ବନ୍ଦାପନା କରି ଉପହାର ଦେଲେ

### ସ୍ୱେଚ୍ଛାସେବୀ ପାଳିଲେ ମାତୃ ଦିବସ

ପୁରୀ, ୧୨।୫(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସ୍ୱେଚ୍ଛାସେବୀ ସଙ୍ଗଠନ 'ଦି ବେଲ୍ ଓମେନ୍ସ କ୍ଲବ' ତରଫରୁ ରବିବାର ନିଆରା ଢଙ୍ଗରେ ମାତୃ ଦିବସ ପାଳନ କରାଯାଇଛି। ପୁରୀ ବଳଭଦ୍ରଗଳିସ୍ଥିତ ଆଭା ଓଲ୍ଡ ଏଜ୍ ହୋମରେ ରହିଥିବା ବୃଦ୍ଧାମାନଙ୍କ ଗହଣରେ ଦି ବେଲ୍ ଓମେନ୍ସ କ୍ଲବର ସ୍ୱେଚ୍ଛାସେବୀମାନେ ମାତୃ ଦିବସ ପାଳନ କରିଛନ୍ତି। ଏହି ବୃଦ୍ଧାଶ୍ରମରେ ଅନେକ ଦିନରୁ ନିଜ ଘର ପରିବାର ଛାଡ଼ି ଅନ୍ତେବାସୀ ହୋଇ ରହିଥିବା ମା'ମାନଙ୍କୁ କ୍ଲବ ସଦସ୍ୟାମାନେ ବନ୍ଦାପନା କରି ମିଠା ଖୁଆଇବା ନୂତନ ବସ୍ତ୍ର ଉପହାର ଦେଇଥିଲେ। ଏହା ସମସ୍ତଙ୍କୁ ଭାବବିହ୍ୱଳ କରିପକାଇଥିଲା। ମାତା ସ୍ୱର୍ଗାଦପି ଗରୀୟସି ମନ୍ତ୍ରରେ ଆମ ଭାରତୀୟ ସଂସ୍କୃତି ବିଶ୍ୱାସ ରଖୁଥିବାବେଳେ ସହରାଞ୍ଚଳରେ ବଢୁଥିବା ବୃଦ୍ଧାଶ୍ରମ ନିଶ୍ଚିତ ଭାବେ ସାମାଜିକ ଅବକ୍ଷୟର ବାର୍ତ୍ତା ଦେଉଛି ବୋଲି ଏହି ଅବସରରେ ଦି ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ କହିଛନ୍ତି। କାର୍ଯ୍ୟକ୍ରମକୁ ଦି ବେଲ୍ ଓମେନ୍ସ କ୍ଲବ ସମ୍ପାଦିକା ରାଜଲକ୍ଷ୍ମୀ ଦାସ, ମିନତି ନାୟକ, ବନିତା ଦୀକ୍ଷିତ, ପାର୍ବତୀ ରାଉ, କେ.ସୁଭାସିନୀ, ବନିତା ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।

## ଗାଁ ବୁଲି ପ୍ରଚାର କରୁଛନ୍ତି ବାଇଧର

ଅସ୍ତରଙ୍ଗ, ୧୨।୫(ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁର ନିର୍ବାଚନମଣ୍ଡଳୀରେ ଘର ଘର ବୁଲି ଭାଜପା ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକ ନିର୍ବାଚନ ପ୍ରଚାର କରୁଛନ୍ତି। ସେ ଅସ୍ତରଙ୍ଗ ବ୍ଲକ ଆଳଙ୍ଗପୁର ପଞ୍ଚାୟତର ବେଗୁନିଆବସ୍ତ, ଅଠତିରା, କରଞ୍ଜପୁର ସମେତ ବିଭିନ୍ନ ଗ୍ରାମ ବୁଲି ତାଙ୍କୁ ଭୋଟ ଦେବା ପାଇଁ ଲୋକଙ୍କୁ ନିବେଦନ କରୁଛନ୍ତି। ମୋଦି ଗ୍ୟାରେଣ୍ଟି ସହ କାକଟପୁର ନିର୍ବାଚନ ମଣ୍ଡଳୀର ବିକାଶ ପ୍ରସଙ୍ଗକୁ ନେଇ ସେ ପ୍ରଚାର ଚଳାଇଛନ୍ତି। ତାଙ୍କ ସହିତ ପ୍ରଚାର କାର୍ଯ୍ୟରେ ଅଧିକାରୀ ବେହେରା, ଈଶ୍ୱର ବେହେରା, ମନୋଜ ବିଶ୍ୱାଳ, ଗୋଲେଖ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ରାସ୍ତା ପ୍ରଶସ୍ତୀକରଣ ପାଇଁ କଟାଯାଉଛି ଗଛ

### ସାଇକେଲ ଶୋଭାଯାତ୍ରା ମାଧ୍ୟମରେ ବିରୋଧ

ଡେଲାଙ୍ଗ, ୧୨।୫(ରଶ୍ମିରଞ୍ଜନ ପ୍ରଧାନ)




ଡେଲାଙ୍ଗ-କଣାସ ରାସ୍ତା ପ୍ରଶସ୍ତୀକରଣ ଆଳରେ ରାସ୍ତା ପାର୍ଶ୍ୱରୁ ଅବାଧ ଗଛକଟାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କାଞ୍ଚନଲତା ଫାଉଣ୍ଡେଶନ ପକ୍ଷରୁ ଏହି ଗଛକଟାକୁ ବିରୋଧ କରାଯିବା ସହ ପ୍ରତିବାଦରେ ସାଇକେଲ ଶୋଭାଯାତ୍ରା କରାଯାଇଛି। ଡେଲାଙ୍ଗ-କଣାସ ରାସ୍ତା ପ୍ରଶସ୍ତୀକରଣ ପ୍ରକଳ୍ପ ଚାଲୁଥିବା ବେଳେ କଣାସଠାରୁ ତ୍ରିଲୋଚନପୁର ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି। ତେବେ ତ୍ରିଲୋଚନପୁରଠାରୁ ଡେଲାଙ୍ଗ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ କାମ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇନାହିଁ। ଏହି ଅର୍ଦ୍ଧନିର୍ମିତ ରାସ୍ତା କାମ ଶେଷ କରିବା ପାଇଁ ବାରମ୍ବାର ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ଅନ୍ୟପଟେ ରାସ୍ତା ପାର୍ଶ୍ୱରେ ଥିବା ଗଛଗୁଡ଼ିକୁ ବନ ବିଭାଗ କାଟି ସେଠାରେ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ଏହି ଗଛଗୁଡ଼ିକ ଗ୍ରୀଷ୍ମଦିନେ ପ୍ରଚଣ୍ଡ ରୌଦ୍ରତାପରୁ ଛାୟା ପ୍ରଦାନ କରିଥାଏ। ଅବାଧ ଗଛକଟା ପ୍ରତିବାଦରେ ଆୟୋଜିତ ଶୋଭାଯାତ୍ରାରେ ପରିବେଶବିତ୍ ଅର୍ପିତା ମହାପାତ୍ର, ତ୍ରିଲୋଚନପୁର ସରପଞ୍ଚଙ୍କ ପ୍ରତିନିଧି ଗୁଣନିଧି ପାତ୍ରଙ୍କ ସମେତ ଫାଉଣ୍ଡେଶନ ପକ୍ଷରୁ ୭୦ଜଣ ବିରୋଧ ପ୍ରଦର୍ଶନକାରୀ ସାମିଲ ହୋଇଥିଲେ। ପରିବେଶ ସୁରକ୍ଷା, ଗ୍ଲୋବାଲ ୱାର୍ମିଂରୁ ରକ୍ଷା ପାଇବା, ଗଛ ନ କାଟିବାକୁ ସଚେତନତା ବାର୍ତ୍ତା ଦେଇ ସାଇକେଲ ଶୋଭାଯାତ୍ରା ହୋଇଥିଲା। ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ମନଇଚ୍ଛା ଗଛ କଟାଯିବାକୁ ସମସ୍ତେ ବିରୋଧ କରିଥିଲେ।

## ଏଥର ନିର୍ବାଚନୀ ପ୍ରସଙ୍ଗ ହେବ ପାନୀୟଜଳ ସମସ୍ୟା

ଅସ୍ତରଙ୍ଗ, ୧୨।୫ (ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୩ ପ୍ରମୁଖ ରାଜନୈତିକ ଦଳ ନିଜର ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ଅନେକ ପ୍ରସଙ୍ଗ ରହିଛି। ତେବେ ଏଥର ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନୀୟଜଳ ସମସ୍ୟା ପ୍ରମୁଖ ପ୍ରସଙ୍ଗ ପାଲଟିବ। ଅସ୍ତରଙ୍ଗ ଅଞ୍ଚଳରେ ପାନୀୟ ଜଳ ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ଗ୍ରୀଷ୍ମଦିନେ ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ଯୋଗାଇ ଦିଆଯାଉଥିବା ପାନୀୟଜଳ ସମୁଦ୍ରକୁ ଶଙ୍ଖେ ସଦୃଶ। ପ୍ରତିବର୍ଷ ଗ୍ରୀଷ୍ମଋତୁରେ ପିଇବା ପାଣି ପାଇଁ ଲୋକଙ୍କୁ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ। ଏପରିକି ଲୋକଙ୍କୁ ଦୂର ବାଟ ଚାଲିବାକୁ ପଡ଼ିଥାଏ। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ପ୍ରଶାସନିକ ଅବହେଳା ଯୋଗୁ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରୁନାହିଁ। କେବଳ ଆଲୋଚନାରେ ପଦକ୍ଷେପ ସୀମିତ ରହିଯାଇଛି। ପୂର୍ବ ନିର୍ବାଚନରେ ନେତାମାନେ ପିଇବା ପାଣି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ନିର୍ବାଚନ ସରିଯିବା ପରେ କେହି ସେଥିପ୍ରତି ଗୁରୁତ୍ୱ ଦେଲେ ନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଆଗକୁ ବିଭିନ୍ନ ଦଳର ପ୍ରାର୍ଥୀମାନେ ନିର୍ବାଚନ ପ୍ରଚାର ଲାଗି ମତଦାତାଙ୍କ ନିକଟକୁ ଯିବାବେଳେ ପାନୀୟ ଜଳ ସମସ୍ୟା ସମାଧାନ ପ୍ରମୁଖ ଆହ୍ୱାନ ରହିବ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

## ଭାଜପା ଛାଡ଼ିଲେ କୃଷ୍ଣ ଜଗଦ୍ଦେବ, କାମାକ୍ଷା ପ୍ରଧାନ

ପୁରୀ, ୧୨।୫(ଅଜିତ୍ କୁମାର ମହାନ୍ତି)

ଭାଜପାରୁ କୃଷ୍ଣ ଜଗଦ୍ଦେବ ଓ କାମାକ୍ଷା ପ୍ରଧାନ ଇସ୍ତଫା ଦେଇଛନ୍ତି। ଏ ନେଇ ଉଭୟ ନେତା ରବିବାର ପୁରୀଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜଗଦ୍ଦେବ କହିଛନ୍ତି, ୧୯୮୦ରୁ ଭାଜପାର ଅଭିବୃଦ୍ଧି ପାଇଁ ସେ ଦିନରାତି ଏକକରି କାମ କରିଥିଲେ। ତେବେ ଭାଜପା ଆଜି ଓଡ଼ିଶାରେ ପରିଚୟ ସଙ୍କଟ ସୃଷ୍ଟି କରିଛି। ଅଭ୍ୟାସଗତ ଅପରାଧୀ, ବାହୁବଳୀଙ୍କୁ ଟିକେଟ ଦିଆଯାଉଛି। ନିଷ୍ଠାପର ପରିଶ୍ରମୀ, ଦଳୀୟ ନୀତି ଆଦର୍ଶ ପ୍ରତି ସମର୍ପିତ କାର୍ଯ୍ୟକର୍ତ୍ତାଙ୍କୁ ଉପେକ୍ଷା କରାଯାଉଛି ବୋଲି ଜଗଦ୍ଦେବ ଅଭିଯୋଗ ଆଣିଛନ୍ତି। ଗୋପବନ୍ଧୁଙ୍କ ସାଧନା କ୍ଷେତ୍ର ସତ୍ୟବାଦୀରେ ମାଟି ପାଇଁ ଚାଲିଥିବା ଲଢେଇରେ ପାର୍ଟିର ଭୂମିକା ଗୌଣ। ତେଣୁ ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା କହିଛନ୍ତି। ସେହିପରି ପ୍ରଧାନ କହିଛନ୍ତି, ସେ ସତ୍ୟବାଦୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ଲଢେଇ ଜୋରଦାର ହେବ। ନିର୍ବାଚନରେ ଭାଜପା ତୃତୀୟ ସ୍ଥାନରେ ଥିବାବେଳେ ବିଜେଡି ପ୍ରାର୍ଥୀଙ୍କ ସହ ତାଙ୍କର ମୁଖ୍ୟତଃ ଲଢେଇ ହେବ। ଲୋକ ତାଙ୍କ ସହ ଅଛନ୍ତି, ତେଣୁ ସେ ଜିତିବେ ବୋଲି ପ୍ରଧାନ ଆଶା ପ୍ରକାଶ କରିଛନ୍ତି।

## 'ମାତୃ ସମାଜ ସର୍ବଦା ଆମର ସ୍ମରଣୀୟ'




କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଉପସ୍ଥିତ ମହିଳାମାନେ ।

ପୁରୀ, ୧୨।୫(ଅଜିତ୍ କୁମାର ମହାନ୍ତି)

### ବିଶ୍ୱ ମାତୃ ଦିବସ ପାଳିତ

ଶରତଚନ୍ଦ୍ର ରାଉତରାୟ ମେମୋରିଆଲ ଟ୍ରଷ୍ଟ ଏବଂ ସୁଶ୍ରୀ ନାରୀଶକ୍ତି ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ପୁରୀ ବଡ଼ଦାଣ୍ଡସ୍ଥ ନାୟକ ପ୍ଲାଜା ସମ୍ମିଳନୀ କକ୍ଷରେ ରବିବାର ବିଶ୍ୱ ମାତୃ ଦିବସ ପାଳିତ ହୋଇଯାଇଛି। ସାବିତ୍ରୀ ଖୁଣ୍ଟିଆ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଆଜିର ଦିନରେ ସବୁ ମା'ଙ୍କୁ ମନେପକାଇବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅରୁଣିମା ନନ୍ଦ, ପ୍ରଫେସର ଡା. ବୈଦ୍ୟନାଥ ମିଶ୍ର, ଆଡ୍‌ଭୋକେଟ ବଂଶୀଧର ରାଉତରାୟ, ହାପିନେସ୍ ଫାଉଣ୍ଡେଶନ ପ୍ରତିଷ୍ଠାତା ପ୍ରଦୀପ୍ତ ପ୍ରଧାନ, ସୁଶ୍ରୀ ନାରୀଶକ୍ତି ସମ୍ପାଦିକା କଳ୍ପନା ମୁଦୁଲି ଏବଂ ରାଜଶ୍ରୀ ସାହୁ ପ୍ରମୁଖ ଯୋଗଦେଇ ମାତୃ ସମାଜ ସର୍ବଦା ଆମର ସ୍ମରଣୀୟ ଏବଂ ମା'ମାନଙ୍କ ଆଦେଶ ଆମ ପାଇଁ ଗ୍ରହଣୀୟ ଓ କରଣୀୟ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଟ୍ରଷ୍ଟ ସଭାପତି ଲଲାଟେନ୍ଦୁ ମିଶ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ପ୍ରିୟପତ୍ର ସମ୍ପାଦକ ବିପିନ ଦଳାଇ, କବି ସର୍ବାଣି ଦାସ, କବି କ୍ରିଷ୍ଣା ମହାପାତ୍ରଙ୍କ ସଂଯୋଜନାରେ କବିତା ପାଠ ଉତ୍ସବ ଆୟୋଜିତ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୌର୍ଣ୍ଣମାସୀ ମହାପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ଆର୍ଥିକ ପୁରସ୍କାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଡ୍‌ଭୋକେଟ ରଚିତା ରାଉତରାୟ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ କାଞ୍ଚନ ଶୁକ୍ଳା, ସୁପ୍ରୀତି ଶୁକ୍ଳା, ପୂଜା ପ୍ରଧାନ, ହେମାଙ୍ଗିନୀ ମହାନ୍ତି, ଗୀତାରାଣୀ ମିଶ୍ର, କୁନିଲତା ଶାହା, ଦୀପ୍ତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପାରେ ମିଶିଲେ ବିଜେଡି କର୍ମୀ

ଗୋପ, ୧୨।୫(ଭାରତୀ ଭୂଷଣ ଉପାଧ୍ୟାୟ):

ଗୋପ ବସ୍‌ଷ୍ଟାଣ୍ଡ ନିକଟରେ ରବିବାର ଭାଜପାର ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥୀ ବିଭୂପ୍ରସାଦ ତରାଇ, ନିମାପଡ଼ା ବିଧାୟକ ପ୍ରାର୍ଥୀ ପ୍ରଭାତୀ ପରିଡ଼ା, ଜିଲାପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଗୋପ ସରପଞ୍ଚ ସୁଲୋଚନା ଦାସ, ଡଭାର ସରପଞ୍ଚ ଜଗବନ୍ଧୁ ବରାଳ, ଅଣରା-ଇଚ୍ଛାପୁର ସରପଞ୍ଚ ମୀନା କୁମାରୀ ମହାନ୍ତି, ରବୀନ୍ଦ୍ର ନାୟକ, ଅଶ୍ୱିନୀ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ବେହେରା, ସ୍ୱରାଜ ମହାନ୍ତି, ପ୍ରତାପ ପରିଡ଼ା, ଅଜୟ ମିଶ୍ର, କମଳାକାନ୍ତ ମହାନ୍ତି, ହେମନ୍ତ ଛୋଟରାୟ, ଦାଶରଥି ବରାଳ, ଯୁବରାଜ ବିଶ୍ୱାଳ, ପ୍ରଦୀପ ପାତ୍ର, ଅଜୟ ପ୍ରଧାନ, ମନଦୀପ୍ ପାଇକରାୟ, ଦେବାଶିଷ ସାହୁ, ନାରାୟଣ ସାହୁ, ରଘୁନାଥ ବେହେରା, ଶଙ୍କର ଭୋଇ, ବାବନି ଦାସଙ୍କ ନେତୃତ୍ୱରେ ଏକ ହଜାରରୁ ଅଧିକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଭାଜପାର ସାଂଗଠନିକ ନେତୃତ୍ୱମାନେ ବିଜେଡିକୁ ସମାଲୋଚନା କରିବା ସହ ଆଗାମୀ ଦିନରେ ଭାଜପା ଓଡ଼ିଶାରେ ଶାସନ ଦାୟିତ୍ୱ ସୁଚାରୁ ରୂପେ ତୁଲାଇବ ବୋଲି କହିଥିଲେ। ମିଶ୍ରଣ ପର୍ବ ମଞ୍ଚରେ ଏକକାଳୀନ କର୍ମୀମାନେ ଚଢିଯିବାରୁ ମଞ୍ଚ ଭାଙ୍ଗିପଡ଼ିଥିଲା।

## ବଜ୍ରପାତରେ ୩ ମଇଁଷି ମୃତ

ଯୋଗେଶ୍ୱରପୁର, ୧୨।୫(ରଶ୍ମିରଞ୍ଜନ ସାହୁ)

ନୟାହାଟ ଅଞ୍ଚଳରେ ଶନିବାର ରାତ୍ରି ସାଢେ ୧୨ଟାରେ ଝଡ଼ବର୍ଷା ହୋଇଥିଲା। ଏହି ସମୟରେ ବଜ୍ରପାତରେ ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତ ନରସିଂହପୁର ଶାସନ ଗ୍ରାମର ଯୋଗେନ୍ଦ୍ର ମାଳତୀ, କମଳା ମାଳତୀ, ଶିକାରୀ ମାଳତୀଙ୍କ ୩ଟି ମଇଁଷିଙ୍କର ମୃତ୍ୟୁ ଘଟିଛି। ସ୍ଥାନୀୟ ସରପଞ୍ଚ ମୋନାଲିସା ସିଂ, ଯୁବନେତା ଅଭି ସିଂ ଘଟଣାସ୍ଥଳକୁ ଯାଇ ସମ୍ପୃକ୍ତ ମଇଁଷି ମାଲିକଙ୍କୁ ସରକାରୀ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଜଙ୍ଗଲବରୀ ରାଜସ୍ୱ ନିରୀକ୍ଷକ ଓ ଗୋପ ତହସିଲଦାରଙ୍କ ନିକଟରେ ଧୂମାଳ ସରପଞ୍ଚ ଦାବି କରିଛନ୍ତି।

## ଗାଁ ବୁଲି ପ୍ରଚାର କରୁଛନ୍ତି ସଞ୍ଜୟ, ଓମ୍‌ପ୍ରକାଶ




କାଦୁଆ ପଞ୍ଚାୟତରେ ସଞ୍ଜୟ କୁମାର ଦାସବର୍ମା ପ୍ରଚାର କରୁଛନ୍ତି ।

ସାକ୍ଷୀଗୋପାଳ/କଣାସ, ୧୨।୫(ଭରତ ରାଉତ/ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ ବିଭୂତି ଭୂଷଣ ତ୍ରିପାଠୀ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ କାଦୁଆ ପଞ୍ଚାୟତରେ ରବିବାର ବିଜେଡି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ ଭୋଟ ଭିକ୍ଷା କରିବା ସହ ଯୋଡ଼ି ଶଙ୍ଖରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ଲାଗି ମୁଖ୍ୟମନ୍ତ୍ରୀ କରିବା ନିମନ୍ତେ ନିବେଦନ କରିଥିଲେ। କାଦୁଆ ପଞ୍ଚାୟତ ବିଜେଡି ସଭାପତି ବାଉରୀବନ୍ଧୁ ମହାପାତ୍ର, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ପୂର୍ବତନ ଅଧ୍ୟକ୍ଷ ପ୍ରହ୍ଲାଦ ଘଟୁଆରୀ, କାଦୁଆ ସରପଞ୍ଚ ଗାୟତ୍ରୀ ମହାପାତ୍ର, ଦେବ ମହାପାତ୍ର, ସୁବାସ ପ୍ରଧାନ, ସୁରେଶ ଚନ୍ଦ୍ର ସାହୁ, କନକଲତା ପଣ୍ଡା, କନକଲତା ବେହେରା ଓ କାଦମ୍ବିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ଦାସବର୍ମା ନିର୍ବାଚନ ପ୍ରଚାର କରିଥିଲେ। ବରିଷ୍ଠ ନେତା ରାମଚନ୍ଦ୍ର ମହାନ୍ତିଙ୍କ ସମେତ ପଞ୍ଚାୟତ ସଭାପତି, ମହିଳା ନେତ୍ରୀ ଓ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ। ଭାଜପା ପ୍ରାର୍ଥୀ ଓମ୍‌ପ୍ରକାଶ ମିଶ୍ର ମଧ୍ୟ ସତ୍ୟବାଦୀ ଓ କଣାସ ଅଞ୍ଚଳରେ ଗାଁ ଗାଁ ବୁଲି ପ୍ରଚାର କରୁଥିବା ଦେଖିବାକୁ ମିଳିଛି।

## ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ବିଶ୍ୱ ନର୍ସ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଗୋପ, ୧୨।୫(ଭାରତୀ ଭୂଷଣ ଉପାଧ୍ୟାୟ):

ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ନର୍ସଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ରୋଗୀଟିଏ ଆସିଲେ ପ୍ରଥମେ ନର୍ସମାନେ ତାଙ୍କ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦେଇଥାଆନ୍ତି। ରବିବାର ମାଟିଆଖାତସ୍ଥିତ ମୁକ୍ତି ନର୍ସିଂ ଇନ୍‌ଷ୍ଟିଚ୍ୟୁଟରେ ଆୟୋଜିତ ବିଶ୍ୱ ନର୍ସ ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋପ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ ଏହା କହିଛନ୍ତି। ଇନ୍‌ଷ୍ଟିଚ୍ୟୁଟ ପରିସରରେ ଆୟୋଜିତ ବିଶ୍ୱ ନର୍ସିଂ ଦିବସ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁମଲ୍ଲିକ୍, ସ୍ୱେଚ୍ଛାସେବୀ ସଙ୍ଗଠନ ବିକାଶର ସମ୍ପାଦକ ଆଶୁତୋଷ ହୋତା, ମୁକ୍ତି ନର୍ସିଂ ଇନ୍‌ଷ୍ଟିଚ୍ୟୁଟ ଅଧ୍ୟକ୍ଷ ଗଣେଶ ଚନ୍ଦ୍ର ଦାଶ, ମନସ୍ୱିନୀ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ନର୍ସଙ୍କ ସେବା ମନୋବୃତ୍ତି ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ମନୋବଳ ବଢାଇଥାଏ, ତେଣୁ ସରକାର ନର୍ସମାନଙ୍କୁ ଉପଯୁକ୍ତ ସମ୍ମାନ ଓ ପାରିଶ୍ରମିକ ପ୍ରଦାନ କରିବା ଦରକାର ବୋଲି ଅତିଥିମାନେ କହିଥିଲେ। ଶେଷରେ ନର୍ସିଂ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ଉପରେ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସ୍ନିଗ୍ଧା ସୁଚରିତା ପାତ୍ର, ମନସ୍ମିତା ନାୟକ, ଗୀତାଞ୍ଜଳି କାନ୍ତି, ଜୟନ୍ତ ପଣ୍ଡା, ଦିବାକର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ଅଗ୍ନିକାଣ୍ଡରେ ୨ ବାଇକ, ଧାନକଳ ଜଳିଗଲା

ବଳଙ୍ଗା, ୧୨।୫(କେଦାରେଶ୍ୱର ନନ୍ଦ):

ବଳଙ୍ଗା ଥାନା ତରୋଇ ଶାସନ ଗ୍ରାମରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ପ୍ରଦୀପ୍ତ ଓଝାଙ୍କ ଧାନକଳ ସହ ୨ଟି ବାଇକ ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ସୂଚନା ମୁତାବକ, ରାତି ପ୍ରାୟ ୧ଟାରେ ପ୍ରଦୀପ୍ତଙ୍କ କଳରେ ନିଆଁ ଜଳୁଥିବା ନେଇ ଗାଁର ଜଣେ ବ୍ୟକ୍ତି ଦେଖି ଡାକ ପକାଇଥିଲେ। ଗାଁ ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହ ନିମାପଡ଼ା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ କଳ ଭିତରେ ଥିବା ୨ଟି ବାଇକ ଓ ୧୦ ବସ୍ତା ଧାନ ସମ୍ପୂର୍ଣ୍ଣ ଭାବେ ପୋଡ଼ିଯାଇଥିଲା। କୌଣସି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ନେଇ ବଳଙ୍ଗା ଥାନାରେ ପ୍ରଦୀପ୍ତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରୁଛି।

## 'ସେବା, ତ୍ୟାଗର ବାର୍ତ୍ତା ଦିଏ ନର୍ସିଂ ବୃତ୍ତି'

ପୁରୀ, ୧୨।୫(ଅଜିତ୍ କୁମାର ମହାନ୍ତି)

ପୁରୀ ପୌରସଦନଠାରେ ରବିବାର ପ୍ରିୟଙ୍କା ଦେବୀ ନର୍ସିଂ କଲେଜ ପକ୍ଷରୁ ନର୍ସିଂ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା କମଳା ପଣ୍ଡା ଅଧ୍ୟକ୍ଷତାରେ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ କହିଥିଲେ, ନର୍ସିଂ ଏପରି ଏକ ବୃତ୍ତି ଯାହା ସେବା, ମହତପଣିଆ ଓ ତ୍ୟାଗର ବାର୍ତ୍ତା ଦିଏ। ନର୍ସଙ୍କ ସେବା ଦ୍ୱାରା ଶୀଘ୍ର ଆରୋଗ୍ୟ ଲାଭ ମିଳିପାରିଥାଏ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର ଏବଂ ଅବସରପ୍ରାପ୍ତ ଆସିଷ୍ଟାଣ୍ଟ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ସଂଯୁକ୍ତା ଦାସ ମଞ୍ଚାସୀନ ଥିଲେ। ବରିଷ୍ଠ ପ୍ରାଧ୍ୟାପିକା ପାର୍ବତୀ ପରିଡ଼ା ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ପ୍ରିୟଙ୍କା ଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ବାବୁଲା ବେହେରା ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ନାଟ୍ୟକାର କୁମୁଦ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ମୟୂରଭଞ୍ଜ କଲେଜ ଅଫ୍ ନର୍ସିଂର ଅଧ୍ୟକ୍ଷା ମଧୁସ୍ମିତା ରଥ କାର୍ଯ୍ୟକ୍ରମ ରୂପରେଖ ପ୍ରସ୍ତୁତି ସହ ପରିଚାଳନା କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ଉତ୍ସବ ତଥା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ସ୍କୁଲ ଅଫ୍ ନର୍ସିଂର ଅଧ୍ୟକ୍ଷା ଦୁଃଖୀ ଦେଈଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କାଳୀପ୍ରସନ୍ନ ମିଶ୍ର ଧନ୍ୟବାଦ ଦେଇଥିଲେ। ସଭାକାର୍ଯ୍ୟ ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ ନାଟକ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଭିଜ୍ୟୋତି ପ୍ରିୟଦର୍ଶିନୀ ଓ ସହକର୍ମୀମାନେ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଏବଂ ଅନ୍ୟ ଅତିଥିମାନେ କଲେଜର ମୁଖପତ୍ର ଉନ୍ମୋଚନ କରୁଛନ୍ତି ।

## ନିମାପଡ଼ାରେ ଭାଜପା ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ

ନିମାପଡ଼ା, ୧୨।୫(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାର ଅମଳାପଡ଼ାସ୍ଥିତ ଗ୍ରୀନ୍‌ଲ୍ୟାଣ୍ଡ ମଣ୍ଡପ ଠାରେ ରବିବାର ଭାଜପାର ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସେ ଉଦ୍‌ବୋଧନ ଦେଇ ନିମାପଡ଼ାବାସୀଙ୍କ ସେବା କରିବା ପାଇଁ ଭାଜପାକୁ ସୁଯୋଗ ଦେବାକୁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏଥର ରାଜ୍ୟରେ ଭାଜପା ସରକାର ହେବ ଓ ନିମାପଡ଼ାରେ ପଦ୍ମଫୁଲ ଫୁଟିବ ବୋଲି ଭାଜପା ପ୍ରାର୍ଥୀ ପ୍ରଭାତୀ ପରିଡ଼ା ଦୃଢୋକ୍ତି ପ୍ରକାଶ କରିଥିଲେ। ବରିଷ୍ଠ ନେତା ପ୍ରଦୀପ୍ତ ଖଟୋଇ, ଅଶୋକ ସାହୁ, ସନାତନ ପ୍ରଧାନ, ନିରଞ୍ଜନ ନାୟକ, ସନ୍ତୋଷ ଦାଶ, ଶଙ୍କର ଭୋଇ, ସନ୍ତୋଷ ଓଝା, ମୀନଲତା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀରେ ଶୋଭାଯାତ୍ରା

ପୁରୀ, ୧୨।୫(ଅଜିତ୍ କୁମାର ମହାନ୍ତି)




ଶଙ୍କରାଚାର୍ଯ୍ୟଙ୍କ ଚଳନ୍ତି ପ୍ରତିମାକୁ ବିମାନରେ ବିଜେ କରାଯାଇ ନଗର ପରିକ୍ରମା କରାଯାଉଛି ।

ବୈଶାଖ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ରବିବାର ଅବସରରେ ପୁରୀ ଗୋବର୍ଦ୍ଧନ ପୀଠ ପରିସରରେ ଆଦ୍ୟ ଗୁରୁ ପୂଜ୍ୟ ଶଙ୍କରାଚାର୍ଯ୍ୟଙ୍କ ୨୫୩୧ ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି। ରୀତିନୀତି ଅନୁଯାୟୀ ପ୍ରଥମେ ବରୁଣପୂଜା, ସଙ୍କଳ୍ପ, ମାତୃପୂଜା, ବସୋଧାରା, ନାନ୍ଦିଶ୍ରାଦ୍ଧ, ଗ୍ରହପୂଜନ, ବର୍ଷନୀ କଳସ ପୂଜନ, ପୁରୁଷସୂକ୍ତ, ହୋମ, ପୀଠଦେବତା ହୋମ, ପୂର୍ଣ୍ଣାହୁତି, ଆଦିଶଙ୍କରଙ୍କ ମହାଭିଷେକ, ବେଶ, ମହତୀ ଭୋଗ ଅର୍ପଣ, ଆରତି, ପୁଷ୍ପାଞ୍ଜଳି ଇତ୍ୟାଦି ନୀତି ସମ୍ପନ୍ନ କରାଯାଇଥିଲା। ପରେ ଅପରାହ୍ନରେ ଚଳନ୍ତି ପ୍ରତିମାଙ୍କ ବିମାନବିଜେ ଓ ନଗର ପରିକ୍ରମାରେ ବହୁ ସାଧୁସନ୍ଥ, ମହନ୍ତ ଓ ଭକ୍ତବୃନ୍ଦଙ୍କ ସହ ଗମନ କରିଥିଲେ। ଏହି ଶୋଭାଯାତ୍ରା ମଠଠାରୁ ବାହାରି ବାଲିସାହି ଦେଇ ସିଂହଦ୍ୱାର ସମ୍ମୁଖ ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ଦୋଳମଣ୍ଡପ ସାହି, କୁଣ୍ଡେଇବେଣ୍ଟ ସାହି, ମରୀଚିକୋଟ ଛକ, ଦୋଳବେଦି, ମଣିକର୍ଣିକା ସାହି, ହରଚଣ୍ଡୀ ସାହି, ଗଉଡ଼ବାଡ଼ ସାହି, ସ୍ୱର୍ଗଦ୍ୱାର ଆଳତି ତଟ ଓ କାଞ୍ଚି ମଠଠାରୁ ମଠକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ଅବସରରେ ପ୍ରତ୍ୟେକ ସାହିର ଭକ୍ତବୃନ୍ଦ ନିଜ ନିଜ ଘର ଆଗରେ କଳସୀ ଓ ପ୍ରଦୀପ ପ୍ରଦାନ କରି ନୈବେଦ୍ୟ ଅର୍ପଣ କରି ପଂକ୍ତି ଭୋଗ କରିଥିଲେ। ବିଭିନ୍ନ ସାହିର ମୁରବି ଓ ଭକ୍ତବୃନ୍ଦ ପରିକ୍ରମା ଶୋଭାଯାତ୍ରାରେ ଥିବା ପଥଚାରୀମାନଙ୍କୁ ଜଳ, ମିଷ୍ଟାନ୍ନ ଓ ବିଭିନ୍ନ ପ୍ରକାର ସର୍ବତ ପ୍ରଦାନ କରିଥିବା ଦେଖିବାକୁ ମିଳିଥିଲା। ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ଶୋଭାଯାତ୍ରା ଆୟୋଜିତ ହୋଇଥିଲା।

# ପିଡବ୍ଲ୍ୟୁଡି ପାଇପ୍ ଫାଟି ଲୋକେ ଜଳବନ୍ଦୀ

ଭୁବନେଶ୍ୱର,୧୨।୫ (ଅନୁରାଧା ମହାରଣା)



ପବ୍ଲିକ୍ ୱାର୍କସ୍ ଡିପାର୍ଟମେଣ୍ଟ (ପିଡବ୍ଲ୍ୟୁଡି) ପାଣି ପାଇପ୍ ଫାଟିଯିବାରୁ ୩ଦିନ ହେବ ଲୋକେ ଜଳଘେରରେ ରହି ନାନା ଦୁର୍ଦ୍ଦଶା ଭୋଗୁଛନ୍ତି। ହାଇଟେକ ଛକ ନିକଟ ବୈକୁଣ୍ଠପୁରୀ ନଗରରେ ଘଟିଥିବା ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗତ ଶୁକ୍ରବାର ଉକ୍ତ ପାଇପ୍‌ରେ ଲିକେଜ୍ ହୋଇ ଅଳ୍ପ ଅଳ୍ପ ପାଣି ବାହାରୁଥିଲା। ତୁରନ୍ତ ମରାମତି ନ ହେବାରୁ ଧୀରେ ଧୀରେ ପାଇପ୍‌ର ଫାଟ ବଡ଼ ହୋଇ ଜୋର୍‌ରେ ପାଣି ବାହାରିଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ, ଏହି ପାଣି ଆଖ ପାଖ ଅଞ୍ଚଳକୁ ମାଡ଼ି ଯାଇଥିଲା। ରାସ୍ତାଘାଟ, କଲୋନୀରେ ପାଣି ଜମି ରହିବା ସହ କେତେକ ସ୍ଥାନରେ ଆଣ୍ଠୁଏ ଉଚ୍ଚର ପାଣିର ସୁଅ ଛୁଟିଥିଲା। ଏହି ଅଞ୍ଚଳରେ ଏକାଧିକ ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନ, ସର୍ଭିସ ଷ୍ଟେଶନ୍ ରହିଥିବାବେଳେ ପ୍ରତିଦିନ ଶହ ଶହ ସଂଖ୍ୟାରେ ଅଞ୍ଚଳବାସୀ ଯାତାୟାତ କରିଥା'ନ୍ତି। ମାତ୍ର ପାଣି ଜମି ରହିବା ଫଳରେ ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ପାଣିରେ ସାପ ବିଚରଣ କରୁଥିବା ଆଶଙ୍କାରେ ଲୋକେ ବିପଦପୂର୍ଣ୍ଣ ଭାବେ ନିର୍ମାଣାଧୀନ ଡ୍ରେନ୍ ଉପରେ ଯାତାୟାତ କରୁଥିବା ଦେଖିବାକୁ ମିଳିଥିଲା। ଆଖପାଖରେ ଥିବା ଗ୍ୟାରେଜ ବା ସର୍ଭିସ୍ ଷ୍ଟେଶନରେ ପାଣି ପଶିବା ଫଳରେ କାମ ପୂରାପୂରି ଠପ୍ ହୋଇଯାଇଥିଲା। ଏପରିକି ଖାଲି ପଡ଼ିଥିବା ଜମିରେ ମାଟି ଅତଡ଼ା ଖସିବାକୁ ଲାଗିଥିଲା। ଏକ ପ୍ରକାର କୃତ୍ରିମ ବନ୍ୟାର ଭ୍ରମ ସୃଷ୍ଟି ହୋଇଥିଲା। ରବିବାର ପିଡବ୍ଲ୍ୟୁଡ଼ି ଅଧିକାରୀ ଓ କର୍ମଚାରୀ ଉକ୍ତ ଅଞ୍ଚଳ ପରିଦର୍ଶନ କରି ସଂପୃକ୍ତ ପାଇପ୍ ମରାମତି କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡ଼ିଛି। ତେବେ କାମ ସମ୍ପୂର୍ଣ୍ଣ ହେବାକୁ ୫ଦିନରୁ ଅଧିକ ସମୟ ଲାଗିପାରେ। ଫଳରେ ପାନୀୟ ଜଳ ପାଇଁ ଅଞ୍ଚଳବାସୀ ସମସ୍ୟାରେ ପଡ଼ିବେ ବୋଲି ଆଶଙ୍କା କରାଯାଉଛି।



ବୈକୁଣ୍ଠପୁରୀ ନଗରରେ ପିଡବ୍ଲ୍ୟୁଡି ପାଇପ୍ ପାଣି ଚାରିଆଡେ ମାଡିଯାଇଛି।

ଜଣେ ବାସିନ୍ଦା ଏସ୍. ମହାନ୍ତିଙ୍କ କହିବାନୁସାରେ, ରାଜଧାନୀର ୪୦ ପ୍ରତିଶତ ଲୋକଙ୍କ ଘରେ ପାନୀୟ ଜଳ ଯୋଗାଉଥିବା ପାଇପ୍ ସହ ଉକ୍ତ ପାଇପ୍ ସଂଯୋଗ ଥିବାରୁ ସମଗ୍ର ସହରରେ ଏହାର ପ୍ରଭାବ ଦେଖିବାକୁ ମିଳିପାରେ। ତେବେ ମରାମତି କାମ ଆରମ୍ଭ ହେବା ପରେ ଜମିଥିବା ପାଣି କିଛି ମାତ୍ରାରେ କମିଥିବା ସୂଚନା ମିଳିଛି।

## ଅନନ୍ତ, ମନ୍ମଥଙ୍କ ମାରାଥନ ପ୍ରଚାର

ଭୁବନେଶ୍ୱର,୧୨।୫ (ଅନୁରାଧା ମହାରଣା)

ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀରେ ବିଜେଡିର ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ଓ ଏମ୍‌ପି ପ୍ରାର୍ଥୀ କ୍ୟାପଟେନ ମନ୍ମଥ ରାଉତରାୟ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ରବିବାର ସକାଳେ ପ୍ରେସ କଲୋନୀସ୍ଥିତ ରାଧାକୃଷ୍ଣ ମନ୍ଦିରରେ ବରିଷ୍ଠ ନାଗରିକଙ୍କୁ ଭେଟିବା ସହ ଘରକୁ ଘର ବୁଲି ଅଞ୍ଚଳବାସୀଙ୍କ ସମର୍ଥନ ଲୋଡିଥିଲେ। ଏହା ପରେ ଗୁରୁଦ୍ୱାରରେ ଶିଖ ସମୁଦାୟଙ୍କୁ ଭେଟିଥିଲେ। ପରେ ବମିଖାଲ କେନାଲ ବନ୍ଧସ୍ଥିତ କେଳା ବିଜୁ ଆଦର୍ଶ କଲୋନୀବାସୀଙ୍କୁ ଭେଟି ଭୋଟ ନିବେଦନ କରିବା ସହ ଗାୟତ୍ରୀ ନଗରରେ ବରିଷ୍ଠ ନାଗରିକଙ୍କ ଆଶୀର୍ବାଦ ନେଇଥିଲେ। ୱାର୍ଡ଼ ନଂ.୩୭ରେ ନୟାପଲ୍ଲୀସ୍ଥିତ ଗୋଲାପ ରିସର୍ଟରେ କର୍ପୋରେଟର ବନ୍ଦିତା ପାଲଙ୍କ ସଂଯୋଜନାରେ ଆୟୋଜିତ ବରିଷ୍ଠ ନାଗରିକଙ୍କ ବୈଠକରେ ଯୋଗଦେଇ ଭାବ ବିନିମୟ କରିଥିଲେ। ଅପରାହ୍ନରେ ୱାର୍ଡ଼ ନଂ.୪୭ରେ ୟୁନିଟ ୮ ଗଜଲକ୍ଷ୍ମୀ ପୂଜା ପଡ଼ିଆ ନିକଟରେ ବାଇକ ଶୋଭାଯାତ୍ରାରେ ଅନନ୍ତଙ୍କ ସହ ମେୟର ସୁଲୋଚନା ଦାସ, କର୍ପୋରେଟର ସମିତା ମହାନ୍ତି ଯୋଗଦେଇ ୱାର୍ଡ଼ ପରିକ୍ରମା କରିଥିଲେ।

## କମିଶନରେଟ ପୋଲିସର ଫ୍ଲାଗ୍ ମାର୍ଚ୍ଚ



ଭୁବନେଶ୍ୱର,୧୨।୫ (ସୂର୍ଯ୍ୟକାନ୍ତ ବେହେରା)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭୁବନେଶ୍ୱର କମିଶନରେଟ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ ଆରମ୍ଭ ହୋଇଛି। ରବିବାର ଭୁବନେଶ୍ୱର ଡିସିପି ପ୍ରତୀକ ସିଂହଙ୍କ ନେତୃତ୍ୱରେ ହୋଇଥିବା ଏହି ଫ୍ଲାଗ୍‌ମାର୍ଚ୍ଚ ନୟାପଲ୍ଲୀ, ମୈତ୍ରୀବିହାର ଥାନା ଅନ୍ତର୍ଗତ ସମସ୍ତ ଅଞ୍ଚଳରେ କରାଯାଇଥିଲା। ଏଥିରେ ନୟାପଲ୍ଲୀ ଓ ମୈତ୍ରୀବିହାର ଥାନାର ପୋଲିସ ଅଧିକାରୀ, କର୍ମଚାରୀ ଓ ସିଆର୍‌ପିଏଫ୍ ଯବାନ ସାମିଲ ଥିଲେ। ଅବାଧ, ମୁକ୍ତ ଭାବେ ମତଦାନ ପାଇଁ ସାଧାରଣ ଲୋକଙ୍କ ମନୋବଳ ସୁଦୃଢ଼ କରିବା ସହ ସେମାନଙ୍କୁ ସଚେତନ କରାଯାଇଥିଲା। ଏଥିସହ ନିର୍ବାଚନ ପୂର୍ବରୁ ଆପରାଧିକ କାର୍ଯ୍ୟକଳାପ ଓ ଅପରାଧୀଙ୍କୁ ଦମନ କରିବା ସହିତ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଓ ଭୋଟରଙ୍କ ମନୋବଳ ବୃଦ୍ଧି କରିବା ନିମନ୍ତେ ଏହି ଫ୍ଲାଗ ମାର୍ଚ୍ଚ କରାଯାଇଥିଲା।

## ଲକ୍ଷ୍ୟ ଡ୍ୟାନ୍ସ ଏକାଡେମୀର ନୃତ୍ୟ, ସଙ୍ଗୀତ ସମାରୋହ

ଭୁବନେଶ୍ୱର,୧୨।୫(ଶର୍ମିଷ୍ଠା ପାଣିଗ୍ରାହୀ)

ନୃତ୍ୟାନୁଷ୍ଠାନ ଲକ୍ଷ୍ୟ ଡ୍ୟାନ୍ସ ଏକାଡେମୀର ବାର୍ଷିକ ନୃତ୍ୟ ଓ ସଙ୍ଗୀତ ସମାରୋହ ରବିବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଣ୍ଠଶିଳ୍ପୀ ଡ. ଜୟଶ୍ରୀ ଧଳଙ୍କୁ 'ଲକ୍ଷ୍ୟ ସଙ୍ଗୀତ ସମ୍ମାନ' ଓ ଗୁରୁ ସିକତା ଦାସଙ୍କୁ 'ଲକ୍ଷ୍ୟ ନୃତ୍ୟ ସମ୍ମାନ', ଗୁରୁ ସଚ୍ଚିଦାନନ୍ଦ ଦାସଙ୍କୁ 'ଲକ୍ଷ୍ୟ ବାଦ୍ୟ ପୁରସ୍କାର' ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ପ୍ରିନ୍ସପାଲ ଆକାଉଣ୍ଟାଣ୍ଟ ଜେନେରାଲ ରାଜ କୁମାର ଓ ସମାଜସେବୀ ପ୍ରତାପ ଜେନା ଅତିଥି ଭାବରେ ଯୋଗ ଦେଇଥିଲେ। ଓଡିଶୀ ନୃତ୍ୟ, ସଙ୍ଗୀତ ଓ ବାଦ୍ୟକୁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବାକୁ ଲକ୍ଷ୍ୟ ଡ୍ୟାନ୍ସ ଏକାଡେମୀର ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିଥିଲେ। ଏକାଡେମୀର ପ୍ରତିଷ୍ଠାତା ସମ୍ପାଦିକା କ୍ଷଣପ୍ରଭା ପରିଡ଼ାଙ୍କ ସଭାପତିତ୍ୱରେ ଉତ୍ସବର ସଂଯୋଜନା କରିଥିଲେ ସରୋଜ ବାରିକ ଓ କୁମାର ସାଗର।

## ବିଜେଡି ଭୋଟ ପାଇଁ ଟଙ୍କା ବାଣ୍ଟୁଥିବା ସିଇଓଙ୍କ ନିକଟରେ ଅଭିଯୋଗ କଲା ଭାଜପା

ଭୁବନେଶ୍ୱର, ୧୨।୫(ସୁନିତ୍ ମିଶ୍ର)

'ନିଷ୍କ୍ରିୟ ଶାସନ ବ୍ୟବସ୍ଥା, ବେକାରି ସମସ୍ୟା ଓ ଦାରିଦ୍ର୍ୟ, ଭ୍ରଷ୍ଟାଚାର ଓ ଦୁର୍ନୀତି, ନିମ୍ନମାନର ସେବା, ଓଡ଼ିଆ ଅସ୍ମିତା ଏବଂ ଅଣ ଓଡ଼ିଆଙ୍କ ଆଧିପତ୍ୟ, ନିର୍ବାଚନ ପୂର୍ବରୁ ଅନ୍ଧାରି ବିଜେ' ଏହି ୬ ପ୍ରସଙ୍ଗ ଉପରେ ଭାଜପା ସ୍ୱର ଉଠାଇବା ପରେ ବିଜେଡି ଛାନିଆ ହୋଇଯାଇଛି। ବିଜେଡି ନେତା ଓ କର୍ମୀମାନେ ଦୀର୍ଘ ୨୫ ବର୍ଷ ହେଲା ଗଚ୍ଛିତ ରଖିଥିବା କଳାଧନ ବାଣ୍ଟି ଭୋଟ ହାତେଇବାକୁ ଚେଷ୍ଟା ଚଳାଇଛି। ପୂର୍ବ ନିର୍ବାଚନଗୁଡିକରେ ଏହା କରିଆସୁଥିବା ବେଳେ ଏଥର ପରାଜୟ ସୁନିଶ୍ଚିତ ଜାଣି ଅଧିକ ମାତ୍ରାରେ ଟଙ୍କା ବଣ୍ଟା କାର୍ଯ୍ୟ ବିଜେଡି ଆପଣାଇଛି ବୋଲି ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର କହିଛନ୍ତି। ଏନେଇ ଗୋଲକଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଭାଜପା ଅଭିଯୋଗ କରିଛି ଯେ, ବିଜେଡି ନିର୍ବାଚନ ପ୍ରଚାରର ପ୍ରଥମ ପର୍ଯ୍ୟାୟରେ ସରକାରୀ କର୍ମଚାରୀମାନଙ୍କୁ ବ୍ୟବହାର କଲା। ଏନେଇ ଭାଜପା ସିଇଓଙ୍କୁ ଆପତ୍ତି କଲାପରେ ସରକାରୀ କର୍ମଚାରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା। କିନ୍ତୁ ସେଥିରୁ ବିଜେଡି ସଜାଗ ହେଲାନାହିଁ। ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସୋମବାର ହେଉଥିବା ବେଳେ ଭୋଟ ବିକଳରେ ବିଜେଡି ଟଙ୍କା ବାଣ୍ଟିବା ଆରମ୍ଭ କରିଛି। ଲୋକମାନେ ଯୋଡେ ଶଙ୍ଖରେ ଭୋଟ ଦେବା ପାଇଁ ଶନିବାର ରାୟଗଡା ଜିଲା ପୂର୍ବତନ ବିଜେଡି ସଭାପତି ସୁଧୀର କୁମାର ଦାସ ଖୋଲା ସ୍ଥାନରେ ଲୋକଙ୍କୁ ୨ ହଜାର ଟଙ୍କା ଲେଖାଏଁ ବାଣ୍ଟୁଛନ୍ତି, ଯାହାର ଭିଡିଓ ଭାଇରାଲ ହୋଇଛି। ଏଭଳି କାର୍ଯ୍ୟ ନିର୍ବାଚନ ଆଚରଣ ବିଧିକୁ ଖୋଲା ଉଲ୍ଲଂଘନ କରୁଛି। ଏହି ଭିଡିଓ ସିଇଓଙ୍କୁ ହସ୍ତାନ୍ତର କରିଥିବା ଭାଜପା ପ୍ରତିନିଧି ଦଳ କହିଛି।

## ସଞ୍ଜିତ ବଳଙ୍କୁ 'ବିନ୍ଦୁ ସାହିତ୍ୟ ସମ୍ମାନ'



ବିନ୍ଦୁ ସାହିତ୍ୟ ସମାଜର ସାରସ୍ୱତ ଉତ୍ସବରେ ଅତିଥିମାନେ ମୁଖପତ୍ର 'ବିନ୍ଦୁ'ର ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୨।୫(ଶର୍ମିଷ୍ଠା ପାଣିଗ୍ରାହୀ)

ବିନ୍ଦୁ ସାହିତ୍ୟ ସମାଜର ଦଶମ ସାରସ୍ୱତ ଉତ୍ସବ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବାଉରିବନ୍ଧୁ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଆଇଆଇଏମ୍‌ସି ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ମୃଣାଳ ଚାଟାର୍ଜୀ, ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ଲୋକକବି ଡ. କାଳିପ୍ରସନ୍ନ ଶତପଥୀ ଯୋଗଦେଇ ଥିଲେ। ଏହି ଅବସରରେ 'ବିନ୍ଦୁ ସାହିତ୍ୟ ସମ୍ମାନ'ରେ ପ୍ରତିଷ୍ଠିତ କବି ସଞ୍ଜିତ ବଳଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ସମୀର କୁମାର ଜେନା, କୁମୁଦିନୀ ଜୀ, ପ୍ରଭାତ ନଳିନୀ ମହାପାତ୍ର, କୈଳାସ ଚନ୍ଦ୍ର ସାହାଣୀ,ପ୍ରଦୀପ ସାହୁ, ସୁଜାତା ରାଉତରାୟ ଓ ଅଜିତା ମିଶ୍ରଙ୍କୁ 'ବିନ୍ଦୁ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ମୁଖପତ୍ର 'ବିନ୍ଦୁ' ଉନ୍ମୋଚିତ ହୋଇଥିଲା। ସାହିତ୍ୟିକ ଭକ୍ତ ଚରଣ ମଲ୍ଲ, ସାହିତ୍ୟିକା ସ୍ୱପ୍ନା ବେହେରା ଓ କବି ପୂର୍ଣ୍ଣାନନ୍ଦ ମହାନ୍ତିଙ୍କ ସଞ୍ଚାଳନରେ ସଭାପତି ବାଉରିବନ୍ଧୁ ଲେଙ୍କା ଉପସ୍ଥିତ ଥିଲେ। କାର୍ଯ୍ୟକାରୀ ସଭାପତି ଡ. ଶଶି ଭୂଷଣ ମହାପାତ୍ର ଅତିଥି ପରିଚୟ, ଅରୁଣ ବିଶ୍ୱାଳ ସମ୍ପାଦକୀୟ ବିବରଣୀ ଓ ସମ୍ପାଦକ ବିଜନ ରାୟ ଧନ୍ୟବାଦ ଦେଇଥିଲେ ।

## ୨୦୩୪ ସୁଦ୍ଧା ଓଡ଼ିଶା ୧ ନମ୍ବର ରାଜ୍ୟ ହେବ: ବିଜେଡି

ଭୁବନେଶ୍ୱର, ୧୨।୫(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲକ୍ଷ୍ୟ ହେଉଛି ୨୦୩୪ ସୁଦ୍ଧା ଓଡ଼ିଶାକୁ ଭାରତରେ ଏକ ନମ୍ବର ରାଜ୍ୟରେ ପରିଣତ କରିବା। ଏହା ୨୦୨୪ ପାଇଁ ଆମ ଦଳର ଇସ୍ତାହାରରେ ରହିଛି, ଯାହା ୨୪ଟି ନବୀନ ଗ୍ୟାରେଣ୍ଟି ସହ ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବ। ମହିଳା ସଶକ୍ତୀକରଣ ଏବଂ ନାରୀ ଶକ୍ତି ହେଉଛି ସବୁଠାରୁ ଶକ୍ତିଶାଳୀ ଗ୍ୟାରେଣ୍ଟି, ଯାହା ଏହି ସ୍ୱପ୍ନକୁ ସାକାର କରିବ ବୋଲି ବିଜେଡି ଏମ୍‌ପି ସସ୍ମିତ ପାତ୍ର କହିଛନ୍ତି।

ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସସ୍ମିତ କହିଛନ୍ତି ଯେ, ମାତୃ ଦିବସକୁ ଅଧିକ ପବିତ୍ର କରିଥିବା କଥାଟି ହେଉଛି ମୁଖ୍ୟମନ୍ତ୍ରୀଙ୍କ ଗ୍ୟାରେଣ୍ଟି ଏବଂ ଏହାଠାରୁ ଅଧିକ ହେଉଛି ମହିଳା ସଶକ୍ତୀକରଣ ମାଧ୍ୟମରେ ଓଡ଼ିଶା ମହିଳାଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ତାଙ୍କର ପ୍ରତିବଦ୍ଧତା। ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତୀକରଣ ପାଇଁ ସବୁବେଳେ ସମ୍ମାନ, ପରିଚୟ ଏବଂ ଭାଗୀଦାରି ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ଓଡ଼ିଶାରେ ମହିଳାମାନେ ଅଧିକାଂଶ ସମୟରେ ଘର ଭିତରେ ରହୁଥିଲେ। ଘରର ଚାରି କାନ୍ଥ ଅତିକ୍ରମ କରି ସେମାନେ ବାହାରକୁ ବାହାରି ପାରି ନ ଥିଲେ। ୨୦୦୧ରେ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ନାମରେ ମହିଳା ସଶକ୍ତୀକରଣ ଆନ୍ଦୋଳନ ଆରମ୍ଭ କରିଥିଲେ। ଏହା ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ଏକ ମହିଳା ବିପ୍ଳବରେ ପରିଣତ ହୋଇଥିଲା, ଯେଉଁଥିରେ ବର୍ତ୍ତମାନ ୭୦ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ୬ ଲକ୍ଷ ମହିଳା ଏସ୍‌ଏଚ୍‌ଜି ଅଛନ୍ତି । ସେମାନେ ମିଶନ ଶକ୍ତି ମା ନାମରେ ପରିଚିତ। ଏହା ହେଉଛି ସେମାନଙ୍କ ପରିଚୟ। ଏହା କେବଳ ମୁଖ୍ୟମନ୍ତ୍ରୀ ଓ ବିଜେଡି ସରକାର ଯୋଗୁ ସମ୍ଭବ ହୋଇଛି। ବିଜେଡିର ୨୦୨୪ ଇସ୍ତାହାର ଅନେକ ପାଦ ଆଗକୁ ଯାଇ ସେମାନଙ୍କୁ ଅଧିକ ସମ୍ମାନ ଦେଇଛି। ସମାଜ କଲ୍ୟାଣ ମୂଳକ ପଦକ୍ଷେପ ଆକାରରେ ମିଶନ ଶକ୍ତି ପେନସନ ଭାବେ ଏହି ସମ୍ମାନ ପ୍ରଦାନ କରାଯାଉଛି। ମିଶନ ଶକ୍ତିର ୭୦ ଲକ୍ଷ ମହିଳା ସଦସ୍ୟା ତଥା ମିଶନ ଶକ୍ତିର ସହାୟକ ଗୋଷ୍ଠୀ କର୍ମଚାରୀଙ୍କୁ ପେନସନ ମିଳିବ। ଉଭୟ ଗ୍ରାମୀଣ ଏବଂ ସହରାଞ୍ଚଳରେ ମିଶନ ଶକ୍ତି ସଦସ୍ୟଙ୍କୁ ଏହି ପେନସନ ମିଳିବ। ଏହା ହେଉଛି ସମ୍ମାନ। ମହିଳାଙ୍କ ପାଇଁ ଆମର ବିଏସକେୱାଇ କଭରେଜ ଆୟୁଷ୍ମାନ ଭଳି ୫ ଲକ୍ଷ ନୁହେଁ ବରଂ ୧୦ ଲକ୍ଷ ଟଙ୍କା। ତେଣୁ ଏହାକୁ କାର୍ଯ୍ୟକାରୀ କରିବାର ପ୍ରଶ୍ନ କେଉଁଠି ଉଠୁଛି ବୋଲି ସସ୍ମିତ କହିଛନ୍ତି। ଦଳର ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି, ଆମେ ୨୦୩୬ ସୁଦ୍ଧା ଆମ ଝିଅ, ଭଉଣୀ ଏବଂ ମା'ମାନଙ୍କ ପାଇଁ ଜେଣ୍ଡର ବଜେଟକୁ ୨ ଲକ୍ଷ କୋଟି ଟଙ୍କାରୁ ଅଧିକକୁ ବୃଦ୍ଧି କରିବୁ, ଯାହାଦ୍ୱାରା ରାଜ୍ୟର ୫୦% ଲୋକ ଉପକୃତ ହେବେ ବୋଲି ସେ କହିଛନ୍ତି।

## ଆଇଜିକେସି ହସ୍ପିଟାଲରେ ଆନ୍ତର୍ଜାତିକ ନର୍ସ ଦିବସ ପାଳିତ




ଭୁବନେଶ୍ୱର,୧୧।୫ (ଅନୁରାଧା ମହାରଣା)

କଳିଙ୍ଗନଗର ଘାଟିକିଆସ୍ଥିତ ଆଇଜିକେସି ମଲ୍ଟିସ୍ପେଶାଲିଟି ହସ୍ପିଟାଲ ପକ୍ଷରୁ ଆନ୍ତର୍ଜାତିକ ନର୍ସ ଦିବସ ପାଳିତ ହୋଇଯାଇଛି। ହସ୍ପିଟାଲ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନିଜ ଜୀବନକୁ ଲୋକଙ୍କ ସେବାରେ ଉତ୍ସର୍ଗୀକୃତ କରିଥିବା ସମସ୍ତ ନର୍ସମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଜିକେସି ହସ୍ପିଟାଲ ଚେୟାରମ୍ୟାନ ଡା. ସୁବୋଧ ଦାଶ, ପ୍ରବନ୍ଧ ନିର୍ଦ୍ଦେଶକ ଡାକ୍ତର ପି.ସି. ଦଳେଇ, ନିର୍ଦ୍ଦେଶକ ଡା. ବୃନ୍ଦାବନ ନାହାକ ଓ ଡା. ମନୋରଞ୍ଜନ ମହାପାତ୍ର, ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ଅସୀମା ଦାଶ, ଡିଏମ୍‌ଏସ୍ ଡାକ୍ତର ଅଭିଷେକ ବାରିକ, ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ଯଶବନ୍ତୀ ନାୟକ, ପ୍ରଶାସନ ଓ ଅର୍ଥ ବିଭାଗର ଏଜିଏମ୍ ସୁବ୍ରତ ଦାଶ, ଏଜିଏମ୍ ଅପରେଶନ କୈଳାଶ ଚନ୍ଦ୍ର ଦଳେଇଙ୍କ ସମେତ ହସ୍ପିଟାଲର ବହୁ ଡାକ୍ତର, ନର୍ସ ଓ କର୍ମଚାରୀ ଉପସ୍ଥିତ ଥିଲେ। ଆଇଜିକେସି ହସ୍ପିଟାଲରେ ନର୍ସିଂ ସପ୍ତାହ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଆର୍ଯ୍ୟ ସମାଜରେ ଶପଥ ଗ୍ରହଣ, ସମ୍ବର୍ଦ୍ଧନା ସମାରୋହ

ଭୁବନେଶ୍ୱର,୧୨।୫(ଶର୍ମିଷ୍ଠା ପାଣିଗ୍ରାହୀ)



ଶହୀଦନଗରସ୍ଥିତ ଆର୍ଯ୍ୟ ସମାଜରେ ଶପଥ ଗ୍ରହଣ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଓ ଗ୍ରନ୍ଥକାର ଅଧ୍ୟାପକ ବିଶ୍ୱରଞ୍ଜନ ଯୋଗଦେଇ କହିଲେ, ବୈଦିକ ସଂସ୍କୃତି ଓ ବେଦର ପ୍ରଚାର ପ୍ରସାର ପାଇଁ ୧୮୭୫ରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଯ୍ୟ ସମାଜ ଏକ ଆନ୍ଦୋଳନରେ ପରିଣତ ହୋଇଛି। ଆର୍ଯ୍ୟସମାଜ ସଭାପତି ତଥା ପ୍ରତିଷ୍ଠାତା ଇଂ. ପ୍ରିୟବ୍ରତ ଦାସ ୩ଟି ମନ୍ତ୍ରର ବ୍ୟାଖ୍ୟା କରିଥିଲେ। ଏହି ଅବସରରେ ଆର୍ଯ୍ୟସମାଜର ସମସ୍ତ ନୂତନ ସଦସ୍ୟାସଦସ୍ୟଙ୍କୁ ଯୁଗ୍ମ ସମ୍ପାଦକ ଶନ୍ନୋ ଦେବୀ ମାନବତାର ନୀତି ଦଶକ ଓ ଆର୍ଯ୍ୟସମାଜ ଦଶ ନିୟମର ମିଳିତ ଶପଥପାଠ କରାଇଥିଲେ। ନିୟମିତ ବେଦପାଠ କରିବା ସହ ସତ୍‌ସଙ୍ଗରେ ନିଜକୁ ସାମିଲ କରିବାକୁ ସେ ପରାମର୍ଶ ଦେଇଥିଲେ। ଉପସଭାପତି ଇଂ. ବ୍ରଜବନ୍ଧୁ ପଣ୍ଡା, ସମ୍ପାଦକ ବୀରେନ୍ଦ୍ର କର, ଭଗବାନ ଆଚାର୍ଯ୍ୟ, ଅନିରୁଦ୍ଧ ପଟ୍ଟନାୟକ ଓ ସୁଧାକର ପତ୍ରୀ ପ୍ରମୁଖ ନୂତନ ସଦସ୍ୟାସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାପ୍ତାହିକ ସତ୍‌ସଙ୍ଗରେ ଯଜମାନ ଭାବେ ଯଜ୍ଞାନୁଷ୍ଠାନ କରିଥିଲେ ସୁଧାଂଶୁ ସାମନ୍ତରାୟ ଓ ଅରୁନ୍ଧତୀ ସାମନ୍ତରାୟ। ବୈଦିକ ଭଜନ ବରିବେଷଣ କରିଥିଲେ ଅଶ୍ୱିନୀ କୁମାର ପ୍ରଧାନ। ବରିଷ୍ଠ ସଦସ୍ୟ ସିଦ୍ଧାର୍ଥ ରଥ, ଜୟନ୍ତ ଦେ, ସଦସ୍ୟା ସୁପ୍ରିୟା ରଥ, ଲିତା ଦାସ, ନିହାରବାଳା ପତ୍ରୀ, ବାଣୀ ଦେ, ଡାକ୍ତର ଗୋପାଳ ଦାଶ ଓ ଡା କାନନବାଳା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଉଭୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଯୁଗ୍ମ ସମ୍ପାଦକ ସୁନୀଲ ଦେ।

## ସୁସ୍ଥ ସମାଜ ଗଠନରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

### ସବିତା ପାଣିଗ୍ରାହୀଙ୍କୁ 'ବସୁଧାମାତା ସମ୍ମାନ'

ଭୁବନେଶ୍ୱର,୧୨।୫(ଶର୍ମିଷ୍ଠା ପାଣିଗ୍ରାହୀ)



ରାଜ୍ୟସ୍ତରୀୟ ବିଶ୍ୱ ମାତୃ ଦିବସ ପାଳନ ଅବସରରେ ଅତିଥିମାନେ ସ୍ମରଣିକା 'ମୋ ମା'କୁ ଉନ୍ମୋଚନ କରୁଛନ୍ତି।

ମା'ମାନେ ନିଜ ଭିତରେ ଥିବା ପ୍ରତିଭାକୁ ଚିହ୍ନି ପାରିଲେ ଏକ ସୁସ୍ଥ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବେ। ପରିବାରଠାରୁ ଆରମ୍ଭ କରି ଦେଶ ଗଠନରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆମେ ସମସ୍ତେ ମାତୃ ଜାତି ନିକଟରେ ଋଣୀ ବୋଲି ବିଶିଷ୍ଟ ବକ୍ତାମାନେ ମତ ଦେଇଛନ୍ତି। ସ୍ୱେଚ୍ଛାସେବୀ ସଂଗଠନ ୱିମେନ ଅର୍ଗାନାଇଜେଶନ ଫର୍ ସୋସିଆଲ ୱେଲ୍‌ଫେୟାର (ୱସ୍ୱ) ପକ୍ଷରୁ ରବିବାର ସୂଚନା ଭବନଠାରେ ରାଜ୍ୟସ୍ତରୀୟ ବିଶ୍ୱ ମାତୃ ଦିବସ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଆଇଏଏସ୍ ଅଫିସର ହୃଷୀକେଶ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ, ସମ୍ମାନିତ ଅତିଥି ଭାବେ ଅର୍ଥ ବିଭାଗର ଅତିରିକ୍ତ ଶାସନ ସଚିବ କୃଷ୍ଣଚନ୍ଦ୍ର ଶତପଥୀ, ଲିଙ୍କ୍ ଆଇ ହସ୍ପିଟାଲର ପ୍ରତିଷ୍ଠାତା ଡ. ଆଲୋକ କୁମାର ସାହୁ ଉପସ୍ଥିତ ଥିଲେ। ୱସ୍ୱର ସମ୍ପାଦିକା ଜ୍ୟୋତ୍ସ୍ନା ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସବିତା ପାଣିଗ୍ରାହୀଙ୍କୁ 'ବସୁଧାମାତା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହ ଆଉ ୧୦ଜଣ ମା'ଙ୍କୁ 'ଆଦର୍ଶମାତା ସମ୍ମାନ' ପ୍ରଦାନ କରାଯାଇଥିଲା । ସମାରୋହରେ ବାର୍ଷିକ ସ୍ମରଣିକା 'ମୋ ମା' ଉନ୍ମୋଚିତ ହୋଇଥିଲା । ୱସ୍ୱର ସଦସ୍ୟ ପ୍ରମୋଦ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ଘର ତାଲା ଭାଙ୍ଗି ଚୋରି

ଯାଁଳା, ୧୨।୫ (ବୁଲା ବାରିକ): ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ପଞ୍ଚାୟତର ଓଗାଳପଡ଼ା ଅଞ୍ଚଳର ନିରଞ୍ଜନ ସାହୁଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଘରେ ପଶିବା ସହ ଗୋଟିଏ ଆଇଫୋନ୍, ଦୁଇଟି ଫୋନ୍, ପାଣି ମୋଟର, ଗ୍ୟାସ୍‌ଚୁଲା, ଅନ୍ୟାନ୍ୟ ଆସବାବପତ୍ର ସହ ୧୦ ହଜାର ଟଙ୍କା ଚୋରିକରି ନେଇଯାଇଛନ୍ତି। ସୂଚନା ମୁତାବକ, ନିରଞ୍ଜନ ଓ ତାଙ୍କ ଭାଇ ସୋମନାଥ ଓଗାଳପଡ଼ା ଅଞ୍ଚଳରେ ରୁହନ୍ତି। ଅକ୍ଷୟ ତୃତୀୟା ପାଇଁ ଦୁଇଭାଇ ଗାଁକୁ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗରେ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଉପରୋକ୍ତ ସାମଗ୍ରୀସବୁ ନେଇଯାଇଛନ୍ତି। ପରେ ଏନେଇ ନିରଞ୍ଜନ ଥାନାରେ ଅଭିଯୋଗ କରିଥିଲେ।

### ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ, ମିଶ୍ରଣ ପର୍ବ

କଳାପଥର, ୧୨।୫ (ଗଙ୍ଗାଧର ସାହୁ) ବାଙ୍କୀ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ କଳାପଥର ପଞ୍ଚାୟତରେ ଚବକା ପଡିଆ ମଧୁଆପଲ୍ଲୀଠାରେ ଭାଜପାର କାର୍ଯ୍ୟକର୍ତ୍ତା ଓ ବରିଷ୍ଠ କର୍ମୀଙ୍କ ସମ୍ମିଳନୀ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ପ୍ରଦୀପ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନୀଲ ସିଂହ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ କଟକ ଲୋକ ସଭା ଭାଜପା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ କହିବା ସହ ପଦ୍ମଫୁଲରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଦଳରେ ନୂତନଭାବେ ଯୋଗଦେଇଥିବା କର୍ମୀମାନେ ଭାଜପାକୁ ବିପୁଳ ଭୋଟରେ ଜିତାଇବା ପାଇଁ ଶପଥ ନେଇଥିଲେ।

### ଯୋଗମାୟାଙ୍କ ବାର୍ଷିକୋତ୍ସବ

ବେଗୁନିଆ, ୧୨।୫ (ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ପୋଢ଼ାଡିହ ପଞ୍ଚାୟତ ଭୋଗଡ଼ା ଗ୍ରାମସ୍ଥିତ ଆରାଧ୍ୟା ମା' ଯୋଗମାୟାଙ୍କ ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ପୀତବାସ ମିଶ୍ର ଶର୍ମାଙ୍କ ତତ୍ତ୍ୱାବଧାନରେ କର୍ତ୍ତା ଭାବେ ହରିବନ୍ଧୁ ତ୍ରିପାଠୀ ଓ ସ୍ତ୍ରୀ ମିନତି ତ୍ରିପାଠୀ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟି ସଭାପତି ଗଙ୍ଗାଧର ଦଳେଇ ଓ ଆଇନଜୀବୀ ନିର୍ଭୟ କୁମାର ସାମନ୍ତରାୟ ପରିଚାଳନା କରିଥିବା ବେଳେ ସନ୍ଧ୍ୟାରେ ରାମ ନାଟକ ପରିବେଷଣ ହୋଇଥିଲା।

### ବେଦ ପାଠଶାଳାରେ ଶଙ୍କର ଜୟନ୍ତୀ

ନିରାକାରପୁର, ୧୨।୫ (ମାନସ ଚନ୍ଦ୍ର ପଟ୍ଟନାୟକ): ନିରାକାରପୁର ନିକଟ ଶ୍ରୀଦେବୌ ଶୁକ୍ଳ ଯଜୁର୍ବେଦ କାଣ୍ଡ ବେଦ ପାଠଶାଳାରେ ଶଙ୍କର ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡ. କୃପାସିନ୍ଧୁ ପଣ୍ଡା, ପଣ୍ଡିତ ତପନ କୁମାର ମହାପାତ୍ର, ଶିକ୍ଷାବିତ୍ ପଣ୍ଡିତ ନୀଳକଣ୍ଠ ପଣ୍ଡା, ପଣ୍ଡିତ ବସନ୍ତ କୁମାର ପଣ୍ଡା ଓ ବେଦ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ଜୀବନୀ ଏବଂ ତାଙ୍କର ସମାଜକୁ ଧାର୍ମିକ ଦିଗ୍‌ଦର୍ଶନ ବିଷୟରେ ଏକ ଆଲୋଚନାଚକ୍ର ହୋଇଥିଲା। ପାଠଶାଳାରେ ଥିବା ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

# 'ବ୍ୟକ୍ତିତ୍ୱ ବିକାଶରେ ମା'ଙ୍କ ମମତା ଅତୁଳନୀୟ'

ବେଗୁନିଆ, ୧୨।୫ (ହରପ୍ରସନ୍ନ ପଣ୍ଡା)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

ବେଗୁନିଆ ମହୀୟସୀ ସୁଲକ୍ଷଣା ଦାସ ସ୍ମୃତି ସଂସଦ ଆନୁକୂଲ୍ୟରେ ରବିବାର 'ବିଶ୍ୱ ମାତୃ ଦିବସ' ପାଳିତ ହୋଇଯାଇଛି। ସଦର ମହକୁମାସ୍ଥିତ ନୂଆସାହି ଶ୍ରୀଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ରକାନନ ପରିସରରେ ଆୟୋଜିତ ସମାରୋହରେ କାର୍ଯ୍ୟକ୍ରମ ଆବାହକ ରସାୟନବିତ୍ ଡ. ହରିପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକା ତଥା ରାଜ୍ୟ ମହିଳା ଆୟୋଗର ପୁରାତନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପୁରାତନ ମୁଖ୍ୟ ପ୍ରଫେସର ଡ. ସଂଘମିତ୍ରା ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀଙ୍କ ସଂଯୋଜନାରେ ସଭାର ପ୍ରାରମ୍ଭରେ ଦିବଂଗତାଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର ମଙ୍ଗଳା ଚରଣ ପାଠ କରିଥିଲେ। ପରେ ଛାତ୍ରୀ ଲିପ୍ସାରାଣୀ ଓ ବୀଣାପାଣି ପ୍ରଫେସର ପାଣିଗ୍ରାହୀଙ୍କ ରଚନା ଓ ସ୍ୱର ସଂଯୋଜନାରେ ମାତୃ ଦିବସ ତାତ୍ପର୍ଯ୍ୟ ସମ୍ବନ୍ଧୀୟ ଆବାହନୀ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମ ଆବାହକ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଶୀ ନୃତ୍ୟଶିଳ୍ପୀ ପୁଣ୍ୟତୋୟା ତ୍ରିପାଠୀ ଓ ତ୍ରିଷ୍ଣା ତ୍ରିପାଠୀଙ୍କ ଦ୍ୱାରା 'ମହାପ୍ରଭୁଙ୍କ ପହଣ୍ଡି ବିଜେ' ଶୀର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା। ଯାହାଙ୍କ ନାମରେ ଅମୃତ ରସ ଭରିରହିଛି ସେ ହେଉଛନ୍ତି ମା'। ତାଙ୍କର ତୁଳନା ନାହିଁ କି କଳନା ମଧ୍ୟ ନ ଥାଏ। ତେବେ ବ୍ୟକ୍ତିତ୍ୱ ବିକାଶରେ ମା'ମାନଙ୍କ ମମତା ଅତୁଳନୀୟ ବୋଲି ଅତିଥି ମହାନ୍ତି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଦୁଇ ବର୍ଷୀୟାନ ତଥା ମହୀୟସୀ ମିନିତା ମଞ୍ଜରୀ ସୁନ୍ଦରାୟ ଓ ନିଶାମଣି ପାଣିଗ୍ରାହୀଙ୍କୁ 'ମାତୃ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଉପସ୍ଥିତ ଅତିଥିମାନଙ୍କୁ ଉତ୍ତରୀୟ, ଉପଢୌକନ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କବୟିତ୍ରୀ ଗୀତାଞ୍ଜଳି ମହାପାତ୍ର, ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ, ମାନସୀ ଦାସ, ବାସନ୍ତୀ ପ୍ରଧାନ, ଡା. ଅମରେନ୍ଦ୍ର ନାଥ ମହାପାତ୍ର, ଡ. ବନବିହାରୀ ମହାପାତ୍ର, ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି, ଡ. ଅଖିଳେଶ ପ୍ରସାଦ ପଣ୍ଡାଙ୍କ ସମେତ ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ଶେଷରେ ଗାୟକ ପ୍ରଦୀପ କିଶୋର ତ୍ରିପାଠୀ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ସୁଶ୍ରୀ ସଂଘମିତ୍ରା ରଥ ଧନ୍ୟବାଦ ଦେଇଥିଲେ।


ଜଟଣୀ ସହରରେ ରବିବାର ଭୁବନେଶ୍ୱର ଲୋକ ସଭା କଂଗ୍ରେସ ପ୍ରାର୍ଥୀ ସୟଦ ୟାସିର ନୱାଜ ଓ ଜଟଣୀ ବିଧାନସଭା କ୍ଷେତ୍ରର କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ଜେନା ପ୍ରଚାର କରୁଛନ୍ତି।

## ତ୍ରିବେଣୀ ମଠରେ ବିଶ୍ୱଶାନ୍ତି ମହାଯଜ୍ଞ

କୃଷ୍ଣପ୍ରସାଦ, ୧୨।୫ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାରିକୁଦଗଡ଼ସ୍ଥିତ ଭେଟି ତ୍ରିବେଣୀ ମଠର ଅଧିଶ୍ୱର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବାର୍ଷିକ ଉତ୍ସବ ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତମାନଙ୍କ ଦ୍ୱାରା ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ ଆଦି କରାଯାଇଥିଲା। ସାନଅଁଳ ଗ୍ରାମ୍ୟ କମିଟି ପକ୍ଷରୁ ପୁରୁଷ ଦଳ ଯୋଗଦେଇଥିବା ବେଳେ ବିଭିନ୍ନ ସ୍ଥାନର ୫ ମେଳ ମହିଳା ଦଳ ଯୋଗଦେଇ ସଂକୀର୍ତ୍ତନ କରିଥିଲେ। ମହନ୍ତ ବାବା ବନମାଳୀ ଦାସଙ୍କ ନେତୃତ୍ୱରେ ବିଭିନ୍ନ ମଠରୁ ୭ଜଣ ବ୍ରାହ୍ମଣ ଓ ସାଧୁସନ୍ଥ ମହାଯଜ୍ଞ ପରିଚାଳନା କରିଥିଲେ। ମଠ ପରିଚାଳନା କମିଟି ସଭାପତି ଦିବାକର ଜେନା, ସମ୍ପାଦକ ସୁବାସ ବେହେରା, କୃଷ୍ଣଚନ୍ଦ୍ର ଦଳବେହେରା, ଲକ୍ଷ୍ମଣ ପ୍ରଧାନ, ସୁରଥ ଜେନା, ବିଜୟ ଜେନା, ରାଜକିଶୋର ନାୟକ, ପ୍ରଶାନ୍ତ ଜେନା, ମନୋଜ ବିଶ୍ୱାଳ, ପ୍ରକାଶ ଚନ୍ଦ୍ର ସିଂହ, ପ୍ରତାପ ଚନ୍ଦ୍ର ପଣ୍ଡାଙ୍କ ସମେତ କମିଟିର ୨୫ଜଣ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଜପୁର ସ୍ୱାଧୀନତା ସଂଗ୍ରାମର ସ୍ମାରକ ହେଉ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଖୋର୍ଦ୍ଧା, ୧୨।୫ (ପ୍ରଭାତ ପାଣିଗ୍ରାହୀ)

ସ୍ୱାଧୀନତା ସଂଗ୍ରାମୀ 'ବାଜପୁର ଗାନ୍ଧୀ' ତଥା କବିଗୌରବ ପଣ୍ଡିତ ନାରାୟଣ ମିଶ୍ରଙ୍କ ଜନ୍ମସ୍ଥାନ ବାଜପୁର ସ୍ୱାଧୀନତା ସଂଗ୍ରାମର ସ୍ମାରକ ହେଉ ବୋଲି ପଣ୍ଡିତ ମିଶ୍ରଙ୍କ ୫୬ତମ ଶ୍ରାଦ୍ଧ ଦିବସରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଶା ଅକ୍ଷୟ ମହାନ୍ତି ଫାଉଣ୍ଡେଶନ ଟ୍ରଷ୍ଟର ଅଧ୍ୟକ୍ଷ ଚୈତନ୍ୟ ପ୍ରସାଦ ବେହେରା ମତପ୍ରକାଶ କରିଛନ୍ତି। ସଂଗ୍ରାମୀ ନାରାୟଣ ସ୍ମୃତି ପରିଷଦ ଆନୁକୂଲ୍ୟରେ ବାଜପୁର ଯୁବକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ଅଧିକାରୀ ଭାଗୀରଥି ମଙ୍ଗରାଜ ଯୋଗଦେଇ ବାଣପୁର ବ୍ଲକ ଅନ୍ତର୍ଗତ କୁମାରଙ୍ଗଶାସନର କବି ଗୋଦାବରୀଶ ମହାପାତ୍ରଙ୍କ ସହ ଅନେକ ଗୁଣରେ କବିଗୌରବ ପଣ୍ଡିତ ନାରାୟଣ ମିଶ୍ରଙ୍କ ସାଦୃଶ୍ୟ ରହିଥିବା ଦର୍ଶାଇଥିଲେ। ସମ୍ମାନିତ ଅତିଥିଭାବେ ଭୁବନେଶ୍ୱର ଲୋକ ସଭା ଆସନର ପ୍ରାର୍ଥୀ ସନ୍ତୋଷ କୁମାର ମିଶ୍ର ଓ ସାମାଜିକ କର୍ମୀ ଅକ୍ଷୟ କୁମାର ଦାଶ ଯୋଗଦେଇ ବିଳମ୍ବରେ ହେଉପଛେ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ମିଶ୍ରଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତି ସରକାରଙ୍କ ପକ୍ଷରୁ ପ୍ରତିଷ୍ଠା କରାଯିବ ବୋଲି ନିଷ୍ପତ୍ତି ନିଆଯିବା ବାଜପୁର ପାଇଁ ଏକ ଶୁଭସଙ୍କେତ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପଣ୍ଡିତ ମିଶ୍ରଙ୍କ ବ୍ରୋଞ୍ଜନିର୍ମି ପୂର୍ଣ୍ଣାବୟବ ଖୋର୍ଦ୍ଧା ସହରର ମଙ୍ଗଳାନଗର ଛକଠାରେ ପ୍ରତିଷ୍ଠା କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିବାରୁ ଏହାକୁ ପରିଷଦ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରିଷଦର ଆବାହିକା ରାଜଶ୍ରୀ ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସାମାଜିକ କର୍ମୀ ସାରଙ୍ଗଧର ମହାପାତ୍ର, ସୋମନାଥ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ବ୍ରହ୍ମ, ପ୍ରଫୁଲ୍ଲ ମହାନ୍ତି, ନୃସିଂହନାଥ ଦାଶ, ଭବାନୀ ଶଙ୍କର ମିଶ୍ର, ସୟଦ କୋସର ଅଲ୍ଲୀ ପ୍ରମୁଖ ଯୋଗଦେଇ ପଣ୍ଡିତ ମିଶ୍ରଙ୍କ ସମ୍ପର୍କରେ ଆଲୋଚନା କରିଥିଲେ।

## କଣ୍ଟାମଲିମରେ ମାତୃ ଦିବସ

ବେଗୁନିଆ, ୧୨।୫ (ହରପ୍ରସନ୍ନ ପଣ୍ଡା)

ବେଗୁନିଆର ସାହିତ୍ୟାନୁଷ୍ଠାନ 'ଶ୍ୱେତପଦ୍ମା' ପକ୍ଷରୁ ରବିବାର ମାତୃ ଦିବସ କଣ୍ଟାମଲିମ ଗ୍ରାମସ୍ଥିତ ଜୟଦେବ କ୍ଲବ ପରିସରରେ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ପଣ୍ଡିତ ପ୍ରଦୀପ କିଶୋର ତ୍ରିପାଠୀ ବେଦ ଅଧ୍ୟୟନ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅନୁଷ୍ଠାନର ସମ୍ପାଦିକା ସୁଶ୍ରୀ ପ୍ରତିମା ପ୍ରଧାନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ବେଗୁନିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା ଯୋଗଦେଇଥିଲେ। ଅନୁଷ୍ଠାନର ଉପସଭାପତି ଲକ୍ଷ୍ମୀଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ କଣ୍ଟାମଲିମ ଗ୍ରାମର ଗୁରେଇ ଲେଙ୍କାଙ୍କୁ ମାତୃ ଦିବସର ସର୍ବଶ୍ରେଷ୍ଠ ମାତା ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ଶତାଧିକ ମହିଳା ଅଂଶଗ୍ରହଣ କରିବା ସହ ସମାଜସେବୀ ଜଗଦୀଶ ଚନ୍ଦ୍ର ପାତ୍ର, ସୋମନାଥ ସାହୁ, ଶ୍ରୀକୁମାର ସାହୁ, ଲକ୍ଷ୍ମୀଧର ମହାରଣା, ଶୁକଦେବ ଲେଙ୍କା, ନଟବର ପାତ୍ର, ଅନିରୁଦ୍ଧ ଲେଙ୍କା, ଭିକାରୀ ମାନ୍ଧାତା, ସାଇରାମ ପାତ୍ର, ସାରଥି ମାଝୀ, ସୁଷମା ପାତ୍ର, ସାବିତ୍ରୀ ପାତ୍ର, ସରୋଜିନୀ ମାର୍ଥା, ଚାରୁଲତା ହରିଚନ୍ଦନ, ଅନନ୍ୟା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସ୍ୱେଚ୍ଛାସେବୀ ନୃସିଂହ ଚରଣ ଛୋଟରାୟ ଧନ୍ୟବାଦ ଦେଇଥିଲେ।

# ନିର୍ବାଚନୀ ଇସ୍ତାହାର ଜାରି କଲେ କାଳୁ

ଖୋର୍ଦ୍ଧା, ୧୨।୫ (ପ୍ରଭାତ ପାଣିଗ୍ରାହୀ)


ସମ୍ମିଳନୀରେ ସ୍ୱାଧୀନ ପ୍ରାର୍ଥୀ କାଳୁଚରଣ ଖଣ୍ଡାୟତରାୟ ଉଦ୍‌ବୋଧନ ଦେଉଛନ୍ତି।

ଖୋର୍ଦ୍ଧା ବିଧାନସଭା କ୍ଷେତ୍ରର ସ୍ୱାଧୀନ ପ୍ରାର୍ଥୀ କାଳୁଚରଣ ଖଣ୍ଡାୟତରାୟ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ତାଙ୍କ ଚିହ୍ନ ବାଲ୍‌ଟି ଧରି ସେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଲୋକଙ୍କ ଦୈନନ୍ଦିନ ଜୀବନର ସାଥି ହେଉଛି ବାଲ୍‌ଟି। ନିତ୍ୟ ବ୍ୟବହାର୍ଯ୍ୟ ବାଲ୍‌ଟି ଚିହ୍ନରେ ଭୋଟଦେଇ ସେବା କରିବାର ସୁଯୋଗ ଦେବାକୁ ଆହ୍ୱାନ କରିଛନ୍ତି କାଳୁ। ରବିବାର ଖୋର୍ଦ୍ଧାରେ ଆୟୋଜିତ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେଇ କାଳୁ କହିଥିଲେ, ଦୀର୍ଘ ୧୦ବର୍ଷ ଭାଜପାରେ କାର୍ଯ୍ୟ କରିବା ପରେ ଦଳ ଟିକେଟ ପ୍ରତିଶ୍ରୁତି ଦେଇ ଧୋକ୍କା ଦେଲା। ଅପରାଜିତା ଷଡ଼ଙ୍ଗୀଙ୍କ ଯୋଗୁ ତାଙ୍କ ଟିକେଟ କଟିଲା ବୋଲି କହିଥିଲେ। ଗତଥର ବିପୁଳ ଭୋଟ ପାଇଥିବା ବେଳେ ଚଳିତଥର ମୋ ଟିକେଟ କଟିଗଲା। ଏହା ମାନସିକ ସ୍ତରରେ ଆଘାତ ଦେଇଛି। ଦଳ ବହିଷ୍କାର କରିଥିବା ଗଣମାଧ୍ୟମରୁ ଜାଣିବାକୁ ପାଇଲି। ୧୦ଦିନ ପୂର୍ବରୁ ସେ ଦଳରୁ ଇସ୍ତଫା ଦେଇସାରିବା ପରେ ଏହା ଏକ ପ୍ରହସନ। ଦୀର୍ଘ ବର୍ଷ ଧରି ଖୋର୍ଦ୍ଧାର ବିକାଶ ସ୍ଥାଣୁ ପାଲଟିଛି। ଥରୁଟିଏ ବାଲ୍‌ଟି ଚିହ୍ନରେ ଭୋଟ ଦିଅନ୍ତୁ। ଖୋର୍ଦ୍ଧାର ବିକାଶ ଏକମାତ୍ର ଲକ୍ଷ୍ୟ ରହିବ ବୋଲି ସେ କହିଛନ୍ତି। ଏଥିସହ ନିର୍ବାଚନ ଇସ୍ତାହାର ଜାରି କରିଛନ୍ତି କାଳୁ। ୨୦ବର୍ଷରୁ ଉର୍ଦ୍ଧ୍ୱ ଧରି ସହରରୁ ବ୍ୟାବିନ ହଟିପାରୁନି, ସହର କ୍ୟାବିନ ମୁକ୍ତ ସହ ବିକାଶର ସୋପାନରେ ପାଦଥାପିବ। ମଲାଗୁଣୀ ବ୍ୟାରେଜ ସତ୍ତ୍ୱେ ଚାଷୀ ସୁବିଧା ପାଇବାରୁ ବଞ୍ଚିତ। ବର୍ଷକୁ ୨ରୁ ୩ଟି ଫସଲ ପାଇଁ ପର୍ଯ୍ୟାପ୍ତ ଜଳସେଚନ ବ୍ୟବସ୍ଥା କରାଯିବ। ଚାଷୀଙ୍କ ବିକାଶକୁ ପ୍ରାଥମିକତା ଦିଆଯିବ। ତାପଙ୍ଗ, ନରଣଗଡ଼ରେ ମହାପ୍ରଭୁଙ୍କ ସତ୍ୱଲିପି ଶ୍ରୀମନ୍ଦିର ପରିଚାଳନା କମିଟି ପରିବର୍ତ୍ତେ ଭୋଗଦଖଲକାରୀଙ୍କ ନାଁରେ ସତ୍ୱ ପ୍ରଚେଷ୍ଟା ରହିବ। ଶ୍ରୀମନ୍ଦିର ପ୍ରଶାସନର ଅନେକ ପାହାଡ଼ ରହିଛି। ଏହାକୁ ଠିକ୍ ସମୟରେ ନିଲାମ ଦିଆଯାଉନାହିଁ। ଫଳରେ ୫ଶହରୁ ଉର୍ଦ୍ଧ୍ୱ କ୍ରଶର ୟୁନିଟ କଞ୍ଚାମାଲ ନ ପାଇ ବନ୍ଦ ହେବାକୁ ବସିଛି। ଏହାକୁ ଅକ୍ସନ କରାଗଲେ ବହୁ ବେକାର ଯୁବକ କାମ ପାଇପାରିବେ। ଖୋର୍ଦ୍ଧାରେ ବହୁ ରାଷ୍ଟ୍ରାୟତ ଶିକ୍ଷାନୁଷ୍ଠାନ ରହିଛି। ହେଲେ ସ୍ଥାନୀୟ ଶିକ୍ଷିତ ଯୁବକଙ୍କୁ ସୁଯୋଗ ନାହିଁ। ଶିଳ୍ପର ଅଭିବୃଦ୍ଧି ସହ ବେକାର ଯୁବକଙ୍କୁ ନିଯୁକ୍ତି, ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ କାଳୁ। ଅନ୍ୟମାନଙ୍କ ମଧ୍ୟରେ ଗୋପନ ମାର୍ଥା, ଗୋପବନ୍ଧୁ ନାଥ ଶର୍ମା, ସୂର୍ଯ୍ୟନାରାୟଣ ମିଶ୍ର, ବୈକୁଣ୍ଠନାଥ ବେହେରା, ବୀରବର ସେଠୀ, ରୁପେଶ ମାର୍ଥା ପ୍ରମୁଖ ମଞ୍ଚାସୀନ ଥିଲେ।

## ରକ୍ତଦାନ ଶିବିର

ଖୋର୍ଦ୍ଧା, ୧୨।୫ (ପ୍ରଭାତ ପାଣିଗ୍ରାହୀ): ଶ୍ରୀ ସତ୍ୟସାଇ ସେବାସମିତି ଖୋର୍ଦ୍ଧାଠାରେ ଗ୍ରୀଷ୍ମକାଳୀନ ସତନ୍ତ୍ର ରକ୍ତଦାନ ଶିବିର ଖୋର୍ଦ୍ଧା ବ୍ଲଡ୍‌ବ୍ୟାଙ୍କ ଶାଖା ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୭୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସତ୍ୟସାଇ ସେବାସମିତି ଖୋର୍ଦ୍ଧାର ଆବାହକ ଅମ୍ବିକା ମହାନ୍ତି, ଜିଲା ଶିକ୍ଷା ସଂଯୋଜକ ସୁରେଶ ଚନ୍ଦ୍ର ସାହୁ, ବ୍ଲଡ୍‌ବ୍ୟାଙ୍କ ଖୋର୍ଦ୍ଧାର କର୍ମଚାରୀ ଅରୁଣ କୁମାର ସାହୁଙ୍କ ସମେତ ବ୍ଲଡ୍‌ବ୍ୟାଙ୍କର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସମିତିର ସମସ୍ତ କର୍ମକର୍ତ୍ତା ଏହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ହନୁମାନ ମନ୍ଦିର ବାର୍ଷିକୋତ୍ସବ



ବେଗୁନିଆ, ୧୨।୫ (ସନ୍ଧ୍ୟାରାଣୀ ମିଶ୍ର)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଧଳାପଥର ଗ୍ରାମସ୍ଥିତ ଗୋଲେଇ ଛକଠାରେ ଥିବା ହନୁମାନଙ୍କ ମନ୍ଦିର ପ୍ରାଙ୍ଗଣରେ ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ବୈଦିକ ରୀତିନୀତି ଅନୁସାରେ କଳସ ସ୍ଥାପନ ସହ ଅଙ୍କୁରାରୋପଣ ଅଧିବାସ ପୂର୍ବକ ଯଜ୍ଞକାର୍ଯ୍ୟ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ।

# ବାଣପୁର ବ୍ଲକ ଭାଜପାର ମହିଳା ସମାବେଶ

ଖୋର୍ଦ୍ଧା, ୧୨।୫ (ପ୍ରଭାତ ପାଣିଗ୍ରାହୀ)


ସମାବେଶରେ ଭାଜପା ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ବୋଧନ ଦେଉଛନ୍ତି।

ଗମ୍ଭାରୀମୁଣ୍ଡାସ୍ଥିତ ପତିତପାବନ କଲ୍ୟାଣ ମଣ୍ଡପଠାରେ ଭାରତୀୟ ଜନତା ପାର୍ଟି (ଭାଜପା)ର ବାଣପୁର ବ୍ଲକ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ମାତୃ ଦିବସ ଅବସରରେ ସମସ୍ତ ମହିଳାଙ୍କୁ ଶୁଭେଚ୍ଛା ଜଣାଯାଇଥିଲା। ଏହି ସମାବେଶରେ ଚିଲିକା ବିଧାନସଭା କ୍ଷେତ୍ରର ଭାଜପା ବିଧାୟକ ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ, ଚିଲିକା ବିଧାନସଭା ଭାଜପା ପ୍ରଭାରୀ ବିକାଶ ପଟ୍ଟନାୟକ, ଜିଲା ଭାଜପା ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ବିଶିଷ୍ଟ ସମାଜସେବୀ ଡା. ସୁରେନ୍ଦ୍ର ନାଥ ଦାସ ଯୋଗଦେଇ କେନ୍ଦ୍ର ସରକାରଙ୍କର ମହିଳାମାନଙ୍କ ପାଇଁ ଥିବା ସମସ୍ତ ଯୋଜନା ବିଷୟରେ ଆଲୋଚନା କରିଥିଲେ। ପ୍ରାର୍ଥୀ ହରିଚନ୍ଦନ ସୁଭଦ୍ରା ଯୋଜନା ବିଷୟରେ ଆଲୋଚନା କରିବା ସହ ଓଡ଼ିଶାରେ ଡବଲ ଇଞ୍ଜିନର ସରକାର ହେବ ବୋଲି କହିଥିଲେ। ମହିଳାମାନେ ବିକଶିତ ଚିଲିକା ଓ ପୁରୀ ଗଠନ ନିମନ୍ତେ ଭାଜପା ବିଧାୟକ ପ୍ରାର୍ଥୀ ଓ ଲୋକ ସଭା ପ୍ରାର୍ଥୀଙ୍କୁ ବିଜୟୀ କରାଇବାକୁ ସଙ୍କଳ୍ପ ନେଇଥିଲେ। ନରେନ୍ଦ୍ରପୁର ସରପଞ୍ଚ ସବିତା ଦାସ, ଭେଟେଶ୍ୱର ସରପଞ୍ଚ ସାବିତ୍ରୀ ଭୋଳ, ବାଣପୁର ବ୍ଲକ ପୂର୍ବତନ ଉପାଧ୍ୟକ୍ଷା ସବିତା ସାହୁ, ଗମ୍ଭାରୀମୁଣ୍ଡା ପଞ୍ଚାୟତର ସମିତିସଭ୍ୟା ଅନିତା ପ୍ରଧାନ, ମହିଳା ନେତ୍ରୀ ସରୋଜିନୀ ପାଳ, ଦେଓଗାଁ ସରପଞ୍ଚ ରେଣୁବାଳା ଛାଟୋଇ, ଆୟତପୁର ସରପଞ୍ଚ ନର୍ମଦା ପ୍ରଧାନ, ବିଷ୍ଣୁଡିହ ସରପଞ୍ଚ ପୁଷ୍ପିତା ପ୍ରଧାନ, ନାରୁଣ୍ଡୀ ସରପଞ୍ଚ ସ୍ୱପ୍ନାଞ୍ଜଳି ପଲାଇ, ବିରଜାଇ ମଣ୍ଡଳ ଭାଜପା ସଭାପତି ଜିତେନ୍ଦ୍ର କୁମାର ଭୋଳ, ନୀଳାଦ୍ରିପ୍ରସାଦ ସରପଞ୍ଚ ଉମାକାନ୍ତ ସାହୁ, ପୂର୍ବତନ ଜଲା ପରିଷଦ ସଭ୍ୟା ସବିତା ସାମନ୍ତସିଂହାର, ବାଣପୁର ନଗର ମଣ୍ଡଳ ଭାଜପା ସଭାପତି ଭଗବାନ ପ୍ରଧାନ, ସିଦ୍ଧେଶ୍ୱରୀ ମଣ୍ଡଳ ଭାଜପା ସଭାପତି ସୌମ୍ୟରଞ୍ଜନ ସାମନ୍ତରାୟ, ବରିଷ୍ଠ ଭାଜପା ନେତା ରମେଶ ଚନ୍ଦ୍ର ସାମନ୍ତସିଂହାର, କାର୍ଯ୍ୟକର୍ତ୍ତା ଦେବେନ୍ଦ୍ର ହରିଚନ୍ଦନ, ଜୟକୃଷ୍ଣ ପ୍ରତିହାରୀଙ୍କ ସମେତ ବହୁ ମହିଳା ଉପସ୍ଥିତ ଥିଲେ।

# ରିୟଲ ଫାଇଟର ଚାମ୍ପିୟନ

### ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ

ବୋଲଗଡ଼, ୧୨।୫ (ଦେବବ୍ରତ ହୋତା)


ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍‌ର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

ବୋଲଗଡ଼ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ବୋଲଗଡ଼ ପ୍ରିମିୟର ଲିଗ୍(ବିପିଏଲ୍)ର ଦଶମ ସଂସ୍କରଣ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ରିୟଲ ଫାଇଟର ଟିମ୍ ଚାମ୍ପିୟନ ହୋଇଛି। ସ୍ଥାନୀୟ ଫ୍ରେଣ୍ଡସ ବ୍ଲକ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟ ୨୧ଦିନ ଧରି ଚାଲିଥିବାବେଳେ ରବିବାର ଫାଇନାଲ ମ୍ୟାଚ୍ ରିୟଲ ଫାଇଟର ଓ ଫିଲ୍ଡ ଫାଇଟର ମଧ୍ୟରେ ହୋଇଥିଲା। ଟସ୍ ଜିତି ଫିଲ୍ଡ ଫାଇଟର ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ରିୟଲ ଫାଇଟର ବ୍ୟାଟିଂକରି ନିର୍ଦ୍ଧାରିତ ୧୨ ଓଭରରେ ୩ ଉଇକେଟ ବିନିମୟରେ ୧୨୦ ରନ୍ ସଂଗ୍ରହ କରିଥିଲା। ଜବାବରେ ଫିଲ୍ଡ ଫାଇଟର ୧୧.୨ ଓଭରରେ ସମସ୍ତ ଉଇକେଟ ହରାଇ ୭୫ ରନ୍ ସଂଗ୍ରହକରି ପରାଜିତ ହୋଇଥିଲା। ଫଳରେ ରିୟଲ ଫାଇଟର ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଧନେଶ୍ୱର ସାହୁ ଓ ଗଣେଶ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ହରିବନ୍ଧୁ ସାହୁ, ସମ୍ମାନିତ ଅତିଥିଭାବେ କ୍ରୀଡ଼ାଶିକ୍ଷକ ଭଞ୍ଜକିଶୋର ଯତି ଓ ବଗୁଲା ଚୌଧୁରୀ ଯୋଗଦେଇଥିଲେ। ଏହି ଅବସରରେ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୦ହଜାର ଏବଂ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ୮ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସିରିଜ ମ୍ୟାନ୍ ଅଫ୍ ଦି ଫାଇନାଲ, ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ସଞ୍ଜୀବଙ୍କ ସମେତ ଫ୍ରାଞ୍ଚାଇଜ୍ ଟିମ୍‌ର ଓନର ଏବଂ ଅନ୍ୟ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱେଚ୍ଛାସେବୀ ଏବଂ କ୍ଲବ ସଦସ୍ୟମାନଙ୍କୁ ଫ୍ରେଣ୍ଡସ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଶ୍ୱ ମାତୃ ଦିବସ ପାଳିତ

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡ ନୂଆସାହିସ୍ଥିତ ମହିଳା ଆରୋଗ୍ୟ ସମିତି ଗୃହରେ ବିଶ୍ୱ ମାତୃ ଦିବସ ରବିବାର ପାଳିତ ହୋଇଯାଇଛି। ମହିଳା ଆରୋଗ୍ୟ ସମିତି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ କାଉନ୍ସିଲର ଆଶୁତୋଷ ଦାସ, ବିଜୟ କୁମାର ସାହୁ, ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମାତୃ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ସ୍ନିଗ୍ଧା ଶର୍ମା, ଟୁନୀ ବିଶ୍ୱାଳ, ସୁଜାତା ରଥଙ୍କ ସମେତ ବହୁ ସଂଖ୍ୟକ ମହିଳା ଯୋଗଦେଇଥିଲେ।





କାଳବୈଶାଖୀ ପ୍ରଭାବରେ ହୋଇଥିବା ବର୍ଷା ଯୋଗୁ କଟକ କେଶରପୁର ଓ ମେରିଆ ବଜାର ଅଞ୍ଚଳ ରାସ୍ତା ଜଳାର୍ଣ୍ଣବ।

# ବର୍ଷାରେ କଟକ ଜଳାର୍ଣ୍ଣବ

କଟକ, ୧୨।୫ (ଦିବାକର ସାହୁ)

କାଳବୈଶାଖୀ ପ୍ରଭାବରେ ଶନିବାର ରାତିରେ ହୋଇଥିବା ବର୍ଷାରେ କଟକର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି। ଜଳ ନିଷ୍କାସନ ହୋଇ ନ ପାରିବାରୁ ରବିବାର ଅପରାହ୍ନ ପର୍ଯ୍ୟନ୍ତ ଲୋକମାନେ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବିଭିନ୍ନ ଅଞ୍ଚଳରେ ଡ୍ରେନ୍‌ଗୁଡ଼ିକ ପଙ୍କରେ ପୋତି ହୋଇଯାଇଥିବାରୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମି ରହିଥିଲା। ଏଥିଯୋଗୁ ଯାତାୟତ ପାଇଁ ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଶେଷକରି ସହରର ପଟାପୋଲ, କେଶରପୁର, ମେରିଆ ବଜାର, ମାନସିଂପାଟଣା, ରେକ୍ସିଲେନ୍, ବାଦାମବାଡ଼ି, ମକରାବାଗ ସାହି, ସୂତାହାଟ, ତିନିକୋଣିଆ ବଗିଚା, ଜୋବ୍ରା ରିଂ ରୋଡ୍ ଆଦି ଅଞ୍ଚଳରେ ବର୍ଷାପାଣି ଜମି ରହିଥିବା ଦେଖିବାକୁ



ମିଳିଛି। ସିଏମ୍‌ସି ପକ୍ଷରୁ କେତେକ ସ୍ଥାନରେ ପମ୍ପ ସାହାଯ୍ୟରେ ପାଣି ନିଷ୍କାସନ କରାଯାଇଛି। ଅପରପକ୍ଷରେ ବକ୍ସଡ୍ରେନ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ସନ୍ତୋଷ ଦାସ କହିଛନ୍ତି, ବର୍ଷା ହେଲେ ଘରେ ପାଣି ପସିଯିବାରୁ ଅସୁବିଧା ଭୋଗିବାକୁ ପଡୁଛି। ସମସ୍ୟା ସମାଧାନ ପାଇଁ ନେତାମନ୍ତ୍ରୀ ଆସି ପ୍ରତିଶ୍ରୁତି ଦେଉଛନ୍ତି, ହେଲେ ତାହାକୁ ପାଳନ କରାଯାଉନାହିଁ। ସେହିପରି ଅନ୍ୟଜଣେ ବାସିନ୍ଦା ଜଗନ୍ନାଥ ଦାସ କହିଛନ୍ତି, ସହରରେ ଦୀର୍ଘବର୍ଷ ଧରି ଜଳବନ୍ଦୀ ସମସ୍ୟା ଲାଗି ରହିଥିଲେ ମଧ୍ୟ ସୁଧାର ଆସିପାରୁନାହିଁ। ବର୍ଷା ହେଲେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଛି। କର୍ପୋରେଟର ଗଗନ ଓଝା କହିଛନ୍ତି, ଅଧଘଣ୍ଟା ବର୍ଷା ହୋଇଗଲେ ୨୦ ବର୍ଷ ତଳେ ଯେମିତି ଜଳବନ୍ଦୀ ସ୍ଥିତି ଉପୁଜୁଥିଲା ଏବେ ସମାନ ସ୍ଥିତି ଦେଖିବାକୁ ମିଳୁଛି। ବର୍ଷା ହେଲେ ଲୋକମାନେ ଅସୁବିଧା ଭୋଗୁଛନ୍ତି। ଏ ସମ୍ପର୍କରେ ଅନେକ ଥର କାଉନ୍‌ସିଲ ମିଟିଂରେ ଅଭିଯୋଗ କରିଛି। ହେଲେ ସିଏମ୍‌ସି ଏଥିପ୍ରତି ଦୃଷ୍ଟି ଦେଉନାହିଁ।

ଏ ସମ୍ପର୍କରେ ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ପ୍ରତିବର୍ଷ ଏପ୍ରିଲ୍ ଏବଂ ମେ' ମାସରେ ଡ୍ରେନ୍‌ରୁ ପଙ୍କ ଉଦ୍ଧାର କରାଯାଇଥାଏ। ବର୍ତ୍ତମାନ ଏହି କାର୍ଯ୍ୟ ଜାରି ରହିଛି। ହେଲେ ଶନିବାର ରାତିରେ ହଠାତ୍ ବର୍ଷା ହେଲା। ସେଥିପାଇଁ ରାତିରେ ୧/୨ ପମ୍ପ ଲଗାଯାଇଥିବାବେଳେ ରବିବାର ସକାଳେ ୧୦ରୁ ୧୨ଟି ପମ୍ପ ଲଗାଯାଇ ବିଭିନ୍ନ ସ୍ଥାନରୁ ଜଳ ନିଷ୍କାସନ କରାଯାଇଛି। ଏହାଛଡ଼ା ବକ୍ସଡ୍ରେନ କାମ ସରିନାହିଁ। ସମସ୍ତ ଚ୍ୟାନେଲ ଏଥିରେ ସଂଯୋଗ ହୋଇନାହିଁ ବୋଲି ସେ କହିଛନ୍ତି।

## ମହାନଦୀରେ ବୁଡ଼ି ଯୁବକ ମୃତ

କଟକ, ୧୨।୫ (ଦିବାକର ସାହୁ)

ମହାନଦୀରେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦ୍ରାପଡା ଜିଲାର ଚନ୍ଦନ ବିଶ୍ୱାଳ। ରବିବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଚନ୍ଦନ ତାଙ୍କ ସାଙ୍ଗମାନଙ୍କ ସହିତ ଜଗତପୁର ରେଳ ଓଭରବ୍ରିଜ୍ ନିକଟ ମହାନଦୀରେ ଗାଧୋଉଥିଲେ। ହଠାତ୍ ଗୋଡ ଖସିଯିବାରୁ ଭାରସାମ୍ୟ ହରାଇ ଚନ୍ଦନ ପାଣିରେ ବୁଡି ଯାଇଥିଲେ। ଏହି ସମୟରେ ତାଙ୍କ ସାଙ୍ଗମାନେ ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିବା ପରେ ଚନ୍ଦନଙ୍କ ମୃତଦେହ ପାଣିରୁ ଉଦ୍ଧାର କରିଥିବା କଟକ ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରା ସୂଚନା ଦେଇଛନ୍ତି।

## ଚୌଦ୍ୱାର-କଟକ ବିଜେଡିର ବୈଠକ

କଟକ,୧୨।୫(ଶିଳ୍ପା ପ୍ରିୟଦର୍ଶିନୀ)

କଟକସ୍ଥିତ ସେଲିବ୍ରେସନ ମଣ୍ଡପଠାରେ ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବିଜେଡି ଲୋକ ସଭା ପ୍ରାର୍ଥୀ ସଂତ୍ରୃପ୍ତ ମିଶ୍ର, ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ ଯୋଗଦେଇଥିଲେ। ଜିଲା ଯୁବ ବିଜେଡି ସଭାପତି ସ୍ମୃତି ରଞ୍ଜନ ନାୟକ, ଚୌଦ୍ୱାର-କଟକ ଯୁବ ସଭାପତି ଅଶୋକ ମିତ୍ର, ଜିଲା ଛାତ୍ର ବିଜେଡିର କାର୍ଯ୍ୟକାରୀ ସଭାପତି ସାଇ ସିଦ୍ଧାର୍ଥ, ଚୌଦ୍ୱାର-କଟକ ଛାତ୍ର ବିଜେଡି ସଭାପତି ଅଚ୍ୟୁତ ଘୋଷ, ଜଗନ୍ନାଥ ପ୍ରଧାନ, ଚୌଦ୍ୱାର-କଟକର ଯୁବ ଛାତ୍ର ବ୍ୟାପାର ଅଧ୍ୟକ୍ଷ ସୌରଭ ଚନ୍ଦ୍ର ପ୍ରଧାନ, ସୁବ୍ରତ ଘଡେଇ, ରାଜ୍ୟ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ଅଞ୍ଜନ ପାତ୍ର, କନିଷ୍କ ଜେନା, ଅର୍ବାନ ବ୍ୟାଙ୍କର ପୂର୍ବତନ ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଭାଜପା କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

ବାଙ୍କୀ/ଖୁଣ୍ଟୁଣୀ,୧୨।୫
(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ସଚ୍ଚିଦାନନ୍ଦ ପଣ୍ଡା)

ବାଙ୍କୀ ବ୍ଲକ କଳାପଥର ପଞ୍ଚାୟତ ଅନ୍ତର୍ଗତ ଚବକା ପଡିଆର ମଧୁଆପଲ୍ଲୀ ଠାରେ ଭାଜପା କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଭାଜପା ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ଏହାର ନେତୃତ୍ୱ ନେଇଥିଲେ। ବରିଷ୍ଠ ଭାଜପା ନେତା ପ୍ରଦୀପ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନୀଲ ସିଂହ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଦଳର କଟକ ଲୋକସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଯୋଗଦେଇ ଭାଜପାକୁ ସମର୍ଥନ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ବହୁ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଥିଲେ।

ଖୁଣ୍ଟୁଣୀ ଯାତ୍ରା ପଡ଼ିଆରେ ଭାଜପା କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସୁଦାମ ଚରଣ ବେଉରାଙ୍କ ନେତୃତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ କଣ୍ଡରେଇ, ରାଧାକିଶୋରପୁର, ଡାଳଭାଗ, ରାଧାକୃଷ୍ଣପୁର, ଭୋଗରା ଓ ଖୁଣ୍ଟୁଣୀ ପଞ୍ଚାୟତର ବହୁ ସଂଖ୍ୟକ ଭାଜପା କର୍ମୀ ଯୋଗଦେଇଥିଲେ। ଆସନ୍ତା ୨୦ରେ କଟକରେ ହେବାକୁ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ କର୍ମୀ ଯୋଗଦେବା ପାଇଁ ସୁଦାମ ନିବେଦନ କରିଥିଲେ। ଏହି ସମ୍ମିଳନୀରେ ତପନ ପ୍ରଧାନ, ପରେଶ ସାହୁ, ଦାମୋଦର ହାତୀ, ରମେଶ ରାଉତ, ଶୋଭନ ପ୍ରିୟଦର୍ଶୀଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

### ଏସ୍‌ୟୁସିଆଇ(ସି) ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର

କଟକ,୧୨।୫(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୩୭ ନମ୍ବର ୱାର୍ଡର ବିଭିନ୍ନ ଅଞ୍ଚଳରେ ରବିବାର ନିର୍ବାଚନ ପ୍ରଚାର କରିଛନ୍ତି ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ଏସ୍‌ୟୁସିଆଇ(ସି) ପ୍ରାର୍ଥୀ ଖଗେଶ୍ୱର ସେଠୀ। ଲୋକମାନଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ନିର୍ବାଚନରେ ବିଜୟୀ ହେଲେ ବେରୋଜଗାରୀ ସମସ୍ୟା, ସାହିଗୁଡିକରେ ପାନୀୟ ଜଳ ସମସ୍ୟା ସମାଧାନ ସହ ଅନ୍ୟାନ୍ୟ ଅସୁବିଧା ଦୂର କରିବା ନିମନ୍ତେ କାର୍ଯ୍ୟ କରିବି ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏସ୍‌ୟୁସିଆଇ(ସି) ଜିଲା କମିଟି ସଭ୍ୟ ବସନ୍ତ ନାୟକ, ବବି ବଳବନ୍ତରାୟ, ତରୁଣସେନ୍ ନାୟକ, ଶୋଭା ଦେହୁରୀ, ଶିବାନୀ ସାହୁ, ଜ୍ୟୋତ୍ସ୍ନାରାଣୀ ଦାସ, ଅମରେନ୍ଦ୍ର ନାୟକ, ଝରଣା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ

କଟକ,୧୨।୫(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ପୁରାତନ ଅଡିଟୋରିୟମରେ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଆନ୍ତର୍ଜାତିକ ନର୍ସିଂ ଦିବସ ରବିବାର ପାଳିତ ହୋଇଯାଇଛି। ଏମ୍‌କେସିଜି ମେଡିକାଲର ଅବସରପ୍ରାପ୍ତ ପ୍ରଫେସର ସରୋଜ ନଳିନୀ ମହାନ୍ତି ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଂଘ ସଭାପତି ଝରଣା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ପ୍ରସେନ୍‌ଜିତ୍ ମହାନ୍ତି, ମୁଖ୍ୟବକ୍ତା ଭାବେ ପ୍ରଫେସର ନୀଳମାଧବ ରଥ, ସମ୍ମାନିତ ଅତିଥି ଭାବେ ସୁପରିଣ୍ଟେଣ୍ଡେଣ୍ଟ ଇନ୍‌ଚାର୍ଜ ସାବିତ୍ରୀ ନାୟକ ଯୋଗଦେଇଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଅବସରପ୍ରାପ୍ତ ନର୍ସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ସରୋଜିନୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଆନ୍ତର୍ଜାତିକ ନର୍ସିଂ ଦିବସ ଦୁଇଦିନ ଧରି ପାଳନ ହୋଇଯାଇଛି। ରବିବାର ଅନୁଷ୍ଠିତ ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ଡେପୁଟି ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ବାସନ୍ତୀ ନାୟକ ଯୋଗଦେଇ କହିଛନ୍ତି, ରୋଗୀ ସେବା କ୍ଷେତ୍ରରେ ନର୍ସଙ୍କ ଅବଦାନ ଅତୁଳନୀୟ। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନକୁ ପ୍ରଶାସନିକ ଅଧିକାରୀ ପ୍ରତିଭା ପୃଷ୍ଟି, ଅଧ୍ୟକ୍ଷ ପ୍ରଫେସର ପଦ୍ମାଳୟା ଦେବୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲଳିତ ଭୂୟାଁ, ସୁବ୍ରତ ତ୍ରିପାଠୀଙ୍କ ସମେତ ନର୍ସିଂ କର୍ମଚାରୀ ଉପସ୍ଥିତ ଥିଲେ।

## 'ଦେଶ ବଞ୍ଚାଇବାକୁ ଏକତ୍ର ହୁଅ'



କର୍ମୀ ସମ୍ମିଳନୀରେ ଆଠଗଡ଼ କଂଗ୍ରେସ ପ୍ରାର୍ଥୀ ସୁଦର୍ଶନ ସାହୁ ଓ ଅନ୍ୟମାନେ।

ଟିଗିରିଆ,୧୨।୫(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆସଡ଼କସ୍ଥିତ ବାଳମୁକୁନ୍ଦଙ୍କ ପୀଠରେ ରବିବାର ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଟିଗିରିଆ ବ୍ଲକ କଂଗ୍ରେସ ତରଫରୁ କର୍ମୀ ସମ୍ମିଳନୀ ଓ ପରିବର୍ତ୍ତନ ସମାବେଶ ଅନୁଷ୍ଠିତ ଯାଇଛି। ଏଥିରେ ଆଠଗଡ଼ ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ସୁଦର୍ଶନ ସାହୁ ଯୋଗଦେଇ ଦେଶ ବଞ୍ଚାଇବା ପାଇଁ କଂଗ୍ରେସ କର୍ମୀଙ୍କୁ ଏକତ୍ରିତ ହେବାକୁ ଆହ୍ୱାନ ଦେଇଥିଲେ। ଟିଗିରିଆ ବ୍ଲକ କଂଗ୍ରେସ ସଭାପତି ସୋମନାଥ ଦାସ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେବୁବ ଅହମ୍ମଦ ଖାଁ, ଅଭିଷେକ ପଟ୍ଟନାୟକ, ଗିରିଜା ପଟ୍ଟନାୟକ, ମାୟାଧର ସାହୁ, ପ୍ରସନ୍ନ ନାୟକ, ମାନସ ଜେନା, ମନୋରଞ୍ଜନ ଦାଶ, ସୁଶୀଲ ବଡ଼ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ଭାଜପା ସରକାର ଗଠନ ହେଲେ ସମସ୍ୟା ସମାଧାନ ହେବ

କଟକ,୧୨।୫(ଶିଳ୍ପା ପ୍ରିୟଦର୍ଶିନୀ)

ଭାଜପାର ବାରବାଟୀ- କଟକ ବିଧାନସଭା ପ୍ରାର୍ଥୀ ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର ବାଇକ୍ ଶୋଭାଯାତ୍ରାରେ ସିଏମ୍‌ସି ଅଧୀନ ୱାର୍ଡ ନଂ. ୩, ୪, ୫ ଓ ୬ର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ନିର୍ବାଚନ ପ୍ରଚାର କରିଛନ୍ତି। ସେ ଲୋକମାନଙ୍କର ମୌଳିକ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ଭାଜପାକୁ ଭୋଟ୍ ଦେବା ପାଇଁ ଅନୁରୋଧ କରିଥିଲେ। ଆଗାମୀ ଦିନରେ ଭାଜପା ସରକାର ଗଠନ କଲେ ସମସ୍ତ ସମସ୍ୟାର ସମାଧାନ ହେବ ବୋଲି ପୂର୍ଣ୍ଣଚନ୍ଦ୍ର ପ୍ରତିଶ୍ରୁତି ଦେଇଛନ୍ତି। ବାଇମୁଣ୍ଡି ମଣ୍ଡଳ ସଭାପତି କବି ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ବାଇକ୍ ଶୋଭାଯାତ୍ରାରେ କଟକ ନଗର ଜିଲା ଭାଜପା ଉପସଭାପତି ଦେବାଶିଷ ଘୋଷ, ସାଧାରଣ ସମ୍ପାଦକ ବିବେକାନନ୍ଦ ନାୟକ, ଲଲାଟେନ୍ଦୁ ଦାସ, ସୁମିତ୍ରା ସାମଲ, ବିଶ୍ୱଜିତା ଜେନା, ଦିଲୀପ ଦାସ, ପ୍ରଶାନ୍ତ ଦାସ, ଅକ୍ଷୟ ଆଚାର୍ଯ୍ୟ, ଦୟାନିଧି ଲେଙ୍କା ପ୍ରମୁଖ ଯୋଗଦେଇଥିଲେ।

## ଘରୋଇ ଜମିରୁ ମାଟି ଉଠାଣ, ଥାନାରେ ମାମଲା

କଟକ ସଦର, ୧୨।୫
(ସୁଶାନ୍ତ କୁମାର ଜେନା)

କଟକ ଗ୍ରାମ୍ୟ ଉନ୍ନୟନ ସବ୍‌ଡିଭିଜନ ଅନ୍ତର୍ଗତ ବ୍ରାହ୍ମଣବାଡ ଗ୍ରାମରେ ଏକ ରାସ୍ତା ନିର୍ମାଣବେଳେ ଘରୋଇ ଜମିରୁ ଜୋର୍ ଜବରଦସ୍ତ ମାଟି ଉଠାଯାଇଛି। ଏନେଇ ଜମି ମାଲିକ ବ୍ରାହ୍ମଣବାଡ ଗ୍ରାମର ପରେଶ ଭୂୟାଁ କନ୍ଦରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୯୫/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ଗ୍ରାମ ଦେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ରାସ୍ତା ନିର୍ମାଣ କରାଯାଉଛି। ବାରଣ ସତ୍ତ୍ୱେ ଠିକାଦାର ଜଣଙ୍କ ପରେଶଙ୍କ ଜମିକୁ ମଡାଇ ରାସ୍ତା ନିର୍ମାଣ କରିବା ସହ ମାଟି ଖୋଳି ଗାଡ଼ କରିଦେଇଛନ୍ତି। ଜମି ମାଲିକ ବିରୋଧ କରିବାରୁ ଠିକାଦାର ଜଣଙ୍କ ଗାଳିଗୁଲଜ କରିବା ସହ ତାଙ୍କୁ ମାଡ଼ ମାରିଥିବା ଏତଲାରେ ଦର୍ଶାଯାଇଛି। ଏହି ଗଣ୍ଡଗୋଳ ବିଷୟରେ ପରେଶ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ମଧ୍ୟ ଜଣାଇଛନ୍ତି।

## 'ଅଧା ରହିଥିବା କାର୍ଯ୍ୟ ପୂରଣ ହେବ'

କଟକ,୧୨।୫(ଶିଳ୍ପା ପ୍ରିୟଦର୍ଶିନୀ)

### ବିଜେଡିର ବାଇକ୍ ଶୋଭାଯାତ୍ରା

ବାରବାଟୀ-କଟକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସିଡିଏ ସେକ୍ଟର-୬ସ୍ଥିତ ୱିଣ୍ଡ୍‌ସର ପ୍ୟାଲେସଠାରୁ ବିଜେଡି ପକ୍ଷରୁ ବାଇକ୍ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ସିଡିଏ ସେକ୍ଟର-୩, ୪, ୫ ଓ ୬ ଅଞ୍ଚଳର ବିଭିନ୍ନ ସ୍ଥାନ ପରିକ୍ରମା କରିଛି। ଏଥିରେ ବିଜେଡି ବିଧାନସଭା ପ୍ରାର୍ଥୀ ପ୍ରକାଶ ବେହେରା ଶକ୍ତି ପ୍ରଦର୍ଶନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ସିଏମ୍‌ସି ମେୟର ସୁବାସ ସିଂଙ୍କ ସମେତ ସମସ୍ତ କର୍ପୋରେଟର, ଯୁବକ, ଛାତ୍ର, ମହିଳା ମୋର୍ଚ୍ଚା କର୍ମୀ ଉପସ୍ଥିତ ଥିଲେ। ଏଥିସହ ସନ୍ଧ୍ୟାରେ ସିଏମ୍‌ସି ୱାର୍ଡ ନମ୍ବର ୧ ଓ ୨୭ଠାରେ ୱାର୍ଡସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକରେ ଅନେକ ବିକାଶମୂଳକ କାର୍ଯ୍ୟ କରାଯାଇଛି। ନିର୍ବାଚନ ଜିତିଲେ ଅଧା ରହିଥିବା କାର୍ଯ୍ୟକୁ ଆଗାମୀ ଦିନରେ ପୂରଣ କରାଯିବ ବୋଲି ପ୍ରକାଶ ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଦଳୀୟ କର୍ମୀମାନେ ଯୋଗଦେଇଥିଲେ।

## ହମ୍ପ ନିକଟରେ ବଢୁଛି ଦୁର୍ଘଟଣା

କଟକ ସଦର, ୧୨।୫(ସୁଶାନ୍ତ କୁମାର ଜେନା)

କଟକ ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅନ୍ତର୍ଗତ ବିରିବାଟୀ-ଅଥଙ୍ଗା ମାଛଗାଁ କେନାଲ ବନ୍ଧ ରାସ୍ତାରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ସବୁବେଳେ ଟ୍ରାଫିକ ଭିଡ ରହୁଥିବାରୁ କୁସିଙ୍ଗା ଓ ମହୁରା ନିକଟରେ ଦୁଇଟି ବଡ଼ ହମ୍ପ ନିର୍ମାଣ କରାଯାଇଛି। ମାତ୍ର ଏହି ହମ୍ପରେ ଧଳାରଙ୍ଗର ଲେପ ଦିଆଯାଇ ନ ଥିବାରୁ ରାତିବେଳା ବାଇକ ଚାଳକମାନେ ଜାଣି ନ ପାରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରବିବାର ସନ୍ଧ୍ୟାରେ ଏକ ସ୍କୁଟିରେ ଦମ୍ପତି ଓ ଶିଶୁ କଟକ ଅଭିମୁଖେ ଯାଉଥିବାବେଳେ କୁସିଙ୍ଗା ନିକଟରେ ହମ୍ପ ଥିବା କଥା ଜାଣିପାରି ନ ଥିଲେ। ଚାଳକ ହଠାତ୍ ବ୍ରେକ୍ ମାରିବାରୁ ସ୍କୁଟି ପଛରେ ବସିଥିବା ମହିଳା ଜଣଙ୍କ ଭାରସାମ୍ୟ ହରାଇ ତଳେ ପଡି ଯାଇଥିଲେ। ତାଙ୍କର ଗୋଡ ଓ ମୁହଁରେ ଶକ୍ତ ଆଘାତ ଲାଗିବାରୁ ଚିକିତ୍ସା ପାଇଁ ତାଙ୍କୁ ଏକ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ ତୁରନ୍ତ ହମ୍ପରେ ଧଳାରଙ୍ଗର ପ୍ରଲେପ ଦେବା ପାଇଁ ଦାବି ହେଉଛି। ଗତ ୧ ମାସ ମଧ୍ୟରେ ଉକ୍ତ ସ୍ଥାନରେ ପ୍ରାୟ ୭ ଥର ଦୁର୍ଘଟଣା ଘଟିଥିବା ସ୍ଥାନୀୟ ପୋଲିସ ପକ୍ଷରୁ ଜଣାପଡିଛି।

## ଏସ୍‌ସିବି ମେଡିକାଲରେ ଇସିଜି ବ୍ୟବସ୍ଥା ପାଇଁ ବିଜ୍ଞପ୍ତି ଜାରି

କଟକ,୧୨।୫(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଇସିଜି ସେବା ପାଇଁ ଦେଖାଦେଇଥିବା ଅବ୍ୟବସ୍ଥାକୁ କର୍ତ୍ତୃପକ୍ଷ ସରଳୀକରଣ କରିବାକୁ ପ୍ରୟାସ କରିଛନ୍ତି। ଇସିଜି ମେଶିନ ଚାଳନା ପାଇଁ ୧୩ ଜଣ କର୍ମଚାରୀଙ୍କୁ ଅସ୍ଥାୟୀ ଭାବରେ ନିଯୁକ୍ତି ଦିଆଯାଇଛି। କର୍ମଚାରୀଙ୍କ କାର୍ଯ୍ୟ କରିବା ସମୟ ଓ ସ୍ଥାନ ସ୍ଥିର କରାଯାଇଛି। ୩ଟି ସିଫ୍ଟରେ କର୍ମଚାରୀଙ୍କୁ ଦାୟିତ୍ୱ ବଣ୍ଟା ଯାଇଥିବା ନେଇ ରବିବାର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ପକ୍ଷରୁ କାର୍ଯ୍ୟସୂଚୀ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ପୂର୍ବରୁ ମେଡିକାଲରେ ଇସିଜି ସେବା ନେଇ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଆବଶ୍ୟକ କର୍ମଚାରୀ ଅଭାବରୁ ବହୁ ରୋଗୀଙ୍କର ଠିକ୍ ସମୟରେ ଇସିଜି ହୋଇପାରୁ ନ ଥିଲା। ଫଳରେ ବହୁ ରୋଗୀ ସେବା ପାଇବାରୁ ବଞ୍ଚିତ ହେଉଥିଲେ। ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଏହାର ସମାଧାନ ପାଇଁ ମେଡିକାଲ କର୍ତ୍ତୃପକ୍ଷ ପଦକ୍ଷେପ ନେଇଛନ୍ତି। ଏଣିକି ୨୪ ଘଣ୍ଟା ଇସିଜି ସେବା ଉପଲବ୍ଧ କରାଯିବ। ଏନେଇ ସ୍ୱତନ୍ତ୍ର କର୍ମଚାରୀ ନିଯୁକ୍ତ କରାଯାଇଛି। ସକାଳ ୬ରୁ ଅପରାହ୍ନ ୨ଟା, ଅପରାହ୍ନ ୨ଟାରୁ ରାତି ୧୦ଟା ଓ ରାତି ୧୦ଟାରୁ ସକାଳ ୬ଟା ମଧ୍ୟରେ ୧୦ ଜଣ କର୍ମଚାରୀ କାର୍ଯ୍ୟ କରିବେ। ଆଉ ୩ ଜଣଙ୍କୁ ରିଜର୍ଭ ରଖାଯାଇଛି।

## 'ରୋଗୀ ସେବାରେ ନର୍ସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

କଟକ,୧୨।୫(କାର୍ତ୍ତିକ ସାହୁ)

ନର୍ସମାନଙ୍କ ସେବା ହିଁ ରୋଗୀର ଚିକିତ୍ସା ଓ ଆରୋଗ୍ୟ ହେବାର ପ୍ରଣାଳୀକୁ ସହଜ ତଥା ତ୍ୱରାନ୍ୱିତ କରିଥାଏ। ଚିକିତ୍ସା ସମୟରେ କେବଳ ଶାରୀରିକ ନୁହେଁ, ମାନସିକ ଶକ୍ତି ଦ୍ୱାରା ମଧ୍ୟ ସେବିକା ରୋଗୀଙ୍କ ମନୋବଳକୁ ଦୃଢ଼ କରନ୍ତି। ରୋଗୀ ସେବାରେ ନର୍ସଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କଟକସ୍ଥିତ ସଦ୍‌ଗୁରୁ ହସ୍ପିଟାଲ ଓ ନର୍ସିଂ କଲେଜରେ ଆନ୍ତର୍ଜାତିକ ସେବିକା ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଫେସର ଡାକ୍ତର ଫୁଲଣା କୁମାରୀ ଦେଈ କହିଛନ୍ତି। ଏହି ଅବସରରେ ଆଠଗଡ଼ ଏସ୍.ଡିଏଚ୍‌ର ନର୍ସ ଇନ୍‌ଚାର୍ଜ ମେହେରୁ ନିଶାଙ୍କୁ ୨୦୨୪



ସଦ୍‌ଗୁରୁ ହସ୍ପିଟାଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଫ୍ଲୋରେନ୍ସ ନାଇଟଙ୍ଗେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ହସ୍ପିଟାଲର ମୁଖ୍ୟ ପରିଚାଳକ ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ମହାନ୍ତି କହିଛନ୍ତି, ସେବିକାମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରିବା ନିମନ୍ତେ ସଦ୍‌ଗୁରୁ ଶିକ୍ଷାନୁଷ୍ଠାନ ସଦ୍‌ଗୁରୁ କଲେଜ ଅଫ୍ ନର୍ସିଂ ଆଣ୍ଡ୍ ଆଲାଏଡ୍ ହେଲ୍‌ଥସାଇନ୍ସ ପ୍ରତିଷ୍ଠାନ କରିଛନ୍ତି। ଏଠାରେ ଆଧୁନିକ ଜ୍ଞାନକୌଶଳ ସାହାଯ୍ୟରେ ତାଲିମ ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଡାକ୍ତର ଓ କର୍ମଚାରୀଙ୍କ ସମେତ କାର୍ଯ୍ୟରତ ସେବିକାମାନେ ଉପସ୍ଥିତ ଥିଲେ।




୧୨।୦୫।୨୦୨୪

| | |
|---|---|
| ୬,୪୬, ୯୪୯ ଟଙ୍କା | |
| ସୁନା | ୦୨.୧୦୦ ଗ୍ରାମ୍ |
| ରୁପା | ୫୨.୨୦୦ ଗ୍ରାମ୍ |

# ଟ୍ରକ୍ ଚଢ଼ିଗଲା, କଲେଜ ଅଧ୍ୟକ୍ଷ ମୃତ

ନିଆଳି, ୧୨।୫
(ସୁକାନ୍ତ କୁମାର ସିଂହ)

କଟକ ଜିଲା ନିଆଳି ବଜାରରେ ରବିବାର ପୂର୍ବାହ୍ନରେ ଦୁର୍ଘଟଣାରେ ଜଣେ କଲେଜ ଅଧ୍ୟକ୍ଷଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଣ୍ଟାପଡା ବ୍ଲକ ଅଧୀନ ଧାନମଣ୍ଡଳ ଗ୍ରାମର କୃଷ୍ଣଚନ୍ଦ୍ର ପାଢୀ(୫୩)। ଅସ୍ତରଙ୍ଗ ଥାନା ଅଞ୍ଚଳରେ ଥିବା ନିଗମାନନ୍ଦ ସଂସ୍କୃତ କଲେଜର ସେ ଅଧ୍ୟକ୍ଷ ଥିଲେ। ମିଳିଥିବା ସୂଚନା ଅନୁଯାୟୀ, ରବିବାର ନିଆଳି ହାଟ ଥିବାରୁ ବ୍ୟବସାୟୀମାନେ ରାସ୍ତାପାର୍ଶ୍ୱରେ ବସି ବ୍ୟବସାୟ କରୁଥିଲେ। ଏପରି କି ରାସ୍ତାପାର୍ଶ୍ୱରେ ସାଇକେଲ ଓ ବାଇକ୍ ରଖାଯାଇଥିବାରୁ ରାସ୍ତା ସଙ୍କୁଚିତ ହୋଇଥିଲା। ପୂର୍ବାହ୍ନ ପ୍ରାୟ ୯ଟାରେ କଟକ ପଟୁ ଏକ ମାଲବୋଝେଇ ଟ୍ରକ୍ କାକଟପୁର ଅଭିମୁଖେ ଯାଉଥିଲା। ଏହି ସମୟରେ କୃଷ୍ଣଚନ୍ଦ୍ର ବାଇକ୍‌ରେ ଯାଉଥିବାବେଳେ ଟ୍ରକ ଡାଲାରେ ତାଙ୍କ ଗାଡି ବାଜିଯିବାରୁ ଭାରସାମ୍ୟ ହରାଇ ସେ ତଳେ ପଡିଯାଇଥିଲେ। ଫଳରେ ତାଙ୍କ ଜଙ୍ଘ ଉପରେ ଟ୍ରକ୍ ଚକ ଚଢିଯିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ତୁରନ୍ତ ଏନେଇ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। ହେଲେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଲୋକମାନେ ଏକ ଟ୍ରଲିରେ କୃଷ୍ଣଚନ୍ଦ୍ରଙ୍କୁ ନିଆଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇବାରେ ବିଫଳ ହେବା ସହ ରକ୍ତସ୍ରାବକୁ ବନ୍ଦ କରିପାରି ନ ଥିଲେ। ବିଳମ୍ବରେ ଆମ୍ବୁଲାନ୍ସ ମେଡିକାଲରେ ପହଞ୍ଚିଥିଲା। ତୁରନ୍ତ ତାଙ୍କୁ ଉକ୍ତ ଆମ୍ବୁଲାନ୍ସରେ କଟକ ବଡ ଡାକ୍ତରଖାନା ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ଅପରପକ୍ଷରେ ନିଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ଯଦି ଠିକ୍ ଭାବେ ଚିକିତ୍ସା କରାଯାଇଥାନ୍ତା ତା'ହେଲେ କୃଷ୍ଣଚନ୍ଦ୍ର ବଞ୍ଚିଯାଇଥାଆନ୍ତେ ବୋଲି ସ୍ଥାନୀୟ ଲୋକ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନିଆଳି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଏସ୍. ନବୀନ କହିଛନ୍ତି, ମେଡିକାଲରେ ଆବଶ୍ୟକ ଯନ୍ତ୍ରପାତି ନାହିଁ। ତେଣୁ ତାଙ୍କର ପ୍ରାଥମିକ ଚିକିତ୍ସା କରି ଆମ୍ବୁଲାନ୍ସରେ କଟକ ବଡ ମେଡିକାଲ ପଠାଇ ଦେଇଥିଲୁ। ଅପରପକ୍ଷରେ ନିଆଳି ରାସ୍ତାପାର୍ଶ୍ୱରେ ବେଆଇନ ଭାବେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ହଟାଇବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଟ୍ରଲିରେ ମେଡିକାଲ ନେଲେ ସ୍ଥାନୀୟ ଲୋକେ



## ମୋ ବସ୍‌ରୁ ଚୋରି: ପଶ୍ଚିମବଙ୍ଗର ଆଉ ୨ ମହିଳା ଗିରଫ

ଭୁବନେଶ୍ୱର,୧୨।୫
(ସୂର୍ଯ୍ୟକାନ୍ତ ବେହେରା)

ମୋ ବସ୍‌ରେ ଗହଳି ଭିତରେ ଲୁଟ୍ ଓ ଚୋରି କରୁଥିବା ମହିଳା ଗ୍ୟାଙ୍ଗର ଆଉ ୨ ସଦସ୍ୟାଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ପଟିଆ ବସ୍ ଡିପୋରୁ କାବୁ କରିଛି। ଗିରଫ ପରେ ରବିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଅଭିଯୁକ୍ତା ମହିଳାଦ୍ୱୟ ହେଲେ ପଶ୍ଚିମବଙ୍ଗର ରାଣୀ ସିଂ(୨୦) ଓ ଲକ୍ଷ୍ମୀ ସିଂ (୨୨)। ଏହି ମାମଲାରେ ଶନିବାର ମୁଖ୍ୟ ଅଭିଯୁକ୍ତା ଲାଜବତୀ ସିଂକୁ ଗିରଫ କରିଥିଲା। ତେବେ ଗିରଫ ରାଣୀ ଓ ଲକ୍ଷ୍ମୀ କଟକ ଲିଙ୍କ୍ ରୋଡ୍ ଏବଂ ଓଏମ୍‌ପି ଛକରେ ରହିବା ସହ ସେଠାରୁ ମୋ ବସ୍‌ରେ ଚଢ଼ି ଭୁବନେରକୁ ଯିବାଆସିବା ସହ ବାଟରେ ସୁଯୋଗ ଦେଖି ମୋବାଇଲ ଓ ଅନ୍ୟାନ୍ୟ ଜିନିଷ ଚୋରି କରନ୍ତି। ରାତିରେ ପୁଣି କଟକ ଫେରି ଯାଇଥାନ୍ତି ବୋଲି ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି।




ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ୨ହଜାର ବଲ୍ ବ୍ୟବହାର କରି ବାଲୁକା କଳାରେ ଭୋଟର ସଚେତନତା ବାର୍ତ୍ତା ଦେଉଛନ୍ତି।

## ବିଭୂତି ପଟ୍ଟନାୟକ ପାଇବେ 'ପରୀକ୍ଷିତ ଜେନା ବାଣୀଚିତ୍ର ସ୍ମୃତି ସମ୍ମାନ'

ଭୁବନେଶ୍ୱର,୧୨।୫(ଶର୍ମିଷ୍ଠା ପାଣିଗ୍ରାହୀ)

କଳା, ସାହିତ୍ୟ, ସଂସ୍କୃତି ଓ ଚଳଚ୍ଚିତ୍ର ନାଟକର ମୁଖପତ୍ର 'ବାଣୀଚିତ୍ର'ର ୫୬ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିରେ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ଏହି ଅବସରରେ ବିଭିନ୍ନ ବିଭାଗରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷ ଓ ୨୦୨୩ ମସିହାରେ ମୁକ୍ତିଲାଭ କରିଥିବା ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକର ଶ୍ରେଷ୍ଠ କଳାକାର, ପ୍ରଯୋଜକ, ନିର୍ଦ୍ଦେଶକ ପ୍ରମୁଖଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଏହି ଉତ୍ସବରେ ସାହିତ୍ୟ ଓ ଚଳଚ୍ଚିତ୍ରରେ ଜୀବନବ୍ୟାପୀ ଅବଦାନ ପାଇଁ ବିଶିଷ୍ଟ ଔପନ୍ୟାସିକ ଡ. ବିଭୂତି ପଟ୍ଟନାୟକଙ୍କୁ ପରୀକ୍ଷିତ ଜେନାଙ୍କୁ 'ବାଣୀଚିତ୍ର ସ୍ମୃତି ସମ୍ମାନ-୨୦୨୪' ପ୍ରଦାନ କରାଯିବ। ଏଥିସହ ସମାଜର ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ସମ୍ମାନିତ କରାଯିବ ବୋଲି ସମ୍ପାଦକ ଭାସ୍କର ଜେନା ଜଣାଇଛନ୍ତି।

## ଆତ୍ମଜୀବନୀ ପୁସ୍ତକ 'ଅଧାରେ ରାଧା' ଉନ୍ମୋଚିତ

ଭୁବନେଶ୍ୱର,୧୨।୫
(ଶର୍ମିଷ୍ଠା ପାଣିଗ୍ରାହୀ)

ଔପନ୍ୟାସିକ ରାଧାମୋହନ ମହାପାତ୍ରଙ୍କ ଆତ୍ମଜୀବନୀ ପୁସ୍ତକ 'ଅଧାରେ ରାଧା' ଗୋଦାବରୀଶ ସାହିତ୍ୟ ସଂସଦ ପ୍ରେକ୍ଷାଳୟରେ ରବିବାର ଉନ୍ମୋଚିତ ହୋଇଯାଇଛି। ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ପୁସ୍ତକକୁ ଉନ୍ମୋଚିତ କରି କହିଲେ, ଆତ୍ମଜୀବନୀ ହେଉଛି ଏକ ସାହିତ୍ୟ କୀର୍ତ୍ତି ଓ କୃତି, ଯେଉଁଥିରେ ନିହିତ ଥାଏ ଲେଖକର ଜୀବନ ଜିଜ୍ଞାସା, ଆଭିମୁଖ୍ୟ ଓ ଜୀବନ ଦର୍ଶନ। ରାଧାମୋହନଙ୍କ ଆତ୍ମଜୀବନୀରେ ଭରି ରହିଛି ଅନେକ ରୋମାଞ୍ଚପୂର୍ଣ୍ଣ ଝଲକ। ମୁଖ୍ୟବକ୍ତା ଅଧାପକ ବିଶ୍ୱରଞ୍ଜନ କହିଲେ, ରାଧାମୋହନ ଆତ୍ମଜୀବନୀ ପଶୁପ୍ରେମର ଏକ ଦରଦୀ ବସ୍ତାବିଜ କହିଲେ ଅତ୍ୟୁକ୍ତି ହେବନାହିଁ। କାର୍ଯ୍ୟକ୍ରମରେ ସଂସଦର ସମ୍ପାଦକ ରାମଚନ୍ଦ୍ର ମେକାପ, ସାହିତ୍ୟ ଲାବଣ୍ୟଶବର, କବି ନାଟ୍ୟକାର ଉପେନ୍ଦ୍ର ନାୟକ, ଡ. ହରିହର ଦାସ, ଡ. ଧରଣୀଧର ରାଉତ, ଗାଳ୍ପିକ କାଳନ୍ଦୀଚରଣ ଭଞ୍ଜ, କଥାକାର କୃପାସାଗର ସାହୁ, ପ୍ରକାଶକ ପ୍ରତିଭା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଲାବଣ୍ୟ ଶବର ଧନ୍ୟବାଦ ଅର୍ପଣ କରିଥିଲେ।

# ୫ ତୁମ୍ବର ଗୋଲେଇ ସହ ମଠା କାର୍ଯ୍ୟ ଶେଷ

ମହାପ୍ରଭୁଙ୍କ ରଥ ନିର୍ମାଣର ଦ୍ୱିତୀୟ ଦିନ

ପୁରୀ,୧୨।୫(ଅଜିତ୍ କୁମାର ମହାନ୍ତି)

ପବିତ୍ର ଅକ୍ଷୟତୃତୀୟାଠାରୁ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ପରମ୍ପରା ଅନୁଯାୟୀ, ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଥିଲା। ରଥକାର୍ଯ୍ୟ ଅନୁକୂଳ ପରେ ଶ୍ରୀନହର ସମ୍ମୁଖସ୍ଥ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ରଥ ନିର୍ମାଣର ପ୍ରଥମ ପର୍ଯ୍ୟାୟରେ ତିନିରଥର ତୁମ୍ବ ନିର୍ମାଣ କାର୍ଯ୍ୟ ଜାରି ରହିଛି। ରବିବାର ସନ୍ଧ୍ୟା ସୁଦ୍ଧା ତିନିରଥର ୫ଟି ତୁମ୍ବର ଗୋଲେଇ କାର୍ଯ୍ୟ ସହ ମଠା କାର୍ଯ୍ୟ ଶେଷ ହୋଇଛି। ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ସମୟ ଅନୁଯାୟୀ ରଥ ନିର୍ମାଣରେ ନିୟୋଜିତ ଥିବା ସେବକ ଓ କାରିଗରମାନେ ଆସି ରଥଖଳାରେ ପହଞ୍ଚିଥିଲେ। ଶନିବାର ପ୍ରଥମ ଦିନରେ କରତି ସେବକମାନେ ତିନିଚାଳିକୁ ଗୋଟିଏ ଗୋଟିଏ ତୁମ୍ବ କାଠ ଗଡ଼ କରି ଯୋଗାଇଥିବାବେଳେ ରବିବାର ଦ୍ୱିତୀୟ ଦିନରେ ସେମାନେ ଆଉ ଦୁଇଟି ଲେଖାଏ ତୁମ୍ବ ଗଡ଼ କରି ତିନି ରଥଚାଳିକୁ ଭୋଇସେବକଙ୍କ ଦ୍ୱାରା ଯୋଗାଇଛନ୍ତି। ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥର ମହାରଣା ସେବକମାନେ ଦୁଇଟି ତୁମ୍ବର ଗୋଲେଇ କାର୍ଯ୍ୟ ପରେ ମଠା କାର୍ଯ୍ୟ ସମ୍ପୂର୍ଣ୍ଣ କରି ତୃତୀୟ ତୁମ୍ବର ଗୋଲେଇ କାର୍ଯ୍ୟ ଜାରି ରଖିଛନ୍ତି। ସେହିପରି ମା' ସୁଭଦ୍ରାଙ୍କ ଦେବୀ ରଥର ମହାରଣା ସେବକମାନେ ଗୋଟିଏ ତୁମ୍ବର ଗୋଲେଇ କାର୍ଯ୍ୟ ସହ ମଠା କାର୍ଯ୍ୟ ଶେଷ କରି ଆଉ ଦୁଇଟି ତୁମ୍ବର ଗୋଲେଇ କାର୍ଯ୍ୟ ଜାରି ରଖିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ମହାରଣା ସେବକମାନେ ଦୁଇଟି ତୁମ୍ବର ଗୋଲେଇ କାର୍ଯ୍ୟ ପରେ ମଠା କାର୍ଯ୍ୟ ଶେଷ କରି ଆଉ ଦୁଇଟି ତୁମ୍ବର ଗୋଲେଇ କାର୍ଯ୍ୟ ଜାରି ରଖିଛନ୍ତି। ତିନି ରଥ ପାଇଁ ସମୁଦାୟ ୪୨ଟି ତୁମ୍ବ ନିର୍ମାଣ ହୋଇଥାଏ। ଅପରପକ୍ଷରେ ତିନିରଥର ଓଝା ବା କମାର ସେବକମାନେ ଦୋଳବେଦିଠାରେ ପ୍ରସ୍ତୁତ କରିଥିବା ଅସ୍ଥାୟୀ କମାରଶାଳକୁ ବିଧି ଅନୁଯାୟୀ ପୂଜା କରି ଶାଳରେ ଅଗ୍ନି ସଂଯୋଗ ପୂର୍ବକ ଜି.ଆଇ ଲୁହାରଡ୍ କଟିଙ୍ଗ କରି ଅରକଣ୍ଟା ପ୍ରସ୍ତୁତି ଆରମ୍ଭ କରିଛନ୍ତି। ରଥ ନିର୍ମାଣର ଦ୍ୱିତୀୟ ଦିନରେ ୬ଜଣ କମାର ସେବକ ନିୟୋଜିତ ଥିବାବେଳେ ତିନି ରଥରେ ୨୨ ମହାରଣା ସେବକ, ୧୨ ଭୋଇ ସେବକ, ୪ କରତି ସେବକଙ୍କ ସମେତ ଜଣେ ରଥଖଳା ସହାୟକ ନିୟୋଜିତ ଥିଲେ। ରଥ ନିର୍ମାଣର ଦ୍ୱିତୀୟ ଦିନରେ ମୋଟ ୪୫ ସେବକ ଓ କାରିଗର ନିୟୋଜିତ ଥିଲେ।



ମହାରଣା ଶିଳ୍ପୀମାନେ ରଥର ତୁମ୍ବ ନିର୍ମାଣ ପାଇଁ ତୁମ୍ବକାଠରେ ମାପ ନିର୍ଦ୍ଧାରଣ କରୁଛନ୍ତି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରୁଦ୍ର



@ ବିଶ୍ୱଜିତ୍



@ ମୋଜାଫର୍



@ ସିଦ୍ଧେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଚିଲିକାରେ ଇରାୱାଡି ଡଲ୍‌ଫିନ ମୃତ

ବାଲୁଗାଁ,୧୨।୫(ସଂଗ୍ରାମ ପାଇକରାୟ)

ବାଲୁଗାଁ ଚିଲିକା କୂଳଠାରୁ ଅନତିଦୂର ତଥା ଗୋପବନ୍ଧୁ କଲୋନୀ ପାର୍ଶ୍ୱ ଚିଲିକାରୁ ରବିବାର ସକାଳେ ଇରାୱାଡି ପ୍ରଜାତିର ଏକ ଡଲ୍‌ଫିନର ମୃତଦେହ ଉଦ୍ଧାର ହୋଇଛି। ଏହାର ଲମ୍ବ ୫ ଫୁଟ ଏବଂ ଓଜନ ୫୦ କେଜିରୁ ଉର୍ଦ୍ଧ୍ୱ ବୋଲି ଆକଳନ କରାଯାଇଛି। ତେବେ ଡଲ୍‌ଫିନ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଡଲ୍‌ଫିନ ଶରୀରରେ କୌଣସି କ୍ଷତଚିହ୍ନ ନ ଥିବା ବେଳେ ପାଟିରୁ ରକ୍ତ ବାହାରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଶନିବାର ବିଳମ୍ବିତ ରାତିରେ କାଳବୈଶାଖୀ ପ୍ରଭାବରେ ଚିଲିକା ଅଞ୍ଚଳରେ ଝଡ଼ତୋଫାନ ହେବାସହ ବଜ୍ରପାତ ହୋଇଥିଲା। ତେବେ ଏହି ବଜ୍ରପାତରେ ଡଲ୍‌ଫିନର ମୃତ୍ୟୁ ହୋଇଥିବା ସାଧାରଣରେ ଆଲୋଚନା ହେଉଛି। ଚିଲିକା ବନ୍ୟପ୍ରାଣୀ ବିଭାଗୀୟ କର୍ମଚାରୀ ପହଞ୍ଚି ମୃତ ଡଲ୍‌ଫିନକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବନ୍ୟପ୍ରାଣୀ ବିଭାଗୀୟ ଡିଏଫ୍‌ଓ ଅମ୍ଲାନ୍ କୁମାର ନାୟକ ସୂଚନା ଦେଇଛନ୍ତି।





କଟକସ୍ଥିତ ଅଶ୍ୱିନୀ କଲେଜ ଅଫ୍ ନର୍ସିଂ ପକ୍ଷରୁ ଏଏନ୍‌ସି ମଲ୍ଟିପର୍ପୋଜ ହଲ୍‌ରେ ନର୍ସିଂ ଛାତ୍ରୀମାନେ ଶପଥ ଗ୍ରହଣ କରୁଛନ୍ତି।

## ଅଶ୍ୱିନୀରେ ଅନ୍ତର୍ଜାତୀୟ ସେବିକା ଦିବସ

କଟକ,୧୨।୫ (କାର୍ତ୍ତିକ ସାହୁ)

କଟକସ୍ଥିତ ଅଶ୍ୱିନୀ କଲେଜ ଅଫ୍ ନର୍ସିଂ ପକ୍ଷରୁ ଅନ୍ତର୍ଜାତୀୟ ନର୍ସିଂ ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ନର୍ସିଂ ବିଦ୍ୟାର୍ଥୀମାନେ ସେମାନଙ୍କର ବୃତ୍ତିଗତ ଯାତ୍ରା ଆରମ୍ଭ କରିବାକୁ ପ୍ରସ୍ତୁତ ହୋଇଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ଅଶ୍ୱିନୀ ଗ୍ରୁପ ଅଫ୍ ହସ୍ପିଟାଲ ଏବଂ ଅନୁଷ୍ଠାନର ସହ-ପ୍ରତିଷ୍ଠାତା ଡ. ମାୟା ଗନ୍ତାୟତ, ସମ୍ମାନିତ ଅତିଥି ଭାବେ ଅଶ୍ୱିନୀ ହସ୍ପିଟାଲର କନ୍‌ସଲ୍‌ଟାଣ୍ଟ ନ୍ୟୁରୋସର୍ଜନ ଡ. ବେଣୁଧର ଲେଙ୍କା ଯୋଗଦେଇଥିଲେ। ଇଂ. ଜୟଜିତ୍ ଦାଶ ଉଚ୍ଚମାନର ରୋଗୀସେବା ଯୋଗାଇବାରେ ସେବିକାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. ରୀତାଞ୍ଜଳି ସାହୁଙ୍କ ଦ୍ୱାରା ଥିମ ଉନ୍ମୋଚିତ ହୋଇଥିଲା। ସେବିକାମାନେ ବୃତ୍ତିଗତ ମାନ୍ୟତା ରକ୍ଷା କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ସେମାନେ ଆଲୋକଶିଖା ପ୍ରଜ୍ୱଳିତ କରି ଶପଥ ନେଇଥିଲେ। ଅଶ୍ୱିନୀ ଗ୍ରୁପ୍‌ର ଅର୍ଥ ନିର୍ଦ୍ଦେଶକ ଇଂ. ସୁମା ଦେବୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଲୁପ୍ତି ପଥେ କାଳବୈଶାଖୀ



ନିକୁଞ୍ଜ ବିହାରୀ ସାହୁ

''କାଳବୈଶାଖୀ ଏକ ସ୍ଥାନୀୟ ବାୟୁପ୍ରବାହ ଏବଂ ଏକ ଝଡ଼, ଯାହା ସାଧାରଣତଃ ଖରାଦିନେ କିଛି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଯଥା ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ତ୍ରିପୁରା, ଆସାମ ଓ ପଶ୍ଚିମବଙ୍ଗ ଆଦି ରାଜ୍ୟରେ ପ୍ରବାହିତ ହୋଇଥାଏ। ଏହା ଆମ ଓଡ଼ିଶାରେ ସାଧାରଣତଃ ବୈଶାଖ ମାସରେ ପ୍ରବାହିତ ହେଉଥିବାରୁ ଏହାକୁ 'କାଳବୈଶାଖୀ' ବୋଲି କୁହାଯାଏ। ଏହିସବୁ ଅଞ୍ଚଳ ଏପ୍ରିଲରୁ ଆରମ୍ଭ କରି ଜୁନ୍ ମାସର ପ୍ରାରମ୍ଭ ପର୍ଯ୍ୟନ୍ତ କାଳବୈଶାଖୀର କରାଳ ପରିଧି ମଧ୍ୟରେ ଥାଏ। ଏହା ବିହାର ଓ ଝାଡ଼ଖଣ୍ଡ ରାଜ୍ୟ ମଧ୍ୟରେ ଥିବା ଛୋଟନାଗପୁର ମାଳଭୂମି ଅଞ୍ଚଳରୁ ଉତ୍ପତ୍ତି ହୋଇଥାଏ, ଯାହା ସମୟକ୍ରମେ ଶକ୍ତିଶାଳୀ ହୋଇ ଉତ୍ତରପୂର୍ବ ଦିଗରେ ଗତିକରି ଓଡ଼ିଶା, ପଶ୍ଚିମବଙ୍ଗ ଓ ଆସାମ ଆଡ଼କୁ ଅଗ୍ରସର ହୋଇଥାଏ।''

ଖରାଦିନର ଏକ ଉତ୍ତପ୍ତ ଅପରାହ୍ନ। ଧୁ ଧୁ ମୁଣ୍ଡଫଟା ଖରା, ପ୍ରବଳ ଗରମ, ଗୁଳୁଗୁଳି ଓ ଝାଞ୍ଜି ପବନରେ ଅତିଷ୍ଠ ସାଧାରଣ ଜନଜୀବନ। ପିଲାମାନେ ଯାଇଥାନ୍ତି ଆମ୍ବତୋଟାକୁ ଆମ୍ବ ଖାଇବାକୁ। ହଠାତ୍ ପବନ ସୁ ସୁ ବହିବାକୁ ଆରମ୍ଭ କରେ। ଚାରିଆଡ଼ ଧୂଳି ଉଡ଼ାଇ ମାଡ଼ିଆସେ ଧୂମାଳ ଓ ପ୍ରଚଣ୍ଡ କଳାହାଣ୍ଡିଆ ମେଘ। ଚାହୁଁ ଚାହୁଁ ପାଗ ସମ୍ପୂର୍ଣ୍ଣ ବଦଳିଯାଏ। ପ୍ରଚଣ୍ଡ ଘଡ଼ଘଡ଼ି ଓ ବିଜୁଳି ସହିତ ପ୍ରବଳ ବର୍ଷା ବର୍ଷିବାକୁ ଲାଗେ। କୁଆପଥର ବି ପଡ଼ିଥାଏ। ପିଲାମାନେ ଭୟରେ ଆମ୍ବତୋଟାରୁ ଘରକୁ ଦୌଡ଼ିବାକୁ ଲାଗନ୍ତି। ଗଛ ଡାଳସବୁ ମଡ଼ମଡ଼ ହୋଇ ଭାଙ୍ଗି ପଡ଼େ। କିଛି ସମୟ ପରେ ବର୍ଷା ସମ୍ପୂର୍ଣ୍ଣ ଛାଡ଼ିଯାଏ, ପବନ ବି ଥମିଯାଏ ଓ ପାଗ ପୁଣି ସାଧାରଣ ଅବସ୍ଥାକୁ ଫେରିଆସେ। ଏହା ହିଁ ଆମ ଗାଁ ଗହଳିରେ ଅଦିନିଆ ଝଡ଼, ଯାହା ସାଧାରଣତଃ 'କାଳବୈଶାଖୀ' ନାମରେ ପରିଚିତ। ପବନ ଛାଡ଼ିଯିବା ପରେ ଲୋକମାନେ ଆମ୍ବତୋଟାକୁ ଯାଇ ଝଡ଼ିପଡ଼ିଥିବା ଆମ୍ବ ତୋଳିବାର ଦୃଶ୍ୟର ସ୍ମୃତି ଏବେ ବି ଆମ ଗାଁ ଗହଳିରେ ଉଜ୍ଜୀବିତ।

**କାଳବୈଶାଖୀର କାୟା :** କାଳବୈଶାଖୀ ଏକ ସ୍ଥାନୀୟ ବାୟୁପ୍ରବାହ ଏବଂ ଏକ ଝଡ଼, ଯାହା ସାଧାରଣତଃ ଖରାଦିନେ କିଛି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଯଥା ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ତ୍ରିପୁରା, ଆସାମ ଓ ପଶ୍ଚିମବଙ୍ଗ ଆଦି ରାଜ୍ୟରେ ପ୍ରବାହିତ ହୋଇଥାଏ। ଏହା ଆମ ଓଡ଼ିଶାରେ ସାଧାରଣତଃ ବୈଶାଖ ମାସରେ ପ୍ରବାହିତ ହେଉଥିବାରୁ ଏହାକୁ 'କାଳବୈଶାଖୀ' ବୋଲି କୁହାଯାଏ। ଏହିସବୁ ଅଞ୍ଚଳ ଏପ୍ରିଲ ମାସରୁ ଆରମ୍ଭ କରି ଜୁନ୍ ମାସର ପ୍ରାରମ୍ଭ ପର୍ଯ୍ୟନ୍ତ କାଳବୈଶାଖୀର କରାଳ ପରିଧି ମଧ୍ୟରେ ଥାଏ। ଏହା ବିହାର ଓ ଝାଡ଼ଖଣ୍ଡ ରାଜ୍ୟ ମଧ୍ୟରେ ଥିବା ଛୋଟନାଗପୁର ମାଳଭୂମି ଅଞ୍ଚଳରୁ ଉତ୍ପତ୍ତି ହୋଇଥାଏ, ଯାହା ସମୟକ୍ରମେ ଶକ୍ତିଶାଳୀ ହୋଇ ଉତ୍ତରପୂର୍ବ ଦିଗରେ ଗତି କରି ଓଡ଼ିଶା, ପଶ୍ଚିମବଙ୍ଗ ଓ ଆସାମ ଦିଗରେ ଅଗ୍ରସର ହୋଇଥାଏ। ଝଡ଼ରେ ପବନର ବେଗ ସାଧାରଣତଃ ୫୦ ରୁ ୬୦ କି.ମି. ହୋଇଥିଲାବେଳେ ବେଳେବେଳେ ଏହା ବୃଦ୍ଧି ପାଇ ଘଣ୍ଟା ପ୍ରତି ୧୦୦ କି.ମି. ପର୍ଯ୍ୟନ୍ତ ଦୂରନ୍ତ ବେଗରେ ପ୍ରବାହିତ ହୋଇଥାଏ। ପ୍ରବଳ ବୃଷ୍ଟିପାତ ସହିତ କୁଆପଥର ବି ପଡ଼ିଥାଏ। ଏହା ମଧ୍ୟ ମାତ୍ର ଝଡ଼ର ଏପରି ପ୍ରଳୟଙ୍କରୀ ରୂପ ସତ୍ତ୍ୱେ ଏହା ପାଗ ଥଣ୍ଡା ରଖି ପରିବେଶର ତାପମାତ୍ରା ହ୍ରାସ କରିବାରେ ସହାୟକ ହୋଇଥାଏ, ଯାହାଦ୍ୱାରା ଖରାଦିନର ତାପମାତ୍ରା ନିୟନ୍ତ୍ରଣରେ ରହିଥାଏ। କାଳବୈଶାଖୀର ବୃଷ୍ଟିପାତ ଧାନ, ଝୋଟ ଭଳି ଖରିଫ ଫସଲ ନିମନ୍ତେ ବେଶ୍ ଲାଭକାରୀ ପ୍ରମାଣିତ ହୋଇଥାଏ। ଅବଶ୍ୟ କୁଆପଥର ମାଡ଼ରେ କିଛି



ବାଂଲାଦେଶରେ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି ଘଟାଇଥାଏ।

**କ୍ଷୟକ୍ଷତି ଓ ଉପକାର :** କାଳବୈଶାଖୀର ପ୍ରଭାବରେ ଧନଜୀବନର ଅନେକ କ୍ଷୟକ୍ଷତି ଘଟିଥାଏ। ପବନରେ ଗାଁ ଗହଳିର ପୁରୁଣା ଚାଳଘର ସବୁର ଛପର ଉଡ଼ିଯାଏ ତଥା ବାଡ଼ିବଗିଚାର ବୁଢ଼ା ଗଛ ସବୁ ଭାଙ୍ଗି ପଡ଼ନ୍ତି। ଏହି ସମୟର ଏକ ପ୍ରାକୃତିକ ବିପ୍ୱାତ ହେଉଛି ବଜ୍ରପାତ। କାଳବୈଶାଖୀର ଅନ୍ଧୁଡ଼ିଶାଳ କଳାହାଣ୍ଡିଆ ବାଦଲର ସ୍ୱଳ୍ପ ଉଚ୍ଚତା ହେତୁ ଏଥିରୁ ବଜ୍ରପାତ ସୃଷ୍ଟି ହୋଇ ଭୂପୃଷ୍ଠରେ ପଡ଼ି ଧନଜୀବନ ହାନି ଘଟାଇବା ଏକ ସାଧାରଣ ଘଟଣା। ସୁତରାଂ କାଳବୈଶାଖୀ ପ୍ରଭାବରେ ବଜ୍ରପାତ କିମ୍ବା ଗଛ, ଘର ଭାଙ୍ଗି ପଡ଼ିବା ହେତୁ ଜୀବନହାନି ଘଟିବାର ଆଶଙ୍କା ରହିଥାଏ।

ଫସଲ ହାନି ମଧ୍ୟ ଘଟିଥାଏ। ଏହା ମଧ୍ୟ ଶୁଖିଲା ମାଟିକୁ ଆର୍ଦ୍ର ରଖେ ଯାହା କୃଷିକାର୍ଯ୍ୟରେ ସହାୟକ ହୋଇଥାଏ। ଆହୁରି ମଧ୍ୟ, ବାୟୁରେ ଉଡୁଥିବା ଧୂଳିକଣାସବୁ ବର୍ଷାରେ ତଳେ ପଡ଼ିଯିବାରୁ ଆକାଶ ନିର୍ମଳ ଓ ସ୍ୱଚ୍ଛ ଦିଶିଥାଏ। ଝଡ଼ର ପବନରେ ବାୟୁରେ ଉଡୁଥିବା ଫସଲର ଅନିଷ୍ଟକାରୀ କୀଟପତଙ୍ଗ ସବୁ ମଧ୍ୟ ମରିଯାଇଥାନ୍ତି।

**କିପରି ସୃଷ୍ଟି ହୁଏ :** ଗ୍ରୀଷ୍ମଦିନର ପ୍ରଚଣ୍ଡ ତାପମାତ୍ରାରେ ଉତ୍ତର ଓ ମଧ୍ୟ ଭାରତର ବାୟୁ ଗରମ ହୋଇ କ୍ରମାଗତ ଉପରକୁ ଉଠୁଥାଏ। ବିଶେଷକରି, ପାହାଡ଼ିଆ ମାଳଭୂମି ଅଞ୍ଚଳ ଅତ୍ୟଧିକ ଉତ୍ତପ୍ତ ହୋଇଥିବାରୁ ସେଠାରେ ଏହି ପ୍ରଭାବ ତୀବ୍ରତର ହୋଇଥାଏ। ଫଳରେ ସେଠାକାର କିଛି କିଛି ସ୍ଥାନରେ ବାୟୁସ୍ତରରେ ଏକ ଲଘୁଚାପ ବଳୟ ସୃଷ୍ଟି ହୁଏ। ଏହି ଶୂନ୍ୟସ୍ଥାନ ପୂରଣ କରିବା ପାଇଁ ଚତୁର୍ଦ୍ଦିଗରୁ ପବନ ଲଘୁଚାପର କେନ୍ଦ୍ର ଆଡ଼କୁ ପ୍ରବାହିତ ହୁଏ, ଯାହା ଘୂରିଘୂରି ଏକ ଖଣ୍ଡିଆଭୂତର ଭଉଁରିର ରୂପ ନିଏ। ନିମ୍ନସ୍ତରର ଉଷ୍ମ ଆର୍ଦ୍ର ଜଳୀୟବାଷ୍ପ ଭରା ବାୟୁ ଏହି ଭଉଁରିରେ ଘୂରି ଘୂରି ଉପରକୁ ଉଠିବା ଦ୍ୱାରା ନିମ୍ନ ବାୟୁସ୍ତରରେ ଏକ ଊର୍ଦ୍ଧ୍ୱମୁଖୀ ସ୍ରୋତ କାର୍ଯ୍ୟକାରୀ ହୁଏ। ଏହା ସମୟକ୍ରମେ ଊର୍ଦ୍ଧ୍ୱ ବାୟୁମଣ୍ଡଳରେ ଥିବା ଶୀତଳ ଶୁଷ୍କ ବାୟୁସ୍ତର ସହିତ ମିଳିତ ହେବା ଦ୍ୱାରା ଉପରର ବାୟୁ ଦ୍ରୁତଗତିରେ ତଳ ଦିଗରେ ଅପସାରିତ ହୁଏ। ଏହି ଦୁଇ ବିପରୀତ ଊର୍ଦ୍ଧ୍ୱ ଓ ନିମ୍ନମୁଖୀ ବାୟୁସ୍ରୋତ ମିଶିଯାଇ ବାୟୁସ୍ତରରେ ଏକ ବିଶୃଙ୍ଖଳା ସୃଷ୍ଟି କରେ, ଯାହାଫଳରେ ବାୟୁସ୍ତର ମଧ୍ୟରେ ଏକ ପରିଚଳନ ସ୍ରୋତ କାର୍ଯ୍ୟକାରୀ ହୁଏ। ଏହି ପରିଚଳନ ସ୍ରୋତ ଜରିଆରେ ନିମ୍ନ ବାୟୁମଣ୍ଡଳର ଜଳୀୟବାଷ୍ପ ଭରା ବାୟୁ ଊର୍ଦ୍ଧ୍ୱକୁ ଦ୍ରୁତ ସ୍ଥାନାନ୍ତରିତ ହୁଏ ; ଏହା ପୁଣି ଶୀତଳ ହୁଏ ଏବଂ ଜମାଟ ବାନ୍ଧି କଳାହାଣ୍ଡିଆ ମେଘର ବାଦଲ ସୃଷ୍ଟି କରେ। ଏହା ସମୟକ୍ରମେ ଘଡ଼ଘଡ଼ି ଓ ବିଜୁଳି ସହିତ ବର୍ଷା ବର୍ଷିବାକୁ ଲାଗେ। ଏହିପରି ଭାବରେ ଏକ କାଳବୈଶାଖୀ ସୃଷ୍ଟି ହୁଏ। (କ୍ରମଶଃ...)

-ଏଜୁକେଶନ ଅଫିସର୍, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟ ପ୍ରଦେଶ
ମୋ : ୮୯୧୭୬୩୭୯୭୪

## ବୁଦ୍ଧିମତ୍ତା ବଢ଼ାଇବାର ସହଜ ଉପାୟ



ବୁଦ୍ଧିମତ୍ତା ବଢ଼ାଇବାର ଏକ ସହଜ ଉପାୟ ନିକଟରେ ୱାଶିଂଟନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଖୋଜିପାଇଛନ୍ତି। ଏ ବିଷୟରେ ସର୍ଭେ କରିବା ସମୟରେ ସେମାନେ ଏଭଳି କେତେଜଣ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ, ଯେଉଁମାନେ ଏଭଳି ଉପାୟକୁ ନିୟମିତ ଅନୁସରଣ କରି ନିଜ ବୁଦ୍ଧିମତ୍ତାକୁ କେତେକାଂଶରେ ବଢ଼ାଇବାରେ ସକ୍ଷମ ହୋଇଥିଲେ। ଏହି ବ୍ୟକ୍ତିମାନେ ନିୟମିତ କିଛି ସମୟ ଏକୁଟିଆ ବସୁଥିଲେ। ଶାନ୍ତ ପରିବେଶରେ ଏକୁଟିଆ ବସିଲେ ଜଣେ ବ୍ୟକ୍ତିଙ୍କର ବୁଦ୍ଧିମତ୍ତାର ବିକାଶ ଘଟିଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ତେବେ କୌଣସି ଏକ ଶାନ୍ତ ସ୍ଥାନରେ ଏକୁଟିଆ ବସୁଥିଲେ ଅଯଥା ବିଷୟରେ ଚିନ୍ତା ନ କରି ନିଜ ମାନସିକତାକୁ ଶାନ୍ତ ରଖନ୍ତୁ। ଏହାଫଳରେ ଜଣେ ବ୍ୟକ୍ତି ମନରେ ନୂଆ ନୂଆ ସକାରାତ୍ମକ ଜିନିଷ ସୃଷ୍ଟି ହୋଇଥାଏ ବୋଲି ଏହି ରିପୋର୍ଟରୁ ଜଣାପଡିଛି।

## ବଦଳାନ୍ତୁ ଏଭଳି ଅଭ୍ୟାସ



ଖାଦ୍ୟ ଖାଇସାରିବା ପରେ ଆମେ କେତେକ ଜିନିଷ ପ୍ରତି ନଜର ଦେବା ନିହାତି ଜରୁରୀ। ସବୁବେଳେ ସୁଷମ ତଥା ସୁପାଚ୍ୟ ଖାଦ୍ୟ ଖାଇବା ଦରକାର। ଖାଇବାର ଠିକ୍ ପରେ ପରେ କେତେକ ଖାଦ୍ୟ ଖାଇବା ଆଦୌ ଠିକ୍ ନୁହେଁ। ପ୍ରଥମ କଥା ହେଲା ଭୋଜନ ଶେଷ ହେବା ପରେ ଫଳମୂଳ ଆଦୌ ଖାଆନ୍ତୁ ନାହିଁ। ଚା', କଫି, କୋଲ୍ଡଡ୍ରିଙ୍କ୍ସ, ନିଶାଦ୍ରବ୍ୟଠାରୁ ଯଥା ସମ୍ଭବ ଦୂରେଇ ରୁହନ୍ତୁ। ଏହା ଶରୀର ଉପରେ କୁପ୍ରଭାବ ପକାଇଥାଏ। କେବଳ ସେତିକି ନୁହେଁ, ଏଥିଯୋଗୁଁ ପେଟରେ ଏସିଡିଟି ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହିଛି। ଖାଇବାର ଠିକ୍ ପରେ ପରେ ଗାଧୋଇବା ଆଦୌ ଠିକ୍ ନୁହେଁ। ଏଭଳି ଅଭ୍ୟାସ ବଳଦାଇବାକୁ ଚେଷ୍ଟା କରନ୍ତୁ। କାରଣ ଏହାଦ୍ୱାରା ଶରୀରରେ ରକ୍ତ ପ୍ରବାହ ଆବଶ୍ୟକତାଠାରୁ ଅଧିକ ତୀବ୍ର ହୁଏ, ଯାହା ଶରୀର ପାଇଁ କ୍ଷତକାରକ। ଖାଇବା ପରେ ଆପଣ କିଛି ସମୟ ପାଇଁ ବୁଲାବୁଲି କରନ୍ତୁ। ଖାଇବା ପରେ କିମ୍ବା ପୂର୍ବରୁ ସାଙ୍ଗେ ସାଙ୍ଗେ ପାଣି ପିଅନ୍ତୁ ନାହିଁ। ଖାଇବାର ଅଧଘଣ୍ଟାଏ ପରେ କିମ୍ବା ପୂର୍ବରୁ ପାଣି ପିଅନ୍ତୁ। ଏହା ଖାଇଥିବା ଖାଦ୍ୟକୁ ସହଜରେ ହଜମ କରିଥାଏ। ଖାଇବା ପରେ ପରେ କିଛି ବ୍ୟକ୍ତି ସାଙ୍ଗେ ସାଙ୍ଗେ ଶୋଇ ପଡ଼ନ୍ତି। କିନ୍ତୁ ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ। ତେଣୁ ରାତ୍ରଭୋଜନ ପରେ କିଛି ସମୟ ଚଲାବୁଲା କରନ୍ତୁ। ସବୁବେଳେ ଖାଇବାର ଏକ ସମୟ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ।

## ସକାରାତ୍ମକ ରହିବ ଚିନ୍ତାଧାରା



ବର୍ତ୍ତମାନେ ଆମେ ଏକ ପ୍ରକାର ବ୍ୟସ୍ତବହୁଳ ଜୀବନ ଯାପନ କରୁଛେ। ଏହାଭିତରେ ଆମକୁ ଅନେକ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡୁଛି। ତଥାପି ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ଜିନିଷ ଆଢୁଆଳରେ ରହିଯାଉଛି। ଆମେ ଚାହିଁଲେ ମଧ୍ୟ ସେଥିପ୍ରତି ଦୃଷ୍ଟି ଦେଇପାରୁନେ। ଜୀବନକୁ ସରଳ ଏବଂ ସୁସ୍ଥ ରଖିବା ପଛରେ ଆମର ଚିନ୍ତାଧାରା ସକାରାତ୍ମକ ରହିବା ନିହାତି ଦରକାର। ଏଥିପାଇଁ ଏକ ସହଜ ଉପାୟ ରହିଛି। ତାହା କ'ଣ ଜାଣନ୍ତି? ଯଦି ଜଣେ ନିଜ ମନ ପସନ୍ଦର ବହି ପଢ଼ନ୍ତି ତେବେ ସେ ନିଜ ଚିନ୍ତାଧାରାକୁ ସକାରାତ୍ମକ ରଖିପାରିବେ। ବହି ପଢ଼ିବା ଦ୍ୱାରା ମନ ଅନ୍ୟ ଏକ ପରିବେଶରେ ଘୂରିବୁଲେ। ଏହାଦ୍ୱାରା ଏଣୁତେଣୁ ଚିନ୍ତା ମୁଣ୍ଡକୁ ଆସେନା। ତେବେ ଏହି ବହିଗୁଡିକ ନିଜ ମନ ପସନ୍ଦର ହୋଇଥିବା ଦରକାର। ଏହାବ୍ୟତୀତ ଆଉ ଏକ ଉପାୟ ମଧ୍ୟ ହାତପାଆନ୍ତାରେ ରହିଛି। ଅବସର ସମୟରେ ମନ ପସନ୍ଦର ଗୀତ ଶୁଣିଲେ ତାହାର ସୁପ୍ରଭାବ ଚିନ୍ତାଧାରା ଉପରେ ପଡିଥାଏ। ମନରେ ଯଦି ନକାରାତ୍ମକ ଭାବ ବାରମ୍ବାର ସୃଷ୍ଟି ହେଉଛି ତେବେ ସେଥିରୁ ନିଜକୁ ଯେତେ ସମ୍ଭବ ମୁକୁଳାଇବାକୁ ଚେଷ୍ଟା କରନ୍ତୁ।

## କ୍ରୋଧକୁ ନିୟନ୍ତ୍ରଣ କରିବ ଡିଭାଇସ୍

କେତେଜଣ ବ୍ୟକ୍ତି କଥା କଥାରେ ରାଗି ଯାଇଥାଆନ୍ତି। ଅଧିକାଂଶ ସମୟ ରାଗିଲେ ଏହାଦ୍ୱାରା ହାର୍ଟ ଆଟାକ୍ ଏପରିକି ବ୍ଲଡ୍‌ପ୍ରେସର ବା ରକ୍ତଚାପ ଅସନ୍ତୁଳିତ ରହିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ କ୍ରୋଧକୁ ନିୟନ୍ତ୍ରଣ କରିବା ଲାଗି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଡିଭାଇସ୍ ପ୍ରସ୍ତୁତ କରିଛନ୍ତି। ସବୁବେଳେ ରାଗୁଥିବା ବ୍ୟକ୍ତି ଏହାକୁ ବାହୁରେ ବାନ୍ଧିଲେ ତାହା ରାଗକୁ କେତେକାଂଶରେ ନିୟନ୍ତ୍ରଣ କରିଥାଏ ବୋଲି ଜଣାପଡ଼ିଛି। ଏହା ପୂର୍ବରୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏହାକୁ ପରୀକ୍ଷାମୂଳକ ଭାବରେ ବ୍ୟବହାର କରି ସେଥିରୁ ସଫଳତା ପାଇଛନ୍ତି।



## ସ୍ୱାସ୍ଥ୍ୟ ସୂଚନା

►ସବୁବେଳେ କଦାପି ସୁଗାର କ୍ୟାଲୋରିଯୁକ୍ତ କୋଲ୍ଡ ଡ୍ରିଙ୍କ୍ସ ପିଅନ୍ତୁ ନାହିଁ। କାରଣ ଏହା ଶରୀରରେ ଚର୍ବି ଅଂଶ ବଢ଼ାଇବାରେ ଅନେକାଂଶରେ ସହାୟକ ହୋଇଥାଏ।

►ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। କାରଣ ଏହା ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିଥାଏ।

►ଉଚ୍ଚ ରକ୍ତଚାପ କମାଇବାକୁ ଚାହୁଁଥିଲେ, ଯୋଗ, ପ୍ରାଣାୟାମ, ବ୍ୟାୟାମ ଆଦି କରି କମାଇପାରିବେ। ଡାକ୍ତରଙ୍କ ସହ ବି ପ୍ରତି ମାସରେ ପରାମର୍ଶ କରନ୍ତୁ।

►ପ୍ରତିଦିନ ସକାଳେ କିଛି ସମୟ ସୂର୍ଯ୍ୟ କିରଣରେ ଠିଆ ହୁଅନ୍ତୁ। କାରଣ ଏହା ହେଉଛି ଆମ ଶରୀର ପାଇଁ ଉପକାରୀ ସାବ୍ୟସ୍ତ ଭିଟାମିନ୍ 'ଡି'ର ପ୍ରମୁଖ ଉତ୍ସ।

►ସବୁବେଳେ ଓଜନିଆ ଜିନିଷ ଉଠାନ୍ତୁ ନାହିଁ। ଏହାଦ୍ୱାରା ଅଣ୍ଟାଜନିତ ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି।

►ଯେ କୌଣସି କାର୍ଯ୍ୟକୁ ବହୁ ସମୟ ଧରି ଆଦୌ କରନ୍ତୁ ନାହିଁ। କାମ କଲା ବେଳେ ମଝିରେ ମଝିରେ ବିରତି ନିଅନ୍ତୁ। ଫଳରେ ଏଥିଯୋଗୁ ମାନସିକ ଶାନ୍ତି ମିଳିବା ସହ ଅଧିକ କାମ କରିବାକୁ ଆଗ୍ରହ ସୃଷ୍ଟି ହେବ।



## ଯନ୍ତ୍ରଣାର ଉତ୍ସ ଭାରିକୋଜ୍ ଭେନ୍



ଡ. ମାନସ ରଞ୍ଜନ ଶତପଥୀ

ଯନ୍ତ୍ରଣା ଭରା ଅବସ୍ଥାରେ ଭାରିକୋଜ୍ ଭେନ୍‌କୁ ଠାବ କରାଯାଇଥାଏ। ଏହି ଭେନ୍ ପ୍ରାୟତଃ ସମସ୍ତଙ୍କ ପାଖେ ଦେଖାଯାଇ ନ ଥାଏ। ଏପରି ଭେନ୍ ସାଧାରଣ ଭେନ୍ ଭାବେ ଚର୍ମ ନିକଟରେ ଥାଏ ଅଧିକନ୍ତୁ ବାହ୍ୟ ପାର୍ଶ୍ୱକୁ ରହି ଫୁଲିବା ଦ୍ୱାରା ଭାରିକୋଜ୍ ଆଖ୍ୟା ଦିଆଯାଇଅଛି। ଏପରି ଭେନ୍‌ଗୁଡ଼ିକ ମୋଟା ଏବଂ ପ୍ରଶସ୍ତ ହୋଇ ସାଧାରଣତଃ ଗୋଡ଼, ପୁରୁଷ ଅଣ୍ଡକୋଷ କିମ୍ବା ମଳ ଦ୍ୱାରରେ ଦୃଷ୍ଟିଗୋଚର ହୁଅନ୍ତି। ଭାରିକୋଜ୍ ଭେନ୍ ସମସ୍ତଙ୍କ ପାଇଁ ଏକ ସମସ୍ୟା ହୋଇ ଉଭା ହୋଇ ନ ଥାଏ, ହେଲେ ମନୁଷ୍ୟ ଗୋଡ଼ରେ, ମୁହଁରେ ଏକ ପ୍ରକାର ବୁଢ଼ିଆଣୀ ଜାଲ କିମ୍ବା ଦଉଡ଼ି ଗୁଚ୍ଛ ସଦୃଶ ଆକାର ନେଇ ବେଳେବେଳେ ଅବିରତ ଯନ୍ତ୍ରଣା ସହିତ ବେଆରମ ଓ ଅନ୍ୟାନ୍ୟ ଶାରୀରିକ ସମସ୍ୟା ସୃଷ୍ଟି କରନ୍ତି।

ସରଳ ଭାବେ ବୁଝିବାକୁ ହେଲେ ମନୁଷ୍ୟ ଶରୀରରେ ଆର୍ଟେରି(ଧମନୀ) ଓ ଭେନ୍(ଶିରା) ରକ୍ତ ସଞ୍ଚାଳନ କରିଥାନ୍ତି। ଧମନୀ ବିଶୁଦ୍ଧ ରକ୍ତ ହୃତ୍‌ପିଣ୍ଡରୁ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗକୁ ବହନ କରିବା ଦାୟିତ୍ୱ ନେଇଥିବା ବେଳେ ଭେନ୍ ଦ୍ୱାରା ଦୂଷିତ ରକ୍ତ ଭିନ୍ନ ଭିନ୍ନ ସ୍ଥାନରୁ ହୃତ୍‌ପିଣ୍ଡକୁ ପୁନଃ ପ୍ରକ୍ରିୟାକରଣ ଉଦ୍ଦେଶ୍ୟରେ ଫେରାଇ ଆଣିଥାନ୍ତି। କିନ୍ତୁ ଗୋଡ଼ରେ ଥିବା ଭେନ୍‌ଗୁଡ଼ିକ ରକ୍ତ ଫେରାଇ ଆଣିବା ସମୟରେ ମାଧ୍ୟାକର୍ଷଣ ଶକ୍ତିର ବିପରୀତ ଦିଗରେ କାମ କରିଥାନ୍ତି, ଯଦ୍ଦ୍ୱାରା ସର୍ବଦା ଚାପଗ୍ରସ୍ତ ରହିଥାନ୍ତି। ରକ୍ତ ଊର୍ଦ୍ଧ୍ୱଗାମୀ ହେବା ବେଳେ ତଳ ଗୋଡ଼ର ମାଂସପେଶୀଗୁଡ଼ିକ ନିଜକୁ ଅଧିକ ଶକ୍ତ ଓ ଦୃଢ଼ କରି ଚିପି ଧରନ୍ତି, ଯାହା ଭେନ୍‌ଗୁଡ଼ିକ ପାଇଁ ପମ୍ପ ଭାବେ କାମକରେ ଏବଂ ରକ୍ତ ଚାପଗ୍ରସ୍ତ ଅବସ୍ଥାରେ ହୃତ୍‌ପିଣ୍ଡକୁ ଅଗ୍ରସର ହେବାକୁ ଲାଗେ। ଏ ପ୍ରକ୍ରିୟାରେ ଭେନ୍ ପ୍ରାଚୀର ଓ ଭାଲ୍‌ବର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ରକ୍ତ ଉପରକୁ ଗତି କରିବାକ୍ଷଣି ଭେନ୍‌ରେ ଥିବା ଅତି କ୍ଷୁଦ୍ର ଭାଲ୍‌ବ ସମୂହ ଖୋଲିବାକୁ ଲାଗିଥାନ୍ତି। ରକ୍ତ ପ୍ରବାହିତ ହୋଇ ସାରିବାକ୍ଷଣି ଏହା ସ୍ୱୟଂକ୍ରିୟ ଭାବେ ତୁରନ୍ତ ବନ୍ଦ ହୋଇଯାଏ। ଏପରି ନିୟୋଜିତ ଭାଲ୍‌ବ ଠିକ କାର୍ଯ୍ୟ ସମ୍ପାଦନା ଦ୍ୱାରା ରକ୍ତ କଣିକା ପୁନଃ ତଳକୁ ଖସିବାକୁ ସାମର୍ଥ୍ୟ ହୋଇପାରନ୍ତି ନାହିଁ, ଫଳରେ ରକ୍ତ କ୍ରମେ ଅଗ୍ରସର ହୋଇ ହୃତ୍‌ପିଣ୍ଡକୁ ଅନାୟାସରେ ପହଞ୍ଚିଯାଏ। କିନ୍ତୁ, ଏହି ସମୟରେ ଯଦି ଭାଲ୍‌ବଗୁଡ଼ିକର ଅବସ୍ଥା ଦୁର୍ବଳ କିମ୍ବା କ୍ଷତିଗ୍ରସ୍ତ ଥାଏ, ତେବେ ରକ୍ତ ଉପରକୁ ନ ଯାଇ ତଳକୁ ଖସି ଗୋଡ଼ରେ ଥିବା ଭେନ୍‌ମାନଙ୍କରେ ଗଚ୍ଛିତ ହୋଇଥାଆନ୍ତି। ଏହା ଦ୍ୱାରା ଗୋଡ଼ରେ ଥିବା ଭେନ୍‌ଗୁଡ଼ିକ ଫୁଲି, ବିସ୍ତାରିତ ଓ କୁଞ୍ଚ କୁଞ୍ଚ ହେବାରେ ଲାଗନ୍ତି ଏବଂ ଭାରିକୋଜ୍ ଭେନ୍ ଉତ୍ପତ୍ତି ହେବା ସହ ନାନାଦି ଶାରୀରିକ ସମସ୍ୟା ସୃଷ୍ଟି କରାନ୍ତି।



ପାରିବାରିକ ଇତିହାସ ଏବଂ ମେଦ ବହୁଳତା ହେବା ଏହାର ଦୁଇ ପ୍ରମୁଖ କାରଣ ହୋଇପାରେ। ଅଧିକ ମୋଟା ହେବା ଦ୍ୱାରା ଭେନ୍‌ଗୁଡ଼ିକ ଅଧିକ ଚାପଗ୍ରସ୍ତ ହୋଇ ସମସ୍ୟା ସୃଷ୍ଟି କରନ୍ତି। ମହିଳାମାନେ ଅଧିକ ଏପରି ସମସ୍ୟାରେ ଘାଣ୍ଟି ହୁଅନ୍ତି। ଅଧିକ ସମୟ ଛିଡ଼ାହେବା କିମ୍ବା ବସି ରହି କୌଣସି କାର୍ଯ୍ୟ କରିବା ମଧ୍ୟ ଅନ୍ୟ ଏକ କାରଣ ହୋଇପାରେ। ଏପରି ହେବା ଦ୍ୱାରା ରକ୍ତ ପ୍ରବାହ ଆଘାତପ୍ରାପ୍ତ ହୁଏ। ଫଳରେ ବିଶେଷ ଅଡୁଆ ଅବସ୍ଥା ସର୍ବଦା ହୁଏ ନାହିଁ କିନ୍ତୁ କଷ୍ଟଦାୟକ ଅଲସରଗୁଡ଼ିଏ ପାଦର ଚର୍ମରେ ଗଣ୍ଠି ପାର୍ଶ୍ୱବର୍ତ୍ତୀ ସ୍ଥାନରେ ହୋଇପାରେ। ଅଲସର ହେବା ପୂର୍ବରୁ ଚର୍ମର ନିର୍ଦ୍ଦିଷ୍ଟ ସ୍ଥାନରେ ବିବର୍ଣ୍ଣ ହୋଇ ଏକ ଦାଗ ସୃଷ୍ଟି ହୁଏ। ସମୟେ ସମୟେ ଗୋଡ଼ର ଭିତର ପାର୍ଶ୍ୱରେ ଭେନ୍ ବଡ଼ ଆକାର ଧାରଣ କରି ଯନ୍ତ୍ରଣା ହେବା ସହ ଗୋଡ଼ ଫୁଲିଯାଏ। ଏପରି ଅବସ୍ଥା ଲାଗି ରହିଲେ ହୁଏତ ରକ୍ତ ଜମାଟ କାରଣ ହୋଇପାରେ। ଭେନଗୁଡ଼ିକ ଅତ୍ୟଧିକ ଫୁଲିବା ଦ୍ୱାରା ଚାପଗ୍ରସ୍ତ ହୋଇ ଫାଟି ରକ୍ତସ୍ରାବ ମଧ୍ୟ କରିଥାଏ। ବହୁ ସମୟ ଧରି ଭାରିକୋଜ୍ ଭେନ ଗୋଡ଼କୁ କଷ୍ଟ ଦେବା ସହ ଫୁଲେଇ ଦେଇଥାଏ। ଯାହାଦ୍ୱାରା ରୋଗୀ ଅଶାନ୍ତି ମଧ୍ୟକୁ ଠେଲି ହୋଇଯାଏ।

ଭାରିକୋଜ ଭେନ ଯଦିଓ କେତେକଙ୍କ ପାଇଁ କଷ୍ଟଦାୟକ ନୁହେଁ କିନ୍ତୁ ଅନ୍ୟମାନେ ଯନ୍ତ୍ରଣା ଅନୁଭବ କରନ୍ତି। ଏଥିପାଇଁ ନିୟମିତ ଭେଷଜ ଚିକିତ୍ସା ସହିତ କିପରି ନିୟମିତ ଅବିଶ୍ରାନ୍ତ ରକ୍ତ ପ୍ରବାହ ଜାରି ରହିପାରିବ ଏବଂ ମାଂସପେଶୀ ସୁସ୍ଥ ରହିବ, ସେଥିପାଇଁ ସତର୍କ ରହିବା ଆବଶ୍ୟକ। ଏହା ସହିତ ଉଚ୍ଚ ହିଲ୍‌ଯୁକ୍ତ ଚପଲ ପରିଧାନ, ଅତ୍ୟଧିକ ଚିପା ମୋଜା ପରିଧାନ ନ କରିବା ଉପାଦେୟ ସାବ୍ୟସ୍ତ ହୋଇପାରେ। ନିୟମିତ ବ୍ୟାୟାମ ସହିତ ତନ୍ତୁଯୁକ୍ତ ଖାଦ୍ୟ ସେବନ, କମ୍ ଲୁଣ ଯୁକ୍ତ ଭୋଜନ ଉପରେ ଧ୍ୟାନ ଦେବା ଦରକାର। ଏକ ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରଖିବା ସହିତ ବସିବା କିମ୍ବା ଶୋଇବା ସମୟରେ ଗୋଡ଼କୁ ଉପରକୁ ଟେକି ରଖିଲେ ହୁଏତ ଭାରିକୋଜ୍ ଭଳି ସମସ୍ୟାରୁ ମୁକ୍ତି ମିଳିପାରେ।

-ଅଧ୍ୟକ୍ଷ, ମଡେଲ ଡିଗ୍ରୀ କଲେଜ, ନୟାଗଡ଼
ମୋ: ୯୪୩୭୪୭୯୦୪୫

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମେ ୧୩/୨୦୨୪ Bhubaneswar, Monday, May 13/ 2024

# ପଞ୍ଜୁରିର ଶୁଆ ଭଳି କଥା କହୁଛନ୍ତି ମୁଖ୍ୟମନ୍ତ୍ରୀ: ଧର୍ମେନ୍ଦ୍ର

### ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରୁ କେତେ ଦାଦନ ଖଟିବାକୁ ଯାଉଛନ୍ତି ଶ୍ୱେତପତ୍ର ଜାରି ହେଉ

ସମ୍ବଲପୁର,୧୨।୫(ପ୍ରମୋଦ ବହିଦାର)


ରବିବାର ସମ୍ବଲପୁରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ଭାଜପାର ଅନ୍ୟ ନେତୃବର୍ଗ।

ପଞ୍ଜୁରିରେ ଥିବା ଶୁଆ ଭଳି ଯାହା ଶିଖାଯାଉଛି ମୁଖ୍ୟମନ୍ତ୍ରୀ ତାହା କହୁଛନ୍ତି। ଡିଏମ୍‌କେର ଭାଷା କହୁଛନ୍ତି ମୁଖ୍ୟମନ୍ତ୍ରୀ। ଓଡ଼ିଆ ଅସ୍ମିତା କଥା ସେ କେମିତି ବୁଝିବେ। ଏ ସବୁକୁ ନେଇ ପ୍ରଶ୍ନ କଲେ ତାଙ୍କୁ କଷ୍ଟ ହେବା ସ୍ୱାଭାବିକ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ। ରବିବାର ପୂର୍ବାହ୍ଣରେ ବୁଢ଼ାରଜାସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ପଚାରିଥିବା ପ୍ରଶ୍ନର ଉତ୍ତର ଦେଇଥିଲେ। ପ୍ରଧାନମନ୍ତ୍ରୀ ପଚାରିଥିବା ମୂଳ ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀଙ୍କୁ ଜଣାଅଛି କି ବୋଲି ସେ ପ୍ରଶ୍ନ କରିଥିଲେ। ସେ କହିଛନ୍ତି ମୁଖ୍ୟମନ୍ତ୍ରୀ ଅନେକ ବିଷୟରେ ଅବଗତ ନାହାନ୍ତି। ତାଙ୍କୁ ଦିଆଯାଉଥିବା ଲେଖାକୁ ପଢ଼ି ଭିଡିଓ ମାଧ୍ୟମରେ କେବଳ ଉପସ୍ଥାପନ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ୪ ଜଣ ଅଣଓଡ଼ିଆ ଗ୍ୟାଙ୍ଗ୍ ଘେରି ରହିଛନ୍ତି। ତେଣୁ ଓଡ଼ିଆ ଲୋକେ ମୁଖ୍ୟମନ୍ତ୍ରୀଙ୍କଠାରୁ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

୨୦୧୪ରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ଶିକ୍ଷା ବିଭାଗର ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆନ ଲାଙ୍ଗୁଏଜ୍(ସିଆଇଆଇଏଲ୍) ରାଜ୍ୟ ସରକାରଙ୍କୁ ଖଣ୍ଡେ ଜମି ମାଗିଥିଲେ। ଏହାର ୫ବର୍ଷ ପରେ ରାଜ୍ୟ ସରକାର ଜମି ଦେବା ବଦଳରେ ଏକ ଘର ଦେଇଥିଲେ। ଉକ୍ତ ଘରେ ସେଣ୍ଟର ଅଫ୍ ଏକ୍ସଲେନ୍ସ ଫର୍ କ୍ଲାସିକାଲ୍ ଓଡ଼ିଆ ସେଣ୍ଟର ସ୍ଥାପନ କରାଗଲା। ଏହାବ୍ୟତୀତ ମୋଦି ସରକାରଙ୍କ ପକ୍ଷରୁ କେନ୍ଦ୍ରୀୟ ଭାରତୀୟ ଭାଷା ପ୍ରତିଷ୍ଠାନର ଭୁବନେଶ୍ୱରସ୍ଥିତ ପୂର୍ବାଞ୍ଚଳ ଆଞ୍ଚଳିକ ଭାଷା କେନ୍ଦ୍ରର ବିକାଶ ପାଇଁ ୩୦ କୋଟି ଟଙ୍କା ଦିଆଯାଇଛି। ସେହିପରି ୟୁଜିସି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଓଡ଼ିଆ ଭାଷାରେ ଇଞ୍ଜିନିୟରିଂ ପୁସ୍ତକ ପ୍ରକାଶିତ ହୋଇଛି। ଓଡ଼ିଆ ଅସ୍ମିତା ଓ ଓଡ଼ିଶାର କଳା, ସଂସ୍କୃତି, ଇତିହାସ ଓ ରାଜନୀତିରେ ଉଚ୍ଚସ୍ତରୀୟ ଗବେଷଣା ପାଇଁ ଓଡ଼ିଶା ରିସର୍ଚ୍ଚ ସେଣ୍ଟର ପ୍ରତିଷ୍ଠା ହୋଇଛି। ଦେଶିଆ, କୁଇ, ଗଦବା, ଜୁଆଙ୍ଗ, ସାନ୍ତାଳି, ସୌରା ଆଦି ସ୍ଥାନୀୟ ଭାଷାରେ ବର୍ଣ୍ଣବୋଧ ପ୍ରସ୍ତୁତ କରାଯାଇଛି। କେନ୍ଦ୍ର ସରକାର ଭାଷା ଆଧାରିତ ଶିକ୍ଷା ବ୍ୟବସ୍ଥା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଓଡ଼ିଆ ଭାଷା ପ୍ରତି ପ୍ରତିବଦ୍ଧତା ଉପରେ ତାଙ୍କର ଅଣ ଓଡ଼ିଆ ସହଯୋଗୀମାନେ ତାଙ୍କୁ ଠିକ୍ ଭାବେ ଅବଗତ କରାଇନାହାନ୍ତି।

କେନ୍ଦ୍ରମନ୍ତ୍ରୀ ପ୍ରଧାନ ଓଡ଼ିଶୀ ସଙ୍ଗୀତ ଉପରେ ମୁଖ୍ୟମନ୍ତ୍ରୀ କରିଥିବା ପ୍ରଶ୍ନ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛନ୍ତି। ସେ କହିଛନ୍ତି ଓଡ଼ିଆ ଭାଷା, ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ମିଳିସାରିଛି। କିନ୍ତୁ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ ଭାରତ ସରକାରଙ୍କ କୌଣସି ବ୍ୟବସ୍ଥା ନାହିଁ ବୋଲି କେନ୍ଦ୍ର ସଂସ୍କୃତି ବିଭାଗ ଅଧୀନରେ ଥିବା ସଙ୍ଗୀତ ନାଟକ ଏକାଡେମୀ ସ୍ପଷ୍ଟ କରିସାରିଛି। ତେଣୁ ଯେଉଁ ବିଷୟ ଭାରତର ବ୍ୟବସ୍ଥାରେ ନାହିଁ ସେଥିପାଇଁ ମୁଖ୍ୟମନ୍ତ୍ରୀ ବାରମ୍ବାର ଚିଠି ଲେଖିବେ ଆଉ ଅଗ୍ରାହ୍ୟ ହେଲା ବୋଲି କହିବା କେତେଦୂର ସମୀଚୀନ ବୋଲି ପ୍ରଶ୍ନ କରିଛନ୍ତି କେନ୍ଦ୍ରମନ୍ତ୍ରୀ।

୨୦୧୫ ଏପ୍ରିଲ ୧ରେ ପ୍ରଧାନମନ୍ତ୍ରୀ ରାଉରକେଲା ଆସି ଉତ୍କଳ ଦିବସ ପାଳନ କରିଥିଲେ। ସେହି ବର୍ଷ ଶ୍ରୀମନ୍ଦିରର ନବକଳେବର ପାଇଁ ୫୦ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ପ୍ରଦାନ କରାଯାଇଥିଲା। ମୋଦି ସରକାର ଓଡ଼ିଶାର ସାମାଜିକ ଜୀବନର ୪୯ଜଣଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କରିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ବଦଳରେ ଗାଳିକରିବା ଦୁର୍ଭାଗ୍ୟଜନକ। ଖୋର୍ଦ୍ଧା ଜିଲାର ବରୁଣେଇ ପାଦଦେଶରେ ପାଇକ ବିଦ୍ରୋହର ସ୍ମାରକୀ ପାଇଁ କେନ୍ଦ୍ରର ତତ୍କାଳୀନ ଅର୍ଥମନ୍ତ୍ରୀ ସ୍ୱର୍ଗତ ଅରୁଣ ଜେଟଲୀ ବଜେଟରେ ଘୋଷଣା କରିଥିବା ବେଳେ ଏହାର ଏକ ଡାକ ଟିକେଟ ମଧ୍ୟ ପ୍ରଚଳନ କରାଗଲା। ମାତ୍ର ପାଇକ ସ୍ମାରକୀ ନିର୍ମାଣ ପାଇଁ ଆବଶ୍ୟକ ଜମି ପ୍ରଦାନ କେବଳ କାଗଜପତ୍ରରେ ସୀମିତ ରହିଗଲା। ଅପରପକ୍ଷରେ ଜି-୨୦ ସମ୍ମିଳନୀରେ ଓଡ଼ିଶାର କଳା ଓ ସଂସ୍କୃତିର ପରିଚୟ କୋଣାର୍କ ଚକ୍ର ତଳେ ପ୍ରଧାନମନ୍ତ୍ରୀ ବିଶ୍ୱସ୍ତରର ନେତାଙ୍କୁ ସ୍ୱାଗତ କରିଥିଲେ। ତେଣୁ ପ୍ରଧାନମନ୍ତ୍ରୀଙ୍କୁ ଅପମାନ କରିବା ମୁଖ୍ୟମନ୍ତ୍ରୀଙ୍କୁ ଆଦୌ ଶୋଭାପାଉନାହିଁ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଓଡ଼ିଆ ଲୋକଙ୍କ ଭାବାବେଗ ସହ ଜଡ଼ିତ ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି କିଏ ହଜାଇଲା, କୋଭିଡ୍ ସମୟରେ ଚକ୍ରାନ୍ତ କରି ମହାପ୍ରଭୁଙ୍କ ରଥଯାତ୍ରା ବନ୍ଦ କରିବାକୁ ସୁପ୍ରିମକୋର୍ଟରେ କିଏ ମହାଷଡ଼ଯନ୍ତ୍ର ରଚିଥିଲା ଓ କିଭଳି ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଫଳରେ ରଥଯାତ୍ରା ଆରମ୍ଭ ହୋଇପାରିଥିଲା ଏ ସମ୍ପର୍କରେ ତର୍ଜମା କରିବା ବଦଳରେ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଦାୟୀ କରି ତାଙ୍କୁ ଦୋଷ ଦେବା ଗ୍ରହଣୀୟ ନୁହେଁ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ବିଜେଡି ସରକାର ଓ ଏହାର ସ୍ୱାର୍ଥାନ୍ୱେଷୀ ସ୍ଥାନୀୟ ନେତୃତ୍ୱଙ୍କ ଯୋଗୁ କୋଷ୍ଟାଲ ହାଇୱେ କାମ ବନ୍ଦ ପଡ଼ିଛି। ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି।

ଖବରଦାତା ସମ୍ମିଳନୀରେ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ, ଡ. ପ୍ରମୋଦ ରଥ, କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି, ବରିଷ୍ଠ ନେତା ଗୋବିନ୍ଦ ଅଗ୍ରୱାଲ, ଜିଲା ଗଣମାଧ୍ୟମ ସଂଯୋଜକ ସଞ୍ଜୟ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶୀ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟ ମଧ୍ୟରେ ପାର୍ଥକ୍ୟ ଜାଣିନାହାନ୍ତି ଧର୍ମେନ୍ଦ୍ର: ଲେନିନ୍

- ୩୦ କୋଟି ଟଙ୍କା କେଉଁ ବିଭାଗକୁ ଦେଇଛନ୍ତି ସ୍ପଷ୍ଟ କରନ୍ତୁ
- ଓଡ଼ିଶାର ସଙ୍ଗୀତଜ୍ଞମାନଙ୍କୁ ଅପମାନ କରିଛନ୍ତି

ସମ୍ବଲପୁର,୧୨।୫(ବି.ଶଙ୍କର)


ଲେନିନ୍ ମହାନ୍ତି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆକ୍ଷେପର କଡ଼ା ଜବାବ ଦେବା ପରେ ଓଡ଼ିଶା ଭାଜପା ବର୍ତ୍ତମାନ ଚିନ୍ତାରେ ପଡ଼ିଛି। କାରଣ ଓଡ଼ିଶା ପ୍ରତି କେନ୍ଦ୍ର କରୁଥିବା ପ୍ରତାରଣାର କାହାଣୀ ଲୋକଙ୍କ ଆଗରେ ରଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶ୍ନବାଣରୁ ବର୍ତ୍ତିବାକୁ ପୁଣି ମିଛ କଥାର ସାହାରା ନେଇଛନ୍ତି କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ। ରବିବାର ଖବରଦାତା ସମ୍ମିଳନୀ କରି କେନ୍ଦ୍ରମନ୍ତ୍ରୀ ମିଛର ସାହାରା ନେଇଛନ୍ତି ବୋଲି ବିଜେଡି ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି। ଓଡ଼ିଶାର ପରିଚୟ ଓଡ଼ିଶୀ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟ। ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପାଇଁ ରାଜ୍ୟ ସରକାର ଦୀର୍ଘବର୍ଷରୁ ପ୍ରୟାସ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର କେନ୍ଦ୍ର ସରକାରଙ୍କୁ ନିବେଦନ କରୁଛନ୍ତି। କିନ୍ତୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ କିଛି ପ୍ରୟାସ ନ କରି ଓଡ଼ିଶୀ ସଙ୍ଗୀତ ଶାସ୍ତ୍ରୀୟ ନୁହେଁ ବା ବିଧିସମ୍ମତ ନୁହେଁ ବୋଲି କହିବା ଅତ୍ୟନ୍ତ ଲଜ୍ଜାଜନକ କଥା। ଏକଥା କହି ସେ ଓଡ଼ିଶୀ ସଙ୍ଗୀତଜ୍ଞମାନଙ୍କୁ ଅପମାନିତ କରିଛନ୍ତି। ଓଡ଼ିଆ ଅସ୍ମିତା ଉପରେ ପ୍ରଶ୍ନ କରୁଥିବା ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶୀ ସଙ୍ଗୀତ ଶାସ୍ତ୍ରୀୟତା ପାଇବା ପାଇଁ କ'ଣ ପ୍ରୟାସ କରିଛନ୍ତି ତାହା କହନ୍ତୁ ବୋଲି ଲେନିନ୍ ପ୍ରଶ୍ନ କରିଛନ୍ତି।

ଧର୍ମେନ୍ଦ୍ର ଖବରଦାତାଙ୍କୁ କହିଥିଲେ ଯେ, ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ୩୦ କୋଟି ଟଙ୍କା ଦିଆଯାଇଛି। ତେବେ ସେ ଯେଉଁ ୩୦ କୋଟି ଟଙ୍କା କହୁଛନ୍ତି, ତାହା ୩୦ କୋଟି ନା ୩ କୋଟି। ପୁଣି ସେହି ୩ କୋଟି ଟଙ୍କା ମଧ୍ୟ ଆସିଛି କି ନାହିଁ ତାଙ୍କୁ ଜଣାନାହିଁ। ନିଜକୁ ବଞ୍ଚାଇବାକୁ ୩୦ କୋଟି ଟଙ୍କା ଦିଆଯାଇଛି ବୋଲି ମିଛ କହିବା ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ଶୋଭାପାଉନାହିଁ। ୩୦ କୋଟି ଟଙ୍କା କେଉଁ ବିଭାଗକୁ ଦିଆଯାଇଛି କେନ୍ଦ୍ରମନ୍ତ୍ରୀ ତୁରନ୍ତ ଜଣାନ୍ତୁ ବୋଲି ଲେନିନ୍ କହିଛନ୍ତି। ସେ ଆହୁରି କହିଥିଲେ ଓଡ଼ିଶୀ ନୃତ୍ୟ ଓ ଓଡ଼ିଶୀ ସଙ୍ଗୀତ ଭିତରେ ପାର୍ଥକ୍ୟ କ'ଣ ଧର୍ମେନ୍ଦ୍ରଙ୍କୁ ବୋଧେ ଜଣାନାହିଁ। ଓଡ଼ିଶୀ ନୃତ୍ୟକୁ ବହୁବର୍ଷ ଆଗରୁ ଶାସ୍ତ୍ରୀୟତା ପ୍ରଦାନ କରାଯାଇଛି। କିନ୍ତୁ ଓଡ଼ିଶୀ ସଙ୍ଗୀତକୁ ଏହା ନମିଳିବାର କାରଣ ସମ୍ପର୍କରେ ଉଲ୍ଲେଖ କଲେନାହିଁ କାହିଁକି। ଧର୍ମେନ୍ଦ୍ରଙ୍କ କହିବା ଅନୁସାରେ ଓଡ଼ିଶୀ ସଙ୍ଗୀତକୁ ମାନ୍ୟତା ଦେବା ପାଇଁ କିଛି ବିଧି ବ୍ୟବସ୍ଥା ନାହିଁ। କିନ୍ତୁ କ'ଣ ପାଇଁ ବିଧି ବ୍ୟବସ୍ଥା କରାଯାଇନାହିଁ କିମ୍ବା ଧର୍ମେନ୍ଦ୍ର ବିଧି ବ୍ୟବସ୍ଥା ପାଇଁ କେବେ କିଛି ପ୍ରୟାସ କରିଛନ୍ତି କି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହାନ୍ତି। ଯଦି ସଙ୍ଗୀତର ବିକାଶ ପାଇଁ କିଛି ବିଧି ବ୍ୟବସ୍ଥା ନାହିଁ ତେବେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀର କାମ କ'ଣ। ଯେହେତୁ ନୃତ୍ୟ ଶାସ୍ତ୍ରୀୟ, ତେବେ ସଙ୍ଗୀତ ମଧ୍ୟ ଶାସ୍ତ୍ରୀୟ। ତେବେ କେଉଁ ଗବେଷଣା ଆଧାରରେ ଧର୍ମେନ୍ଦ୍ର ଏଭଳି କଥା କହିଲେ ତାହା ସ୍ପଷ୍ଟ କରନ୍ତୁ ବୋଲି ଲେନିନ୍ କହିଛନ୍ତି। ଏଥିରୁ ଜଣାପଡୁଛି ଓଡ଼ିଆ ଅସ୍ମିତା କଥା କହୁଥିବା ଧର୍ମେନ୍ଦ୍ରଙ୍କ ଓଡ଼ିଆ ଭାଷା ପ୍ରତି କେତେ ଦରଦ ଓ କ'ଣ ଅବଦାନ ରହିଛି। ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ପ୍ରେମରେ ପଡ଼ିଥିବା ନେତା ଓଡ଼ିଆ ଲୋକଙ୍କୁ କେମିତି ଭଲପାଇବେ। ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ଅସଲ ମୁଖା ଖୋଲିବା ପରେ ଏବେ ନିଜକୁ କେମିତି ବଞ୍ଚାଇବେ ସେହି ଚିନ୍ତାରେ କେନ୍ଦ୍ରମନ୍ତ୍ରୀ ଘାରି ହେଉଛନ୍ତି। କଥା କଥାରେ ମିଛ କହିବାରେ ଅଭ୍ୟସ୍ତ ଥିବା ଭାଜପା ନେତା କିଛି କହିବା ପୂର୍ବରୁ ଥରେ ଚିନ୍ତା କରିବା କଥା ଯେ, ଜନତା ତାଙ୍କ ଉପରେ ଆଉ ଭରସା କରୁନାହାନ୍ତି ବୋଲି ଲେନିନ୍ ଗଣମାଧ୍ୟମକୁ କହିଛନ୍ତି।

# 'ମୁଖ୍ୟମନ୍ତ୍ରୀ ଆପଣମାନଙ୍କ ପାଇଁ ୨୪ ଘଣ୍ଟା ଖଟୁଛନ୍ତି'


ଖୋର୍ଦ୍ଧାଠାରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ରୋଡ୍ ଶୋ' କରୁଛନ୍ତି।

- ଖୋର୍ଦ୍ଧାରେ ପାଣ୍ଡିଆନ୍‌ଙ୍କ ରୋଡ୍ ଶୋ'

ଖୋର୍ଦ୍ଧା,୧୨।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ରବିବାର ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ନିର୍ବାଚନୀ ପ୍ରଚାର କରିଛନ୍ତି। ସେ ସନ୍ଧ୍ୟା ୭ଟାରୁ ସାଢ଼େ ୯ଟା ପର୍ଯ୍ୟନ୍ତ ମୁକୁନ୍ଦପ୍ରସାଦଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପ୍ରାୟ ୫କିମି ବ୍ୟାପୀ ରୋଡ୍ ଶୋ' କରିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ବିଜେଡି କର୍ମୀ, ନେତା, ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ତାଙ୍କ ଉପରକୁ ପୁଷ୍ପବର୍ଷା କରିଥିଲେ। ବିଭିନ୍ନ ସ୍ଲୋଗାନରେ ପରିବେଶ କମ୍ପିଉଠିଥିଲା। ପାଇକ ଆଖଡ଼ା, ଯୋଡ଼ିଶଙ୍ଖ, ପାରମ୍ପରିକ ବାଦ୍ୟଯନ୍ତ୍ରରେ ଖୋର୍ଦ୍ଧା ସହର ଦୁଲୁକିଥିଲା। ପାଣ୍ଡିଆନ୍ ବିଭିନ୍ନ ଛକରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆପଣମାନଙ୍କ ପାଇଁ ୨୪ଘଣ୍ଟା ଖଟୁଛନ୍ତି। ତେଣୁ ତାଙ୍କୁ ପୁଣି ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏଥିସହ ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ, ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ସାହୁଙ୍କୁ ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ସେ ଆହୁରି କହିଥିଲେ, ଜୁନ ୯ ତାରିଖରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ପୁଣି ଶପଥ ନେବେ। ଜୁଲାଇ ପହିଲାରୁ ରାଜ୍ୟର ୯୦ ପ୍ରତିଶତ ଲୋକଙ୍କୁ ବିଦ୍ୟୁତ୍ ବିଲ୍ ଦେବାକୁ ପଡିବ ନାହିଁ। ମୁଖ୍ୟମନ୍ତ୍ରୀ କଥା କମ୍ କାମ ବେଶୀ କରନ୍ତି। ସେଥିଲାଗି ପ୍ରତି ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶାବାସୀ ଜିତାଉଛନ୍ତି। ବିଜେଡିର ନିର୍ବାଚନୀ ଇସ୍ତାହାର ସବୁବର୍ଗଙ୍କୁ ଖୁସି ଦେବ। ଜନତାଙ୍କ ଆଶୀର୍ବାଦ ରହିଲେ ମୁଖ୍ୟମନ୍ତ୍ରୀ ଆହୁରି ଭଲ କାମ କରିବେ। ସେ ଓଡ଼ିଶାର ଭବିଷ୍ୟତକୁ ଉଜ୍ଜ୍ୱଳ ଏବଂ ପ୍ରଗତି ପଥରେ ଆଗେଇ ନେବେ ବୋଲି ପାଣ୍ଡିଆନ୍ କହିଥିଲେ। ଏହି ରୋଡ୍ ଶୋରେ ବହୁ ବିଜେଡି କର୍ମୀ ସାମିଲ ହୋଇଥିଲେ।

# ପ୍ରତିରକ୍ଷା ବିଭାଗକୁ ଦୁର୍ବଳ କରାଯାଉଛି: କଂଗ୍ରେସ

ଭୁବନେଶ୍ୱର, ୧୨।୫(ସୁନିତ୍ ମିଶ୍ର)

ଦେଶର ପ୍ରତିରକ୍ଷା ବିଭାଗକୁ ଯୋଜନାବଦ୍ଧ ଭାବେ ଦୁର୍ବଳ କରିବା ପାଇଁ ମୋଦି ସରକାରଙ୍କ ପ୍ରଚେଷ୍ଟାକୁ କଦାପି ବରଦାସ୍ତ କରାଯିବ ନାହିଁ। ଦେଶର ସେନା ଓ ଯୁବବର୍ଗଙ୍କ ଭବିଷ୍ୟତକୁ ଅଗ୍ନିପଥ ଯୋଜନା ମାଧ୍ୟମରେ ଅନ୍ଧକାର ଭିତରକୁ ଠେଲି ଦେବାର ଅପଚେଷ୍ଟା ଚାଲିଛି ବୋଲି କଂଗ୍ରେସର ଏକ୍ସ ସର୍ଭିସ୍‌ମ୍ୟାନ ବିଭାଗର ଅଧ୍ୟକ୍ଷ କର୍ଣ୍ଣେଲ୍ ରୋହିତ୍ ଚୌଧୁରୀ କହିଛନ୍ତି।

କଂଗ୍ରେସ ଭବନ ଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରୋହିତ୍ ଚୌଧୁରୀ କହିଛନ୍ତି ଯେ, ୧୦ ବର୍ଷର ମୋଦୀ ସରକାର ସମୟରେ ଦେଶରେ ଆତଙ୍କବାଦୀ ହମ୍‌ଲା ବଢ଼ିଛି, ୨୦୦୦ରୁ ଅଧିକ ଯବାନ ସହିଦ୍ ହୋଇଛନ୍ତି। ଅଗ୍ନିପଥ ଯୋଜନା ଦେଶର ଯୁବବର୍ଗଙ୍କ ଭବିଷ୍ୟତ ପ୍ରତି ବିଶ୍ୱାସଘାତ ସଦୃଶ। ଭାରତ ଭଳି ଦେଶ ବର୍ତ୍ତମାନ ୫୦ ବର୍ଷର ରେକର୍ଡ ତୋଡ୍ ଉତ୍କଟ ବେକାରୀ ସମସ୍ୟା ଦେଇ ଗତି କରୁଛି। ସେନାବାହିନୀରେ ନିଯୁକ୍ତି ଅପେକ୍ଷାରେ ଥିବା ଏ ଦେଶର କୋଟିଏରୁ ଊର୍ଦ୍ଧ୍ୱ ଯୁବକ ବର୍ତ୍ତମାନ ମୋଦି ସରକାରଙ୍କ ଅଗ୍ନିପଥ ଯୋଜନା ଯୋଗୁ ପ୍ରତାରିତ ଏବଂ ହତାଶ ହୋଇଛନ୍ତି। ସରକାରଙ୍କ ମନଇଚ୍ଛା ନିଷ୍ପତି ଯୋଗୁ କାହା ସହିତ ଆଲୋଚନା ନ କରି ଅଗ୍ନିପଥ ପରି ଏକ ଦିଶାହୀନ ଯୋଜନାକୁ ଲାଗୁ କରାଯିବାର ଏକପାଖିଆ ନିଷ୍ପତିକୁ, ଏ ଦେଶର ଯୁବସମାଜର ହିତ ଦୃଷ୍ଟିରୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ସେ କହିଛନ୍ତି।

# ୭ ପ୍ରାର୍ଥୀଙ୍କ ମଧ୍ୟରେ ଇଞ୍ଚଳ ପଞ୍ଚାୟତରୁ ୩

ବଉଳା,୧୨।୫(ଦୁର୍ଗା ପ୍ରସାଦ ଆୟଚ)

### ଆନନ୍ଦପୁର ବିଧାନସଭା କ୍ଷେତ୍ର

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ସବୁ ନିର୍ବାଚନରେ ହାଟଡିହୀ ବ୍ଲକ୍‌ର ପ୍ରଭାବ ରହି ଆସିଛି। ବିଶେଷକରି ଉକ୍ତ ବ୍ଲକ୍‌ରୁ ପ୍ରାୟ ପ୍ରାର୍ଥୀ ହେଉଥିବାରୁ ଏଠାରେ ରାଜନୀତି ସରଗରମ ରହିଥାଏ। ଚଳିତ ନିର୍ବାଚନରେ ମଧ୍ୟ ନାମାଙ୍କନ କାଏମ ରହିଥିବା ସମସ୍ତ ୭ ଜଣ ପ୍ରାର୍ଥୀଙ୍କ ଘର ହାଟଡିହୀ ବ୍ଲକ୍‌ରେ ବୋଲି ଜଣାପଡ଼ିଛି। ୭ ଜଣଙ୍କ ମଧ୍ୟରୁ ଇଞ୍ଚଳ ପଞ୍ଚାୟତରୁ ୩ ଜଣ ପ୍ରାର୍ଥୀ ହୋଇଛନ୍ତି, ଯାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ହାଟଡିହୀ ବ୍ଲକ୍‌ରେ ବିଜେଡି ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ଭାଜପାର ଆଲୋକ ସେଠୀ, କଂଗ୍ରେସର ଜୟଦେବ ଜେନା, ଏସ୍‌ୟୁସିଆଇର ନୀଳକଣ୍ଠ ଜେନା, ବିଏସ୍‌ପିର ଦେବେନ୍ଦ୍ର ଜେନା, ସ୍ୱାଧୀନ ଝାନ୍ସିରାଣୀ ଦାସ ଓ ବିଶ୍ୱନାଥ ପ୍ରତାପ ଜେନାଙ୍କ ଘର ରହିଛି। ସେମାନଙ୍କ ମଧ୍ୟରୁ ଇଞ୍ଚଳ ପଞ୍ଚାୟତରେ ବିଜେଡି ପ୍ରାର୍ଥୀ ଅଭିମନ୍ୟୁ, ସ୍ୱାଧୀନ ପ୍ରାର୍ଥୀ ବିଶ୍ୱନାଥ ଓ ବିଏସ୍‌ପି ପ୍ରାର୍ଥୀ ଦେବେନ୍ଦ୍ରଙ୍କ ଘର ଥିବା ଜଣାପଡ଼ିଛି। ସମସ୍ତ ପ୍ରାର୍ଥୀ ଗୋଟିଏ ଅଞ୍ଚଳର ହୋଇଥିବାରୁ ସମୀକରଣ ବଦଳିପାରେ ବୋଲି କୁହାଯାଉଛି। ବର୍ତ୍ତମାନ ବିଜେଡି, କଂଗ୍ରେସ, ଭାଜପା ଓ ସ୍ୱାଧୀନ ପ୍ରାର୍ଥୀ ନିଜ ନିଜର ଇସ୍ତାହାର ଓ ବିଭିନ୍ନ ଢଙ୍ଗରେ ଲୋକଙ୍କୁ ଆକୃଷ୍ଟ କରିବାରେ ଲାଗିପଡ଼ିଛନ୍ତି।

# 'ଏମ୍‌ସିଏଲ ଅଧିକାରୀ ରାଜନୈତିକ ବକ୍ତବ୍ୟ ରଖୁଛନ୍ତି'

### ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି ପ୍ରତିନିଧି ଦଳ

ଭୁବନେଶ୍ୱର, ୧୨।୫(ସୁନିତ୍ ମିଶ୍ର)

ମହାନଦୀ କୋଲଫିଲଡ୍‌ସ ଲିଃ(ଏମ୍‌ସିଏଲ୍)ର ସାଧାରଣ ପରିଚାଳକ(ଜିଏମ୍)ଙ୍କ ବ୍ୟକ୍ତିଗତ ସହାୟକ ବୈଦ୍ୟନାଥ ସାହୁଙ୍କ ବିରୋଧରେ ବିଜେଡି ନିର୍ବାଚନ ଆଚରଣବିଧି ଉଲ୍ଲଘଂନ ଅଭିଯୋଗ ଆଣିଛି। ଏନେଇ ବିଜେଡି ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ବିଜେଡିର ଅଭିଯୋଗ ଅନୁଯାୟୀ, ସାହୁ ଏକ ଘରୋଇ ୱେବ୍ ଚ୍ୟାନେଲକୁ ସାକ୍ଷାତକାର ଦେଇ ରାଜନୈତିକ ମନ୍ତବ୍ୟ ରଖିଛନ୍ତି। ମହାନଦୀ କୋଲ୍ ଫିଲ୍ଡସ ଲିଃ କେନ୍ଦ୍ର ସରକାରଙ୍କ ଅଧୀନରେ ରହିଛି। କୌଣସି ସରକାରୀ କର୍ମଚାରୀ ନିର୍ବାଚନକୁ ନେଇ ଟିପ୍ପଣୀ ଦେବା ଆଚରଣବିଧିର ଉଲ୍ଲଂଘନ। ସମସ୍ତେ ନିଜ ଲକ୍ଷ୍ମଣରେଖା ମଧ୍ୟରେ ରୁହନ୍ତୁ। ଏହି ଘଟଣାରେ ତ୍ୱରିତ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ଦାବି କରିଛି। ଏନେଇ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ରବିବାର ସିଇଓଙ୍କୁ ଭେଟି ଆହୁରି ଅଭିଯୋଗ କରିଛନ୍ତି ଯେ, ଆଦର୍ଶ ଆଚରଣ ବିଧି ଉଲ୍ଲଘଂନ କରିବାରେ ବିଜେଡି ନୂଆ କୀର୍ତ୍ତିମାନ ସ୍ଥାପନ କରିଛି କହିଲେ ଭୁଲ ହେବ ନାହିଁ। ଭାଜପା କେତେବେଳେ ଛୋଟ ପିଲାଙ୍କୁ ନିର୍ବାଚନରେ ବ୍ୟବହାର କରୁଛି ତ ଆଉ କେତେବେଳେ ସରକାରୀ ଅଧିକାରୀଙ୍କୁ ଡରାଉଛନ୍ତି। ଶନିବାର ଭାଜପାର ଆସିକା ବିଧାୟକ ପ୍ରାର୍ଥୀ ସରୋଜ ପାଢ଼ୀ ଫ୍ଲାଇଂ ସ୍କ୍ୱାଡ୍‌କୁ ନୂଆପାଲି ଛକ ଠାରେ ଚେକିଂ କରିବାରେ ବାଧା ଦେବା ସହ ନିଜ କ୍ଷମତାର ଅପବ୍ୟବହାର କରିଛନ୍ତି।

# ପ୍ରଫୁଲ୍ଲ ମାଝୀ ବିଜେଡିରୁ ନିଲମ୍ବିତ

### ଅଶୋକ ପାଣିଗ୍ରାହୀଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

ଭୁବନେଶ୍ୱର, ୧୨।୫(ସୁନିତ୍ ମିଶ୍ର)

ଦଳ ବିରୋଧୀ କାର୍ଯ୍ୟ ଲାଗି ବରିଷ୍ଠ ନେତା ପ୍ରଫୁଲ୍ଲ ମାଝୀଙ୍କୁ ବିଜେଡି ନିଲମ୍ବନ କରିଛି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ଏକ ବିଜ୍ଞପ୍ତି ଜରିଆରେ ରବିବାର ଏହି ସୂଚନା ଦିଆଯାଇଛି। କିଛିଦିନ ତଳେ ପ୍ରଫୁଲ୍ଲ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିଲେ। ହେଲେ ଦଳ ଏଥର ତାଙ୍କୁ କେଉଁଠାରୁ ମଧ୍ୟ ଟିକେଟ ଦେଇ ନ ଥିଲା। ସେହିପରି ପୂର୍ବରୁ ଦଳରୁ ନିଲମ୍ବିତ ହୋଇଥିବା ବିଜେପୁରର ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀଙ୍କୁ ଦଳ ପୁଣିଥରେ ବିଶ୍ୱାସକୁ ନେଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ଉପରେ ଲାଗିଥିବା ନିଲମ୍ବନ ଆଦେଶକୁ ଦଳ ଉଠାଇ ଦେଇଛି। ଏନେଇ ଦଳର ସାଙ୍ଗଠନିକ ସମ୍ପାଦକଙ୍କ ଦସ୍ତଖତରେ ଏକ ବିଜ୍ଞପ୍ତି ଜାରି କରାଯାଇଛି।

# କେନ୍ଦ୍ରମନ୍ତ୍ରୀ ଥାଇ ଦେବଗଡ଼ ପାଇଁ କ'ଣ କରିଛନ୍ତି: ପ୍ରଣବ

ଦେବଗଡ଼,୧୨।୫
(ଶଶାଙ୍କ ଶେଖର ଝାଙ୍କର)


ଗୁଣ୍ଡୁରୀପୋଷିଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ ଦେବଗଡ଼ ବିଧାନସଭା ଆସନର ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ଦଳୀୟ କର୍ମକର୍ତ୍ତା।

ନିର୍ବାଚନୀ ପ୍ରଚାର ପାଇଁ ବିଭିନ୍ନ ନିର୍ବାଚନମଣ୍ଡଳୀ ଓ ବ୍ଲକ ବୁଲି ସଭାରେ ଯୋଗଦେଉଛନ୍ତି ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ। ଏହି ସମୟରେ ସେ କର୍ମୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇ ଉତ୍ସାହିତ କରୁଥିବା ଦେଖିବାକୁ ମିଳିଛି। ଜନସାଧାରଣଙ୍କୁ ଭେଟି ଆଶୀର୍ବାଦ ଲୋଡ଼ିବା ସହିତ ବିରୋଧୀଙ୍କୁ ଶାଣିତ ସ୍ୱରରେ ଆକ୍ରମଣ କରୁଛନ୍ତି। ରବିବାର ପୂର୍ବାହ୍ଣରେ ତିଳେଇବଣିଠାରେ ଅନୁଷ୍ଠିତ ପ୍ରଥମ କାର୍ଯ୍ୟକ୍ରମ ପରେ ତିଳେଇବଣି ବ୍ଲକ ଗଜୁରିବଣିଠାରେ ଖଡ଼ିଆ ସମାଜ ପକ୍ଷରୁ ପ୍ରଣବଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଣବ ସେମାନଙ୍କୁ କୃତଜ୍ଞତା ଜଣାଇବା ସହିତ ସମସ୍ତ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ବାରକୋଟ ବ୍ଲକ ଗୁଣ୍ଡୁରୀପୋଷିଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀ ଓ ନିର୍ବାଚନୀ ପ୍ରଚାରରେ ସାମିଲ ହୋଇଥିଲେ। କର୍ମୀ ସମ୍ମିଳନୀରେ ପ୍ରଣବ କହିଥିଲେ ଯେ, ପ୍ରତିପକ୍ଷ କଥାରେ ବିଶ୍ୱାସ କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦଳ କାମରେ ବିଶ୍ୱାସ କରିଥାଏ। ବିଗତ ଦିନରେ ନିର୍ବାଚିତ ହୋଇଥିବା ବିରୋଧୀମାନେ ଏ ଅଞ୍ଚଳର ଉନ୍ନତି ପାଇଁ କିଛି ବି କଲେନି। ସେହିପରି କେନ୍ଦ୍ରମନ୍ତ୍ରୀ ଥାଇ ଧର୍ମେନ୍ଦ୍ର ଦେବଗଡ଼ ପାଇଁ କ'ଣ କରିଛନ୍ତି ବୋଲି ପ୍ରଣବ ପ୍ରଶ୍ନ କରିଥିଲେ। ତେଣୁ ଏଥର ବିଜୁ ଜନତା ଦଳ ପ୍ରତି ଭରସା ରଖି ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଣବଙ୍କ ସାଥିରେ ଦେବଗଡ଼ ବିଧାୟକ ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ସମେତ ବହୁ ଦଳୀୟ ପଦାଧିକାରୀ ପ୍ରଚାରରେ ସାମିଲ ଥିଲେ। ଦେବଗଡ଼ରେ କାର୍ଯ୍ୟକ୍ରମ ସାରିବା ପରେ ସେ ରିଆମାଳରେ ପହଞ୍ଚିଥିଲେ। ରିଆମାଳରେ ବୁଥସ୍ତରୀୟ ପ୍ରଶିକ୍ଷଣ ଶିବିର ଚାଲିଥିବାବେଳେ ପ୍ରବଳ ଭିଡ଼ ହେବାରୁ କିଛି ମହିଳା ତଳେ ବସିଥିଲେ। ଏହାଦେଖି ମଞ୍ଚରୁ ଉଠିଆସି ତଳେ ବସିଥିଲେ ପ୍ରଣବ ପ୍ରକାଶ। ମହିଳାଙ୍କ ସହିତ ତଳେ ବସି କଥାବାର୍ତ୍ତା କରିବା ଘଟଣାରେ ଦେବଗଡ଼ରେ ଏବେ ଚର୍ଚ୍ଚାର ବିଷୟ ହୋଇଛି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ
DHARITRI

ପୃଷ୍ଠା–୮+୮

ଭୁବନେଶ୍ୱର, ସୋମବାର, ମେ ୧୩/୨୦୨୪ (୮+୮=୧୬ ପୃଷ୍ଠା) Bhubaneswar, Monday, May 13/2024 Page 16 ₹ 7.00

୫୦ଶ ଭାଗ ୧୬୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 168 ମୂଲ୍ୟ ₹୭/-





# ଲୋକଙ୍କ ଘୋଷଣାପତ୍ର - ୨୦୨୪

## ଯୁବ ଓଡ଼ିଶା

- ଆଗାମୀ ୧୦ ବର୍ଷରେ ରାଜ୍ୟର ଯୁବବର୍ଗଙ୍କ ପାଇଁ ୧ ଲକ୍ଷ କୋଟି ଟଙ୍କାର ସ୍ୱତନ୍ତ୍ର ବଜେଟ୍ ।
- ପ୍ରତିବର୍ଷ ୧ ହଜାର କୋଟି ବଜେଟ୍ ଉପରେ ନିଜ ଭବିଷ୍ୟତର ନିଷ୍ପତ୍ତି ନେବେ ଯୁବବର୍ଗ ।
- ନୂଆ-ଓ ଛାତ୍ରବୃତ୍ତିରେ ଛାତ୍ରୀଙ୍କୁ ୧୪,୦୦୦ ଟଙ୍କା ଓ ଛାତ୍ରଙ୍କୁ ୧୨,୦୦୦ ଟଙ୍କାର ବର୍ଦ୍ଧିତ ବୃତ୍ତି ପ୍ରଦାନ କରାଯିବ ।
- ନୂଆ-ଓ ଛାତ୍ରବୃତ୍ତି ଓ ମ୍ୟାଜିକ୍ କାର୍ଡ଼ର ପରିସର ବୃଦ୍ଧି କରାଯାଇ ସମସ୍ତ ୟୁଜି, ପିଜି, ଡିପ୍ଲୋମା ଏବଂ ପଲିଟେକ୍ନିକ ଛାତ୍ରଛାତ୍ରୀଙ୍କୁ ସାମିଲ୍ କରାଯିବ ।
- ପ୍ରତିଷ୍ଠା ହେବ ଓଡ଼ିଶା ଦକ୍ଷତା ଓ ଉଦ୍ୟୋଗ ବିଶ୍ୱବିଦ୍ୟାଳୟ ।
- ଯୁବବର୍ଗଙ୍କୁ ମିଳିବ ୨ ଲକ୍ଷ ସରକାରୀ ନିଯୁକ୍ତି ।

## ମାଗଣା ବିଜୁଳି

- ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ୯୦% ପରିବାରକୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ।
- ଚାଷୀମାନଙ୍କ ପାଇଁ ମାଗଣା ବିଜୁଳି ।

## ମହିଳା ସଶକ୍ତିକରଣ

- ମିଶନ ଶକ୍ତି ମହିଳାଙ୍କୁ ମିଳିବ ବିନା ସୁଧରେ ୧୫ ଲକ୍ଷ ଟଙ୍କାର ଋଣ ।
- ମିଶନ ଶକ୍ତିକୁ ୨୦ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ ଯୋଗାଇ ଦିଆଯିବ ।
- ୨୦୩୬ ସୁଦ୍ଧା ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ଜେଣ୍ଡର ବଜେଟ୍ ଆସିବ ।
- ମହିଳା ଉଦ୍ୟୋଗୀଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଫ୍ଟ ଲୋନ ଯୋଗାଇବା ପାଇଁ ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି ।
- ଉଭୟ ଗ୍ରାମୀଣ ଏବଂ ସହରାଞ୍ଚଳ ମିଶନ ଶକ୍ତି ମା'ମାନଙ୍କ ପାଇଁ ପେନସନ ।

## ସ୍ୱାସ୍ଥ୍ୟ

- ସମସ୍ତଙ୍କୁ BSKY ନବୀନ କାର୍ଡ଼ରେ ଅନ୍ତର୍ଭୁକ୍ତ କରାଯିବ ।
- ସରକାରୀ କର୍ମଚାରୀ, କମ୍ୟୁନିଟି କର୍ମଚାରୀ ଓ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରାଯିବ ।
- ଓଡ଼ିଶାରେ ଡାକ୍ତରମାନଙ୍କ ସଂଖ୍ୟା ଅଧିକ ହେବ ।

## କୃଷକ

- ଓଡ଼ିଶା, ଦେଶରେ କୃଷକଙ୍କ ଆୟ ବୃଦ୍ଧିରେ ଏକ ନମ୍ବର ରାଜ୍ୟ ହେବ ।
- ବିନା ସୁଧରେ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ମିଳିବ ।
- ଚାଷୀମାନଙ୍କ ପାଇଁ ମାଗଣା ବିଜୁଳି ।
- ମଣ୍ଡିଗୁଡ଼ିକର ଆଧୁନିକୀକରଣ ପାଇଁ ୫୦୦ କୋଟି ଟଙ୍କାର ଅନୁଦାନ ।
- ଝିଅ ବିବାହ ପାଇଁ ଚାଷୀ ପରିବାରକୁ ୨୫,୦୦୦ ଟଙ୍କାର ସହାୟତା ମିଳିବ ।

## ଅନୁସୂଚିତ ଜାତି (SC)

- ପ୍ରତିବର୍ଷ ୧୦,୦୦୦ ଅନୁସୂଚିତ ଜାତିର ଲୋକମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଦିଆଯିବ ।
- ଅନୁସୂଚିତ ଜାତିର ଯୁବବର୍ଗଙ୍କୁ ଉଦ୍ୟୋଗ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣର ସୁଧ ଉପରେ ରିହାତି ମିଳିବ ।

## ଅନୁସୂଚିତ ଜନଜାତି (ST)

- ଏସ.ଡି.ସିଗୁଡ଼ିକୁ ଦୁଇଗୁଣ ପାଣ୍ଠି ଯୋଗାଇ ଦିଆଯିବ ।
- କେନ୍ଦୁପତ୍ରର ମୂଲ୍ୟ ବିଡ଼ା ପିଚ୍ଛା ୨ ଟଙ୍କା ବୃଦ୍ଧି ସହିତ ତୋଳାଳୀମାନଙ୍କ ପାଇଁ ୫୦% ଏବଂ ବନ୍ଧାଳୀମାନଙ୍କ ପାଇଁ ୧୦%ର ବୋନସ୍ ଯୋଗାଇ ଦିଆଯିବ ।
- ପ୍ରତିବର୍ଷ ୧୦,୦୦୦ ଜନଜାତିର ଲୋକମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଦିଆଯିବ ।
- ଜନଜାତିର ଯୁବବର୍ଗଙ୍କୁ ଉଦ୍ୟୋଗ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣର ସୁଧ ଉପରେ ରିହାତି ମିଳିବ ।

## ଅନ୍ୟାନ୍ୟ ପଛୁଆ ବର୍ଗ (OBC)

- ପ୍ରତିବର୍ଷ ୧୦,୦୦୦ ଅନ୍ୟାନ୍ୟ ପଛୁଆ ବର୍ଗର ଲୋକମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଦିଆଯିବ ।
- ଅନ୍ୟାନ୍ୟ ପଛୁଆ ବର୍ଗର ଯୁବବର୍ଗଙ୍କୁ ଉଦ୍ୟୋଗ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣର ସୁଧ ଉପରେ ରିହାତି ମିଳିବ ।
- ସାମାଜିକ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ହେବ SEBC-OBC ଜନଗଣନା ।

## ସଂଖ୍ୟାଲଘୁ ସମ୍ପ୍ରଦାୟ

- ସଂଖ୍ୟାଲଘୁମାନଙ୍କର ଶିକ୍ଷାନୁଷ୍ଠାନ ଏବଂ ମହତ୍ତ୍ୱପୂର୍ଣ୍ଣ ସ୍ଥାନଗୁଡିକୁ 5T ଅଧୀନରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିକାଶ କରାଯିବ ।
- ସ୍ୱୟମ୍ ଯୋଜନା ଦ୍ୱାରା ସଂଖ୍ୟାଲଘୁ ଯୁବବର୍ଗଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଶେଷ ଧ୍ୟାନ ଦିଆଯିବ ।

## ମଧ୍ୟବିତ୍ତ ବର୍ଗ

- ସମସ୍ତ ମଧ୍ୟବିତ୍ତ ପରିବାରକୁ BSKYରେ ଅନ୍ତର୍ଭୁକ୍ତ କରାଯିବ ।
- ମାଗଣା ବିଜୁଳି ସେବାରେ ଅନ୍ତର୍ଭୁକ୍ତ କରାଯିବ ।
- ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣର ସୁଧ ଉପରେ ରିହାତି ମିଳିବ ।
- ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷା ଋଣର ସୁଧ ଉପରେ ରିହାତି ମିଳିବ ।
- ସମସ୍ତଙ୍କ ପାଇଁ ବସ୍, ମେଟ୍ରୋ ଏବଂ ବିମାନ ଯୋଗେ ସୁଲଭ ପରିବହନ ବ୍ୟବସ୍ଥା କରାଯିବ ।

## ଶ୍ରମିକ

- ସର୍ବନିମ୍ନ ମଜୁରି ଦୁଇଗୁଣ ହେବ ।
- ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ପାଣ୍ଠି ଦୁଇଗୁଣ ହେବ ।
- ଶ୍ରମିକମାନଙ୍କ ପାଇଁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣର ସୁବିଧା ହେବ ।
- ଛାତ୍ରବୃତ୍ତି ଏବଂ ଶିକ୍ଷା ଋଣର ସୁବିଧା ।
- କାରିଗର ଓ ବୁଣାକାରଙ୍କ ପାଇଁ ମାସିକ ସ୍ୱତନ୍ତ୍ର ପେନସନ ବ୍ୟବସ୍ଥା ।

## ବରିଷ୍ଠ ନାଗରିକ

- ସମସ୍ତ ବରିଷ୍ଠ ନାଗରିକଙ୍କ ପାଇଁ BSKYରେ କର୍କଟ, ମାନସିକ ସ୍ୱାସ୍ଥ୍ୟ, ଅକ୍ଷମତାର ସର୍ବଭାରତୀୟ ସ୍କ୍ରିନିଂ ଅନ୍ତର୍ଭୁକ୍ତ କରାଯିବ ।
- ପିପିପି ମୋଡ୍ ରେ ସାରା ରାଜ୍ୟରେ ସ୍ଥାପନ ହେବ ସକ୍ରିୟ ବାର୍ଦ୍ଧକ୍ୟ କେନ୍ଦ୍ର ।
- ସମସ୍ତ ଯୋଗ୍ୟ ବରିଷ୍ଠ ନାଗରିକଙ୍କୁ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ।
- ପୁରୀକୁ ଯାତ୍ରା ପାଇଁ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା'ରେ ଅନ୍ତର୍ଭୁକ୍ତ କରାଯିବ ।

## ଭିନ୍ନକ୍ଷମ

- ଭିନ୍ନକ୍ଷମଙ୍କୁ ଉଦ୍ୟୋଗୀ କରିବା ପାଇଁ 'ଭିନ୍ନକ୍ଷମ ଉତ୍କର୍ଷ କେନ୍ଦ୍ର' ସ୍ଥାପନ କରାଯିବ ।
- ଏସିସଟିଭ ଟେକ୍ନୋଲୋଜି ଏବଂ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ୧୦୦ କୋଟି ଟଙ୍କାର ଏକ ଇମ୍ପାକ୍ଟ ପାଣ୍ଠି ଗଠନ କରାଯିବ ।
- ଡିଜିଟାଲ ସାକ୍ଷରତା ବୃଦ୍ଧି ସହ ଭିନ୍ନକ୍ଷମ ମହିଳା ଓ ଝିଅମାନଙ୍କ ପାଇଁ ସ୍ମାର୍ଟଫୋନ୍ ର ବ୍ୟବସ୍ଥା କରାଯିବ ।
- ଭିନ୍ନକ୍ଷମ କଲ୍ୟାଣ ତଥା ବିକାଶ ପାଇଁ ରାଜ୍ୟ ବଜେଟ୍ କୁ ବହୁଗୁଣ କରାଯିବ ।

## ଅର୍ଥନୀତି ଅଭିବୃଦ୍ଧି

- ପୁଞ୍ଜିନିବେଶ କ୍ଷେତ୍ରରେ ଦେଶର ଶ୍ରେଷ୍ଠ ୩ଟି ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇବ ।
- ନୂତନ ଯୁଗର ଟେକ୍ନୋଲୋଜି, AI ଚାଳିତ ଜ୍ଞାନ ଓ ଅର୍ଥନୀତି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ।
- ଓଡ଼ିଶାକୁ ଆଇଟି ହବ୍, ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ ଇକୋସିଷ୍ଟମରେ ପରିଣତ କରିବା ଉପରେ ଗୁରୁତ୍ୱ ଦିଆଯିବ ।
- ୧୦୦ଟି ଉଚ୍ଚମାନର ଇକୋ ପର୍ଯ୍ୟଟନ ସ୍ଥଳ ନିର୍ମାଣ ହେବ ।
- ୫୦୦ କୋଟି ଟଙ୍କାର ମଧ୍ୟମ ଓ ଲଘୁ ଶିଳ୍ପ ପାଇଁ କର୍ପସ୍ ପାଣ୍ଠି ଗଠନ କରାଯିବ ।

## ଗୁଣାତ୍ମକ ଶିକ୍ଷା

- ପର୍ଯ୍ୟାୟକ୍ରମେ 5T ଅଧୀନରେ ସମସ୍ତ ସ୍କୁଲ ଓ କଲେଜକୁ ରୂପାନ୍ତରିତ କରାଯିବ ।
- ପ୍ରତି ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (OAV)କୁ ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ପ୍ରତିଷ୍ଠା କରାଯିବ ।
- ରାଜ୍ୟର ମହାପୁରୁଷମାନଙ୍କ ସହ ଜଡ଼ିତ ୧୦୦ଟି ବିଦ୍ୟାଳୟକୁ 'ଐତିହ୍ୟ ବିଦ୍ୟାଳୟ ପ୍ରକଳ୍ପ' କରାଯିବ ।

## ଭିତ୍ତିଭୂମି ଏବଂ ଯୋଗାଯୋଗ

- ଭୁବନେଶ୍ୱର-ପୁରୀ ବିମାନବନ୍ଦର ମଧ୍ୟରେ ଏକ୍ସପ୍ରେସ ୱେ ଏବଂ ଅର୍ଥନୈତିକ କରିଡର ନିର୍ମାଣ ହେବ ।
- ଗୋପାଳପୁର ଏବଂ ଜୟପୁରକୁ ସଂଯୋଗ କରି ୫,୦୦୦ କୋଟି ଟଙ୍କା ବ୍ୟୟରେ ବିଜୁ ଏକ୍ସପ୍ରେସ୍ ୱେ (ଦକ୍ଷିଣ)ର ନିର୍ମାଣ କାର୍ଯ୍ୟ ଶେଷ କରାଯିବ ।
- ଲକ୍ଷ୍ମୀ ବସ୍ ଯୋଜନାର ପରିସର ବୃଦ୍ଧି କରାଯାଇ ଗ୍ରାମଗୁଡ଼ିକୁ ଜିଲ୍ଲା ସଦର ମହକୁମା ଓ ନିକଟସ୍ଥ ବଡ଼ ସହର ସହ ସଂଯୋଗ କରାଯିବ ।
- ମହିଳା ଓ ଛାତ୍ରଛାତ୍ରୀଙ୍କ ପାଇଁ ଯାତ୍ରାରେ ରିହାତି ମିଳିବ ।
- କୋଷ୍ଟାଲ ଏକ୍ସପ୍ରେସ ୱେର ବିକାଶ କରାଯିବ ।
- ପୁରୀରେ ଶ୍ରୀ ଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦରର ନିର୍ମାଣ କରାଯିବ ।
- ଅନ୍ତର୍ଜାତୀୟ ସହରଗୁଡ଼ିକୁ ଯୋଡୁଥିବା ବିମାନ ସଂଖ୍ୟା ବୃଦ୍ଧି ହେବ ।

## କ୍ରୀଡ଼ା ବିକାଶ

- ଓଡ଼ିଶାକୁ ଦେଶର ପ୍ରମୁଖ କ୍ରୀଡ଼ା କ୍ଷେତ୍ର ଭାବେ ବିକଶିତ କରିବାର ଧାରା ଅବ୍ୟାହତ ରହିବ ।
- ବାରବାଟୀରେ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ, ସମ୍ବଲପୁରରେ ଫୁଟବଲ ଷ୍ଟାଡିୟମ, ବ୍ରହ୍ମପୁରରେ ଇଣ୍ଟିଗ୍ରେଟେଡ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ହେବ ।
- 5T ଜରିଆରେ ପ୍ରତିଭା ଚୟନଠାରୁ ଆରମ୍ଭ କରି ବିଶେଷଜ୍ଞ କୋଚିଂ ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା ରହିବ ।

## ବ୍ୟାପକ ଗ୍ରାମୀଣ ସୁବିଧା ଏବଂ ସେବା

- ରାସନ କାର୍ଡ଼ ଜରିଆରେ ଖାଦ୍ୟ ସୁରକ୍ଷା ।
- ବିଶୁଦ୍ଧ ପାନୀୟ ଜଳ ଓ ପାଇପ୍ ଯୋଗେ ଜଳ ଯୋଗାଣ ।
- ଆମ ହସ୍ପିଟାଲ ଯୋଗେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ।
- ସମସ୍ତଙ୍କୁ BSKYରେ ଅନ୍ତର୍ଭୁକ୍ତ କରାଯିବ ।
- ସମସ୍ତ ସ୍କୁଲ ଓ କଲେଜ 5T ଉପକ୍ରମରେ ସାମିଲ ହେବେ ।
- ଯୋଗ୍ୟ ଗ୍ରାମୀଣ ପରିବାରକୁ ବିନା ମୂଲ୍ୟରେ ବିଜୁଳି ।
- ଆମ ବ୍ୟାଙ୍କ ଜରିଆରେ ଆର୍ଥିକ କାରବାର ସୁବିଧା ପ୍ରଦାନ କରାଯିବ ।
- ଗ୍ରାମୀଣ ଆବାସ ଅଧୀନରେ ଯୋଗ୍ୟ ପରିବାରକୁ ୧୦ ଲକ୍ଷ ଘର ଦିଆଯିବ ।
- ମୋବାଇଲ ଓ ବ୍ରଡବ୍ୟାଣ୍ଡ ସଂଯୋଗ ବୃଦ୍ଧି ।
- ଉନ୍ନତ ଗ୍ରାମୀଣ ରାସ୍ତା ଓ ସେତୁ ସ୍ଥାପନ କରାଯିବ ।
- ସମସ୍ତ ଗ୍ରାମ ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ସଦର ମହକୁମାକୁ ଲକ୍ଷ୍ମୀ ବସ୍ ସେବାର ପରିସର ବୃଦ୍ଧି କରାଯିବ ।

5T
ନବୀନ
ଗ୍ୟାରେଣ୍ଟି

## ସହରୀକରଣ

- ୪ଟି ମେଗା ଅର୍ବାନ କ୍ଲଷ୍ଟରର ବିକାଶ: ଭୁବନେଶ୍ୱର-କଟକ-ଖୋର୍ଦ୍ଧା-ପୁରୀ, ସମ୍ବଲପୁର-ଝାରସୁଗୁଡ଼ା-ରାଉରକେଲା, ବାରିପଦା-ବାଲେଶ୍ୱର-ଭଦ୍ରକ ଏବଂ ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର ।
- ସମୟସୀମା ଅନୁଯାୟୀ ଭୁବନେଶ୍ୱର-କଟକ ମେଟ୍ରୋ ନିର୍ମାଣ ଶେଷ ଏବଂ କଟକ, ଖୋର୍ଦ୍ଧା ଓ ପୁରୀକୁ ସଂଯୋଗ କରିବା ପାଇଁ ସମ୍ପ୍ରସାରଣ ।
- ଜାଗା ମିଶନର ପରିସର ବୃଦ୍ଧି ।

## ଭାଷା ହିଁ ଭବିଷ୍ୟତ

- ଐତିହ୍ୟ ବିକାଶ ପାଇଁ ୧,୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ।
- ଶାସ୍ତ୍ରୀୟ ଭାଷା ଓଡ଼ିଆର ବିକାଶ ପାଇଁ ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି ବ୍ୟବସ୍ଥା କରାଯିବ ।
- ପଶ୍ଚିମ ଓଡ଼ିଶାର ଭାଷାଗୁଡ଼ିକର ଗବେଷଣା ଓ ବିକାଶ ପାଇଁ ୨୫ କୋଟି ଟଙ୍କାର କର୍ପସ ପାଣ୍ଠି କରାଯିବ ।

## ଖାଦ୍ୟ ନିରାପତ୍ତା

- ସମସ୍ତ ଯୋଗ୍ୟ ପରିବାରକୁ ରାସନ କାର୍ଡ଼ ପ୍ରଦାନ ।
- ମଣ୍ଡିଗୁଡ଼ିକର ଉନ୍ନତି ପାଇଁ ୫୦୦ କୋଟି ଟଙ୍କାର ବ୍ୟୟବରାଦ କରାଯିବ ।

## ଆଞ୍ଚଳିକ ସମନ୍ୱୟ

- ବିଜୁ ଏକ୍ସପ୍ରେସ୍ ୱେର ନିର୍ମାଣ ସହିତ ଝାରସୁଗୁଡ଼ା, ଜୟପୁର ଓ ମାଲକାନଗିରିକୁ ବିମାନ ଯୋଗାଯୋଗ ସୁଦୃଢ଼ କରାଯିବ ।
- ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ 'ଫୁଡ ଓ ଆଗ୍ରୋ ପ୍ରୋସେସିଂ' ଶିଳ୍ପ ଉପରେ ଗୁରୁତ୍ୱ ଦିଆଯିବ ।
- ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଜଳସେଚନ, ଶିଳ୍ପ, ଶିକ୍ଷାନୁଷ୍ଠାନ, ସଡ଼କ ଓ ସେତୁର ଉନ୍ନତିକୁ ପ୍ରାଧାନ୍ୟ ଦିଆଯିବ ।

## ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ

- ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ 'ଓଡ଼ିଶା ଜଳବାୟୁ ପରିବର୍ତ୍ତନ ଆକ୍ସନ୍ ପ୍ଲାନ୍-୨୦୩୬' ପ୍ରସ୍ତୁତ କରାଯିବ ।
- ବୈଦ୍ୟୁତିକ ବାହନ (EV) ବ୍ୟବହାର ଓ କ୍ରୟ ପାଇଁ ପ୍ରୋତ୍ସାହନ ବୃଦ୍ଧି କରାଯିବ ।

## ସୁଶାସନ

- 5T ନୀତି ଓ ମୋ ସରକାର ଆଧାରରେ ଉନ୍ନତ ଶାସନ ପାଇଁ ପ୍ରୟାସ ଜାରି ରହିବ ।
- ମୋ ସରକାରକୁ ସମସ୍ତ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଯିବା ସହ ଅଭିଯୋଗ ସମାଧାନ ବ୍ୟବସ୍ଥା ପ୍ରତିଷ୍ଠା କରାଯିବ ।
- ଓଡ଼ିଶା ଆଧ୍ୟାତ୍ମିକ ପ୍ରଗତି ପାଇଁ ସୁନାମ ଅର୍ଜନ କରିଛି, ଏହାକୁ ବିଶ୍ୱ ଦରବାରରେ ପ୍ରଦର୍ଶନ କରାଯିବ ।



**ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ୍ ଦିଅନ୍ତୁ**

**ଲୋକସଭା** **ବିଧାନସଭା**

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ସୋମବାର, ମେ ୧୩/୨୦୨୪ | Bhubaneswar, Monday, May 13/2024 | ପୃଷ୍ଠା-୧



## ଫାଇନାଲରେ ଶ୍ରାବଣୀ

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସର ମହିଳା ୨୦୦ ମିଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଶ୍ରାବଣୀ ନନ୍ଦା।

୦୬

୦୨

## ‘ଶ୍ରୀକାନ୍ତ’ରେ ରାଜକୁମାରଙ୍କ ଜଲୱା

ଅଭିନେତା ରାଜକୁମାର ରାଓଙ୍କ ଅଭିନୀତ ଫିଲ୍ମ ‘ଶ୍ରୀକାନ୍ତ’ ବକ୍ସ ଅଫିସରେ ଭଲ ବ୍ୟବସାୟ କରିଛି। ଏଥିରେ ଦର୍ଶକ ତାଙ୍କ ଅଭିନୟକୁ ଖୁବ୍ ପସନ୍ଦ କରିଛନ୍ତି।





ରୌଦ୍ରତାପ ବୃଦ୍ଧି ପାଉଥିବାବେଳେ କଟକ ଯୋବ୍ରା ରିଂରୋଡ୍ ଡିଭାଇଡରରେ ଥିବା ବଡ଼ବଡ଼ ଗଛକୁ କାଟି ଦିଆଯାଇଛି। (ଫଟୋ-ରାଜକିଶୋର ମହାନ୍ତି)

# ଆଜି ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଭୋଟ

ଭୁବନେଶ୍ୱର, ୧୨।୫(ଅସମାପିକା ସାହୁ)

ଓଡ଼ିଶାରେ ପ୍ରଥମ ତଥା ଦେଶରେ ଚତୁର୍ଥ ପର୍ଯ୍ୟାୟ ଭୋଟ ସୋମବାର ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ରାଜ୍ୟର କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୨୮ ବିଧାନସଭା କ୍ଷେତ୍ରରେ ମତଦାନ ହେବ। ମୋଟ ୭,୩୦୩ ମତଦାନ କେନ୍ଦ୍ରରେ ୬୨,୮୭,୨୨୨ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ପୁରୁଷ ଭୋଟରଙ୍କ ତୁଳନାରେ ମହିଳା ଭୋଟର ସଂଖ୍ୟା ଅଧିକ ରହିଛି। ୩୧,୮୯,୦୬୦ଜଣ ମହିଳା ଭୋଟର ଥିବାବେଳେ ୩୦,୯୭,୫୨୭ଜଣ ପୁରୁଷ ଓ ୬୩୫ଜଣ ତୃତୀୟ ଲିଙ୍ଗୀ ମତଦାତା ରହିଛନ୍ତି। ତେବେ ୬୦ ପ୍ରତିଶତ ବୁଥ୍‌ରେ ୱେବ୍‌କାଷ୍ଟିଂ କରାଯିବ। ଏହି ପରିପ୍ରେକ୍ଷୀରେ ପ୍ରତି ବୁଥ୍‌ରେ ମତଦାତାଙ୍କୁ ସ୍ୱାଗତ କରିବା ପାଇଁ ନିର୍ବାଚନ କର୍ମଚାରୀମାନେ ପ୍ରସ୍ତୁତ ବୋଲି ରବିବାର ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ୧୩ ତାରିଖରେ ମତଦାନ କରାଇବା ପାଇଁ ପୋଲିଂ ପାର୍ଟିଗୁଡ଼ିକ ପୋଲିଂ ଷ୍ଟେଶନକୁ ଯାଇସାରିଛନ୍ତି। ନୂଆପଡ଼ା ଜିଲାର ଦୁର୍ଗମ ଅଞ୍ଚଳରେ ଥିବା ୬ଟି ବୁଥ୍ ପାଇଁ ପୋଲିଂ ପାର୍ଟିଗୁଡ଼ିକୁ ଏୟାର ଡ୍ରପ୍ କରାଯାଇଛି। ଅନେକ ଅଞ୍ଚଳକୁ ବୋଟ୍ ମାଧ୍ୟମରେ ନଦୀ ପାରହୋଇ ପୋଲିଂ ପାର୍ଟିଗୁଡ଼ିକ ଯାତ୍ରା କରିଛନ୍ତି। ଏସବୁ ଐତିହାସିକ ମୁହୂର୍ତ୍ତ ନିର୍ବାଚନକୁ ଦେଶର ପ୍ରକୃତ ମହାନତମ ଗଣପର୍ବ ରୂପେ ପ୍ରତିଷ୍ଠିତ କରିବା ସହ ‘ମତଦାନର ପର୍ବ- ଆମ ଦେଶର ଗର୍ବ’ ବାର୍ତ୍ତାକୁ ସାର୍ଥକ କରୁଛି। ଏହି ୪ ସଂସଦୀୟ କ୍ଷେତ୍ରର ସମସ୍ତ ନାଗରିକଙ୍କୁ ମତଦାନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଧଳ ଅନୁରୋଧ କରିବା ସହ ନିଜ ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବାକୁ ଅପିଲ କରିଛନ୍ତି।

### କେଉଁଠି ମତଦାନ

**୪ ଲୋକ ସଭା ଆସନ**

କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଏବଂ ବ୍ରହ୍ମପୁର

**୨୮ ବିଧାନସଭା ଆସନ**

ନୂଆପଡ଼ା, ଖଡିଆଳ, ଲାଞ୍ଜିଗଡ଼, ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା, ନର୍ଲା, ଉମରକୋଟ, ଝରିଗାଁ, ନବରଙ୍ଗପୁର, ଡାବୁଗାଁ, କୋଟପାଡ଼, ମାଲକାନଗିରି, ଚିତ୍ରକୋଣ୍ଡା, ଗୁଣପୁର, ବିଷମକଟକ, ରାୟଗଡ଼ା, ଲକ୍ଷ୍ମୀପୁର, ଜୟପୁର, କୋରାପୁଟ, ପଟାଙ୍ଗୀ, ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ମୋହନା ଏବଂ ପାରଳାଖେମୁଣ୍ଡି



## ନିର୍ବାଚନ ପାଇଁ ୧୭ ହଜାର ପୋଲିସ

ଭୁବନେଶ୍ୱର,୧୨।୫(ସତ୍ୟଜିତ୍ ରାଉତ)

ରାଜ୍ୟରେ ସୋମବାର ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ପୋଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ୯ ଜିଲାରେ ଶୃଙ୍ଖଳିତ ତଥା ସୁରକ୍ଷିତ ନିର୍ବାଚନ କରିବାକୁ ବିଭିନ୍ନ ର୍‌ୟାଙ୍କର ୧୭ ହଜାର ପୋଲିସ ନିୟୋଜିତ ହୋଇଛନ୍ତି। ବିଶେଷକରି ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ରହିଥିବା ୫୩୭ଟି ମତଦାନ କେନ୍ଦ୍ରକୁ ସୁରକ୍ଷା ବଳୟରେ ରଖାଯାଇଥିବା ରବିବାର ପୋଲିସ ଡିଜି ଅରୁଣ ଷଡ଼ଙ୍ଗୀ କହିଛନ୍ତି। ଡିଜିପି କହିଛନ୍ତି, ନିର୍ବାଚନ ପାଇଁ ୧୦୪ କମ୍ପାନୀ ଅର୍ଦ୍ଧସାମରିକ ବାହିନୀ (ସିଏପିଏଫ୍) ଓ ରାଜ୍ୟ ପୋଲିସର ୬୬ ପ୍ଲାଟୁନ୍ ସଶସ୍ତ୍ର ବାହିନୀ (ଏସ୍ଏପି) ଦାୟିତ୍ୱରେ ଅଛନ୍ତି। ବୁଥ୍ ଓ ମୋବାଇଲ ପାଟ୍ରୋଲିଂ ଆଦି କାର୍ଯ୍ୟରେ ୨୯ ଅତିରିକ୍ତ ଏସ୍‌ପି, ୫୭ ଡିଏସ୍‌ପି, ୧୫୪ ଇନ୍ସପେକ୍ଟର, ୧୪୫୭ ଜଣ ଏସ୍ଆଇ/ଏଏସ୍ଆଇ, ୬ ହଜାର ୬୩୯ ଜଣ ହାବିଲଦାର ଓ କନଷ୍ଟେବଲ୍, ୫ ହଜାର ୫୮୧ ଜଣ ହୋମ୍‌ଗାର୍ଡ ଓ ଗ୍ରାମରକ୍ଷୀ ନିୟୋଜିତ ହୋଇଛନ୍ତି।

☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

### ଗୁରୁତ୍ୱବିହୀନ ଭୋଟର

**ଆଜିର ମନ୍ତବ୍ୟ**

“ ଲୋକ ସଭା ନିର୍ବାଚନ ଦୁଇଟି ବିଚାରଧାରାର ଲୋକଙ୍କ ମଧ୍ୟରେ ହେଉଛି। ଗୋଟିଏ ଗୋଷ୍ଠୀ ସମ୍ବିଧାନର ପରିବର୍ତ୍ତନ ଚାହୁଁଥିବାବେଳେ ଅନ୍ୟ ଗୋଷ୍ଠୀ ଏହାର ସୁରକ୍ଷା କରୁଛନ୍ତି।

-ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ

## କାର୍ ଓଲଟି ୨ ସାଙ୍ଗ ମୃତ, ଦୁଇ ଆହତ

ଭଞ୍ଜନଗର,୧୨।୫(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ବୁଢୁଲି ନିକଟରେ ରବିବାର ଏକ କାର୍ ଓଲଟି ପଡ଼ିବାରୁ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଖଜୁରିପଲ୍ଲୀର ଜିତେନ ବାଡତ୍ୟା ଓ ବେଲଗୁଣ୍ଠାର ଏମ୍. ପ୍ରଧାନ। ଆହତ ବିଡିପୁରର ଦେବାଶିଷ ବିଷୋୟୀ ଓ ବେଲଗୁଣ୍ଠାର ଶିବାଶିଷ ପ୍ରଧାନ ଭଞ୍ଜନଗର ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଭଞ୍ଜନଗର- ଫୁଲବାଣୀ ମୁଖ୍ୟରାସ୍ତାର ନିଧିଆପଲ୍ଲୀରେ ଚାଲିଥିବା ନାମଯଜ୍ଞ ଦେଖିବାକୁ ୪ ସାଙ୍ଗ କାର୍‌ରେ ଯାଇ ଅପରାହ୍ନରେ ଫେରୁଥିଲେ। ଦ୍ରୁତଗତି ଯୋଗୁ କାର୍‌ର ଆଗ ଡାହାଣ ଚକା ଗାଡ଼ିରୁ ଅଲଗା ହୋଇଯାଇଥିଲା। ଫଳରେ ଭାରସାମ୍ୟ ହରାଇ କାର୍‌ଟି ଓଲଟି ପଡ଼ିବାରୁ ଘଟଣାସ୍ଥଳରେ ଜିତେନଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସକୁ

☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଫେଡେରେଶନ କପ୍ ସିନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍, ସ୍ଥାନ : କଳିଙ୍ଗ ଷ୍ଟାଡିୟମ, ସମୟ: ସକାଳ ୫ଟା୪୫ରୁ ୯ଟା । ଅପରାହ୍ଣ ୫ଟା ୩୦ରୁ ରାତି ୯ଟା ।
- ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ, ସ୍ଥାନ: ବକୁଳ ଲାଇବ୍ରେରୀ , ୧୬, ସତ୍ୟନଗର, ସମୟ: ଅପରାହ୍ଣ ୫ଟା ।
- ମା'ଜାଗୁଳାଇ ରାମଲୀଳା ସମିତି ଆନୁକୂଲ୍ୟରେ ବାର୍ଷିକ ରାମଲୀଳା ନାଟକ ରାମ ବନବାସ: ସ୍ଥାନ: ଜଗନ୍ନାଥପୁର ଗ୍ରାମ ରାମଲୀଳା ମଣ୍ଡପ, ବାଲିଅନ୍ତା, ସମୟ: ରାତି ୧୧ଟା ।

## କଟକ
- ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କ ଜୟନ୍ତୀ ଉପଲକ୍ଷେ ସ୍ମୃତି କମିଟି ପକ୍ଷରୁ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: କଟକ ଗଡ଼ଗଡ଼ିଆ ଘାଟ ନିକଟ, ସମୟ: ସକାଳ ୮ଟା ୩୦ ।
- ଆଇନଜୀବୀ ବ୍ରଜବନ୍ଧୁ ବିଶ୍ୱାଳଙ୍କ ପ୍ରତିକୃତି ଉନ୍ମୋଚନ, ସ୍ଥାନ: ହାଇକୋର୍ଟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ଣ ୪ଟା ୩୦ ।

## ପୁରୀ
- ଆର୍ଟ ଅଫ୍ ଲିଭିଂ ପକ୍ଷରୁ ଗୁରୁ ରବିଶଙ୍କରଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ପୁରୀ ପୌରସଦନ, ସମୟ: ସକାଳ ୭ଟା ୩୦ ।
- ଭାଜପାର ଜନସମ୍ପର୍କ ଯାତ୍ରା, ସ୍ଥାନ: ବଳରାମପୁରଗଡ଼ ଓ କେତକୀ ପାଟଣା ପଞ୍ଚାୟତ, ସମୟ: ପୂର୍ବାହ୍ଣ ୧୧ଟା ।
- ବିଜେଡିର କର୍ମୀ ସମାବେଶ ଓ ନିର୍ବାଚନୀ ପ୍ରଚାର, ସ୍ଥାନ: ସତ୍ୟବାଦୀ, ସମୟ: ପୂର୍ବାହ୍ଣ ୧୧ଟା ।

## ଖୋର୍ଦ୍ଧା
- ମଦନମୋହନ ନାଟ୍ୟ କଳା ସଂସଦ ପକ୍ଷରୁ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବ, ସ୍ଥାନ: ଧନୁଯାତ୍ରା ପଡ଼ିଆ, ପାତ୍ରପଡ଼ା, ଜଟଣୀ, ସମୟ: ସନ୍ଧ୍ୟା ୬ଟା ।

## ବାଲେଶ୍ୱର
- ବାଲେଶ୍ୱର କଂଗ୍ରେସ ଏମ୍‌ପି ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ, ସ୍ଥାନ: ଜିଲାପାଳଙ୍କ ଅଫିସ, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା ।
- କଂଗ୍ରେସର ଜଳେଶ୍ୱର, ବସ୍ତା ଓ ରେମୁଣା ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ, ସ୍ଥାନ: ଉପ ଜିଲାପାଳଙ୍କ ଅଫିସ, ବାଲେଶ୍ୱର, ସମୟ:ପୂର୍ବାହ୍ଣ ୧୦ଟା ।
- ନୀଳଗିରିର ବିଜେଡି ଓ କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ, ସ୍ଥାନ: ଉପ ଜିଲାପାଳଙ୍କ ଅଫିସ, ନୀଳଗିରି, ସମୟ: ପୂର୍ବାହ୍ଣ ୧୦ଟା ।

## ଭଦ୍ରକ
- ବିଜେଡି ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ଶୋଭାଯାତ୍ରା, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସକାଳ ୭ଟା ।
- ଧାମନଗର ଭାଜପା ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ, ସ୍ଥାନ: ଅତିରିକ୍ତ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ଣ ୧୧ଟା ।
- କଂଗ୍ରେସ ଲୋକ ସଭା ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା ।
- ସାରସ୍ୱତ ଆଲୋଚନା ଓ କବିତା ପାଠୋତ୍ସବ, ସ୍ଥାନ: ବିନ୍ଧାବଜାର, ତିହିଡ଼ି, ସମୟ: ଅପରାହ୍ଣ ୪ଟା ।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଗୁଜିଦରଡ଼ା, ଭଦ୍ରକ, ସମୟ: ଅପରାହ୍ଣ ୫ଟା ।
- କଂଗ୍ରେସ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ, ସ୍ଥାନ: ଘଣ୍ଟେଶ୍ୱର, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା ।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଖଣ୍ଡତଡ଼ା, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା ୩୦ ।
- ଭାଜପାର ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ, ସ୍ଥାନ: କରଞ୍ଜମାଳ, ଚାନ୍ଦବାଲି, ସମୟ: ରାତି ୯ଟା ।

## କେନ୍ଦୁଝର
- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ପୂଜା ଉତ୍ସବ, ସ୍ଥାନ: ସରଳା, ହାଟଡିହୀ, ସମୟ: ସକାଳ ୬ଟା ।
- ଭାଜପାର କର୍ମୀ ବୈଠକ ଏବଂ ବିଭିନ୍ନ ସ୍ଥାନରେ ନିର୍ବାଚନୀ ପ୍ରଚାର, ସ୍ଥାନ: ହାଟଡ଼ିହୀ, ସମୟ: ସକାଳ ୯ଟା ।
- କଂଗ୍ରେସ ପକ୍ଷରୁ ପଞ୍ଚାୟତସ୍ତରୀୟ ବୈଠକ, ସ୍ଥାନ: ମଙ୍ଗଳପୁର ହରିଡ଼ାପାଳ, ଆନନ୍ଦପୁର, ସମୟ: ସକାଳ ୯ ଟା ।
- ଭାଜପାର ବାଇକ ରାଲି, ସ୍ଥାନ: ଉଖୁଣ୍ଡା, ପାଟଣା, ସମୟ: ସକାଳ ୯ ଟା ।
- ଜୋନ୍ ନଂ. ୩୫ର ୭ ପଞ୍ଚାୟତରେ ବିଜେଡିର ନିର୍ବାଚନୀ ପ୍ରଚାର, ସ୍ଥାନ: ହାଟଡ଼ିହୀ, ସମୟ: ସକାଳ ୧୦ଟା ।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ଓ ନଗର ପରିକ୍ରମା, ସ୍ଥାନ: ସାଇଁକୁଳ, ଘସିପୁରା, ସମୟ: ଅପରାହ୍ଣ ୪ଟା ।
- ଭାଜପାର ସାହି ପଦଯାତ୍ରା, ସ୍ଥାନ: କେନ୍ଦୁଝର ସହର ୱାର୍ଡ ନମ୍ବର ୧୪, ସମୟ: ସନ୍ଧ୍ୟା ୫ ଟା ।
- ଭାଜପା ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମୀ ସମାବେଶ, ସ୍ଥାନ: ଟୋଲଙ୍କପଡ଼ା, ହରିଡ଼ାପାଳ, ଆନନ୍ଦପୁର, ସମୟ: ସନ୍ଧ୍ୟା ୫ ଟା ।
- ଭାଜପା ପକ୍ଷରୁ ବଡ ପାଲା, ସ୍ଥାନ: କିଶୋରପୁର, କେନ୍ଦୁଝର ସଦର, ସମୟ: ରାତି ୮ଟା ।

## ମୟୂରଭଞ୍ଜ
- ଆମେ ୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୧୦ ଟା ।
- ଚୈତ୍ର ପର୍ବର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଚିତ୍ରଡ଼ା ଛଉ ପଡ଼ିଆ, ମୋରଡା, ସମୟ: ରାତି ୮ ଟା ।
- ନିଆଁ ପାଟ ପର୍ବ, ସ୍ଥାନ: ଚିତ୍ରଡା ଶିବ ମନ୍ଦିର, ସମୟ: ସନ୍ଧ୍ୟା ୫ଟା ।

## କୋରାପୁଟ
- ପ୍ରଥମ ପର୍ଯ୍ୟାୟ ମତଦାନର ଶୁଭାରମ୍ଭ କରିବେ ଜିଲାପାଳ, ସ୍ଥାନ : କୋରାପୁଟ ଟାଉନ ହଲ୍ ବୁଥ୍, ସମୟ: ସକାଳ ୭ଟା ।
- ୨୨ ବୁଥ୍‌ରେ ମତଦାନ, ସ୍ଥାନ: ଦାମନଯୋଡ଼ି ବ୍ଲକ ମାଥାଲପୁଟ, ମରିଚମାଳ, ଲିଟିଗୁଡ଼ା ଓ ଡୁମୁରିପଦର ପଞ୍ଚାୟତ ଅଞ୍ଚଳ, ସମୟ: ସକାଳ ୭ଟାରୁ ଆରମ୍ଭ ।

## ସମ୍ବଲପୁର
- ଜିଲା କଂଗ୍ରେସର ନିର୍ବାଚନୀ ପଦଯାତ୍ରା, ସ୍ଥାନ : ଗୋଲବଜାର ଛକ, ସମୟ : ପୂର୍ବାହ୍ଣ ୧୦ଟା ।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର
- ଗ୍ରୀଷ୍ମକାଳୀନ ଖୋ ଖୋ ତାଲିମ ଶିବିର, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପଡିଆ, ବଲାଙ୍ଗୀର, ସମୟ: ସକାଳ ୬ଟା ।

## ସୁବର୍ଣ୍ଣପୁର
- ଚବିଶ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ରଥପୁର,ବୀରମହାରାଜପୁର ବ୍ଲକ, ସମୟ:ସକାଳ ୯ ଟା ।
- ସଙ୍କୀର୍ତ୍ତନ ଓ ସତ୍‌ସଙ୍ଗ, ସ୍ଥାନ: ଶୃଙ୍ଗଦର, ଭାଲୁଡୁଙ୍ଗୁରୀ,ବୀରମହାରାଜପୁର ବ୍ଲକ, ସମୟ:ସକାଳ ୯ ଟା ।
- ଭାଜପାର ନିର୍ବାଚନୀ ପ୍ରଚାର, ସ୍ଥାନ: ବୀରମହାରାଜପୁର ଜୋନ-୧, ସମୟ : ସକାଳ ୯ ଟା ।
- ବିଜେଡିର ନିର୍ବାଚନୀ ପ୍ରଚାର, ସ୍ଥାନ: ବୀରମହାରାଜପୁର ଜୋନ -୧, ସମୟ : ସକାଳ ୯ ଟା ।
- ଡୁଙ୍ଗୁରିପାଲି ବ୍ଲକ ଲରିଆବାହାଲ ଗ୍ରାମରେ ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଲରିଆବାହାଲ ନାମଯଜ୍ଞ ମଣ୍ଡପ, ସମୟ: ଅପରାହ୍ଣ ୨ଟା ।
- ବିଜେଡି ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର, ସ୍ଥାନ: ତରଭା ସହର, ସମୟ: ସନ୍ଧ୍ୟା ୫ଟା ।

## ରାଉରକେଲା
- ପାନୀୟ ଜଳ ସମସ୍ୟା ନେଇ ୱାଟକୋ ଅଧିକାରୀଙ୍କୁ ଭେଟିବେ ବସ୍ତିବାସୀ,ସ୍ଥାନ: ଉଦିତନଗର, ସମୟ: ସକାଳ ସାଢେ ୯ଟା ।
- କଳ୍ପତରୁ ଆଶ୍ରମରେ ବାୟାବାବା ଜୟନ୍ତୀ ଓ ତୃତୀୟ ବାର୍ଷିକ ଉତ୍ସବ ପାଳିତ,ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସକାଳ ୮ଟା ।

## ବରଗଡ଼
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କିଶୋରୀ ନର୍ସିଂହୋମ, ବରଗଡ଼, ସମୟ: ସକାଳ ୯ଟା ।
- ମାହେଶ୍ୱରୀ ନର୍ସିଂ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ ବରଗଡ଼, ସମୟ: ପୂର୍ବାହ୍ଣ ୧୦ଟା ।

## କଳାହାଣ୍ଡି
- ରିଷିଡ଼ା ଚନ୍ଦନଯାତ୍ରାର ଚତୁର୍ଥ ରଜନୀରେ ମଞ୍ଚସ୍ଥ ହେବ ନାଟକ କୀଚକ ବଧ, ସ୍ଥାନ: ରିଷିଡା କନ୍ଧପଡ଼ା, ସମୟ: ରାତି ୯ଟା ।

## ବୌଦ୍ଧ
- ବାଉଁଶୁଣୀ ପଞ୍ଚାୟତର ଟିକରାପଡାଠାରେ କୃଷ୍ଣଲୀଳାର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଟିକରାପଡା,ବୌଦ୍ଧ, ସମୟ : ରାତି ୯ଟା ।

## ଦେବଗଡ଼
- ଅଷ୍ଟ ପହର ନାମ ଯଜ୍ଞ ଆରମ୍ଭ, ସ୍ଥାନ: ବଣିଆ ସାହି, ଦେବଗଡ, ସମୟ: ସକାଳ ୫ଟା ।
- ମା' କନକ ଦୁର୍ଗା ସାର୍କିଲ ଦି ଦିବସୀୟ ରାତ୍ରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର ପରିସର ପଡ଼ିଆ, ସମୟ: ରାତି ୧୦ଟା ୩୦ ।

## ଝାରସୁଗୁଡ଼ା
- ବିଜେଡିର ବ୍ଲକସ୍ତରୀୟ ପ୍ରଚାର, ସ୍ଥାନ: କିର୍ମିରା ବ୍ଲକ, ସମୟ: ସକାଳ ୮ଟା ।
- ଭାଜପାର ପଦଯାତ୍ରା, ସ୍ଥାନ: ସହରସ୍ଥିତ ପୁରୁଣାବସ୍ତି ଗୁଜରାତି ପଡ଼ା, ସମୟ: ଅପରାହ୍ଣ ୫ଟା ।
- ଚଳିତ ସାଧାରଣ ନିର୍ବାଚନକୁ ନେଇ ଜନମଞ୍ଚ, ସ୍ଥାନ: ସହରସ୍ଥିତ ଖଣ୍ଡା ଛକ, ସମୟ: ରାତି ୮ଟା ।

## ଢେଙ୍କାନାଳ
- ପାଣିଆନଙ୍କ ନିର୍ବାଚନୀ ସଭା, ସ୍ଥାନ: ବାଟ ତାରିଣୀ ଛକ ପଡିଆ, ସମୟ: ପୂର୍ବାହ୍ଣ ୧୧ଟା୩୦ ।
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, କଲେଜ ବାଇପାସ୍, ସମୟ: ଅପରାହ୍ଣ ୪ଟା୩୦ ।
- ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଜନ୍ମୋତ୍ସବ ଉପଲକ୍ଷେ ସତ୍‌ସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀରାମ ମଣ୍ଡପ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା ।

## ଅନୁଗୋଳ
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା ।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା ।
- ବିଜେଡିର ନିର୍ବାଚନୀ ବୈଠକ, ସ୍ଥାନ: ବଇଣ୍ଡା, ସମୟ: ପୂର୍ବାହ୍ଣ ୧୦ଟା । ସ୍ଥାନ: ଆଠମଲ୍ଲିକ, ସମୟ: ପୂର୍ବାହ୍ଣ ୧୧ଟା । ସ୍ଥାନ: କୋଶଳା, ସମୟ: ଅପରାହ୍ଣ ୧ଟା୩୦ । ସ୍ଥାନ: ରେଙ୍ଗାଳି ପଡ଼ିଆ, ସମୟ: ଅପରାହ୍ଣ ୩ଟା । ସ୍ଥାନ: ହାଣ୍ଡିଧୂଆ, ସମୟ: ଅପରାହ୍ଣ ୪ ଟା ।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ,ସମୟ: ପୂର୍ବାହ୍ଣ ୧୦ଟା୩୦ ।
- ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ଣ ୧୧ଟା ।
- ବିଜେଡି କାର୍ଯ୍ୟକର୍ତ୍ତା ବୈଠକ, ସ୍ଥାନ: ଡୁବେ, ସମୟ: ମଧ୍ୟାହ୍ନ ୧୨ଟା୩୦ ।
- ବିଜେଡିର ରୋଡ୍ ଶୋ, ସ୍ଥାନ: ଅନୁଗୋଳ ସହର, ସମୟ: ଅପରାହ୍ଣ ୫ଟା ।

## ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡ଼ା ସଂସଦ ପକ୍ଷରୁ ଛୋଟ ପିଲାଙ୍କ ପାଇଁ ଗ୍ରୀଷ୍ମକାଳୀନ ଖେଳକୁଦ ଶିବିର, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ସକାଳ ୬ ଟା୩୦ ।
- ଭାଜପା କର୍ମୀ ସମ୍ମିଳନୀ, ସ୍ଥାନ: ଜଗତ୍‌ସିଂହପୁର ପୌର ପରିଷଦ ୱାର୍ଡ ନଂ. ୨, ସମୟ: ପୂର୍ବାହ୍ଣ ୧୧ଟା ।
- କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ, ସ୍ଥାନ: ନାଉଗାଁ ବ୍ଲକ କୋରୁଆ ପଞ୍ଚାୟତ, ସମୟ: ପୂର୍ବାହ୍ଣ ୧୧ଟା ।

## କେନ୍ଦ୍ରାପଡ଼ା
- ଚିତ୍ରୋତ୍ପଳା ସାଂସ୍କୃତିକ ପରିଷଦ ପକ୍ଷରୁ ଶନିଶ୍ଚର ମହାଯଜ୍ଞ ଓ ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ହରିଦାସପୁର, ପାଟକୁରା, ଗରଦପୁର, ସମୟ: ସନ୍ଧ୍ୟା ୭ଟା ।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା' କନ୍ତେଇ ଠାକୁରାଣୀ ପୀଠ, ବାଙ୍କିମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୭ଟା
- ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା

## ଯାଜପୁର
- କଳିଙ୍ଗନଗର ଶିଳ୍ପାଞ୍ଚଳ ବିସ୍ଥାପିତଙ୍କ ଧାରଣା, ସ୍ଥାନ: ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା ।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ: ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା ।
- ଧର୍ମଶାଳା ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ ଶୋଭାଯାତ୍ରା, ସ୍ଥାନ: ଧର୍ମଶାଳା ବ୍ଲକ୍ ଅଧୀନ ଜାରକାସ୍ଥିତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା ।
- ଜଗଦଗୁରୁ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ବିଞ୍ଝାରପୁରସ୍ଥିତ ଭାଗବତ ସେବାଶ୍ରମ ପରିସର, ସମୟ: ପୂର୍ବାହ୍ଣ ୧୧ଟା ।
- ଧର୍ମଶାଳା ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁଙ୍କ ପ୍ରାର୍ଥିପତ୍ର ଦାଖଲ, ସ୍ଥାନ: ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୧ଟା ।
- ବ୍ୟାସନଗର ପୌର ପରିଷଦ ଝାଟିଆସାହି ଶନିଶ୍ଚର ମନ୍ଦିର କମିଟି ପକ୍ଷରୁ ଅନୁଷ୍ଠିତ ବାଦିପାଲାର ୨ୟ ଦିବସ, ସ୍ଥାନ: ଶନି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା ।

## ନୟାଗଡ଼
- କଣ୍ଟିଲୋ ନୀଳମାଧବ ଜୀଉଙ୍କର ଚନ୍ଦନ ଯାତ୍ରାର ୪ର୍ଥ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ଣ ୪ଟା ।
- ନୟାଗଡର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ୪ର୍ଥ ଦିବସ, ସ୍ଥାନ: ନୟାଗଡ ସାଗର ପୋଖରୀ, ସମୟ: ଅପରାହ୍ଣ ୫ଟା ।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ୪ର୍ଥ ଦିବସ, ସ୍ଥାନ: ଶ୍ରୀରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ ଓଡ଼ଗାଁ, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀରଘୁନାଥ ଜୀଉଙ୍କ ଭଉଁରୀ ଯାତ୍ରାର୪ର୍ଥ ଦିବସ, ସ୍ଥାନ: ଓଡଗାଁ ଶ୍ରୀରାମ ସାଗର, ସମୟ: ସନ୍ଧ୍ୟା ୭ଟା ।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ୪ର୍ଥ ଦିବସ, ସ୍ଥାନ: ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ, ସମୟ: ସନ୍ଧ୍ୟା ୭ଟା ।
- ରାମଲୀଳାର ୪ର୍ଥ ଦିବସ, ସ୍ଥାନ: କଣ୍ଟିଲୋ ବାପୁଜୀ ନଗରସ୍ଥିତ ରଘୁନାଥ ଜୀଉ ପୀଠ,ସମୟ: ରାତି ୧୧ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅନୁକୂଳ ଗ୍ରହସ୍ଥିତି ସହିତ ସ୍ୱଗୃହୀଚନ୍ଦ୍ର ପ୍ରଭାବରୁ ଆନୁଷ୍ଠାନିକ କାର୍ଯ୍ୟ, କର୍ମାରମ୍ଭ, ବନ୍ଧୁମିଳନର ସୁଯୋଗ ମିଳିବ । କୌଣସି ଭଲ କାମରେ ନିଜକୁ ନିୟୋଜିତ କରି ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରଶଂସାଭାଜନ ହେବେ । ପରିବାରରେ ନିଜ ଅଧିକାର ଜାହିର କଲେ ଅପଦସ୍ଥ ହେବାକୁ ପଡିପାରେ । ଋଣ ପରିଶୋଧ ପାଇଁ ମାର୍ଗ ପ୍ରଶସ୍ତ ହୋଇ ନ ପାରେ ।

**ବୃଷ** ଆଜିର ଗ୍ରହଯୋଗ ପ୍ରଭାବରୁ ଅର୍ଥ ପାଇବାର ଅଭିଳାଷ ରଖି କୌଣସି ବ୍ୟକ୍ତି ପ୍ରଶଂସା କରିପାରନ୍ତି । ସମସ୍ୟା ବହୁଳ ପାରିବାରିକ ଜୀବନରେ ସାମାନ୍ୟ ରିହାତି ମିଳିପାରେ । ବହୁତ ଦିନରୁ ପ୍ରତୀକ୍ଷା କରିଥିବା ଖବରଟିକୁ ହଠାତ୍ ପାଇ ଉତ୍‌ଫୁଲ୍ଲିତ ହୋଇଯିବେ । ଆନୁଷ୍ଠାନିକ କାମରେ ଆବଶ୍ୟକ ସହଯୋଗର ଆଶା ବୃଥା ହେବନାହିଁ ।

**ମିଥୁନ** ଧନାଧିପ ଧନସ୍ଥ ଯୋଗୁ ବକେୟା ଆଦାୟ ସକାଶେ ଆଲୋଚନା କରିପାରନ୍ତି । ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ନେଇ ସମସ୍ୟା ସମାଧାନ ପାଇଁ ଚେଷ୍ଟା କଲେ ଉପକୃତ ହେବେ । ଆଜିର ଯାତ୍ରାରେ ସତର୍କ ନ ରହିଲେ କିଛି ଜିନିଷ ହଜିଯାଇପାରେ । କର୍ମକ୍ଷେତ୍ରରେ ଜଣେ ସହକର୍ମୀ ସହିତ ସାମାନ୍ୟ କଥାରୁ ଝଗଡା ଲାଗିପାରେ ।

**କର୍କଟ** ଆଜି ରାଶ୍ୟାଧିପଙ୍କ ସୁପ୍ରଭାବରୁ ପ୍ରତ୍ୟେକ ଆଶା ଓ ଅଭିଳାଷ ପୂରଣ ହୋଇଯିବ । କିନ୍ତୁ ଶନିଙ୍କ କୁପ୍ରଭାବରୁ କୌଣସି ଅସୁବିଧା ନ ଥାଇ ମଧ୍ୟ ସବୁ କାମ ବିଳମ୍ବରେ ସମ୍ପନ୍ନ ହେବ । ଗଣତନ୍ତ୍ର, ଲୋକସମ୍ପର୍କ, ସଂଗଠନ ଓ ଆଇନ ଅଦାଲତରୁ ସୁଫଳ ଲଭିବେ । ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି ।

**ସିଂହ** ରବି ଓ ଶନିଙ୍କ ଷଡାଷ୍ଟକ ସ୍ଥିତି ପାରିବାରିକ କ୍ଷେତ୍ରରେ ମତାନ୍ତରଜନିତ ଅଶାନ୍ତି ଉଦ୍ରେକ କରିପାରେ । ଆବଶ୍ୟକତା ପୂରଣ ପାଇଁ ଆଜି କିଛି ଅଧିକ ଅର୍ଥ ଦରକାର ପଡିବ । କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ଆଶା ଉଜ୍ଜ୍ୱଳ ହେବାର ଲକ୍ଷ୍ୟ କରିବେ । ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ ।

**କନ୍ୟା** ସପ୍ତମସ୍ଥ ତୃତୀୟାଧିପ ହେତୁ ସମ୍ପର୍କୀୟଙ୍କ ଜରିଆରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସାଧନ କରିବେ । ଅଭାବ ନ ଥିଲେ ମଧ୍ୟ ବେହିସାବୀ ଖର୍ଚ୍ଚ ସକାଶେ ପରିବାରରୁ ତାଗିଦ୍ ପାଇପାରନ୍ତି । ଆଜି କର୍ମକ୍ଷେତ୍ରରେ ବିବାଦୀୟ ହେବେ । କଳା, କ୍ରୀଡା, ସାହିତ୍ୟ, ସାମ୍ବାଦିକତା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ।

**ତୁଳା** ସପ୍ତମଭାବସ୍ଥ ଗ୍ରହପ୍ରଭାବରୁ ଆଜି ଶିଳ୍ପ, ବ୍ୟବସାୟ ଓ ଯାତ୍ରା ପାଇଁ ଦିନଟି ପ୍ରଶସ୍ତ ରହିବ । କୌଶଳକ୍ରମେ ଅନ୍ୟକୁ କାମରେ ଲଗାଇ ଫାଇଦା ହାସଲ କରି ପାରିବେ । ଅନଟନ ଦୂରେଇ ଯିବା ସହ ଆର୍ଥିକ ଅଭିବୃଦ୍ଧି ପାଇଁ କୌଣସି ଯୋଜନା ଫଳପ୍ରସୂ ହୋଇପାରେ । ବନ୍ଧୁମାନଙ୍କ ପ୍ରେରଣାରେ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ପାରନ୍ତି ।

**ବିଛା** ଚନ୍ଦ୍ରଙ୍କ ଏକାଦଶସ୍ଥ ବୃହସ୍ପତି ହେତୁ ଏକାଧାରରେ ଶାରୀରିକ ଓ ମାନସିକ ସୁସ୍ଥତାକୁ ଋଦ୍ଧିମନ୍ତ କରିବ । ବୈଷୟିକ ଅଭିବୃଦ୍ଧି ଏବଂ ବନ୍ଧୁସମ୍ପର୍କ ଦୃଢ଼ୀଭୂତ ହୋଇପାରେ । ରାଶ୍ୟାଧିପ ରାହୁଯୁକ୍ତ କାରଣରୁ ନେଗେଟିଭ୍ ଚିନ୍ତା ମନକୁ ଆକ୍ରାନ୍ତ କରିପାରେ । ପରିବାରର ସମସ୍ୟା ଦିଗରେ ବନ୍ଧୁ ପରାମର୍ଶ ଗ୍ରହଣଯୋଗ୍ୟ ହେବ ।

**ଧନୁ** ଆଜି ଦିନର ଗ୍ରହସ୍ଥିତି ଭଲ ନ ଥିବାରୁ ଜଗିରଖି ଚଳିବା ଭଲ । କୋଣଭାବସ୍ଥ ଗ୍ରହଜନିତ ଯାହା ଚାହୁଁଥିବେ ତାହା ପାଇବାରେ ଅସୁବିଧା ହୋଇ ନ ପାରେ । ସାମାଜିକ ସ୍ତରରେ କିମ୍ବା କର୍ମକ୍ଷେତ୍ରରେ ଅଗ୍ରଗତି ଦ୍ରୁତ ହେବ ଓ ପ୍ରତିଷ୍ଠା ମିଳିବ । ରାଜନୀତି, ଆଇନ, ଗବେଷଣା, ସଭାସମିତି କ୍ଷେତ୍ରରେ ଲକ୍ଷ୍ୟ ପୂରଣ ହେବାର ସୂଚନା ମଧ୍ୟ ରହିଛି ।

**ମକର** ଆଜିର ସପ୍ତମସ୍ଥ ସ୍ୱଗୃହୀଚନ୍ଦ୍ର ହେତୁ ଯାତ୍ରା, ବାଣିଜ୍ୟ ଦିଗରୁ ସୁଫଳ ମିଳିବ । ଦୈନନ୍ଦିନ କାମରେ ସମ୍ପର୍କୀୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଏବଂ ଆପଣଙ୍କ ସକାଶେ କିଛି ମଧ୍ୟ କରିପାରନ୍ତି । ଗୁରୁଜନଙ୍କ କଥାକୁ ଭାଙ୍ଗି ନ ପାରି ବନ୍ଧୁମାନଙ୍କ ପରାମର୍ଶକୁ ଗ୍ରହଣ କଲେ ଉପକୃତ ହେବେ । ବିବାଦୀୟ ପରିସ୍ଥିତିର ମୁକାବିଲା କରିବାକୁ ପଡିପାରେ ।

**କୁମ୍ଭ** ଦେହରେ ବସାବାନ୍ଧି ରହିଥିବା ରୋଗ, ଶୁଝିପାରୁ ନ ଥିବା ଋଣ ଏବଂ ସମାଲୋଚନା କରୁଥିବା ଲୋକଟି ପାଇଁ ଚିନ୍ତା ବଢିଯିବ । ଗୁରୁଜନଙ୍କ ଉତ୍ସାହ ପାଇ ଦୁଃସାଧ୍ୟ ସାଧନ କରିବେ । ସାଂସ୍କୃତିକ କାର୍ଯ୍ୟକ୍ରମ, ରାଜନୈତିକ ଆଲୋଚନା, ବ୍ୟବସାୟିକ ପରିସ୍ଥିତି ସକାଶେ ବ୍ୟସ୍ତତା ପ୍ରକାଶ କରିବେ ।

**ମୀନ** ପରିବାରରେ ପାରସ୍ପରିକ ଆଲୋଚନା ମାଧ୍ୟମରେ ସମସ୍ତ ସମସ୍ୟାକୁ ସମାଧାନ କରିବାରେ ସଫଳ ହେବେ । ସାହିତ୍ୟ ଚର୍ଚ୍ଚା,ସଭାସମିତି, ଦୂର ଭ୍ରମଣ, ରାଜନୀତି ଏବଂ ପ୍ରଶାସନିକ କାର୍ଯ୍ୟ ପାଇଁ ଦିନଟି ଭଲ । କେତେକ ବ୍ୟକ୍ତିଙ୍କ ଅସହଯୋଗଜନିତ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ । ପୁରାତନ ରୋଗଜନିତ ଶାରୀରିକ ପୀଡାରେ କଷ୍ଟ ପାଇପାରନ୍ତି ।

ଆଜି ମେ' ୧୩ ତାରିଖ, ରାଷ୍ଟ୍ରୀୟ ଏକତା ଦିବସ, ବୈଶାଖ ଶୁକ୍ଳ ଷଷ୍ଠୀ ସୋମବାର, ରାଶି ନକ୍ଷତ୍ର-ପୁନର୍ବସୁ/କର୍କଟ, ଦିବା ଘ.୧୧।୨୪ ଗତେ, ପୁଷ୍ୟା ନକ୍ଷତ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୧୫ ଗତେ, ଘ.୦୬।୫୨ ମଧ୍ୟେ, ଘ.୧୦।୨୫ ଗତେ, ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୬।୫୨ ମି. ଗତେ, ଘ.୦୮।୨୯ ମଧ୍ୟେ ରାହୁକାଳ ।

# ୨୦୨୫ ସୁଦ୍ଧା ୪ର୍ଥ ବୃହତ୍ ଅର୍ଥବ୍ୟବସ୍ଥା ହେବ ଭାରତ

**ନୂଆଦିଲ୍ଲୀ,୧୨।୫**

ଭାରତ ୨୦୨୫ ସୁଦ୍ଧା ଜାପାନକୁ ଟପି ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥ ବ୍ୟବସ୍ଥାରେ ପରିଣତ ହେବ ବୋଲି ନୀତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ ପୂର୍ବାନୁମାନ କରିଛନ୍ତି । ଭାରତର ଜି-୨୦ ଶେର୍ପା ଥିବା ଅମିତାଭ ବିଭିନ୍ନ ସକାରାତ୍ମକ ମାକ୍ରୋ ଅର୍ଥନୀତି ସୂଚକାଙ୍କ ଆଧାରରେ ଏହା କହିଛନ୍ତି । ବିଶ୍ୱ ଅର୍ଥନୀତିରେ ଆମେରିକା, ଚାଇନା, ଜର୍ମାନୀ ଓ ଜାପାନ ପରେ ଭାରତ ଏବେ ପଞ୍ଚମ ସ୍ଥାନରେ ରହିଛି । ୨୦୨୨ରେ ଏହା ବ୍ରିଟେନ୍ ଅର୍ଥନୀତିକୁ ପଛରେ ପକାଇଥିଲା । ୧୦ ବର୍ଷ ପୂର୍ବେ ଭାରତର ଜିଡିପି ୧୧ତମ ସ୍ଥାନରେ ରହିଥିଲା । ଏବେ ଦେଶର ଜିଡିପି ୩.୭ ଟ୍ରିଲିୟନ ଡଲାରରେ ପହଞ୍ଚିଛି । ୨୦୧୩ରେ ଭାରତ ୫ ଦୁର୍ବଳ ଅର୍ଥବ୍ୟବସ୍ଥା ମଧ୍ୟରେ ଥିଲାବେଳେ ୨୦୨୪ରେ ଏହା ଶୀର୍ଷ ୫ ଅର୍ଥନୀତି ମଧ୍ୟରେ ସ୍ଥାନ ପାଇଛି । ରେକର୍ଡ ପରିମାଣର ଜିଏସ୍‌ଟି ସଂଗ୍ରହ, ଗତ ୩ଟି ତ୍ରୈମାସିକରେ ୮ ପ୍ରତିଶତରୁ ଅଧିକ ଜିଡିପି ଅଭିବୃଦ୍ଧି, ୨୭ଟି ଦେଶ ସହ ଭାରତୀୟ ମୁଦ୍ରାରେ କାରବାରରୁ ଏହି ସଫଳତା ମିଳିପାରିଛି । ଏହା ବ୍ୟତୀତ ଇସ୍ପାତ, ସିମେଣ୍ଟ, ଗାଡ଼ି ଉତ୍ପାଦନ ସେକ୍ଟରରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ସହ ଡିଜିଟାଲ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚରରେ ଭାରତ ବିଶ୍ୱରେ ନେତୃତ୍ୱ ସ୍ଥାନରେ ରହିଛି । ଭାରତରେ ଇ-କାରବାର ୧୩୪ ବିଲିୟନରେ ପହଞ୍ଚିଛି, ଯାହାକି ସମଗ୍ର ବିଶ୍ୱର ଡିଜିଟାଲ ପେମେଣ୍ଟର ୪୬ ପ୍ରତିଶତ । ସେହିପରି ଭାରତର ବାର୍ଷିକ ମୁଦ୍ରାସ୍ଫୀତି ୨୦୦୩-୦୪ରୁ ୨୦୧୩-୧୪ ମଧ୍ୟରେ ୮.୨ ପ୍ରତିଶତ ଥିବାବେଳେ ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ଏହା ୫ ପ୍ରତିଶତକୁ ହ୍ରାସ ପାଇଛି, ଯାହା ଭାରତର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇଥିବା ଅମିତାଭ କହିଛନ୍ତି ।

# ବିସ୍ଫୋରଣରେ ଯୁବତୀଙ୍କ ମୃତ୍ୟୁ

**ମାଲକାନଗିରି, ୧୨।୫ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାର ଏକ ଜଙ୍ଗଲ ରାସ୍ତାରେ ଯବାନଙ୍କୁ ଟାର୍ଗେଟ କରି ମାଓବାଦୀମାନେ ଖଞ୍ଜିଥିବା ଏକ ପ୍ରେସର ବୋମା ବିସ୍ଫୋରଣରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି । ସେ ମଲ୍ଲୁର ଗ୍ରାମର ଶାନ୍ତି (୨୨) ବୋଲି ଜଣାପଡିଛି । ବିଜାପୁର ଜିଲା ଗଙ୍ଗାଲୁର ଥାନା ଅନ୍ତର୍ଗତ ମଲ୍ଲୁର ଗ୍ରାମ ଜଙ୍ଗଲ ରାସ୍ତାରେ ଅଘଟଣ ଘଟାଇବା ଲକ୍ଷ୍ୟରେ ମାଓବାଦୀମାନେ ଏକ ପ୍ରେସର ବୋମା ଖଞ୍ଜିଥିଲେ । ଶାନ୍ତି କେନ୍ଦୁପତ୍ର ତୋଳିବା ପାଇଁ ଜଙ୍ଗଲକୁ ଯାଉଥିବା ବେଳେ ଏହି ବୋମା ସଂସ୍ପର୍ଶରେ ଆସିଥିଲେ । ବୋମା ଉପରେ ତାଙ୍କ ପାଦ ପଡିବା ମାତ୍ରେ ଏହା ବିସ୍ଫୋରଣ ହୋଇଥିଲା । ଫଳରେ ଘଟଣା ସ୍ଥଳରେ ଶାନ୍ତିଙ୍କ ମୃତ୍ୟୁ ହୋଇଥିଲା । ସୂଚନାଯୋଗ୍ୟ, ଉକ୍ତ ଅଞ୍ଚଳରେ ସବୁ ସମୟରେ ଯବାନମାନେ ସର୍ଚ୍ଚ ଅପରେଶନ କରୁଥିବାରୁ ଏହାକୁ ଦୃଷ୍ଟିରେ ରଖି ମାଓବାଦୀମାନେ ଏହି ପ୍ରେସର ବୋମା ପୋତିଥିଲେ । ଏ ସମ୍ପର୍କରେ ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବ କହିଛନ୍ତି ଯେ, ପ୍ରେସର ବୋମା ସଂସ୍ପର୍ଶରେ ଆସି ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି । ଏନେଇ ତଦନ୍ତ ଜାରି ରହିଛି ।

**ପ୍ରଥମ ପୃଷ୍ଠାରୁ...**

# ନିର୍ବାଚନ ପାଇଁ ୧୭ ...

୬୦୦ ମୋବାଇଲ ପାଟ୍ରୋଲିଂ ପାର୍ଟି କାର୍ଯ୍ୟକ୍ଷମ ହୋଇଥିବାବେଳେ ପ୍ରତ୍ୟେକ ମୋବାଇଲ ପାର୍ଟିରେ ଜଣେ ଅଫିସର, ଜଣେ ହାବିଲଦାର ଓ ଦୁଇଜଣ କନ୍‌ଷ୍ଟେବଲ ରହିବେ । ୧୦ରୁ ୧୨ଟି ବୁଥ୍‌କୁ ପ୍ରତ୍ୟେକ ମୋବାଇଲ ପାଟ୍ରୋଲିଂ ପାର୍ଟି ପହଞ୍ଚିବ । ଅଧିକାଂଶ ମୋବାଇଲ ପାର୍ଟିରେ ଜିପିଏସ୍ ଲୋକେଶନ ଥିବାବେଳେ ଜିଲା ହେଡ୍‌କ୍ୱାର୍ଟରରୁ ଏହାକୁ ମନିଟର୍ କରାଯିବ । ନିର୍ବାଚନ ପରିଚାଳନା ଓ ଆଇନଶୃଙ୍ଖଳା ରକ୍ଷା କରିବାରେ ଏହି ମୋବାଇଲ ପାଟ୍ରୋଲିଂ ପାର୍ଟି ମୁଖ୍ୟ ଭୂମିକା ନେବ । ସେହିପରି ଏହି ୯ଟି ଜିଲାରେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ସୀମାକୁ ଲାଗି ୫୧ଟି ଆନ୍ତଃରାଜ୍ୟ ବର୍ଡର ଚେକ୍ ପୋଷ୍ଟ ରହିଛି । ସବୁଠି ସିସିଟିଭି ଲଗାଯାଇଛି । ଜିଲାଗୁଡ଼ିକ ଭିତରେ ୫୦ ଚେକ୍ ପୋଷ୍ଟ କରାଯାଇ ସମସ୍ତ ଗାଡ଼ି ଯାଞ୍ଚ କରାଯାଉଛି । ୨୧୦ ଫ୍ଲାଇଂ ସ୍କ୍ୱାଡ୍ ମୁତୟନ କରାଯାଇଛି । ୧୯୫ ଷ୍ଟାଟିକ୍ ସର୍ଭିଲାନ୍ସ ଟିମ୍ ନିୟୋଜିତ ହୋଇ ଯାନବାହନ ଓ ଲୋକଙ୍କୁ ଯାଞ୍ଚ କରୁଛନ୍ତି । ଫ୍ଲାଇଂ ସ୍କ୍ୱାଡ୍ ଓ ଷ୍ଟାଟିକ୍ ସର୍ଭିଲାନ୍ସ ଟିମ୍‌ରେ ପୋଲିସ ସମେତ ଅନ୍ୟ ବିଭାଗର କର୍ମଚାରୀ ମଧ୍ୟ ରହିଛନ୍ତି । ୧୫ଟି ଇଭିଏମ୍ ଷ୍ଟ୍ରଙ୍ଗ୍‌ରୁମ୍ କରାଯାଇଥିବାବେଳେ ନିର୍ବାଚନ ସରିବା ପରେ ଏଠାରେ କଡ଼ା ସୁରକ୍ଷା ମଧ୍ୟରେ ଇଭିଏମ୍ ରହିବ । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ଷ୍ଟ୍ରଙ୍ଗ୍‌ରୁମ୍‌ଗୁଡ଼ିକର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ସିଏପିଏଫ୍ ଓ ବାହ୍ୟ ସୁରକ୍ଷା ପାଇଁ ଏସ୍‌ଏପି ନିୟୋଜିତ ହେବେ । ପ୍ରତ୍ୟେକ ଷ୍ଟ୍ରଙ୍ଗ୍‌ରୁମ୍ ପାଇଁ ଗୋଟିଏ ଲେଖାଏ ପ୍ଲାଟୁନ୍ ସିଏପିଏଫ୍ ଓ ଏସ୍‌ଏପି ଦାୟିତ୍ୱରେ ରହିବେ । ନିର୍ବାଚନ ହେବାକୁ ଥିବା ଜିଲା ମଧ୍ୟରୁ ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର, ନୂଆପଡା ଓ କଳାହାଣ୍ଡି ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ । ତେଣୁ ଏସବୁ ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା ପାଇଁ ଗତ ୪ ମାସ ହେବ ଅର୍ଥାତ୍ ଜାନୁଆରୀ ୧ରୁ ଏଯାଏ ୫୩୯ଟି ମାଓବାଦୀ ବିରୋଧୀ ଅପରେଶନ କରାଯାଇଛି । ଗତ ୨ଦିନ ହେବ ଏଥିରେ ସିଏପିଏଫ୍‌ର ୧୩୮ଟି ଅପରେଶନ ପାର୍ଟି ଏବଂ ୩୭ଟି ଏସ୍‌ଓଜି/ଡିଭିଏଫ୍ ପାର୍ଟି ନିୟୋଜିତ କରାଯାଇଛି । ୩ଦିନ ଧରି ଏହି ପାର୍ଟି ଜଙ୍ଗଲରେ ରହି ମାଓବାଦୀ ବିରୋଧୀ ଅପରେଶନ୍ କରିବେ । ଆମ ପକ୍ଷରୁ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶକୁ ସେମାନଙ୍କ ସୀମାବର୍ତ୍ତୀ ସ୍ଥାନରେ ଅପରେଶନ କରିବାକୁ ଅନୁରୋଧ କରାଯାଇଥିଲା । ଏବେ ଛତିଶଗଡ଼ ୫ ସ୍ଥାନରେ ଏବଂ ଆନ୍ଧ୍ରପ୍ରଦେଶ ୯ ସ୍ଥାନରେ ଅପରେଶନ କରୁଛି । ଅତିରିକ୍ତ ଡିଜି (ଅପରେଶନ୍) ଦେବଦତ୍ତ ସିଂ ମାଓବାଦୀ ଅଞ୍ଚଳରେ କ୍ୟାମ୍ପ କରି ମାଓବାଦୀ ବିରୋଧୀ ଅଭିଯାନ ଓ ଗୋଇନ୍ଦା ସମ୍ପର୍କରେ ତଦାରଖ କରୁଛନ୍ତି ବୋଲି ଡିଜିପି କହିଛନ୍ତି ।

# କାର୍ ଓଲଟି ୨ ସାଙ୍ଗ ...

ଫୋନ୍ କରିଥିଲେ । ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଅନ୍ୟ ଏକ ଗାଡିରେ ସେମାନଙ୍କୁ ଭଞ୍ଜନଗର ମେଡିକାଲ ପଠାଇଥିଲେ । ସେଠାରେ ବେଲଗୁଣ୍ଠାର ଏମ୍. ପ୍ରଧାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ସୂଚନାଯୋଗ୍ୟ, ଗତ କିଛି ମାସ ହେଲା ଭଞ୍ଜନଗର-ଫୁଲବାଣୀ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି । ଏହା ପୂର୍ବରୁ ଠିକ୍ ଏହି ସ୍ଥାନରେ ଗତ ଏପ୍ରିଲ ୭ ତାରିଖରେ ବାଇକ୍‌ରେ ନିଧିଆପଲ୍ଲୀର ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଥିଲା । ସେହିପରି ଏହି ଜାତୀୟ ରାଜପଥରେ ଥିବା କଳିଙ୍ଗା ଘାଟିରେ ମଧ୍ୟ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଅନେକ ଲୋକ ମୃତାହତ ହୋଇଛନ୍ତି । ଉକ୍ତ ରାସ୍ତା କାମ ନେଇଥିବା ଠିକାଦାର କାର୍ଯ୍ୟ ସମ୍ପୂର୍ଣ୍ଣ କରିନାହାନ୍ତି । ତେଣୁ ଦ୍ରୁତ ଗତିରେ ଯାଉଥିବା ଗାଡି ଦୁର୍ଘଟଣାର ସମ୍ମୁଖୀନ ହେଉଛି । ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

# 'ଶ୍ରୀକାନ୍ତ'ରେ ରାଜକୁମାରଙ୍କ ଜଲୱା



**ମୁମ୍ବାଇ:** ଭିନ୍ନ ଚରିତ୍ରରେ ଅଭିନୟ କରିବାରେ ଅଭିନେତା ରାଜକୁମାର ରାଓ ବେଶ୍ ଜଣାଶୁଣା । ପ୍ରତ୍ୟେକ ଚଳଚ୍ଚିତ୍ରରେ ତାଙ୍କର ଭିନ୍ନ ଅନ୍ଦାଜ ଦେଖିବାକୁ ମିଳିଥାଏ । ରାଜକୁମାରଙ୍କ ଅଭିନୀତ ସମସ୍ତ ଚଳଚ୍ଚିତ୍ର ହିଟ୍ ହେଉ ନ ଥିଲେ ମଧ୍ୟ ତାଙ୍କ ଅଭିନୟକୁ ପ୍ରଶଂସକମାନେ ବେଶ୍ ପସନ୍ଦ କରିଥାନ୍ତି । ରାଜକୁମାର ରାଓ ଏବେ ତାଙ୍କ ଚଳଚ୍ଚିତ୍ର 'ଶ୍ରୀକାନ୍ତ'କୁ ନେଇ ଚର୍ଚ୍ଚାରେ ରହିଛନ୍ତି । ଏହି ଚଳଚ୍ଚିତ୍ରରେ ସେ ଦେଶର ବିଶିଷ୍ଟ ଦୃଷ୍ଟିହୀନ ବ୍ୟବସାୟୀ ଶ୍ରୀକାନ୍ତ ବଲ୍ଲାଙ୍କ ଭୂମିକାରେ ଅଭିନୟ କରୁଛନ୍ତି । ଏହି ଫିଲ୍ମ ଗତ ଶୁକ୍ରବାର ରିଲିଜ୍ ହୋଇଥିବାବେଳେ ଏଥିରେ ରାଜକୁମାରଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରୁଛନ୍ତି । ପ୍ରଥମ ୨ ଦିନର ରୋଜଗାରରୁ ଏହି ଚଳଚ୍ଚିତ୍ର ହିଟ୍ ହେବାକୁ ଯାଉଥିବା ନେଇ ଅନେକ ଫିଲ୍ମ ସମୀକ୍ଷକ ମତ ଦେଇଛନ୍ତି ।

ପ୍ରଥମ ଦିନରେ 'ଶ୍ରୀକାନ୍ତ' ଚଳଚ୍ଚିତ୍ର ବକ୍ସ ଅଫିସରୁ ୨.୨୫ କୋଟି ଟଙ୍କା ସଂଗ୍ରହ କରିବାରେ ସଫଳ ହୋଇଥିଲା । ସେହିପରି ଦ୍ୱିତୀୟ ଦିନ ଅର୍ଥାତ ଶନିବାର ଏହି ଫିଲ୍ମର ରୋଜଗାର ଆହୁରି ବଢ଼ିଛି । ରିପୋର୍ଟ୍ ଅନୁଯାୟୀ ଶନିବାର ଏହି ଚଳଚ୍ଚିତ୍ର ୪ କୋଟି ଟଙ୍କା ରୋଜଗାର କରିଛି । ଏହାସହ ୨ ଦିନ ମଧ୍ୟରେ 'ଶ୍ରୀକାନ୍ତ' ସମୁଦାୟ ୬.୨୫ କୋଟି ଟଙ୍କା ବକ୍ସ ଅଫିସରୁ ସଂଗ୍ରହ କରିପାରିଛି । ପ୍ରାୟ ୪୦ କୋଟି ଟଙ୍କା ବଜେଟରେ ନିର୍ମିତ ଏହି ଫିଲ୍ମର ରୋଜଗାର ରବିବାର ଆହୁରି ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ଚଳିତ ସପ୍ତାହରେ 'ଶ୍ରୀକାନ୍ତ' ବ୍ୟତୀତ ପ୍ରେକ୍ଷାଳୟରେ ଅନ୍ୟ କୌଣସି ବଡ ଫିଲ୍ମ ରିଲିଜ୍ ହେଉ ନ ଥିବାରୁ ଏହି ଫିଲ୍ମ ଆଗାମୀ ଦିନରେ ଭଲ ପ୍ରଦର୍ଶନ କରିପାରିବ ବୋଲି ଫିଲ୍ମ ସମୀକ୍ଷକମାନେ ଆଶାବ୍ୟକ୍ତ କରିଛନ୍ତି ।

ଏଡିଆର୍ ରିପୋର୍ଟ

# ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ: ୧୩ ପ୍ରାର୍ଥୀ କୋଟିପତି

## ୪୦ ପ୍ରାର୍ଥୀଙ୍କ ମଧ୍ୟରୁ ୧୨ ଜଣଙ୍କ ନାଁରେ ଆପରାଧିକ ମାମଲା

ଭୁବନେଶ୍ୱର, ୧୨।୫(ସୁନିତ୍ ମିଶ୍ର)

ଆସନ୍ତା ୨୦ ତାରିଖରେ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ମୋଟ୍ ୫ ଲୋକ ସଭା ଆସନ ପାଇଁ ନିର୍ବାଚନ ହେଉଥିବା ବେଳେ ମୋଟ୍ ୪୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେଥିମଧ୍ୟରୁ ୬ ଜଣ (୧୫%) ମହିଳା ପ୍ରାର୍ଥୀ ଥିବା ରିପୋର୍ଟରେ ପ୍ରକାଶ ପାଇଛି। ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଯେତିକି ପ୍ରାର୍ଥୀ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ୧୩ ଜଣ କୋଟିପତି। ଏହି ପର୍ଯ୍ୟାୟରେ ଆସ୍କା, ବରଗଡ଼, ବଲାଙ୍ଗୀର, କନ୍ଧମାଳ ଏବଂ ସୁନ୍ଦରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ଏହାର ଅନ୍ତର୍ଗତ ବିଧାନସଭା ଆସନଗୁଡ଼ିକ ନିମନ୍ତେ ଭୋଟ ଗ୍ରହଣ କରାଯିବ। ଉକ୍ତ ୫ ଲୋକ ସଭା ଆସନରେ ୪୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ପ୍ରାର୍ଥୀମାନେ ଦାଖଲ କରିଥିବା ସତ୍ୟପାଠକୁ ଭିତ୍ତିକରି ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ(ଏଡିଆର) ଓ ଓଡ଼ିଶା ଇଲେକ୍ସନ୍ ୱାଚ୍ ପକ୍ଷରୁ ପ୍ରାର୍ଥୀମାନଙ୍କ ଆପରାଧିକ ପୃଷ୍ଠଭୂମି, ଆର୍ଥିକ ସ୍ଥିତି, ଶିକ୍ଷା ଆଦି ଉପରେ ବିଶ୍ଳେଷଣ କରାଯାଇ ଏକ ରିପୋର୍ଟ ପ୍ରକାଶ କରାଯାଇଛି। ଏଥିରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ୪୦ ପ୍ରାର୍ଥୀଙ୍କ ମଧ୍ୟରୁ ୨ ଜଣ ଡକ୍ଟରେଟ୍ ଡିଗ୍ରୀଧାରୀ ହୋଇଥିବାବେଳେ ୭ ଜଣ ସ୍ନାତକୋତ୍ତର, ୩ ଜଣ ସ୍ନାତକ ବୃତ୍ତିଧାରୀ, ୯ ଜଣ ସ୍ନାତକ ଡିଗ୍ରୀଧାରୀ, ୮ ଜଣ ଦ୍ୱାଦଶ ଉତ୍ତୀର୍ଣ୍ଣ, ୮ ଜଣ ଦଶମ ଉତ୍ତୀର୍ଣ୍ଣ ବୋଲି ଦର୍ଶାଇଛନ୍ତି। ଜଣେ ପଞ୍ଚମ ଓ ୨ ଜଣ ଅଷ୍ଟମ ଉତ୍ତୀର୍ଣ୍ଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ୧୦ (୨୫%) ପ୍ରାର୍ଥୀଙ୍କ ବୟସ ୨୫-୪୦ ବର୍ଷ ମଧ୍ୟରେ ହୋଇଥିବାବେଳେ ୨୩ (୫୭.୫%) ପ୍ରାର୍ଥୀଙ୍କ ବୟସ ୪୧-୬୦ ବର୍ଷ ମଧ୍ୟରେ ଏବଂ ୭ (୧୭.୫%) ପ୍ରାର୍ଥୀଙ୍କ ବୟସ ୬୧-୭୦ ବର୍ଷ ମଧ୍ୟରେ ରହିଛି।

ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ୪୦ ପ୍ରାର୍ଥୀଙ୍କ ମଧ୍ୟରୁ ୧୨ ଜଣ(୩୦%)ଙ୍କ ନାମରେ ଆପରାଧିକ ମାମଲା ରହିଛି। ୮ ଜଣଙ୍କ ବିରୋଧରେ ଗୁରୁତର ଆପରାଧିକ ମାମଲା ଥିବା ସେମାନେ ଘୋଷଣା କରିଛନ୍ତି। ଜଣେ ପ୍ରାର୍ଥୀଙ୍କ ନାମରେ ହତ୍ୟା ସମ୍ବନ୍ଧିତ ମାମଲା, ୪ ପ୍ରାର୍ଥୀଙ୍କ ନାମରେ ହତ୍ୟା ଉଦ୍ୟମ ଏବଂ ୪ ପ୍ରାର୍ଥୀଙ୍କ ନାମରେ ମହିଳା ବିରୋଧୀ ଅପରାଧ ମାମଲା ରହିଛି। ଦଳୱାରି ଦେଖିଲେ ଭାଜପାର ୫ ପ୍ରାର୍ଥୀଙ୍କ ମଧ୍ୟରୁ ୪ ଜଣଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ସେହିପରି ବିଜେଡି ଓ କଂଗ୍ରେସର ଜଣେ ଲେଖାଏ ପ୍ରାର୍ଥୀଙ୍କ ନାମରେ ମାମଲା ଅଛି। ନ୍ୟାଶନାଲ ଅପନୀ ପାର୍ଟିର ୩ରୁ ୧, ନ୍ୟାଶନାଲ ଜନ ଦଳର ଜଣେ, ସନାତନ ସଂସ୍କୃତି ରକ୍ଷା ଦଳର ଜଣେ, ନବଭାରତ ନିର୍ମାଣ ସେବା ପାର୍ଟିର ଜଣେ ଏବଂ ୭ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରୁ ୨ ଜଣଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବା ସତ୍ୟପାଠରେ ଦର୍ଶାଇଛନ୍ତି। ଅନ୍ୟ ଦଳର ୧୨ ପ୍ରାର୍ଥୀଙ୍କ ବିରୋଧରେ କୌଣସି ମାମଲା ନ ଥିବା କୁହାଯାଇଛି। କଂଗ୍ରେସର ସୁନ୍ଦରଗଡ଼ ସାଂସଦ ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀଙ୍କ ବିରୋଧରେ ସର୍ବାଧିକ ୧୦ ମାମଲା ଓ ଭାଜପାର ବରଗଡ଼ ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ବିରୋଧରେ ୮ଟି ମାମଲା ରହିଛି।

ସେହିପରି ରିପୋର୍ଟ ମୁତାବକ, ୪୦ ପ୍ରାର୍ଥୀଙ୍କ ମଧ୍ୟରୁ ୧୩ ଜଣ(୩୩%) କୋଟିପତି। ବିଜେଡି, ଭାଜପା ଓ କଂଗ୍ରେସର ୪ ଲେଖାଏଁ ପ୍ରାର୍ଥୀ କୋଟିପତି ହୋଇଥିବାବେଳେ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ସମ୍ପତ୍ତିର ମୂଲ୍ୟ ୧ କୋଟିରୁ ଅଧିକ ରହିଛି। ଭାଜପା ବଲାଙ୍ଗୀର ଏମ୍‌ପି ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂହଦେଓ ସବୁଠୁ ଧନୀ ପ୍ରାର୍ଥୀ।। ସଙ୍ଗୀତାଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ୬୭ କୋଟି ଟଙ୍କାରୁ ଅଧିକ ହେବ। ସଙ୍ଗୀତାଙ୍କ ତଳକୁ ବିଜେଡିର ସୁନ୍ଦରଗଡ଼ ସାଂସଦ ପ୍ରାର୍ଥୀ ଦିଲୀପ ତିର୍କୀ ଧନୀ ତାଲିକାରେ ୨ୟରେ ଅଛନ୍ତି। ତାଙ୍କ ପାଖରେ ୧୨ କୋଟିରୁ ଅଧିକ ମୂଲ୍ୟର ସମ୍ପତ୍ତି ରହିଛି। ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ସହ ୩ୟ ଧନୀ ପ୍ରାର୍ଥୀ ହେଲେ ଭାଜପାର ସୁନ୍ଦରଗଡ଼ ଲୋକ ସଭା ପ୍ରାର୍ଥୀ ଜୁଏଲ ଓରାମ। ସୁରେନ୍ଦ୍ର ଭୋଇଙ୍କ ସମ୍ପତ୍ତିର ମୂଲ୍ୟ ୫ କୋଟିରୁ ଅଧିକ ହେବ। ସେହିପରି ସବୁଠୁ କମ୍ ସମ୍ପତ୍ତି ଥିବା ୩ ପ୍ରାର୍ଥୀ ହେଲେ ନ୍ୟାଶନାଲ ଅପନୀ ପାର୍ଟିର ବରଗଡ଼ ପ୍ରାର୍ଥୀ ଦେବିକା ସିକା, ବଲାଙ୍ଗୀରର ସ୍ୱାଧୀନ ପ୍ରାର୍ଥୀ ବଳରାମ ସ' ଏବଂ ଏସୟୁସିଆଇ(ସି)ର ସୁନ୍ଦରଗଡ଼ ପ୍ରାର୍ଥୀ ଜଷ୍ଟିନ୍ ଲୁଗୁନ୍ ରହିଛନ୍ତି। ସବୁଠୁ ଗରିବ ପ୍ରାର୍ଥୀ ଦେବିକାଙ୍କ ପାଖରେ ୧୦ ହଜାରରୁ ଊର୍ଦ୍ଧ୍ୱ ସମ୍ପତ୍ତି ଥିବାବେଳେ ବଳରାମଙ୍କ ପାଖରେ ୩୦ ହଜାର ଏବଂ ଜଷ୍ଟିନଙ୍କ ପାଖରେ ୩୩ ହଜାରରୁ ଅଧିକ ଟଙ୍କାର ସମ୍ପତ୍ତି ଥିବା ଉଲ୍ଲେଖ ରହିଛି। ଦିଲୀପ ତିର୍କୀଙ୍କ ୧ କୋଟି ୫୮ ଲକ୍ଷ ୩୮ ହଜାର ୮୧୫ ଟଙ୍କାର ଋଣ ରହିଥିବା ବେଳେ ଜୁଏଲ ଓରାମ ୧ କୋଟି୩ ଲକ୍ଷ ୬୧ ହଜାର ୬୧୬ ଟଙ୍କା ଏବଂ ବିଜେଡିର ବଲାଙ୍ଗୀର ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କ ୧ କୋଟି ୨ ଲକ୍ଷ ୨୯ ହଜାର ୯୨୬ ଟଙ୍କାର ଋଣ ଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

# ମାଓବାଦୀ ଅଞ୍ଚଳକୁ ସ୍ୱତନ୍ତ୍ର ହେଲିକପ୍ଟରରେ ଗଲେ ପୋଲିଂ ପାର୍ଟି

ନୂଆପଡ଼ା,୧୨।୫ (ମକାରୁ ବେମାଲ)

ନୂଆପଡ଼ା ଜିଲାର ମାଓବାଦୀ ଉପଦ୍ରୁତ ସୁନାବେଡ଼ା ଅଭୟାରଣ୍ୟ ଅଞ୍ଚଳକୁ ରବିବାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପୋଲିଂ ପାର୍ଟିକୁ ପଠାଯାଇଛି। ଅଭୟାରଣ୍ୟ ଭିତରେ ୫ଟି ପୋଲିଂ ବୁଥ ସୁନାବେଡ଼ା, ଗାତିବେଡ଼ା, ଦେଓସିଲ, ସୋସେଙ୍ଗ, କାମଗାଁ ରହିଛି। ଖରିଆରରୋଡସ୍ଥିତ ଗୋଟମା ଉଡାଜାହାଜ ପଡିଆରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ୫ଟି ବୁଥର ପୋଲିଂ ପାର୍ଟିକୁ ଥରକୁ ୧୪ ଜଣ କରି ସୁନାବେଡ଼ାକୁ ପଠାଯାଇଛି। ସେମାନେ ସୁନାବେଡ଼ା, ସୋସେଙ୍ଗ ସିଆରପିଏଫ୍ କ୍ୟାମ୍ପରେ ରାତ୍ରି ଯାପନ କରିବେ। ସୋମବାର ସକାଳେ ସୁରକ୍ଷା ବଳରେ ପୋଲିଂ ବୁଥକୁ ନେଇ ଛଡା ହେଲା ପରେ ଭୋଟିଂ କାର୍ଯ୍ୟ ଆରମ୍ଭ ହେବ।

ଜିଲାପାଳ ତଥା ନିର୍ବାଚନ ଅଧିକାରୀ ହେମକାନ୍ତ ସାୟଙ୍କ ନେତୃତ୍ୱରେ ପ୍ରଶାସନିକ ଅଧିକାରୀମାନେ ଇଭିଏମ୍‌କୁ ଚିକିନିଖି ଯାଞ୍ଚ କରିଥିଲେ। ପୋଲିଂ ପାର୍ଟିକୁ ତାଲିମ ଦିଆଯାଇ ବୁଥ ଅଭିମୁଖେ ପ୍ରେରଣ କରାଯାଇଛି। ଜିଲାର ନୂଆପଡ଼ା ଓ ଖଡ଼ିଆଳ ନିର୍ବାଚନମଣ୍ଡଳୀରେ ମୋଟ ୬୦୪ଟି ବୁଥ୍ ରହିଛି। ଶନିବାର ଖଡିଆଳ ନିର୍ବାଚନମଣ୍ଡଳୀର ୨୮୨ ବୁଥ ପାଇଁ ପୋଲିଂ ପାର୍ଟି ପହଞ୍ଚି ସାରିଛନ୍ତି। ନୂଆପଡ଼ା ନିର୍ବାଚନମଣ୍ଡଳୀରେ ୩୦୨ବୁଥ ରହିଥିବାବେଳେ ରବିବାର ସମସ୍ତ ପୋଲିଂ ପାର୍ଟି ବୁଥ ଅଭିମୁଖେ ଯାଇଛନ୍ତି। ନୂଆପଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଅତିରିକ୍ତ ଜିଲାପାଳ ଭାମଦେବ ଶବର, ନୂଆପଡା ନିର୍ବାଚନମଣ୍ଡଳୀ ନିର୍ବାଚନ ଅଧିକାରୀ ଓ ଖଡ଼ିଆଳ ନିର୍ବାଚନମଣ୍ଡଳୀ ନିର୍ବାଚନ ଅଧିକାରୀ ଭାବରେ ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁବାସ ଚନ୍ଦ୍ର ରଥ ଓ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ ପ୍ରମୁଖ ନିର୍ବାଚନ ପରିଚାଳନା କରୁଛନ୍ତି।



ନୂଆପଡ଼ା ଜିଲାର ମାଓବାଦୀ ଉପଦ୍ରୁତ ଅଞ୍ଚଳକୁ ସ୍ୱତନ୍ତ୍ର ହେଲିକପ୍ଟରରେ ଯିବାଲାଗି ପୋଲିଂ ପାର୍ଟି ପ୍ରସ୍ତୁତ ହୋଇ ରହିଛନ୍ତି।

## ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ଏୟାର ଆମ୍ବୁଲାନ୍ସ

ଭୁବନେଶ୍ୱର, ୧୨।୫ (ଅସମାପିକା ସାହୁ)

ନିର୍ବାଚନ ପରିଚାଳନାରେ ରହିଥିବା କର୍ମଚାରୀ ଓ ମତଦାତାଙ୍କ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ପାଇଁ କୋରାପୁଟ ଜିଲାରେ ଏୟାର ଆମ୍ବୁଲାନ୍ସ ନିୟୋଜିତ କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ନିୟୋଜିତ କରାଯାଇଥିବା ଏହି ଏୟାର ଆମ୍ବୁଲାନ୍ସ ୧୨ରୁ ୨୦ ତାରିଖ ପର୍ଯ୍ୟନ୍ତ ସେବା ପ୍ରଦାନ କରିବ। ଏ ନେଇ ରବିବାର ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି। ଆବଶ୍ୟକ ଅନୁଯାୟୀ ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ଏୟାର ଲିଫ୍ଟ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାରି ଆକଟ, କିଳା ହୋଇଅଛି ଦାଣ୍ଡ କବାଟ,**
**ଭିତରେ ପଶିଛି ଚୋର;**
**ମୂଷା ପୂରେଇ ଢୋଲ ସିଇଁଲେ**
**ରାମ୍ପୁଡି କାମୁଡ଼ି ମରା।**

ଢୋଲ ଭିତରେ ମୂଷା ପୂରେଇବା ଯାହା ଶତ୍ରୁକୁ ଘରେ ରଖି ଲାଳନପାଳନ କରିବା ତାହା। ଘର ଭିତରେ ଚୋରକୁ ଆଶ୍ରୟ ଦେଲେ ବା ଗୋପନରେ ଶତ୍ରୁକୁ ପ୍ରଶ୍ରୟ ଦେଲେ ନିଜର କ୍ଷତି ଘଟିବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ମନ ଜଗତୀ ଉପରେ ଥାଏ,**
**କର୍ମ ବିଆଳି ବଛାଉଥାଏ।**

ମନ ଉପରେ କାହାର ଆୟତ୍ତ ନ ଥାଏ। ମନ ସବୁବେଳେ ଭଲ ଚାହିଁଥାଏ। ପରନ୍ତୁ ମନ ଯାହା ଚାହେଁ ସବୁବେଳେ ତାହା ପୂରଣ ହୋଇପାରି ନ ଥାଏ। ପରୋକ୍ଷରେ କର୍ମ ହିଁ ଜୀବନ ଯାତ୍ରାର ଅସଲ ସହଚର। କର୍ମ ଓ ଭାଗ୍ୟ ଏକାଠି ହେଲେ ମଣିଷ ଐଶ୍ୱର୍ଯ୍ୟ ଭୋଗ କରେ। ଯେତେ ଇଚ୍ଛା କଲେ ଭାଗ୍ୟରେ ନ ଥିଲେ ଭଲ ଫଳ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପାହାଡ଼ରେ ପିଟି ହେଲା ଟାଟା ଏସିଇ



ଆହତ ଶ୍ରମିକମାନଙ୍କୁ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଉଛି।

## ୨୫ ଶ୍ରମିକ ଆହତ

ବଇଣ୍ଡା, ୧୨।୫(ପରିକ୍ଷିତ ସାହୁ)

୩୦ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ଟାଟା ଏସିଇ ରବିବାର ଅନୁଗୋଳ ଜିଲା କିଶୋରନଗର ଥାନା ଫୁଲଝରି ପାହାଡ଼ରେ ପିଟି ହୋଇଯିବାରୁ ୨୫ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଉଦ୍ଧାର କରି ଅଙ୍ଗପଡ଼ା ଓ କିଶୋରନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଜଣେ ମହିଳା ଶ୍ରମିକ ଓ ୩ ବର୍ଷର ଶିଶୁଙ୍କ ଅବସ୍ଥା ଗୁରୁତର ଥିବାରୁ ଦୁହିଁଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଘଟଣାରୁ ଜଣାପଡିଛି, ଏକ ଟାଟାଏସିଇରେ ଫୁଲଝରି ଅଞ୍ଚଳରୁ ୩୦ ଜଣ ମହିଳା, ପୁରୁଷ ଶ୍ରମିକ ତୁରୁଡ଼ା ଅଭିମୁଖେ ଯାଉଥିଲେ। ହେଲେ ଫୁଲଝରି ନିକଟରେ ଗାଡ଼ି ଚାଳକ ଭାରସ୍ୟାମ ହରାଇବାରୁ ଦୁର୍ଘଟଣା ଘଟିଥିଲା। ଖବରପାଇ ଆଠମଲ୍ଲିକ ଭାଜପା ବିଧାୟକ ପ୍ରାର୍ଥୀ ସଞ୍ଜୀବ ସାହୁ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। କିଶୋରନଗର ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ ଚଳାଇଛି।

# ଆଉ ୪ ଦିନ ବର୍ଷା, ୧୭ରୁ ତାତି ବଢ଼ିବ

ଭୁବନେଶ୍ୱର, ୧୨।୫(ଅସମାପିକା ସାହୁ)

ରାଜ୍ୟରେ ଏବେ କାଳବୈଶାଖୀ ବର୍ଷା ଲୋକଙ୍କୁ ଆଶ୍ୱସ୍ତି ଦେଉଛି। ଆଉ ୪ ଦିନ ଅର୍ଥାତ୍ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଏହିଭଳି କାଳବୈଶାଖୀ ହେବା ସହିତ ବିଭିନ୍ନ ସ୍ଥାନରେ ଭାରି ବର୍ଷା ମଧ୍ୟ ହେବାର ସମ୍ଭାବନା ରହିଛି। ତେବେ ୧୭ ତାରିଖରୁ ରାଜ୍ୟରେ ପୁଣି ତାତି ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଶନିବାର ବିଳମ୍ବିତ ରାତିରେ ପ୍ରବଳ ବର୍ଷା ହୋଇଛି। କଟକ ବାଙ୍କୀରେ ସର୍ବାଧିକ ୧୦୮ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ କଟକରେ ୮୯.୨, ଖୋର୍ଦ୍ଧା ଟାଙ୍ଗୀରେ ୮୭, ନୂଆଗାଁରେ ୮୪, କୁଜଙ୍ଗରେ ୮୨, ବାଣପୁରରେ ୭୫, ଜଗତ୍‌ସିଂହପୁର ୭୪.୧, ରଣପୁରରେ ୭୨.୮, ସୋରୋରେ ୬୯, ରିଆମାଳରେ ୬୬.୮, ବାଲିକୁଦାରେ ୬୬, ଭଦ୍ରକ ବାସୁଦେବପୁରରେ ୬୬, ଚିଲିକାରେ ୬୬, ପୁରୀ କୃଷ୍ଣପ୍ରସାଦରେ ୬୨.୫, ନିଆଳିରେ ୬୨, ଗୋପରେ ୫୬, କଟକ କଣ୍ଟାପଡ଼ାରେ ୫୫, କରଞ୍ଜିଆରେ ୫୨.୨, ପାରାଦୀପରେ ୫୧.୮ ମିମି ବର୍ଷା ହୋଇଛି। ତେବେ ଭୁବନେଶ୍ୱରରେ ୭୬.୮ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଚଳିତବର୍ଷ ରାଜଧାନୀରେ ଏହା ପ୍ରଥମ ଭାରି ବର୍ଷା ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ରବିବାର ମଧ୍ୟ ଭଦ୍ରକ, ଦାରିଙ୍ଗବାଡ଼ି, ରାୟଗଡ଼ା, କୋରାପୁଟ, ଗଞ୍ଜାମ, ଗଜପତି, ପୁରୀରେ ବର୍ଷା ହୋଇଥିବା ଜଣାପଡ଼ିଛି। ସୋମବାର ଯାଜପୁର, ଭଦ୍ରକ, ନୟାଗଡ଼, କେନ୍ଦ୍ରାପଡ଼ା, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟରେ ପ୍ରବଳ ବର୍ଷା ହେବ ବୋଲି ଆକଳନ କରାଯାଇଛି।

ସେପଟେ ରାଜ୍ୟକୁ ପୁଣି ତାତି ଫେରିବ। ବିସ୍ତାରିତ ପରିସର ଆକଳନ ଅନୁଯାୟୀ ଆସନ୍ତା ୧୭ ରୁ ୨୩ତାରିଖ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ଦିନ ତାପମାତ୍ରାରେ ବୃଦ୍ଧି ପାଇବା ସମ୍ଭାବନା ରହିଛି। ଏଥିସହିତ କିଛି ଅଞ୍ଚଳରେ ଗ୍ରୀଷ୍ମପ୍ରବାହ ସ୍ଥିତି ଉପୁଜିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

# ରାଜନୀତି ମାଧ୍ୟମରେ ସାମାଜିକ ପରିବର୍ତ୍ତନ ଚାହୁଁଥିଲେ ନନ୍ଦିନୀ

## ୱାକିଂ ବୁକ୍‌ଫେୟାର୍ସରେ ନନ୍ଦିନୀଙ୍କ ଜୀବନୀ ପୁସ୍ତକର ଆଲୋଚନା



ଜୀବନୀ ପୁସ୍ତକ 'ନନ୍ଦିନୀ ଶତପଥୀ: ଦ ଆଇରନ୍ ଲେଡି ଅଫ୍ ଓଡ଼ିଶା' ସମ୍ପର୍କରେ ଲେଖିକା ପଲ୍ଲବୀ ରେବପ୍ରଗଡ଼ା ଆଲୋଚନା କରୁଛନ୍ତି।

ଭୁବନେଶ୍ୱର, ୧୨।୫
(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାର ପ୍ରଥମ ଓ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଜଣେ ଆଇକନ୍। ଓଡ଼ିଶା ନନ୍ଦିନୀଙ୍କୁ ସମଗ୍ର ଭାରତ ବର୍ଷକୁ ଭେଟି ଦେଇଛି। ଆମେ ସମସ୍ତେ ତାଙ୍କ ତ୍ୟାଗକୁ ମନେରଖିବା ଉଚିତ। କେବଳ ରାଜନୀତି ନୁହେଁ, ସଂସ୍କୃତି, ସିନେମା, ସମାଜ ପାଇଁ ତାଙ୍କର ଅନେକ ଅବଦାନ ରହିଛି। ରାଜନୀତି ତାଙ୍କର ମୂଳ ଲକ୍ଷ୍ୟ ନ ଥିଲା। ରାଜନୀତି ମାଧ୍ୟମରେ ସାମାଜିକ ପରିବର୍ତ୍ତନ ସେ ଚାହୁଁଥିଲେ ବୋଲି ଲେଖିକା ପଲ୍ଲବୀ ରେବପ୍ରଗଡ଼ା କହିଛନ୍ତି। ରବିବାର ଭୁବନେଶ୍ୱରସ୍ଥିତ ୱାକିଂ ବୁକ୍‌ଫେୟାର୍ସଠାରେ ପଲ୍ଲବୀଙ୍କ ଲିଖିତ ଜୀବନୀ ପୁସ୍ତକ 'ନନ୍ଦିନୀ ଶତପଥୀ: ଦ ଆଇରନ୍ ଲେଡି ଅଫ୍ ଓଡ଼ିଶା' ସମ୍ପର୍କରେ ଆଲୋଚନା ଓ ବୁକ୍ ସାଇନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୁସ୍ତକ ଓ ଏହାକୁ ଲେଖିବା ସମୟର ଅନୁଭୂତି ସେ ଉପସ୍ଥିତ ଦର୍ଶକଙ୍କ ସହ ବାଣ୍ଟିଥିଲେ। ଉପସ୍ଥିତ ଦର୍ଶକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେ କହିଲେ, ନନ୍ଦିନୀଙ୍କ ସମ୍ପର୍କରେ ଅଧିକ ତଥ୍ୟ ରାଜ୍ୟ ତଥା ଭାରତରେ ମଧ୍ୟ ନାହିଁ, ଯାହା ଏକ ଆଶ୍ଚର୍ଯ୍ୟର ବିଷୟ। ଏମିତିକି ତାଙ୍କ ସମୟରେ ହୋଇଥିବା ବିଭିନ୍ନ ପ୍ରସଙ୍ଗକୁ ନେଇ ରହିଥିବା ତଥ୍ୟରେ ନନ୍ଦିନୀଙ୍କ ନାମ ଉଲ୍ଲେଖ ନାହିଁ। ଏହା ତାଙ୍କ ପ୍ରତି ଏକ ଅନ୍ୟାୟ। ମାତ୍ର ବିଦେଶ ପତ୍ରିକାରେ ତାଙ୍କ ବିଷୟରେ ଅନେକ ତଥ୍ୟ ରହିଛି। କାରଣ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ସହ ନନ୍ଦିନୀଙ୍କ ଜୀବନ ମଧ୍ୟ ସମାନ୍ତରାଳ ଥିଲା। ସେହି ସମୟରେ ଉଭୟଙ୍କ ସମ୍ପର୍କରେ ବାହାର ପତ୍ରିକାରେ ପ୍ରକାଶ ପାଉଥିଲା, ଯାହା ମୋତେ ତାଙ୍କ ସମ୍ପର୍କରେ ତଥ୍ୟ ଯୋଗାଡ଼ କରିବାକୁ ସାହାଯ୍ୟ କରିଥିଲା। ନିଜର ଏକ ଅନୁଭୂତି ବାଣ୍ଟି ସେ କହିଲେ, ଯେବେ ମୁଁ ବାଂଲାଦେଶ ଯାଇଥିଲି ତଥ୍ୟ ସଂଗ୍ରହ ପାଇଁ, ମୁଁ ଆଶ୍ଚର୍ଯ୍ୟ ହେଲି ସେଠାକାର ଲୋକେ ଆଜି ବି ନନ୍ଦିନୀଙ୍କୁ ମନେରଖିଛନ୍ତି। ସେମାନେ ନନ୍ଦିନୀଙ୍କୁ ବହୁତ ଭଲପାଆନ୍ତି। ଦୁଃଖର କଥା, ନନ୍ଦିନୀ ଭାରତ ତଥା ଓଡ଼ିଶାର ଏତେ ନିକଟତର ହୋଇ ମଧ୍ୟ ଆମେ ତାଙ୍କୁ ଭୁଲିଯାଉଛନ୍ତି। ହେଲେ ସେମାନେ ଆଜି ବି ତାଙ୍କୁ ମନେରଖିଛନ୍ତି ଓ ଭଲପାଆନ୍ତି। ଏହି ପୁସ୍ତକ ପଢ଼ିବା ସହ ତାଙ୍କ ବିଷୟରେ ସମସ୍ତେ ଜାଣିବାର ଆବଶ୍ୟକତା ରହିଛି। ପୁରୁଷ ପ୍ରାଧାନ୍ୟ ସମୟରେ ରାଜନୀତିଠୁ ନେଇ ସାମାଜିକ ଜୀବନରେ ସେ କିଭଳି ନିଜକୁ ସବୁଠି ଦମ୍ଭର ସହ ପ୍ରତିପାଦିତ କରିଥିଲେ ତାହା ସମସ୍ତଙ୍କ ପାଇଁ ଏକ ପ୍ରେରଣା ବୋଲି ଲେଖିକା ରେବପ୍ରଗଡ଼ା କହିଥିଲେ। ଏହି ଅବସରରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସାହିତ୍ୟିକ ତଥା ପ୍ରକାଶକ ମନୁ ଦାସ, ଲେଖକ ଆଶିଷ ରଞ୍ଜନ ମହାପାତ୍ର, ୱାକିଂ ବୁକ୍‌ଫେୟାର୍ସର ପ୍ରତିଷ୍ଠାତା ଅକ୍ଷୟ ବହିବାଲା ଓ ଶତାବ୍ଦୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗୁଜରାଟ, ଓଡ଼ିଶା ମଧ୍ୟରେ ବିକାଶର ତୁଳନାତ୍ମକ ଚିତ୍ର ରଖିଲେ ପାଣ୍ଡିଆନ

## ବିକାଶରେ କିଏ ଆଗୁଆ

ଭୁବନେଶ୍ୱର, ୧୨।୫(ସୁନିତ୍ ମିଶ୍ର)

ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଓଡ଼ିଶା ଏବଂ ଗୁଜରାଟର ଏକ ତୁଳନାତ୍ମକ ଚିତ୍ର ତଥ୍ୟ ସହ ପ୍ରଦାନ କରିଛନ୍ତି। ବିଭିନ୍ନ ସୂଚକାଙ୍କରେ ଓଡ଼ିଶା କିପରି ଗୁଜରାଟ ତୁଳନାରେ ବହୁ ଆଗରେ ରହିଛି ସେ ସମ୍ପର୍କରେ ସେ ଦର୍ଶାଇଛନ୍ତି। ଗୁଜରାଟରେ ଅଢ଼େଇ ଦଶନ୍ଧି ଧରି ଭାଜପା ଶାସନରେ ରହିଥିବାବେଳେ ଓଡ଼ିଶା ଅପେକ୍ଷା ଏହାର ସ୍ଥିତି ନୈରାଶ୍ୟଜନକ ଥିବା ତଥ୍ୟରେ ଉଲ୍ଲେଖ ରହିଛି। ଏନ୍‌ଏଚ୍‌ଏଫ୍‌ଏସ୍-୫ ଅନୁଯାୟୀ, ଓଡ଼ିଶାରେ କୁପୋଷଣ (୫ରୁ କମ୍ ବୟସର ଶିଶୁ, ଯେଉଁମାନଙ୍କ ଓଜନ କମ୍) ୨୯.୭% ରହିଥିବାବେଳେ ଗୁଜରାଟରେ ଏହା ୩୯.୭% ରହିଛି, ଯାହାକି ଦେଶରେ କୁପୋଷଣ ହାର ୩୨% ରହିଛି। ସେହିପରି ଓଡ଼ିଶାରେ ୬୫% ମହିଳାଙ୍କଠାରେ ରକ୍ତହୀନତା ଦେଖାଦେଉଥିବାବେଳେ ଗୁଜରାଟରେ ଏହାର ପରିମାଣ ୬୯% ଅଛି। ଓଡ଼ିଶାରେ ୬୪.୨% ଶିଶୁଙ୍କଠାରେ ରକ୍ତହୀନତା ରହିଥିବାବେଳେ ଗୁଜରାଟରେ ଏହା ୭୯.୭% ରହିଛି। ଓଡ଼ିଶାରେ ୯୦.୫% ଟିକାକରଣ ଓ ଗୁଜରାଟରେ ୭୬.୩% ଟିକାକରଣ ହୋଇଛି। ଓଡ଼ିଶାରେ ୮୬.୫% ମହିଳାଙ୍କ ବ୍ୟାଙ୍କ ଖାତା ରହିଥିବାବେଳେ ଗୁଜରାଟରେ ୭୦% ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟ ଅଛି। ସେହିପରି ଓଡ଼ିଶାରେ ୫୦.୧% ଏବଂ ଗୁଜରାଟରେ ୪୮.୮% ମହିଳାଙ୍କ ପାଖରେ ମୋବାଇଲ ଫୋନ୍ ରହିଛି। ମୁଣ୍ଡପିଛା ଋଣ ଓଡ଼ିଶାରେ ୨୨,୨୦୮ ଏବଂ ଗୁଜରାଟରେ ୫୮,୮୭୮ ଟଙ୍କା ରହିଛି। ଆରବିଆଇ ହ୍ୟାଣ୍ଡବୁକ୍ ଅନୁସାରେ, ପ୍ରାଥମିକ ବିଦ୍ୟାଳୟରେ ନାମଲେଖା ହାର ଓଡ଼ିଶାରେ ୯୭.୯% ଏବଂ ଗୁଜରାଟରେ ୯୦.୯% ରହିଛି। ମାଧ୍ୟମିକ ସ୍ତରରେ ଏହା ଓଡ଼ିଶାରେ ୮୦.୩% ଏବଂ ଗୁଜରାଟରେ ୭୫.୨% ଅଛି। ଏହି ତଥ୍ୟ ନିଜ ସାମାଜିକ ଗଣମାଧ୍ୟମରେ ପ୍ରଦାନ କରି ପାଣ୍ଡିଆନ୍ ଉଲ୍ଲେଖ କରିଛନ୍ତି ଯେ, ଦେଖନ୍ତୁ କିଏ ଓଡ଼ିଶାକୁ ଏକନମ୍ବର କରିବାକୁ ଚାହୁଁଛନ୍ତି।

# ବଜ୍ରପାତରେ ଯୁବକ ମୃତ

ବାଣପୁର, ୧୨।୫(ଦିଲୀପ ସ୍ୱାଇଁ)

ବଜ୍ରପାତରେ ଖୋର୍ଦ୍ଧା ଜଲା ବାଣପୁର ଥାନା ଦାଶରଥିପୁର ଗ୍ରାମର ସାଗର ନାୟକ(୩୪)ଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ, ଶନିବାର ରାତିରେ ସାଗର ଘର ବାହାରେ ଶୋଇଥିଲେ। ହଠାତ୍ ପବନ, ବର୍ଷା ସହ ବଜ୍ରପାତ ହୋଇଥିଲା। ଫଳରେ ସେ ବଜ୍ରପାତରେ ଗୁରୁତର ହୋଇଥିଲେ। ପରିବାରଲୋକେ ତାଙ୍କୁ ସଙ୍ଗେସଙ୍ଗେ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଣପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୪)ରୁଜୁ ହୋଇଛି।

# ୩୩ ହଜାର ଜଣଙ୍କ ବିରୋଧରେ ୱାରେଣ୍ଟ, ୪.୧ କୋଟି ଜବତ

## ଶୃଙ୍ଖଳିତ ନିର୍ବାଚନ ପାଇଁ ଓଡ଼ିଶା ପୋଲିସର କଡ଼ା ପଦକ୍ଷେପ

ଭୁବନେଶ୍ୱର, ୧୨।୫(ସତ୍ୟଜିତ୍ ରାଉତ)

ଶୃଙ୍ଖଳିତ ନିର୍ବାଚନ ପରିଚାଳନା ପାଇଁ ରାଜ୍ୟ ପୋଲିସ ଜାନୁଆରୀ ୧ରୁ ସ୍ୱତନ୍ତ୍ର ଅଭିଯାନ ଜାରିରଖିଛି। କଡ଼ା ପଦକ୍ଷେପ ସ୍ୱରୂପ ଏହି ସମୟ ଭିତରେ ୩୩ ହଜାର ଜଣଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଛି। ସେହିଭଳି ୪.୧ କୋଟି ଟଙ୍କା ଜବତ କରାଯାଇଛି ବୋଲି ପୋଲିସ ଡିଜି ଅରୁଣ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ପୋଲିସ ସେବା ଭବନରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଜିପି କହିଲେ, ସୀମାବର୍ତ୍ତୀ ରାଜ୍ୟଗୁଡ଼ିକ ସହ ୯ଟି ସମନ୍ୱୟ ବୈଠକ କରାଯାଇ ଆଲୋଚନା କରାଯାଇଛି। ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ କେତେଜଣ ଜାମିନରେ ଆସିଥିବାବେଳେ ଆଉ କେତେଜଣ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ୩୯ ହଜାର ୯୮୭ଜଣଙ୍କ ବିରୋଧରେ ବିଭିନ୍ନ ଦଫାରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଏବଂ ୪୭ ହଜାର ୨୮୯ ଜଣଙ୍କୁ ନୋଟିସ୍ ଜାରି କରାଯାଇ ବଣ୍ଡ୍ ନିଆଯାଇଛି। ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏ)ରେ ୭ଜଣଙ୍କୁ ବୁକ୍ କରାଯାଇଛି। ୨୩୩ ବେଆଇନ ଅସ୍ତ୍ରଶସ୍ତ୍ର ସହ ୧୧୨ କ୍ୟାଟ୍ରିଜ୍, ୧୧୩ ବୋମା, ୧୫୩୦ଟି ବିସ୍ଫୋରକ ଜବତ ହୋଇଛି। ୩ଟି ବେଆଇନ ବନ୍ଧୁକ କାରଖାନା ଉପରେ ଚଢ଼ାଉ କରାଯାଇ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ସ୍ୱତନ୍ତ୍ର ଚଢ଼ାଉ କରାଯାଇ ୪ ଲକ୍ଷ ୫୦ ହଜାର ଲିଟର ବେଆଇନ ମଦ ଜବତ ହୋଇଥିବାବେଳେ ୨୨ ହଜାର ମାମଲାରେ ୩ ହଜାର ୪୨୮ଜଣଙ୍କୁ ଗିରଫ କରାଯାଇଛି। ୭୨୫ କୁଇଣ୍ଟାଲ ଗଞ୍ଜେଇ ଓ ୪.୫ କେଜି ବ୍ରାଉନସୁଗାର ଜବତ ସହ ୧ ହଜାର ୪୮ଜଣଙ୍କୁ ଗିରଫ କରାଯାଇଛି। ୫ ହଜାର ଏକର ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି। ସେହିପରି ୩ ହଜାର ୬୫୦ ଲିଟର କଫ୍ ସିରପ ଜବତ କରାଯାଇ ୧ ହଜାର ୪୮ଜଣଙ୍କୁ ଗିରଫ କରାଯାଇଛି। ୧୯ଟି ନିର୍ବାଚନ ସଂକ୍ରାନ୍ତୀୟ ମାମଲା ରୁଜୁ କରାଯାଇଛି। ୧୨୧ଟି ଆନ୍ତଃରାଜ୍ୟ ବର୍ଡର ଚେକିଂ ପୋଷ୍ଟ ଓ ୨୮୦ଟି ଆନ୍ତଃଜିଲା ବର୍ଡର ଚେକିଂ ପୋଷ୍ଟ ରହିଛି। ନିର୍ବାଚନ ଆଚରଣ ବିଧି ଲାଗୁ ପରଠାରୁ ରାଜ୍ୟରେ ୭୩୭ଟି ଫ୍ଲାଇଙ୍ଗ ସ୍କ୍ୱାଡ୍ ଟିମ୍ ଓ ୭୨୨ଟି ଷ୍ଟାଟିକ୍ ସର୍ଭିଲାନ୍ସ ଟିମ୍ କାର୍ଯ୍ୟ କରୁଛି। ୧୨୬୪ଟି ମାଓ ବିରୋଧୀ ଅପରେଶନରେ ୪ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବାବେଳେ ୧୭ଜଣ ଆତ୍ମସମର୍ପଣ କରିଛନ୍ତି। ବିପୁଳ ବିସ୍ଫୋରକ ସହ ୬ଟି ବନ୍ଧୁକ ଜବତ ହୋଇଛି। ପୋଲିସ କର୍ମଚାରୀ, ହୋମ୍‌ଗାର୍ଡ, ଗ୍ରାମରକ୍ଷୀଙ୍କୁ ନିର୍ବାଚନ ପରିଚାଳନା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଛି। ୧୧୧ ସୋସିଆଲ ମିଡିଆ ସଂକ୍ରାନ୍ତ ଅଭିଯୋଗ ଆସିଥିବାବେଳେ ୩୫୦ କଣ୍ଟେଣ୍ଟକୁ ହଟାଯାଇଛି। ଏନେଇ ୫ ମାମଲା ରୁଜୁ କରାଯାଇ ଜଣଙ୍କୁ ଗିରଫ କରାଯାଇଛି। ୬୩୦ ସୋସିଆଲ ମିଡିଆ ଆକାଉଣ୍ଟକୁ ନଜରରେ ରଖାଯାଇଛି। ନେଟ୍‌ୱର୍କ ନ ଥିବା ୮୭୯ ସ୍ଥାନରେ ବିକଳ୍ପ ବ୍ୟବସ୍ଥା କରାଯାଇଛି ବୋଲି ଡିଜିପି ଷଡ଼ଙ୍ଗୀ କହିଛନ୍ତି।

# ଗୁରୁତ୍ୱବିହୀନ ଭୋଟର

ଏଥର ନିର୍ବାଚନ ସମ୍ପୂର୍ଣ୍ଣ ଭାବେ ମାନ୍ଦା। ଖରା ଓ ତାତିରେ ପ୍ରାର୍ଥୀମାନେ ଘାଇଲା ହୋଇପଡ଼ିଥିବାବେଳେ ରାଜନୈତିକ କର୍ମୀ ଅସ୍ତବ୍ୟସ୍ତ। କର୍ମୀଙ୍କ ଅନୁଯାୟୀ ଜନସାଧାରଣଙ୍କ ପ୍ରତିକ୍ରିୟା ଜାଣି ହେଉନାହିଁ। ସବୁ ଦଳ ନିଜ ସପକ୍ଷରେ 'ହାୱା' ଅଛି ବୋଲି କହୁଥିବାବେଳେ ସାଧାରଣ ଭୋଟରଙ୍କ ମାନସିକତା ଅତ୍ୟନ୍ତ ଥଣ୍ଡା ପଡ଼ିଯାଇଛି। ବିଶେଷକରି ଓଡ଼ିଶାରେ କୌଣସି ମୋଦି ହାୱା କିମ୍ବା ନବୀନ ହାୱା ଦେଖିବାକୁ ମିଳୁନାହିଁ। କେତେକ ଭୋଟରଙ୍କ କହିବା ଅନୁଯାୟୀ ଏଥର ନିର୍ବାଚନ ପ୍ରାର୍ଥୀଙ୍କୁ ନେଇ ନିର୍ଣ୍ଣୟ ହେବ। ଏଠାରେ ମନେପଡ଼େ ଏକ ହିନ୍ଦୀ ସିନେମାରେ ଶାହରୁଖ୍ ଖାନ୍‌ଙ୍କ ସଂଳାପ। ତାଙ୍କ କହିବା ଅନୁଯାୟୀ ଦଶଟଙ୍କିଆ କଲମ କିଣିବା ପୂର୍ବରୁ କାଗଜରେ ଲେଖିକରି ଚିରିପକାଉ। ସାବୁନ କିଣିବା ପୂର୍ବରୁ ଦୋକାନୀଙ୍କୁ ତା'ର ସୁଗନ୍ଧ ଓ ଫେଣ ବିଷୟରେ ପଚାରୁ। ମୋଟର ସାଇକେଲ କିଣିବା ପୂର୍ବରୁ ତା'ର ମାଇଲେଜ୍ ଏବଂ ବିକ୍ରି ପରେ ସର୍ଭିସ ସମ୍ପର୍କରେ ଘନ ଘନ ପ୍ରଶ୍ନ ପଚାରୁ। ଏମିତିକି ମଶାଧୂପ କିଣିବା ପୂର୍ବରୁ ସେଥିରୁ ଦୁର୍ଗନ୍ଧ ଆସିବ କି ପଚାରିବା ସହିତ ତାହା ମଶା ମାରିବାରେ ସଫଳ ହେବ କି ବୋଲି ଅନେକ ପ୍ରଶ୍ନ ଦୈନନ୍ଦିନ ଜୀବନରେ ଭାରତର ନାଗରିକ ପଚାରିଥାଆନ୍ତି। କିନ୍ତୁ ଯେତେବେଳେ ଭୋଟ ସମୟ ଆସେ ସେତେବେଳେ ଦୀର୍ଘ ୫ ବର୍ଷରେ ପିଲାଙ୍କ ଶିକ୍ଷା ପାଇଁ କେଉଁ ପ୍ରକାର ଚିନ୍ତା, ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ କ'ଣ କରିବା ଉଚିତ ଏବଂ ସମଗ୍ର ରାଜ୍ୟ ଓ ଦେଶକୁ ଆଗେଇନେବା ପାଇଁ କେଉଁପ୍ରକାର ଚିନ୍ତା କରାଯାଉଛି, ସେ ସମ୍ବନ୍ଧରେ ପ୍ରଶ୍ନ କରିବାକୁ କେହି ଆଗେଇ ଆସୁନାହାନ୍ତି। ଫଳରେ କେବଳ ଧର୍ମ, ଜାତି ନଚେତ୍ ମାଗଣା ମିଳିପାରୁଥିବା ସୁବିଧା ସମ୍ପର୍କରେ ଆମକୁ ନିର୍ଦ୍ୱନ୍ଦ୍ୱରେ ରାଜନେତାମାନେ ବକିଚାଲିଛନ୍ତି। କିଏ ୪୦୦ ପାର୍ ଧ୍ୱନି ଦେଉଥିବା ବେଳେ ଅନ୍ୟ କିଏ ଦାୟାଦ ଖୋଜିବା ପ୍ରକ୍ରିୟାରେ ଭୋଟରଙ୍କୁ ଭୁଆଁ ବୁଲାଉଛନ୍ତି। ଏହାଫଳରେ ବାସ୍ତବ ସମସ୍ୟା ସମ୍ପୂର୍ଣ୍ଣ ଭାବେ ପରଦାପଛରେ ରହିଯାଉଛି। ଭୋଟରଙ୍କ ସମୟ ଅଭାବ ସହିତ ମୂଳ ପ୍ରଶ୍ନ ପଚାରିବାର ଅନିଚ୍ଛା ଆସନ୍ତା ଦିନଗୁଡ଼ିକରେ ଭାରତକୁ ଗଭୀର ଚୋଟ ପକାଇବ ବୋଲି ନିଃସନ୍ଦେହରେ କହିହେବ।

ନିକଟରେ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଭାରତୀୟ ପରିବାରରେ ନିଟ୍ ସଞ୍ଚୟ କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ଗତ ୩ ବର୍ଷରେ ଏହି ପରିମାଣ ୯ ଲକ୍ଷ କୋଟି ଟଙ୍କା କମିଛି। ପରିବାର ଚଳାଇବା ସକାଶେ ଲୋକେ ସଞ୍ଚିତ ଅର୍ଥକୁ ବ୍ୟୟ କରିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଏହା ମଧ୍ୟ ସମସ୍ତେ ଜାଣନ୍ତି ଯେ, ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି ପାଉଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ବିଗତ ବର୍ଷଗୁଡ଼ିକରେ ଦେଶରେ ନିଯୁକ୍ତି ହ୍ରାସ ପାଇବାରେ ଲାଗିଛି। ହେଲେ ଏବେ ଦେଶରେ ଚାଲିଥିବା ନିର୍ବାଚନ ପ୍ରଚାରରେ ରାଜନୈତିକ ଦଳଗୁଡ଼ିକ ଅର୍ଥନୈତିକ ପ୍ରସଙ୍ଗକୁ ଅଣଦେଖା କରିଚାଲିଛନ୍ତି। ଶାସକ ଦଳ ସ୍ୱାଭାବିକ ଭାବେ ଏହାଠାରୁ ଦୂରେଇ ରହିବାକୁ ଚାହିଁବ। କିନ୍ତୁ ବିରୋଧୀ ଦଳଗୁଡ଼ିକ ଏହି ବିଷୟକୁ ଗମ୍ଭୀରତାର ସହ ବିଚାର କରୁ ନ ଥିବାରୁ ଆଗକୁ ନିର୍ବାଚନ ଫଳାଫଳ କେଉଁ ଆଡ଼କୁ ଯିବ କହିବା ମୁସ୍କିଲ।

ସବୁ ଦେଶର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାରେ କେନ୍ଦ୍ର ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। କାରଣ କେନ୍ଦ୍ରୀୟ ନୀତି ସଂଘୀୟ ବ୍ୟବସ୍ଥାରେ ପ୍ରତିଫଳିତ ହୋଇଥାଏ। ବର୍ତ୍ତମାନ ଭାରତରେ ପାର୍ଲାମେଣ୍ଟ ନିର୍ବାଚନ ଚାଲିଛି। ଅଧିକ ଆସନ ଲାଭ କରି କ୍ଷମତା ହାତେଇବା ପାଇଁ ସବୁ ଦଳ ଏବେ ଗ୍ୟାରେଣ୍ଟି ଉପରେ ଗ୍ୟାରେଣ୍ଟି ଦେଇଚାଲିଛନ୍ତି। କିନ୍ତୁ ଯେଉଁ ପ୍ରସଙ୍ଗ ଭାରତୀୟମାନଙ୍କୁ ସର୍ବାଧିକ ପ୍ରଭାବିତ କରୁଛି, ତନ୍ମଧ୍ୟରୁ ଅର୍ଥନୈତିକ ଦିଗକୁ ପ୍ରାଧାନ୍ୟ ଦିଆଯିବା କଥା। କାରଣ ଦେଶ ବିକାଶର ମୂଳ ପିଣ୍ଡ ଏକ ସୁଦୃଢ଼ ଅର୍ଥନୈତିକ ବ୍ୟବସ୍ଥା ଉପରେ ନିର୍ଭର କରିଥାଏ। ଏବେ ଦେଖାଯାଉଛି ଶାସକ ଦଳ ଧର୍ମକୁ ମୁଖ୍ୟ ପ୍ରସଙ୍ଗ କରିଥିବା ବେଳେ ଜମ୍ମୁ ଓ କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଭଳି ସମ୍ବେଦନଶୀଳ ବିଷୟକୁ ନେଇ ଲୋକଙ୍କ ପାଖକୁ ଯାଉଛି। କିନ୍ତୁ ଭାଜପାର କୌଣସି ପ୍ରାର୍ଥୀ ଜମ୍ମୁ ଓ କଶ୍ମୀରରେ ନିର୍ବାଚନ ଲଢ଼ିବାକୁ ସାହସ କରିନାହାନ୍ତି। ବାସ୍ତବରେ ଦେଖିଲେ ଏହିସବୁ ବିଷୟ ସାଧାରଣ ନାଗରିକର ଜୀବନଧାରଣରେ ସେଭଳି ପରିବର୍ତ୍ତନ ଆଣି ପାରିବ ନାହିଁ। ଗୋଟେ 'ଘୋ' ସୃଷ୍ଟି କରି ଦେଶପ୍ରେମୀ ବା ଜାତୀୟତାବାଦୀ ଦେଖେଇ ହେବାର ଯେଉଁ ପ୍ରଚେଷ୍ଟା କରାଯାଉଛି, ତାହା ଦେଶକୁ ଦୀର୍ଘମିଆଦୀ ଲାଭ ଦେବ ନାହିଁ। ତଥାପି ଥୋକେ ସେହି ଦଳକୁ ସମର୍ଥନ କରିବାରେ ଲାଗି ପଡ଼ିଛନ୍ତି। ଯେତେବେଳେ କେହି ଅର୍ଥନୈତିକ ପ୍ରସଙ୍ଗ ଉପରେ ପ୍ରଶ୍ନ କରୁଛନ୍ତି, ସେତେବେଳେ ଭାରତ ଖୁବ୍ ଶୀଘ୍ର ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବାକୁ ଯାଉଛି ବୋଲି ଆଶ୍ୱାସନା ଦିଆଯାଉଛି। କିନ୍ତୁ କେଉଁ ଧାରାରେ ଯାଇ ଏହା ତା' ଇପ୍ସିତ ଲକ୍ଷ୍ୟ ପୂରଣ କରିବ, ସେହି ଗ୍ରାଫ୍ ବିଷୟରେ କେଉଁଠାରେ ସୂଚନା ଦିଆଯାଉ ନାହିଁ। ଅନ୍ୟପକ୍ଷରେ ଏଠାରେ ବିରୋଧୀ ଦଳଗୁଡ଼ିକ ଶାସକ ଦଳର ଦୁର୍ବଳତାକୁ ଠିକ୍ ଭାବେ ଉପସ୍ଥାପିତ କରିବା ଦିଗରେ ସମ୍ପୂର୍ଣ୍ଣ ଧ୍ୟାନ ଦେଉ ନ ଥିବା ଲକ୍ଷ୍ୟ କରାଯାଉଛି। ଏଗୁଡ଼ିକ ଜାତିଭିତ୍ତିକ ଭୋଟ ବିଷୟରେ ସର୍ବାଧିକ ପ୍ରାଧାନ୍ୟ ଦେଉଥିବାରୁ ଅର୍ଥନୀତି ପ୍ରସଙ୍ଗ ଜୋର ଧରିପାରୁ ନାହିଁ। ନିର୍ବାଚନୀ ଇସ୍ତାହାରରେ ବେକାରି ସମସ୍ୟା ଓ ଦେଶର ଆର୍ଥିକ ସ୍ଥିତି ନେଇ ଏମାନେ ଉଲ୍ଲେଖ କରୁଥିଲେ ମଧ୍ୟ ପ୍ରକୃତ ମଞ୍ଚରେ ଛିଡ଼ା ହେଲା ବେଳକୁ ଶାସକ ବର୍ଗଙ୍କ ଅପ୍ରସଙ୍ଗଜନିତ ବିଷୟକୁ ମୁକାବିଲା କରିବା ଲାଗି ସବୁ ବଳ ଖଟାଇ ଦେଉଛନ୍ତି।

ପାଶ୍ଚାତ୍ୟ ନିର୍ବାଚନରେ ଅର୍ଥନୀତି, ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା ଏବଂ ବହିର୍ବାଣିଜ୍ୟ ସମ୍ପର୍କରେ ଆଲୋଚନା ଓ ବିତର୍କ ହେଉଥିବା ଦେଖିବାକୁ ମିଳିଥାଏ। ଫଳରେ ଭୋଟର ପ୍ରତ୍ୟେକ ରାଜନୈତିକ ଦଳର ଅଭିମୁଖ୍ୟ ବୁଝିବାରେ ସକ୍ଷମ ହୋଇଥାଆନ୍ତି। ସେହି ଅନୁଯାୟୀ ସେମାନେ ଦଳର ନୀତିକୁ ଦେଖି ମତଦାନ କରିଥାଆନ୍ତି। ଭାରତରେ ଅନେକ ସଚେତନ ନାଗରିକ ଅଛନ୍ତି। ମାତ୍ର ଅଧିକାଂଶ କାହା କଥାରେ ପଡ଼ି ଗୋଟେ ସ୍ରୋତରେ ଭାସିଯିବାକୁ ଚାହୁଁଥିବାରୁ ଫଳାଫଳ ଅନେକ ସମୟରେ ଦେଶ ହିତରେ ଯାଉ ନ ଥିବା ଲକ୍ଷ୍ୟ କରାଯାଉଛି। ରାଜନୈତିକ ଦଳଗୁଡ଼ିକ ମଧ୍ୟ ବହିର୍ବାଣିଜ୍ୟ, ଖାଦ୍ୟ ଏବଂ ଜାତୀୟ ସୁରକ୍ଷା ନୀତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ଆଲୋଚନାକୁ ଆଣିବା ପାଇଁ ଅନିଚ୍ଛୁକ ଥିଲାଭଳି ମନେହେଉଛି। ସ୍ୱାଧୀନତା ପରେ ଦେଶ ଅନେକ ନିର୍ବାଚନ ଦେଖିଲାଣି। ଏବେ ସମୟ ଆସିଲାଣି ନାଗରିକର ଜୀବନ ଧାରଣରେ ପରିବର୍ତ୍ତନ ଆଣିପାରୁ ଥିବା ପ୍ରସଙ୍ଗକୁ ଗୁରୁତ୍ୱ ଦେବା ଦରକାର। ନିର୍ବାଚନ ରଣାଙ୍ଗନରେ ପରସ୍ପର ମଧ୍ୟରେ ଆରୋପ–ପ୍ରତ୍ୟାରୋପ ଲାଗି ରହିବ। ତଥାପି ସାମାନ୍ୟ କଥାରେ ବାକ୍ ବିତଣ୍ଡା ନ କରି ଦେଶର ସ୍ୱାର୍ଥକୁ ସର୍ବାଗ୍ରେ ରଖାଯାଇ ପଦକ୍ଷେପ ନିଆଯିବାର ସମୟ ଆସିଲାଣି। କିନ୍ତୁ ଦେଶର ସ୍ୱାର୍ଥ ଧର୍ମ ଓ ଜାତି ମାଧ୍ୟମରେ ସୁରକ୍ଷିତ କରାଯାଇପାରିବ ବୋଲି ବିଶ୍ୱାସ କରିବାର ଯୁଗ ଆଉ ନାହିଁ। ଅପରପଟେ ଯୁବକଙ୍କୁ କେବଳ କୌଶଳୀ କରିଦେଲେ ଦେଶର ଅର୍ଥନୀତି ସୁଦୃଢ଼ ହେବ ବୋଲି ମଧ୍ୟ ବିଶ୍ୱାସ ହେଉନାହିଁ। ସେଥିପାଇଁ କିଏ କେଉଁଭାବେ ଚିନ୍ତାକରି ମାର୍ଗ ଦର୍ଶାଉଛି ହେବାକଥା ମୂଳ ଲକ୍ଷ୍ୟ। ତେବେ ଆମେ ଭୋଟର ଭିଡ଼ରେ ଛିଡ଼ା ହୋଇ କେବଳ ପ୍ରଚାର ଶୁଣିବାରେ ସନ୍ତୁଷ୍ଟ ହୋଇଯାଉଥିବାରୁ ଆମକୁ କେହି ଗୁରୁତ୍ୱ ଦେଉନାହାନ୍ତି।

# ଭୋଟ ଦେବା କାହାକୁ



ଅକ୍ଷୟ କୁମାର ମିଶ୍ର

ଗଣତନ୍ତ୍ରର ମହାପର୍ବ ହେଉଛି ନିର୍ବାଚନ। ଆମ ଦେଶର ସାବାଳକମାନେ ପ୍ରତି ପାଞ୍ଚ ବର୍ଷରେ ଥରେ ଭୋଟ୍ ଦେଇ ଜନପ୍ରତିନିଧି ବାଛନ୍ତି। ଏହି ନିର୍ବାଚିତ ଜନ ପ୍ରତିନିଧିମାନେ ସରକାର ଗଢ଼ନ୍ତି। ସରକାର ଗଠନ ପରେ ଆନୁଷ୍ଠାନିକ ଭାବେ ଏମାନେ ଦୁଇଟି ଦଳରେ ବିଭକ୍ତ ହୋଇଯାଆନ୍ତି– ସରକାରୀ ଦଳ ଓ ବିରୋଧୀ ଦଳ। ଏମାନଙ୍କ ଭିତରେ ମତାନ୍ତର ହୁଏ, ମନାନ୍ତର ମଧ୍ୟ ରହେ। ପରସ୍ପର ବିରୋଧରେ ବିଷୋଦ୍‌ଗାର ଚାଲେ, ଗାଳି ମନ୍ଦ ହୁଏ, ବେଳେବେଳେ ଖଣ୍ଡଯୁଦ୍ଧ ବି ଦେଖିବାକୁ ମିଳେ। ନିର୍ବାଚନ ଯେତେ ନିକଟତର ହୁଏ, କାଦୁଅ ଫିଙ୍ଗାଫିଙ୍ଗି ସେତେ ଅଧିକ ହୁଏ। ଏହି କ୍ରମରେ ଆମ ଜନତାଙ୍କ ମଧ୍ୟରେ ସାମୟିକ ହେଲେ ମଧ୍ୟ ପାଚେରି ତିଆରି ହୁଏ।

ମୋର ଗତ ପ୍ରବନ୍ଧ 'ଆସ ଭୋଟ୍ ଦେବା'ରେ ଆହ୍ୱାନ ଥିଲା– 'ଚାଲ ସଭିଏଁ ଭୋଟ୍ ଦେବା। ଉତ୍ତମ ପ୍ରତିନିଧି ବାଛିବା। ଜନବାଦୀ ସରକାର ଗଢ଼ିବା। ଗଣତନ୍ତ୍ରକୁ ଶକ୍ତିଶାଳୀ କରିବା।' ଯେଉଁମାନେ ଭୋଟ୍ ଦେଉନାହାନ୍ତି, ସେମାନେ ଅଧିକାର ସାବ୍ୟସ୍ତ କଲେ ଯେକୌଣସି ନିର୍ବାଚନର ଫଳାଫଳ ଯେ ଓଲଟପାଲଟ ହୋଇଯିବ ଏଥିରେ ସନ୍ଦେହ ନାହିଁ। କିନ୍ତୁ ଅସଲ କଥା ହେଲା ଭୋଟ୍ ଦେବା କାହାକୁ? କିଏ ହେବ ଆମର ଉତ୍ତମ ପ୍ରତିନିଧି? ସବୁଥର ପରି ନିର୍ବାଚନ ଦୁନ୍ଦୁଭି ବାଜିବା ପରେ ସମସ୍ତ ରାଜନୈତିକ ଦଳ ବିଭିନ୍ନ ନିର୍ବାଚନମଣ୍ଡଳୀ ପାଇଁ ବେଶ୍ କସରତ କରୁଛନ୍ତି। ତାପରେ କ'ଣ ହେଉଛି ଆମେ ସବୁ ଦେଖୁଛେ। ସାଧାରଣ ଜନତା ଦେଖୁଛନ୍ତି ନେତାଙ୍କ ମତିଗତିକୁ। ସେବା ନାମରେ କ୍ଷମତାର ଲାଳସାକୁ। ଦଳୀୟ ପ୍ରୀତିକୁ। ନୈତିକତାକୁ ଦେଖି ସଭିଏଁ ତାଜୁବ୍। ଦଳର ସଚ୍ଚା ନେତା ବୋଲାଉଥିବା ବଡ଼ପଣ୍ଡାମାନେ ଯେଉଁମାନେ ଅନ୍ୟ ଦଳକୁ କଟୁ ସମାଲୋଚନା କରି ଆସୁଥିଲେ, ନିଜ ଦଳର ନୀତି ଆଦର୍ଶକୁ ଅନର୍ଗଳ ବଖାଣୁଥିଲେ ଟିକେଟ ନ ପାଇବା ପରେ କିମ୍ବା ଦଳୀୟ ଟିକେଟ ନ ପାଇବାର ସୂଚନା ପାଇବା ପରେ କେମିତି ରାତାରାତି ରଙ୍ଗ ବଦଳାଇ ପାରୁଛନ୍ତି। ଏପରିକି ଯେଉଁମାନଙ୍କୁ ଦଳ ଏକାଧିକବାର ବିଧାୟକ କିମ୍ବା ସାଂସଦ ହେବାର ସୁଯୋଗ ଦେଇଛି, ମନ୍ତ୍ରୀ କରିଛି, ଦଳର ବିଭିନ୍ନ ଉଚ୍ଚ ପଦପଦବୀରେ ରହି ନିଜର ପତିଆରା ବୃଦ୍ଧି କରିପାରିଥିଲେ ସେମାନେ। ଅଥଚ କେମିତି ନିଜର ମତକୁ ଅତି ସହଜରେ ପରିବର୍ତ୍ତନ କରୁଛନ୍ତି ତାହା ଲୋକମାନେ ଦେଖୁଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଲା ଏହି ଆୟାରାମ ଗୟାରାମମାନଙ୍କୁ ଲୋକମାନେ ଚିହ୍ନିବାରେ ଭୁଲ୍ କରୁଛନ୍ତି। ଦଳ ବଦଳରେ କୌଣସି ଫରକ ପଡୁନି। ଫଳରେ ବ୍ୟକ୍ତିବାଦ ବଢୁଛି। ଏମାନେ ଗୋଟିଏ ରାଜନୈତିକ ଦଳରେ ଥିବାବେଳେ ଯାହା କହୁଥିଲେ ଅନ୍ୟ ଦଳକୁ ଯିବା ପରେ ଯାହା କହିଲେ ସେଥିରୁ କେଉଁଟା ଠିକ୍?



ନା, ଏମାନେ ନିଜେ ଭୁଲ୍? ଯେଉଁ ରାଜନୈତିକ ଦଳ ହେଉନା କାହିଁକି ସେଥିରେ ରହି କ୍ଷମତା ଉପଭୋଗ କଲେ, ଧନ ସମ୍ପତ୍ତି ଅର୍ଜିଲେ, ସାମାଜିକ ପ୍ରତିଷ୍ଠା ଲଭିଲେ। ମାତ୍ର କୌଣସି କାରଣରୁ ଦଳ ଯଦି ଆଉ କାହାକୁ ସୁଯୋଗ ଦେଲା ତେବେ ସରିଲା। ରାତି ନ ପାହୁଣୁ ଅନ୍ୟ ଦଳରେ ହାଜର। ସେ ଦଳର ନିଷ୍ପତ୍ତି ମଧ୍ୟ ଅଜବ। ସଂଗଠନ ସଜାଡ଼ି ଆସୁଥିବା ଲୋକଟିକୁ ଫୋପାଡ଼ି ଦେଇ ଦାଣ୍ଡ, ହାଟ, ବଜାରରେ ଚଉଦ ପୁରୁଷକୁ ଉଦ୍ଧାର କରୁଥିବା ବ୍ୟକ୍ତି ଉପରେ ଆସ୍ଥା ପ୍ରକଟ କରି ନିର୍ବାଚନରେ ଅବତୀର୍ଣ୍ଣ କରାଇବା କି ପ୍ରକାର ନୈତିକତା ବୁଝି ହେଉନାହିଁ। ଏସବୁର ପୂର୍ଣ୍ଣଚ୍ଛେଦ କେବଳ ଜନତା ହିଁ ପକାଇ ପାରିବେ। ଯେଉଁ ଦଳ ପାଇଁ ପରିଚୟ ସୃଷ୍ଟି ହେଲା ସେହି ଦଳର ହୋଇ ପାରୁ ନ ଥିବା ଲୋକଟି ଜନତାଙ୍କର ହେବ କେମିତି? ଏହାକୁ ମନରେ ରଖି ଚାଲନ୍ତୁ ଭୋଟ୍ ଦେବା ଏବଂ ସେବକର ଖୋଳପା ପିନ୍ଧିଥିବା ଏହି ସ୍ୱାର୍ଥାନ୍ୱେଷୀ ନେତାଙ୍କୁ ଉଚିତ ଶିକ୍ଷା ଦେବା।

ଭୋଟ୍ ଦେବା ଉଚିତ ନୁହେଁ ସେହିମାନଙ୍କୁ, ଯେଉଁମାନେ ଦୁର୍ନୀତିଗ୍ରସ୍ତ। ଏହି ଧରଣର ଲୋକମାନେ ଅସାଧୁ ଉପାୟରେ ଅର୍ଥ ଉପାର୍ଜନ କରିବା ପାଇଁ ଯେକୌଣସି ସ୍ତରକୁ ଓହ୍ଲାଇ ଯାଇପାରନ୍ତି। ଦେଶ ଓ ଦଶ ଏମାନଙ୍କ ପାଇଁ ତୁଚ୍ଛ। ଏମାନଙ୍କର ଏକମାତ୍ର ଲକ୍ଷ୍ୟ ଅର୍ଥ ଉପାର୍ଜନ। କ୍ଷମତା ଥିଲେ ଅତି ସହଜରେ ଦୁର୍ନୀତିକୁ ସୁନୀତିରେ ପରିଣତ କରିପାରନ୍ତି। ଏଣୁ କ୍ଷମତାକୁ ଧରି ରଖିବା ପାଇଁ ନିର୍ବାଚନରେ କୋଟି କୋଟି ଟଙ୍କା ବ୍ୟୟ କରନ୍ତି। ଯେତେ ଟଙ୍କା ବ୍ୟୟ କରନ୍ତି, ତାହା ଯେ ପୈତୃକ ସମ୍ପତ୍ତିର ଏକ ଅଂଶ ତାହା ନିଶ୍ଚୟ ନୁହେଁ କିମ୍ବା ଏହା କଠିନ ପରିଶ୍ରମରୁ ଅର୍ଜିତ ଧନ ମଧ୍ୟ ନୁହେଁ। ଆମେ ସମସ୍ତେ ଏକଥା ଜାଣିଛୁ। ଜାଣି ଯଦି ଭୁଲ୍ କରିବୁ, ତେବେ ନିଜ ଗୋଡ଼ରେ ନିଜେ ଚୋଟ ମାରିବା ସହିତ ଗଣତନ୍ତ୍ର ଗଭୀର ସଂକଟର ସମ୍ମୁଖୀନ ହେବ।

କେବଳ ପ୍ରାର୍ଥୀମାନେ ଯେ ଅମାପ ଅର୍ଥ ବ୍ୟୟ କରୁଛନ୍ତି ତାହା ନୁହେଁ, କିଛି ରାଜନୈତିକ ଦଳ ମଧ୍ୟ ବେହିସାବି ଖର୍ଚ୍ଚ କରୁଛନ୍ତି। ଏ ସବୁ ଅର୍ଥ କେଉଁ ଉତ୍ସରୁ ଆସୁଛି ଭୋଟ୍ ଦେବା ପୂର୍ବରୁ ଥରୁଟିଏ ଭାବିବା ଆବଶ୍ୟକ। ଏହା ଯେ ଚାନ୍ଦା ସୂତ୍ରରୁ ଏକଥା କେହି ଅସ୍ୱୀକାର କରିବେ ନାହିଁ। ପୁଣି ଏହି ଚାନ୍ଦା ସାଧାରଣ ଲୋକଙ୍କଠାରୁ ସଂଗ୍ରହ ହେଉ ନାହିଁ। ହେଉଛି କଳକାରଖାନାର ମାଲିକଙ୍କଠାରୁ, ବଡ଼ ବଡ଼ କଣ୍ଟ୍ରାକ୍ଟରଙ୍କଠାରୁ, କଳାବଜାରିଙ୍କଠାରୁ। ଭାବିଲେ ଦେଖି ଏମାନେ କେଉଁ ସ୍ୱାର୍ଥରେ କୋଟି କୋଟି ଟଙ୍କା ରାଜନୈତିକ ଦଳମାନଙ୍କୁ ଚାନ୍ଦା ଦେଉଛନ୍ତି? ହିସାବ ଦେଖିଲେ ଯେଉଁ ଦଳ ସରକାରରେ ଥିବେ କିମ୍ବା ବିଜୟ ସମ୍ଭାବନା ଯାହାର ଅଧିକ ସେହି ଦଳଗୁଡ଼ିକ ଅଧିକ ଚାନ୍ଦା ପାଉଛନ୍ତି। ଏହାର କାରଣ ସ୍ପଷ୍ଟ ଯାହାର ପ୍ରତିଫଳନ ଘଟୁଛି ଦରଦାମ୍ ବୃଦ୍ଧିରେ, ନୂଆ ନୂଆ ଦୁର୍ନୀତିର ଆବିର୍ଭାବ ଏଇଥିପାଇଁ, ଶହେ ଟଙ୍କାରେ ସରକାରୀ ଧନରୁ ପଚାଶ ଟଙ୍କାରୁ କମ୍ ଖର୍ଚ୍ଚ ହୋଇ ଅବଶିଷ୍ଟ ବାଟମାରଣା ହେବାର ଏକମାତ୍ର କାରଣ ଏହି ଚାନ୍ଦା। ସଠିକ୍ ମତଦାନ ଏହାକୁ ରୋକିପାରିବ।

ପ୍ରତିଶ୍ରୁତି ଦେଇ ଯେଉଁମାନେ ପୂରଣ କରନ୍ତି ନାହିଁ, ଟଙ୍କା ଦେଇ ଯେଉଁମାନେ ଭୋଟ୍ କିଣିବାକୁ ଚାହାନ୍ତି, ଡରେଇ ମରେଇ ଯେଉଁମାନେ ଭୋଟ୍ ହାତେଇବାକୁ ଚାହୁଁଛନ୍ତି, ବିଭିନ୍ନ ସଙ୍ଗିନ ଅପରାଧରେ ଯେଉଁମାନେ ଜଡ଼ିତ, ସେମାନଙ୍କୁ ପ୍ରତିନିଧି ଭାବରେ ବାଛିବା ଅର୍ଥ ଗଣତନ୍ତ୍ର ପ୍ରତି ଉପହାସ। ତେବେ ଭୋଟ୍ ଦେବା କାହାକୁ? ପ୍ରଥମ କଥା ହେଲା ଆମେ ଯେଉଁମାନଙ୍କୁ ଚୟନ କରିବା ସେମାନେ ହେବେ ସାଂସଦ, ଯିଏ ଆମ କଥାକୁ ସଠିକ୍ ଢଙ୍ଗରେ ଦିଲ୍ଲୀ ଦରବାରରେ ଥୋଇବା ସହିତ ବିଭିନ୍ନ ଜାତୀୟ ଇସ୍ୟୁ ଉପରେ ବିତର୍କ କରିବାର ଦକ୍ଷତା ଥିବ ସେମାନଙ୍କର। ଆଉ ଯେଉଁମାନଙ୍କୁ ବିଧାୟକ ଭାବରେ ଭୋଟ୍ ଦେବା ସେମାନେ ଆମ ଅଞ୍ଚଳର ବିକାଶ କଥା ବୁଝିବେ ଏବଂ ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ ସହିତ ବିଭିନ୍ନ ସମସ୍ୟା ଉପରେ ଶାଣିତ ସ୍ୱର ଉଠାଇ ପାରିବାର ଭରପୂର ଅଭିଜ୍ଞତାର ଅଧିକାରୀ ହୋଇଥିବେ। ଦ୍ୱିତୀୟରେ ସେମାନଙ୍କର ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ଥିବ। ଅନ୍ୟାୟ, ଅନୀତି, ଦୁର୍ନୀତି ବିରୋଧରେ କଠୋର ମନୋଭାବ ପୋଷଣ କରୁଥିବେ। ବିଭିନ୍ନ ଜନ ଆନ୍ଦୋଳନ ସହିତ ସମ୍ପୃକ୍ତ ଥିବେ। ବିଶେଷକରି ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗକୁ ନେଇ ତାଙ୍କ ଭିତରେ ସଂକୀର୍ଣ୍ଣତା ନଥିବ। ଏସବୁ ଦିଗ ପ୍ରତି ବିଚାର ନ କରି ଯଦି କେଇଟା ଟଙ୍କା ଲୋଭରେ, ମଦ ନିଶାରେ, କାହାର ତୁଚ୍ଛା ଧମକ ଚମକରେ କିମ୍ବା ଆଉ କିଛି ପ୍ରଲୋଭନରେ ପ୍ରଲୋଭିତ ହୋଇ ନିଜର ମୂଲ୍ୟବାନ ଭୋଟ୍ ଖଣ୍ଡକ ଯାହାକୁ ନାହିଁ ତାକୁ ଦେଇଦେବା ତେବେ କପାଳରେ ହାତମାରିବା ହିଁ ସାର ହେବ। ମନେରଖିବା ଉଚିତ ଆମର ଭୋଟ୍ ସମ୍ପୂର୍ଣ୍ଣ ସିକ୍ରେଟ୍। କେହି ଜାଣିବେନି, କେହି ଦେଖିବେନି। ଏଣୁ ନିଜ ବିବେକ ଖଟାଇ ଗୋଟିଏ ଜନବାଦୀ ସରକାର ଗଢ଼ିବା ପାଇଁ ଉତ୍ତମ ପ୍ରାର୍ଥୀଙ୍କ ନାମ ବା ସଙ୍କେତ ଡାହାଣକୁ ଥିବା ନୀଳ ବୋତାମ ଚିପି ଆସନ୍ତୁ ଭୋଟ୍ ଦେବା।

ସଭାପତି, ଓଷ୍ଟା
ମୋ : ୯୯୩୮୭୬୩୨୩୭

# ଭେଦଭାବ ବିକାଶରେ ଅନ୍ତରାୟ



ରାଜୀବ କୁମାର ନାୟକ

ଓଡ଼ିଶାରେ ମୋଟ୍ ୬୨ଟି ଜନଜାତି ଏବଂ ୯୩ଟି ଜାତିର ଲୋକ ବସବାସ କରୁଥିବାବେଳେ ଏମାନଙ୍କ ଜନସଂଖ୍ୟା ଯଥାକ୍ରମେ ମୋଟ୍ ୪.୫ କୋଟି ଜନସଂଖ୍ୟାର ୨୨.୧୫ ଏବଂ ୧୭.୨ ଶତକଡା। ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ଶିଶୁଙ୍କ ଅଧିକାରକୁ ସୁରକ୍ଷା ଦେବା ସମ୍ବନ୍ଧରେ ଯଦିଓ ସମ୍ବିଧାନରେ ଉଲ୍ଲେଖ ରହିଛି ତଥାପି ଆଜି ପର୍ଯ୍ୟନ୍ତ ସାମାଜିକ ବ୍ୟବସ୍ଥା ଏହି ଜାତିଗତ ଭେଦଭାବକୁ ଶହ ଶହ ବର୍ଷ ହେଲା କଳୁଷିତ କରି ରଖିଛି। ବିଦ୍ୟାଳୟ ବି ଏଥିରୁ ବାଦ୍ ଯାଇ ନ ଥିବା ବେଳେ ନିର୍ଦ୍ଦିଷ୍ଟ ସମୟାନ୍ତରରେ ଜାତିଗତ ବିଦ୍ୱେଷକୁ ନେଇ ସଙ୍ଗିନ ଅଭିଯୋଗମାନ ଗଣମାଧ୍ୟମର ପୃଷ୍ଠାମଣ୍ଡନ କରିଥାଏ। ୨୦୨୦ରେ ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡେ ଯେ ୩୫.୨୫ ଶତକଡା ଶିଶୁଙ୍କ ପାଖରେ ସେମାନେ ବ୍ୟକ୍ତିଗତ ଭାବରେ ବା ତାଙ୍କ ସାମ୍ନାରେ କେହି ଜାତିଗତ ବୈଷମ୍ୟର ଶିକାର ହୋଇଥିବା ଅନୁଭବ ରହିଛି। ଅନୁଧ୍ୟାନ ସମୟରେ ଅମୃତା(ଛଦ୍ମ ନାମ) ନାମ୍ନୀ ଜଣେ ଝିଅ ପ୍ରକାଶ କରନ୍ତି ଯେ ସେମାନେ ଦଳିତ ସମ୍ପ୍ରଦାୟର ହୋଇଥିବାରୁ ସେମାନଙ୍କୁ ଖାଇବା ବେଳେ ଅନ୍ୟତ୍ର ବସିବା ତଥା ଗାଧୋଇବା ସକାଶେ ସ୍ୱତନ୍ତ୍ର ଘାଟ ବ୍ୟବହାର କରିବାକୁ କୁହାଯାଇଥାଏ। ଆହୁରି ମଧ୍ୟ ଉଚ୍ଚ ଜାତିରୁ ଆସିଥିବା ଛାତ୍ରୀଛାତ୍ର ତାଙ୍କୁ ଲକ୍ଷ୍ୟକରି ଖରାପ ମନ୍ତବ୍ୟ ଦେବା ସହିତ ଗାଳି ମଧ୍ୟ କରିଥାନ୍ତି।

ଏହି ପ୍ରସଙ୍ଗରେ ଆଲୋଚନା କଲେ ଜଣାଯାଏ ଯେ ଅନେକ ବିଦ୍ୟାଳୟରେ ଦଳିତ ବର୍ଗର ପିଲାଙ୍କୁ ପାଇଖାନା ବ୍ୟବହାର କରିବାକୁ ଦିଆଯାଇ ନ ଥାଏ। ସେହିପରି ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ପିଇବା ପାଣିର ବ୍ୟବସ୍ଥାରୁ ସେମାନଙ୍କୁ ବାରଣ କରାଯାଇଥାଏ। ମଧ୍ୟାହ୍ନ ଭୋଜନ ସମୟରେ ତାଙ୍କୁ ଅନ୍ୟ ପିଲାଙ୍କଠୁ ଛାଡିକି ବସିବାକୁ କୁହାଯିବା ସହ ଖାଦ୍ୟ ପରଷା ଗଲାବେଳେ ତାଙ୍କ ପ୍ଲେଟରେ ଚାମଚ ଯେପରି ନ ଲାଗିବ ସେଥିପାଇଁ ଖାଦ୍ୟ ସବୁକୁ ଉପରୁ ତଳକୁ ପକାଇ ଦିଆଯାଇଥାଏ। ଆଜି ସମସ୍ତ ବିଦ୍ୟାଳୟରେ ସରକାର ବାଧ୍ୟତାମୂଳକ ଭାବରେ ଭେଦଭାବ ଶୂନ୍ୟ ଅଞ୍ଚଳ ଲେଖିବାକୁ କଡ଼ାକଡି ଭାବରେ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏହା ଯେଉଁଭଳି ଭାବରେ କାର୍ଯ୍ୟକାରୀ ହେବାକଥା ତାହା ନ ହୋଇ କେବଳ ଲେଖା ଭିତରେ ସୀମିତ ରହୁଛି। ଏଥିସକାଶେ ଯେଉଁ ମାତ୍ରାରେ ଆନ୍ତରିକତା ରହିବା କଥା ତା'ର ଅଭାବ ପରିଲକ୍ଷିତ ହୁଏ। ରାଜ୍ୟ ସରକାର ଆହୁରି ମଧ୍ୟ ଦଳିତ ସମ୍ପ୍ରଦାୟରୁ ବିଦ୍ୟାଳୟକୁ ଆସୁଥିବା ପିଲାମାନଙ୍କ କ୍ଷେତ୍ରରେ ତାଙ୍କ ନାଁରୁ ବର୍ଗକୁ ନାମଲେଖା ରେଜିଷ୍ଟରରେ ବାଦ୍ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ଯଦ୍ୱାରା ଜଣେ ପିଲା କେଉଁ ସମ୍ପ୍ରଦାୟରୁ ଆସିଛି ତାହା ଗୋପନ ରହିପାରିବ।

ଏହା କେବଳ ସମ୍ବଲପୁର ଜିଲା ବା ପଶ୍ଚିମ ଓଡ଼ିଶାର କଥା ନୁହଁ ଏହା ସମଗ୍ର ଓଡ଼ିଶାର କଥା। ହୁଏତ ଏହି ଭେଦଭାବ ସ୍ଥାନ ବିଶେଷରେ କମ୍ ବେଶି ହୋଇପାରେ କିନ୍ତୁ ଏହା ଆଜି ମଧ୍ୟ ବଳବତ୍ତର ରହିଛି। ଖାଲି ମଧ୍ୟାହ୍ନଭୋଜନ ବେଳେ ଛାଡିକି ବସାଇବା ବା ପିଇବାପାଣିରେ ବାରଣ କଥାକୁ ନେଇ ବାରଣ ନାହିଁ ବରଂ ଆଜି ବି ବାରଣ ସତ୍ତ୍ୱେ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ



ପିଲାଙ୍କୁ ତାଙ୍କ ଜାତିର ନାଁ ଧରି ଅପମାନିତ କରିବା, ବିଭିନ୍ନ କଥା କହି ଛିଗୁଲେଇବା, ତାଙ୍କ ପାଖ ନ ମାଡିବା, ତାଙ୍କ ପାଠପଢାରେ ଉନ୍ନତି ଆଣିବା ନିମିତ୍ତ ଧ୍ୟାନ ନ ଦେବା ଇତ୍ୟାଦି ଭଳି ପାତରଅନ୍ତର ନୀତି ରଖିଥାନ୍ତି।

ଏହାର ପରିଣାମ ସ୍ୱରୂପ ଅନେକ ପିଲା ନିଜକୁ ଅପମାନିତ ବୋଧକରି ଦିନ ଦିନ ବିଦ୍ୟାଳୟକୁ ନ ଯିବା ଏପରିକି ଅଧାରୁ ପାଠ ଛାଡିବା ଭଳି ଘଟଣା ଦୃଷ୍ଟିଗୋଚର ହୋଇଥାଏ। ଛୁଆଁ ଅଛୁଆଁ ମନୋଭାବ କାରଣରୁ ଉପେକ୍ଷିତ ବର୍ଗ ଅନେକ ସମୟରେ ନିଜ ଧର୍ମର ଅସୂୟା ମନୋଭାବ ଏବଂ ଅନ୍ୟ ଧର୍ମର ଗ୍ରହଣୀୟତା କାରଣରୁ ଧର୍ମ ପରିବର୍ତ୍ତନ କରିବାକୁ ଉଚିତ ମଣୁଛନ୍ତି। ସାଧାରଣ ଭାବରେ ଚାଲିଚଳଣି, ପୋଷାକ ପରିଚ୍ଛଦ,ଖାଦ୍ୟପେୟକୁ ନେଇ ଜାତି ଜାତି ମଧ୍ୟରେ ଥିବା ପ୍ରଭେଦ କାରଣରୁ ଭେଦଭାବ ବୃଦ୍ଧି ପାଇଥାଏ । ଫଳସ୍ୱରୂପ ଯେଉଁ ଧର୍ମରେ ଏ ସବୁକୁ ଗୁରୁତ୍ୱ ଦିଆଯାଇ ନ ଥାଏ ସେହି ଧର୍ମ ଗ୍ରହଣ କରିବାକୁ ଅପର ପକ୍ଷ ଉଚିତ ମଣିବା ଦୃଷ୍ଟିଗୋଚର ହୋଇଥାଏ।

ଭାରତୀୟ ସମ୍ବିଧାନ ଏକ ଜନମଙ୍ଗଳକାରୀ ରାଷ୍ଟ୍ରରୂପେ ସର୍ବତ୍ର ବିଦିତ ଥିବାବେଳେ ଜନମଙ୍ଗଳକୁ ବାଦ୍ ଦେଇ ଯେଉଁ ଅନ୍ୟ ଏକ ପ୍ରମୁଖ ଦିଗ ରହିଛି ତାହା ହେଲା ସାମାଜିକ ନ୍ୟାୟ। ଆମେ ଯେତେଦିନ ପର୍ଯ୍ୟନ୍ତ ଏମିତି ସାମାଜିକ ବିଭେଦ, ଜାତିଗତ ବୈଷମ୍ୟକୁ ନେଇ ଚାଲୁଥିବା ଆମେ ପ୍ରଗତି ପଥରେ ଆଗୁସାର ହୋଇପାରିବା ନାହିଁ। ଆମ ଜାତିପ୍ରଥା ଏବଂ ସାମାଜିକ ନ୍ୟାୟରେ ମଧ୍ୟ ଅନେକ ବିରୋଧାଭାଷ ଦେଖିବାକୁ ମିଳେ। ସାମାଜିକ ବ୍ୟବସ୍ଥା ମଧ୍ୟରେ ଅନୁସୂଚିତ ଜାତି ବର୍ଗରେ ଥିବା ଅନୁସୂଚିତ ଜାତି ସମ୍ପ୍ରଦାୟ ଦୀର୍ଘଦିନ ଧରି ଅଛୁଆଁ ବିବେଚିତ ହେଉଥିବା ବେଳେ କୈବର୍ତ୍ତ ସମ୍ପ୍ରଦାୟର ଲୋକେ ଅଛୁଆଁ ନୁହନ୍ତି। ଫଳରେ ଅନ୍ୟ ଜାତିର ପିଲା ଦ୍ୱାରା ସେମାନେ ସହଜରେ ଗ୍ରହଣୀୟ ଏବଂ ମିଶିକି ସେମାନେ ଏକାଠି ବସିବା, ଖାଇବା, ଟିଉଶନ୍ ଯିବା, ପାଠ ସମ୍ବନ୍ଧରେ ଆଲୋଚନା କରିବା, ଖେଳିବା, ବହି ଖାତାପତ୍ର ଇତ୍ୟାଦି ଦିଆନିଆ କରିବା ଇତ୍ୟାଦି ହୋଇଥାଏ, ଯାହାକି ଅନୁସୂଚିତ ଜାତି ବର୍ଗର ଗୋଟେ ପିଲା ସହିତ ହୋଇ ନ ଥାଏ। ଝିଅମାନଙ୍କ କଥା ଦେଖିଲେ ଆହୁରି ଅଲଗା। ସମାଜରେ ଜାତି ଜାତି ଭିତରେ ଥିବା ଭେଦଭାବ ସହିତ ନାରୀ ଏବଂ ପୁରୁଷ ମଧ୍ୟରେ ଥିବା ଲିଙ୍ଗଗତ ବୈଷମ୍ୟ ମିଶିଯିବା ଫଳରେ ଅନୁସୂଚିତ ବର୍ଗରେ ଥିବା ହରିଜନ ସମ୍ପ୍ରଦାୟର ଝିଅପିଲାମାନେ ଆହୁରି ପଶ୍ଚାଦଭାଗରେ ରହିଥାନ୍ତି।

ଜାତିଗତ ବୈଷମ୍ୟକୁ ସମାଜରୁ ଦୂରେଇବାକୁ ହେଲେ ଶିକ୍ଷା, ସଚେତନତା ସହିତ ବ୍ୟବସ୍ଥାରେ ସୁଧାରର ଆବଶ୍ୟକତା ରହିଛି। ଆମେ ଯଦି ଦେଖିବା ଏହି ଜାତିଗତ ବୈଷମ୍ୟ ତଳ ସ୍ତରରେ ଯେତିକି ରହିଛି ସମାଜର ଉପର ସ୍ତରରେ ଥିବା ଲୋକଙ୍କ ମଧ୍ୟରେ ସେତିକି ନାହିଁ। ଏହା ସହିତ ଭୌଗୋଳିକ ଅବସ୍ଥିତିକୁ ନେଇ ମଧ୍ୟ ଜାତିଗତ ବୈଷମ୍ୟ ଅନେକ ମାତ୍ରାରେ ଜଡିତ। ନିଜ ଗାଁରେ ଜଣେ ବ୍ୟକ୍ତିବିଶେଷ ପ୍ରତି ବାଛ ବିଚାର କରୁଥିବା ଆଉ ଜଣେ ବ୍ୟକ୍ତି ଯେତେବେଳେ ଦିଲ୍ଲୀ କି ମୁମ୍ବାଇରେ ସହାବସ୍ଥାନ କରୁଛି ତା' ସହିତ ସେତେଟା ବାଛ ବିଚାର କରୁନାହିଁ ଏବଂ ମିଶିକି ରହୁଛି। ଠିକ୍ ସେହିପରି ଆମେ ଯେତେ ଅଧିକ ଶିକ୍ଷିତ ହେଉଛୁ ଆମେ ଭୁଲ୍‌ଭାଲର ବିଚାର କରିପାରୁଥିବା ହେତୁ ଆମର ଗ୍ରହଣୀୟତା ବଢୁଛି।

ପଦରପଡା, ବୌଦ୍ଧ
ମୋ:୯୪୩୭୫୭୧୮୩୧

## ଏଇ ଭାରତରେ

ପିଲାଙ୍କ ଖୁସି ପାଇଁ ସବୁକିଛି ତ୍ୟାଗ କରିବାକୁ ପଛାନ୍ତି ନାହିଁ ମାତାପିତା, କିନ୍ତୁ ଏମିତି କେତେଜଣ ଅଛନ୍ତି ଯେଉଁମାନେ ପିଲାମାନଙ୍କୁ ଏକ ଯନ୍ତ୍ରଣାମୟ ଜୀବନ ବଞ୍ଚିବା ପାଇଁ ବାଧ କରନ୍ତି। ବିଶ୍ୱାସ ହେଉ ନ ଥିଲେ ବି ଏମିତି ଏକ ଘଟଣା ଦେଖିବାକୁ ମିଳିଛି ମଧ୍ୟପ୍ରଦେଶର ଗ୍ୱାଲିୟର ରେଳଷ୍ଟେଶନରେ। ଏଠାରେ ତିନି ସନ୍ତାନଙ୍କୁ ଛାଡି ଦେଇ ପଳାୟନ କରିଛନ୍ତି ଦମ୍ପତି। ତିନି ସନ୍ତାନଙ୍କ ମଧ୍ୟରେ ଅଛନ୍ତି ଦୁଇ ଝିଅ ଏବଂ ଗୋଟିଏ ୨ ମାସର ଶିଶୁପୁତ୍ର। ଏମାନଙ୍କ ମଧ୍ୟରେ ବଡ ଝିଅର ବୟସ ୭ ବର୍ଷ ଓ ସାନ ଝିଅର ବୟସ ୬ ବର୍ଷ , କିନ୍ତୁ ସେମାନେ ତାଙ୍କ ମାତାପିତାଙ୍କ ବିଷୟରେ କିଛି ବି କହିପାରୁ ନାହାନ୍ତି। ତେବେ ସେମାନେ ନିଜ ମାତାପିତାଙ୍କ ସହ ଷ୍ଟେଶନକୁ ଆସିଥିଲେ ଏବଂ ସେଠାରେ ଛାଡି ସେମାନେ ଚାଲି ଯାଇଛନ୍ତି। ଦୀର୍ଘ ସମୟ ପିଲାମାନେ ସେହିଠାରେ ବସି ରହିଥିବା ଦେଖି ଆରପିଏଫ୍ ସେମାନଙ୍କୁ ଉଦ୍ଧାର କରି ମହିଳା ଏବଂ ବାଳ ବିକାଶ କେନ୍ଦ୍ରରେ ଭର୍ତ୍ତି କରିଛି। ଘଟଣା ସମ୍ପର୍କରେ ଜାଣିବା ପାଇଁ ପୋଲିସ ଯାଞ୍ଚ ଆରମ୍ଭ କରିଛି। ତେବେ ପିଲାଙ୍କ ମାତାପିତାଙ୍କୁ ଠାବ କରିବା ପରେ ହିଁ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଆଶା ରଖିଛି ପୋଲିସ।

## ୫୦ ବର୍ଷ ତଳର ଧରିତ୍ରୀ

୧୩ ମେ ୧୯୭୫

- ପାଟନାଠାରୁ ୭ କିଲୋମିଟର ଦୂରବର୍ତ୍ତୀ ଦାନାପୁର ଷ୍ଟେଶନରେ ଚଳନ୍ତା ଅପ୍ ମୋଗଲସରାଇ ପାସେଞ୍ଜର ଗାଡ଼ି ଠିଆ ହୋଇଥିବା ଅନ୍ୟ ଏକ ମାଲଗାଡ଼ିକୁ ଧକ୍କା ଦେବା ଫଳରେ ୧୨ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।
- ବରୋଦା ନିକଟରେ ଥିବା ଗୁଜରାଟ ତୈଳ ବିଶୋଧନାଗାରରେ ପେଟ୍ରୋଲିୟମ ପ୍ରତିଷ୍ଠାନ ପକ୍ଷରୁ ଏକ ଛୋଟ କାରଖାନା ସ୍ଥାପନ କରାଯାଇ ସେଥିରୁ ପେଟ୍ରୋ–ପ୍ରୋଟିନ ଜାତ ଦ୍ରବ୍ୟ ଉତ୍ପାଦିତ।
- ଆଫଗାନିସ୍ତାନ ଓ ଚୀନ ମଧ୍ୟରେ ବିଭିନ୍ନ ସାମଗ୍ରୀର ବିନିମୟ ସମ୍ପର୍କରେ ସମ୍ପାଦିତ ଏକ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | 1 | | 2 | | | |
| 7 | 1 | | | | | | | |
| | 8 | | | | 3 | 5 | | |
| | | | | | | | | 2 |
| | | 7 | | | 8 | | 5 | |
| 6 | | | 7 | | 9 | 3 | | |
| 2 | | | 9 | | | 8 | | 1 |
| | 6 | | | | | | 3 | |
| 5 | | | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 4 | 9 | 8 | 2 | 7 | 1 | 6 |
| 7 | 6 | 8 | 1 | 4 | 5 | 9 | 2 | 3 |
| 2 | 9 | 1 | 6 | 3 | 7 | 4 | 5 | 8 |
| 8 | 7 | 6 | 4 | 2 | 3 | 1 | 9 | 5 |
| 3 | 1 | 9 | 5 | 7 | 6 | 2 | 8 | 4 |
| 4 | 2 | 5 | 8 | 9 | 1 | 3 | 6 | 7 |
| 6 | 4 | 2 | 3 | 5 | 9 | 8 | 7 | 1 |
| 1 | 8 | 7 | 2 | 6 | 4 | 5 | 3 | 9 |
| 9 | 5 | 3 | 7 | 1 | 8 | 6 | 4 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିଶା ସେବନକାରୀଙ୍କ ସଂଖ୍ୟା ବଢୁଛି

ମହାଶୟ,

ପୁରୀ ସହର ସହ ଜିଲାର ସତ୍ୟବାଦୀ ସମେତ ଅଧିକାଂଶ ବ୍ଲକରେ ନିଶାସେବନ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ବଢୁଥିବା ଅନେକ ସମୟରେ ବିଭିନ୍ନ ସୂତ୍ରରୁ ପ୍ରକାଶ ପାଉଛି। ପୁରୀ ଜିଲାର ୨ୟ ପର୍ଯ୍ୟଟନ କ୍ଷେତ୍ର ସତ୍ୟବାଦୀର ୨୪ ଗୋଟି ପଞ୍ଚାୟତରେ ଭାଙ୍ଗ, ଗଞ୍ଜେଇ, ହେରୋଇନ ଓ ମଦ ଖୁଲୁମଖୁଲା ବିକ୍ରୟ ଚାଲିଛି। ସତ୍ୟବାଦୀ ବଜାର, ଜୟପୁର, କଲେଜ ସ୍କୋୟାର, ବକୁଳବନ, ଅହମ୍ମଦପୁର, ମହାମାୟା ସାହି, ଶ୍ରୀରାମଚନ୍ଦ୍ରପୁର, ବନ୍ଦରପୁର, ସଂସାହି, ନହଳା, ଅଳଗୁମ ଓ ମନ୍ଦିର ଚାରିପାଖରେ ନିଶାଡ଼ିଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଗଞ୍ଜେଇ ପୁଡ଼ିଆ, ଗଞ୍ଜା ସିଗାରେଟ୍, ଭାଙ୍ଗପଣା ଓ ମଫସଲରେ ଥିବା ଅଧିକାଂଶ ଦୋକାନ ବଜାରରେ ବିଦେଶୀ ମଦ ବିକ୍ରୟ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଆଦୌ ପାଟ୍ରୋଲିଂ କରାଯାଉନାହିଁ। ହେଲେ ଜିଲାରେ ନିଶା ସେବନ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ବଢୁଛି ନା କମୁଛି ସେ ନେଇ ତଥ୍ୟ ରଖିବାର ପ୍ରଶାସନ ପାଖରେ କିଛି ବ୍ୟବସ୍ଥା ନାହିଁ ବୋଲି ଜଣେ ଅଧିକାରୀ ନିଜ ନାମ ଗୋପନରେ ରଖି ପ୍ରକାଶ କରିଛନ୍ତି।

–ଦେବଦତ୍ତ ମିଶ୍ର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କାକଳି ତୋଳି କରଇ କେଳି
ସରସୀ ଜଳେ ହଂସ
ପକ୍ଷେ ତାର ଲାକ୍ଷା ଲାଗେ
ତୁମରି ରାଗ ଅଂଶ।
–(ପଡକ୍ଷ ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ତିତ୍ଲି
ପରିବାରବର୍ଗ


ବାବଲ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଲିସା, ଅଂଶୁମାନଙ୍କୁ ସ୍ୱର୍ଣ୍ଣ


କର୍ମକର୍ତ୍ତାଙ୍କ ସହ ପଦକ ବିଜେତା ଓଡ଼ିଶା କରାଟେକାମାନେ।

**ଭୁବନେଶ୍ୱର, ୧୨।୫ (ବିଜୟ ରଣା)**

ଡେରାଡୁନ୍‌ଠାରେ ଚାଲିଥିବା ଜାତୀୟ ଜୁନିୟର ୨୧ ବର୍ଷରୁ କମ୍ ଓ ସିନିୟର କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ଓଡ଼ିଶା ୨ସ୍ୱର୍ଣ୍ଣ ସହ ୬ଟି ପଦକ ଜିତିବାରେ ସମର୍ଥ ହୋଇଛି। ଫଳରେ ଓଡ଼ିଶା ଦଳ ମୋଟ ୨୧ ପଦକ (୬ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୭ ବ୍ରୋଞ୍ଜ) ସହ ଏହାର ଅଭିଯାନ ଶେଷକରିଛି। ରବିବାର ମହିଳା କ୍ୟାଡେଟ୍ କାଟାରେ ଆଲିସା ସୁବୁଦ୍ଧି ଓ ଅଂଶୁମାନ ଆଚାର୍ଯ୍ୟ ପୁରୁଷ କ୍ୟାଡେଟ୍ (୭୦କିଗ୍ରାରୁ କମ୍) ଫାଇଟ୍‌ରେ ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ପୁନିତ୍ କୁମାର ମହନ୍ତ କ୍ୟାଡେଟ୍ ପୁରୁଷ କାଟାରେ ରୌପ୍ୟ ପଦକ

### ଜାତୀୟ କରାଟେ ଉଦ୍‌ଯାପିତ
■ ଓଡ଼ିଶା ଦଳକୁ ମୋଟ ୨୧ ପଦକ

ଜିତିଛନ୍ତି। ସେହିପରି ଜ୍ୟୋତିର୍ମୟୀ ରାଣା (୬୧କି.ଗ୍ରାରୁ କମ୍) ମହିଳା ଫାଇଟ୍‌ରେ, ଓମ୍ ସତ୍ୟମ୍ ମହାନ୍ତି (୪୫ କି.ଗ୍ରାରୁ କମ୍) କ୍ୟାଡେଟ୍ ପୁରୁଷ ଫାଇଟ ଏବଂ ଚନ୍ଦନା ପ୍ରିୟଦର୍ଶିନୀ (୪୨ କି.ଗ୍ରାରୁ କମ୍) କ୍ୟାଡେଟ୍ ମହିଳା ବିଭାଗରେ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ପାଇଛନ୍ତି। ଓଡ଼ିଶା ଦଳ ସହ ଟିମ୍ ମ୍ୟାନେଜର ଭାବେ ଅଭିନାଶ ପୁନ୍ଦିର, ମହିଳା ଟିମ୍ ମ୍ୟାନେଜର ଭାବେ ସୁସ୍ମିନୀ ପାଲ୍‌ଟାସିଂ ଗସ୍ତ କରିଥିଲେ।

# ନୂଆ ଜାତୀୟ ରେକର୍ଡ କଲେ ଦୀକ୍ଷା

### ଲସ୍‌ଏଞ୍ଜେଲ୍ସ ଆଥ୍‌ଲେଟିକ୍ସ ମିଟ୍

**ନୂଆଦିଲ୍ଲୀ, ୧୨।୫ (ପି.ଟି.):** ଭାରତୀୟ ଟ୍ରାକ୍ ଆଥ୍‌ଲେଟ କେ.ଏମ୍. ଦୀକ୍ଷା ଲସ୍‌ଏଞ୍ଜେଲ୍ସଠାରେ ଚାଲିଥିବା ସାଉଣ୍ଡ ରନିଂ ଟ୍ରାକ୍ ଫେଷ୍ଟ ମହିଳା ୧୫୦୦ ମିଟର ଦୌଡ଼ରେ ଏକ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିବା ବେଳେ ପୁରୁଷ ୫,୦୦୦ ମିଟର ଇଭେଣ୍ଟରେ ଅବିନାଶ ସାବ୍‌ଲେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୨୫ ବର୍ଷୀୟା ଦୀକ୍ଷା ଫାଇନାଲରେ ଦୂରତାକୁ ୪:୦୪.୭୮ରେ ଅତିକ୍ରମ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ତେବେ ସେ ୨୦୨୧ରେ ୱାରାଙ୍ଗଲଠାରେ ଅନୁଷ୍ଠିତ ନ୍ୟାଶନାଲ ଓପନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ହରମିଲାନ ବେନ୍ସ (୪:୦୫.୩୯)ଙ୍କ ଦ୍ୱାରା ପ୍ରତିଷ୍ଠିତ ରେକର୍ଡକୁ ଭଙ୍ଗ କରିଦେଇଥିଲେ। ପୂର୍ବରୁ ୨୦୨୩ରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ଶ୍ରେଷ୍ଠ ପ୍ରଦର୍ଶନ କରି ୪:୦୬.୦୭ ଟାଇମିଂ ସହ ବେନ୍ସଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ଜିତିଥିଲେ। ଉତ୍ତର ପ୍ରଦେଶର ଆଲମୋରା ବାସିନ୍ଦା ଦୀକ୍ଷା ଗତ ୫ବର୍ଷ ହେଲା ଏମ୍‌ପି ଆଥ୍‌ଲେଟିକ୍ସ ଏକାଡେମୀରେ କୋଚ୍ ଏସ୍.କେ. ପ୍ରସାଦଙ୍କ ଅଧୀନରେ ତାଲିମ ନେଇ ଆସୁଛନ୍ତି। ପାରୁଲ ଚୌଧାରୀ ୧୫:୧୦.୬୯ ସେକେଣ୍ଡ ଟାଇମିଂରେ ମହିଳା ୫୦୦୦ ମିଟର ଦୌଡ଼ରେ ୫ମ ହୋଇଥିଲେ। ସେ ଅଳ୍ପକେ ତାଙ୍କ ଜାତୀୟ ରେକର୍ଡରେ ଉନ୍ନତି ଆଣିବାରେ ବିଫଳ ହୋଇଥିଲେ। ଭାରତର ଅନ୍ୟ ଜଣେ ଆଥ୍‌ଲେଟ ଅଙ୍କିତା ୧୫:୨୮.୮୮ ଟାଇମିଂରେ ୧୦ମ ସ୍ଥାନ ଅଧିକାର କରିଥିଲେ। ସାବ୍‌ଲେ ପୁରୁଷ ୫୦୦୦ମିଟର ଇଭେଣ୍ଟରେ ୧୩:୨୦.୩୭ ଟାଇମିଂରେ ଦ୍ୱିତୀୟ ହୋଇଥିଲେ। ଏହି ଇଭେଣ୍ଟରେ ଗୁରବିନ୍ଦର ସିଂ ୧୩:୩୧.୯୫ ଟାଇମିଂରେ ତାଙ୍କ ରେସ୍ ଶେଷ କରିଥିଲେ। ସାବ୍‌ଲେଙ୍କ ୫୦୦୦ମିଟର ଜାତୀୟ ରେକର୍ଡ ଟାଇମିଂ ୧୩:୧୯.୩୦ ରହିଛି। କାର୍ତ୍ତିକ କୁମାର ପୁରୁଷ ୧୦,୦୦୦ ମିଟର ଦୌଡ଼ର ଅନ୍ତିମ ଲାପ୍ ୬୨ ସେକେଣ୍ଡରେ ଶେଷ କରିଥିଲେ। ମାତ୍ର ସେ ୨୮:୦୭.୬୬ ସେକେଣ୍ଡ ଟାଇମିଂ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।

### ଜନ୍ମଦିନ ଶୁଭେଚ୍ଛା



ଆର୍ଯ୍ୟାଂଶ ଓ ଆରାଧ୍ୟା (ଯମଜ)ଙ୍କର ପ୍ରଥମ ଶୁଭ ଜନ୍ମଦିନ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନତି ସେ ଭାଇ-ଭଉଣୀଙ୍କୁ ସୁସ୍ଥ, ଦୀର୍ଘାୟୁ ଓ ସୁଖୀ ରଖନ୍ତୁ।
ଶୁଭେଚ୍ଛା ସହ: ବିନି, ବୁଲୁ, କାହ୍ନୁ, ପ୍ରୀତି ଓ ଚିନ୍ତୁ, ଅଜା: ଶ୍ରୀ ଅଲେଖ ଚନ୍ଦ୍ର ମିଶ୍ର, ଆଈ: ଶ୍ରୀମତୀ କମଳା ମିଶ୍ର।
ପ୍ଲଟ୍ No-୨୦୪, ଶାସ୍ତ୍ରୀ ନଗର
ଧ-୨୮୫

# ଚେପକ୍‌ରେ ଚେନ୍ନାଇର ୫୦ତମ ବିଜୟ

**ଚେନ୍ନାଇ, ୧୨।୫**

ଇଣ୍ଡିଆନ ପ୍ରିମିୟର ଲିଗ୍ ରବିବାର ଡବଲ ହେଡରର ପ୍ରଥମ ମ୍ୟାଚରେ ରାଜସ୍ଥାନ ରୟାଲ୍ସକୁ ୫ ଉଇକେଟରେ ପରାସ୍ତ କରିଛି ଚେନ୍ନାଇ ସୁପର କିଙ୍ଗ୍ସ। ବ୍ୟାଟିଂ ପାଇଁ ସହଜ ହୋଇ ନ ଥିବା ପିଚ୍‌ରେ ରାଜସ୍ଥାନ ୨୦ ଓଭରରେ ୫ ଉଇକେଟ ହରାଇ ୧୪୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ବିଜୟଲକ୍ଷ୍ୟ ବଡ଼ ନ ଥିଲେ ହେଁ ଏହାକୁ ହାସଲ କରିବା ପାଇଁ ଚେନ୍ନାଇ ୧୮.୨ ଓଭର ଓ ୫ ଉଇକେଟର ସହାୟତା ନେଇଥିଲା। ଚେପକ୍‌ରେ ଚେନ୍ନାଇର ଏହା ଥିଲା ୫୦ତମ ଆଇପିଏଲ୍ ବିଜୟ। ସେଥିପାଇଁ ମ୍ୟାଚ୍‌ପରେ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଫ୍ରାଞ୍ଚାଇଜ୍ ପକ୍ଷରୁ ସମ୍ମାନିତ କରାଯାଇଥିଲା। ପୂର୍ବରୁ କୋଲ୍‌କାତା ନାଇଟ ରାଇଡର୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ କେବଳ ସେମାନଙ୍କ ଘରୋଇ ପିଚ୍‌ରେ ୫୦ କିମ୍ବା ତଦୂର୍ଦ୍ଧ୍ୱ ବିଜୟ ହାସଲ କରିଛନ୍ତି। ୧୩ ମ୍ୟାଚ୍‌ରୁ ୭ମ ବିଜୟ ସହ ଚେନ୍ନାଇ ପଏଣ୍ଟ ଟେବୁଲର ୩ୟ ସ୍ଥାନରେ ପହଞ୍ଚିଯାଇଛି। ଫଳରେ ଏହାର ପ୍ଲେ-ଅଫ୍ ସମ୍ଭାବନା ବଢ଼ିଯାଇଛି। ଅନ୍ୟପକ୍ଷରେ ଚଳିତ ସିଜନରେ ପ୍ରଥମେ ୧୬ ପଏଣ୍ଟ ହାସଲ କରି ପ୍ଲେ-ଅଫ୍ ଦ୍ୱାରରେ ପହଞ୍ଚିଯାଇଥିଲେ ହେଁ କ୍ରମାଗତ ତୃତୀୟ ପରାଜୟ ଯୋଗୁ ରାଜସ୍ଥାନର ପ୍ରତୀକ୍ଷା ବଢ଼ିଛି। ତେବେ ଦଳ ଏବେ ମଧ୍ୟ ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହି ପ୍ରଥମ ୨ ସ୍ଥାନ ହାସଲ କରିବା ସମ୍ଭାବନା ଉଜ୍ଜୀବିତ ରଖିଛି।

ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମର ସ୍ଲୋ ପିଚ୍‌ରେ ଟସ୍ ଜିତି ରାଜସ୍ଥାନର ବ୍ୟାଟିଂ ନିଷ୍ପତ୍ତି କାମ ଦେଇ ନ ଥିଲା। ରିୟାନ ପରାଗ ସର୍ବାଧିକ ୪୭ ରନ୍‌କରି ଅପରାଜିତ ରହିଥିବାବେଳେ ଧ୍ରୁବ ଜୋରେଲ ୨୮ ରନ୍‌ର ଯୋଗଦାନ ଦେଇଥିଲେ। ଟପ୍ ଅର୍ଡରର ଦ୍ରୁତହାରରେ ରନ ସଂଗ୍ରହରେ ବିଫଳ ହେବାରୁ ଦଳ ବଡ଼ ସ୍କୋର କରିପାରି ନ ଥିଲା। ବିପକ୍ଷ ଦଳର ସିମରଜିତ ସିଂ ୩ଟି ଓ ତୁଷାର ଦେଶପାଣ୍ଡେ ୨ଟି ଉଇକେଟ ନେଇଥିଲେ। ରନ୍ ଚେଜ୍ ସମୟରେ ଚେନ୍ନାଇ ଟପ୍ ଅର୍ଡର ଭଲ ଖେଳିଥିଲା। ଫଳରେ ଦଳ ବିଜୟଲକ୍ଷ୍ୟ ଦିଗରେ ଅଗ୍ରସର ହୋଇପାରିଥିଲା। ମିଡିଲ ଅର୍ଡରରେ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଯୋଗୁ ବିଜୟ ଯଦିଓ ବିଳମ୍ବିତ ହୋଇଥିଲା ତେବେ ଅଧିନାୟକ ଋତୁରାଜ ଗାଏକ୍ୱାଡ୍‌ଙ୍କ ୪୨ ରନ୍‌ର ଅପରାଜିତ ଇନିଂସ ବିଶେଷ ଫଳପ୍ରଦ ହୋଇଥିଲା। ଅନ୍ୟତମ ଓପନର ରାଚିନ ରବୀନ୍ଦ୍ର ୨୭ ରନ୍ କରିଥିଲେ। ରବୀନ୍ଦ୍ର ଜାଡେଜା ଫିଲ୍ଡ ଅବଷ୍ଟ୍ରକ୍ଟ ନିୟମରେ ଆଉଟ ହେବା ଚର୍ଚ୍ଚାରେ ରହିଥିଲା। ଏକ ସିଙ୍ଗଲ ରନ୍ ନେବାପରେ ଦ୍ୱିତୀୟ ରନ୍ ନେବାକୁ ଜାଡେଜା ବାହାରି ଆସିଥିବାବେଳେ ଗାଏକ୍ୱାଡ୍ ଆଗ୍ରହ ଦେଖାଇ ନ ଥିଲେ। ସଞ୍ଜୁ ସାମ୍‌ସନ ନନ୍‌ଷ୍ଟ୍ରାଇକର ଏଣ୍ଡକୁ ଥ୍ରୋ କରିଥିଲେ ଏବଂ ଜାଡେଜା ଜାଣିଶୁଣି ବଲ୍‌କୁ ଅଟକାଇବାକୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଥିଲା। ତୃତୀୟ ଅମ୍ପାୟର ରିପ୍ଲେ ଦେଖିବାପରେ ଜାଡେଜାଙ୍କୁ ଫିଲ୍ଡ ଅବଷ୍ଟ୍ରକ୍ଟ ନିୟମରେ ଆଉଟ ଘୋଷଣା କରିଥିଲେ। ଅସନ୍ତୁଷ୍ଟ ଥିଲେ ହେଁ ଜାଡେଜାଙ୍କୁ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା। ଆଇପିଏଲ୍‌ରେ କୌଣସି ଖେଳାଳି ଏପରି ଆଉଟ ହେବା ଏହା ପ୍ରଥମ। ପ୍ରଭାବୀ ବୋଲିଂ ପାଇଁ ଚେନ୍ନାଇର ସିମରଜିତ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

### ଆଇପିଏଲ୍ କାର୍ଯ୍ୟସୂଚୀ
(ଆଜିର ମ୍ୟାଚ)
**ଗୁଜରାଟ ବନାମ କୋଲକାତା**
ସ୍ଥାନ: ଅହମଦାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


ପ୍ଲେୟର ଅଫ୍ ଦି ମ୍ୟାଚ ସିମରଜିତ ସିଂ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୪୧/୫ (ରିୟାନ ପରାଗ-୪୭, ଧ୍ରୁବ ଜୋରେଲ-୨୮, ଯଶସ୍ୱୀ ଜୟସ୍ୱାଲ-୨୪, ଜୋଶ ବଟଲର-୨୧, ସିମରଜିତ ସିଂ-୩/୨୬, ତୁଷାର ଦେଶପାଣ୍ଡେ-୨/୩୦)। ଚେନ୍ନାଇ ସୁପର କିଙ୍ଗ୍ସ ୧୮.୨ ଓଭରରେ ୧୪୫/୫ (ଋତୁରାଜ ଗାଏକ୍ୱାଡ-୪୨*, ରାଚିନ ରବୀନ୍ଦ୍ର-୨୭, ରବିଚନ୍ଦ୍ରନ ଅଶ୍ୱିନ-୨/୩୫, ନନ୍ଦ୍ରେ ବର୍ଗର-୧/୨୧, ୟୁଜ୍‌ବେନ୍ଦ୍ର ଚହଲ-୧/୨୨)।

# ପ୍ଲେ ଅଫ୍ ଆଶା ଉଜ୍ଜୀବିତ ରଖିଲା ଆରସିବି

**ବେଙ୍ଗାଲୁରୁ, ୧୨।୫:** ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌କୁ ୪୭ ରନରେ ଜିତି ନେଇଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)। ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟରେ ଆରସିବି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟରେ ୧୮୭ ରନ୍ କରିଥିଲା ଜବାବରେ ଦିଲ୍ଲୀ ୧୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ ରନ୍ କରିଥିଲା। ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମେ ବୋଲିଂ କରିଥିଲା। ଆରସିବି ଅଧିନାୟକ ଫାଫ୍ ଡୁ ପ୍ଲେସି ମାତ୍ର ୬ ରନ୍ କରି ଦ୍ୱିତୀୟ ଓଭରରେ ପ୍ୟାଭିଲିୟନ୍ ଫେରିଥିଲେ। ତେବେ ଷ୍ଟାର ବ୍ୟାଟର ବିରାଟ କୋହଲି ମାତ୍ର ୧୩ ବଲ୍ ଖେଳି ୧ ଚୌକା ଓ ୩ ଛକା ସହ ୨୭ ରନ୍ କରିଥିଲେ। କୋହଲି ଆଉଟ ହେବା ପରେ ୱିଲ ଜ୍ୟାକ୍ସ(୪୧)ଙ୍କ ସହ ଯୋଗ ଦେଇ ରଜତ ପଟିଦାର ତୃତୀୟ ଉଇକେଟରେ ୮୮ ରନ୍ ଯୋଡିଥିଲେ। ପଟିଦାର ୩୨ ବଲ୍ ଖେଳି ୩ଟି ଲେଖାଏ ଛକା ଓ ଚୌକା ମାରି ୫୨ ରନ୍ କରିଥିଲେ। ଅନ୍ୟ ପକ୍ଷରେ ୱିଲ୍ ଜ୍ୟାକ୍ସ ୨୯ ବଲ୍ ଖେଳି ୩ ଚୌକା ଓ ୨ ଛକା ମାରିଥିଲେ। ମଧ୍ୟକ୍ରମରେ ମହିପାଲ ଲୋମରୋର ୧୩, ଦୀନେଶ କାର୍ତ୍ତିକ ୦ ଓ ସ୍ୱପ୍ନିଲ ସିଂ ୦ ନିରାଶ କରିଥିଲେ। କାମେରନ୍ ଗ୍ରୀନ୍ ୨୪ ବଲ୍ ଖେଳି ୧ ଚୌକା ଓ ୨ ଛକା ସହ ୩୨ ରନ୍ କରି ଶେଷ ଯାଏ ଅପରାଜିତ ରହିଥିଲେ। କ୍ୟାପିଟାଲ୍ସ ପକ୍ଷରୁ ଖଲିଲ ଅହମଦ ଓ ରଶିଖ୍ ଦର ସଲାମ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୧୮୮ ରନ୍‌ର ଲକ୍ଷ୍ୟ ଚିନ୍ନାସ୍ୱାମୀ ଗ୍ରାଉଣ୍ଡରେ ସହଜ ହେବ ବୋଲି ଆଶା କରାଯାଉଥିଲା। ତେବେ ଆରସିବି ବୋଲର ସଠିକ୍ ଲାଇନ ଲେନ୍ଥରେ ବୋଲିଂ କରି ମ୍ୟାଚକୁ ଜିତି ନେଇଥିଲେ। ଦିଲ୍ଲୀ ପକ୍ଷରୁ ଅଧିନାୟକ ଅକ୍ଷର ପଟେଲ ସର୍ବାଧିକ ୫୭ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାଇ ହୋପ୍ ୨୯ ଓ ଜେକ୍ ଫ୍ରେଜର ମ୍ୟାକ୍‌ଗ୍ରୁକ ୨୧ରନ୍ କରିଥିଲେ। ଅକ୍ଷର ୩୯ ବଲ୍ ଖେଳି ୫ ଚୌକା ଓ ୩ ଛକା ମାରିଥିଲେ। ଆରସିବି ପକ୍ଷରୁ ଯଶ ଦୟାଲ ୩, ଲୋକି ଫର୍ଗୁସନ ୨, ସ୍ୱପ୍ନିଲ ସିଂ, ମହମ୍ମଦ ସିରାଜ ଓ କାମେରନ୍ ଗ୍ରୀନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଉଭୟ ଦଳ ସମାନ ୧୨ ପଏଣ୍ଟ ଲେଖାଏ ପାଇଥିବା ବେଳେ ଅନ୍ତିମ ମ୍ୟାଚ୍‌ରେ ବଡ ବ୍ୟବଧାନରେ ବିଜୟ ହାସଲ କଲେ ପ୍ଲେ ଅଫ୍ ଯିବାର ସମ୍ଭାବନା ରହିବ।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୧୨ | ୯ | ୩ | ୧୮ | +୧.୪୨୮ |
| ରାଜସ୍ଥାନ ରୟାଲ୍ସ | ୧୨ | ୮ | ୪ | ୧୬ | +୦.୩୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୭ | ୬ | ୧୪ | +୦.୫୨୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୭ | ୫ | ୧୪ | +୦.୪୦୬ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୩ | ୬ | ୭ | ୧୨ | +୦.୩୮୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୬ | ୭ | ୧୨ | -୦.୪୮୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୬ | ୬ | ୧୨ | -୦.୭୬୯ |
| ଗୁଜରାଟ ଟାଇଟନ୍ସ | ୧୨ | ୫ | ୭ | ୧୦ | -୧.୦୬୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୪ | ୯ | ୮ | -୦.୨୭୧ |
| ପଞ୍ଜାବ କିଙ୍ଗ୍ସ | ୧୨ | ୪ | ୮ | ୮ | -୦.୪୨୩ |

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୦ ଓଭରରେ ୧୮୭/୯ (ରଜତ ପଟିଦାର-୫୨, ୱିଲ୍ ଜ୍ୟାକ୍ସ-୪୧, କାମେରନ୍ ଗ୍ରୀନ୍-୩୨*, ରଶିଖ ଦର ସଲାମ-୨/୨୩, ଖଲିଲ ଅହମଦ-୨/୩୧, ଇଶାନ୍ତ ଶର୍ମା-୧/୩୧)। ଦିଲ୍ଲୀ କ୍ୟାପିଟାଲ୍ସ ୧୯.୧ ଓଭରରେ ୧୪୦/୧୦ (ଅକ୍ଷର ପଟେଲ-୫୭, ଶାଇ ହୋପ୍-୨୯, ଜେକ୍ ଫ୍ରେଜର ମ୍ୟାକ୍‌ଗ୍ରୁକ୍-୨୧, ଯଶ ଦୟାଲ-୩/୨୦, ଲୋକି ଫର୍ଗୁସନ୍-୨/୨୩, ସ୍ୱପ୍ନିଲ ସିଂ-୧/୯)।

# ରମଣଦୀପଙ୍କୁ ଜରିମାନା

**କୋଲକାତା, ୧୨।୫ (ପି.ଟି.):** ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚରେ ଆଇପିଏଲ୍ ଆଚରଣ ସଂହିତା ଉଲ୍ଲଂଘନ କରିଥିବାରୁ କୋଲକାତା ନାଇଟ ରାଇଡର୍ସ (କେକେଆର୍)ର ମିଡିୟମ ପେସର ରମଣଦୀପଙ୍କୁ ତାଙ୍କ ମ୍ୟାଚ ଫି'ର ୨୦ ପ୍ରତିଶତ ଜରିମାନା କରାଯାଇଛି। ଏହି ୨୭ ବର୍ଷୀୟ କ୍ରିକେଟର ଆଇପିଏଲ୍ ଆଚରଣବିଧିଧାରା ୨.୨୦ର ଲେଭଲ-୧ ଅପରାଧ କରିଛନ୍ତି। ସେ ତାଙ୍କ ଦୋଷ ସ୍ୱୀକାର କରିବା ସହ ମ୍ୟାଚ ରେଫରିଙ୍କ ଦଣ୍ଡକୁ ଗ୍ରହଣ କରିଛନ୍ତି। ଆଚରଣବିଧିର ଧାରା-୧ ଉଲ୍ଲଂଘନ କଲେ ମ୍ୟାଚ ରେଫରିଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଓ ମାନିବାକୁ ବାଧ୍ୟତାମୂଳକ। ଶନିବାର ବର୍ଷାରେ ପ୍ରଭାବିତ ମ୍ୟାଚରେ କେକେଆର ୧୮ ରନରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରି ଚଳିତ ସିଜନରେ ପ୍ରଥମ ଦଳ ଭାବେ ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିଛି।

# ଅନ୍ତିମ ମ୍ୟାଚ୍ ଜିତିଲା ଜିମ୍ବାୱେ

**ଢାକା, ୧୨।୫ (ପି.ଟି.):** ବାଂଲାଦେଶ ବିପକ୍ଷ ଟି୨୦ ସିରିଜ୍‌ର ଅନ୍ତିମ ମ୍ୟାଚକୁ ୮ ଉଇକେଟରେ ଜିତି ନେଇଛି ଜିମ୍ବାୱେ। ଏହା ସହ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ହ୍ୱାଇଟ୍ ୱାଶ୍‌ରୁ ଦଳ ବର୍ତ୍ତି ଯାଇଛି। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୨୦ ଓଭରରେ ୬ ଉଇକେଟ ହରାଇ ୧୫୭ ରନ୍ କରିଥିଲା। ଜବାବରେ ଜିମ୍ବାୱେ ସିକନ୍ଦର ରାଜା ଓ ବ୍ରାୟାନ ବେନେଟଙ୍କ ଅର୍ଦ୍ଧଶତକ ବଳରେ ୧୮.୩ ଓଭରରେ ୨ ଉଇକେଟ ହରାଇ ୧୫୮ ରନ୍ ସଂଗ୍ରହ କରିଥିଲା।

ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ମାତ୍ର ୧୫ ରନ୍‌ରେ ୩ ଉଇକେଟ ହରାଇଥିଲା। ତାଞ୍ଜିଦ୍ ହସନ(୧), ସୌମ୍ୟ ସରକାର(୭) ଓ ତୋହିଦ୍ ହ୍ରିଦୟ(୧) ରନ୍ କରି ଆଉଟ ହୋଇଥିଲେ। ନଜମୁଲ ହୋସେନ ଶନ୍ତୋ(୩୬) ଓ ମହମ୍ମଦୁଲ୍ଲା(୫୪) ତୃତୀୟ ଉଇକେଟରେ ୬୯ ରନ୍ ଯୋଡିଥିଲେ। ଶନ୍ତୋ ୨୮ ବଲ୍ ଖେଳି ୫ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟପକ୍ଷରେ ମହମ୍ମଦୁଲ୍ଲା ୪୪ ବଲ୍ ଖେଳି ୬ ଚୌକା ଓ ୧ ଛକା ମାରିଥିଲେ। ଶକିବ ଅଲ ହସନ ୨୧ ଓ ଜାକେର ଅଲୀ ୨୪ ରନ୍ କରିଥିବା ବେଳେ ବାଂଲାଦେଶ ୧୫୭ ରନ୍‌ରେ ପହଞ୍ଚିଥିଲା। ଜିମ୍ବାୱେ ପକ୍ଷରୁ ବ୍ରାୟାନ ବେନେଟ ଓ ମୁଜାରବାନି ଦୁଇଟି ଲେଖାଏ ଏବଂ ୱେଲିଂଟନ ମାସାକାଜା ଓ ଲ୍ୟୁକ୍ ଜଙ୍ଗୱେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୧୫୭/୬ (ମହମ୍ମଦୁଲ୍ଲା-୫୪, ନଜମୁଲ ହୋସେନ୍ ଶନ୍ତୋ-୩୬, ଜାକେର ଅଲି-୨୪, ବ୍ରାୟାନ ବେନେଟ-୨/୨୦, ମୁଜାରବାନି-୨/୨୨, ୱେଲିଂଟନ ମାସାକାଜା-୧/୨୩)। ଜିମ୍ବାୱେ ୧୮.୩ ଓଭରରେ ୧୫୮/୨ (ସିକନ୍ଦର ରାଜା-୭୨*, ବ୍ରାୟାନ୍ ବେନେଟ୍-୭୦, ଶକିବ ଅଲ ହସନ-୧/୯, ମହମ୍ମଦ ସଫିଉଦ୍ଦିନ-୧/୫୫)।

# ଅଲିମ୍ପିକ୍ସ ଉପରେ ପୁସ୍ତକ ସିରିଜ୍




**ନୂଆଦିଲ୍ଲୀ, ୧୨।୫(ପି.ଟି.):** ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ପୂର୍ବରୁ ଅଲିମ୍ପିକ୍ସ ଉପରେ ଏକ ପୁସ୍ତକ ସିରିଜ୍ ରିଲିଜ୍ ହୋଇଛି। ଏହି ପୁସ୍ତକରେ ୧୮୯୬ ପରବର୍ତ୍ତୀ ସମସ୍ତ ଅଲିମ୍ପିକ୍ସ ଉପରେ ବର୍ଣ୍ଣନା ରହିଛି। ସମସ୍ତ ସମର ଅଲିମ୍ପିକ୍ସର ଷ୍ଟାର ଖେଳାଳି ଓ ଶ୍ରେଷ୍ଠ ପ୍ରଦର୍ଶନକାରୀ ଆଥ୍‌ଲେଟଙ୍କ ଉପରେ ଏହି ପୁସ୍ତକ ଆଧାରିତ। ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ତଥା ଲେଖକ ବିଜୟନ ବାଲା ଏହି ବହି ଲେଖିଛନ୍ତି। 'ଅଲିମ୍ପିକ୍ସ: ମଡର୍ନ ସମର ଗେମ୍ସ, ଇଟ୍‌ସ ଷ୍ଟାର୍ସ ଆଣ୍ଡ ଗ୍ରେଟ୍ ମୋମେଣ୍ଟ୍ସ' ନାମକ ଏହି ପୁସ୍ତକରେ ସମସ୍ତ ଦେଶ ତଥା ଏହାର ଖେଳାଳିଙ୍କ ସମ୍ପର୍କରେ ବିସ୍ତୃତ ଭାବେ ଲେଖା ଯାଇଛି। ଓଣ୍ଡର ହାଉସ୍ ପ୍ରକାଶନ ସଂସ୍ଥା ପକ୍ଷରୁ ଏହି ବହିରେ ପ୍ୟାରିସ୍ ଅଲିମ୍ପିକ୍ସ ସମ୍ପର୍କରେ ଏକ ବିଶେଷ ଚାପ୍ଟର ରହିଛି। ଶହେବର୍ଷ ପରେ ପ୍ୟାରିସ୍‌କୁ ଅଲିମ୍ପିକ୍ସ ଫେରୁଥିବା ନେଇ ସ୍ୱତନ୍ତ୍ର ଭାବେ ଉଲ୍ଲେଖ କରାଯାଇଛି।

## Classified Everyday 0674-2580101, 2549949




**SALE**

ଭୁବନେଶ୍ୱର ଗ୍ୟାରେଜ ଛକରେ ଏଲୋକନ ଘରବାଡ଼ି ପାଚେରୀ ପ୍ଲଟ୍ ପଛାରୁ ବିକ୍ରିହେବ। 9827119799. D-272

ଭୁବନେଶ୍ୱର ନଖରା ତ୍ରିନାଥବଜାର ନିକଟବର୍ତ୍ତୀ 30ft. ରୋଡ୍, ଘରବାଡ଼ି boundary ଇଲେକ୍ଟ୍ରିସିଟି ସୁବିଧା ଥାଇ Govt. Roadକୁ ଲାଗି SC ପ୍ଲଟ୍ ବିକ୍ରିହେବ। 9777617151, 9090142564. D-75951

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar, NH-16 ଏବଂ Sum-2 Hospital ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ - 8249422604. D-75955




Newly open full body massage all types massage available. 7749034655. D-76121

Newly open health benefits Spa special offer @999, Bapujinagar. 8018429809. D-76120

Relax, refresh your body, mind by expert therapist. Contact- 9938843929. D-76118

Newly opened central SPA full-body massage. Trend Therapist. 8456885600. D-75738

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75737

Monalisa massage Club:All types Body massage with hiprofile smart lady rooms service available. 9708545108. D-276

Newly open Jyoti Spa positively health benefits (Expert Therapist). 8458067955. D-76119

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before in the Court of Executive Magistrate, Bargarh I, Brundabati Ratha, W/o. Santosh Kumar Ratha, Ward No-16, Brahmachari, Bargarh, P.S./Dist.- Bargarh do hereby declared that in my Aadhaar Card bearing No- XXXXXXXX6610 my name has been mentioned mistakely as Reena Ratha in place of my original name Brundabati Ratha. That Brundabati Ratha and Reena Ratha both are same and one person namely myself.
-Brundabati Ratha
D-290

I, Manas Ranjan Nayak, S/o, Chaitanya Nayak, R/o have changed my name to Manas Nayak for all purposes. D-281

**ମନେ ପଡ଼ନ୍ତି**

ଦ୍ୱାଦଶାହ ଅବସରରେ ଅଶ୍ରୁପୂର୍ଣ୍ଣ ଭକ୍ତିଭରା ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଦ୍ୱାରିକାନାଥ ଦାଶ**
ନେଳିଆ ଶାସନ, ଛତିଆ, ଯାଜପୁର
ଆବିର୍ଭାବ-୦୨।୦୨।୧୯୩୪
ତିରୋଧାନ- ୦୨।୦୫।୨୦୨୪
'ମୃତ୍ୟୁ' ନାମକ ସେ ଧ୍ରୁବ ସତ୍ୟକୁ
ମାନି ନ ପାରଇ କେହି,
ତଥାପି ସେ ସତ୍ୟ
ସେ ହିଁ ବାସ୍ତବ
ଚିରନ୍ତନ କଥା ଏହି।
ଶୋକସନ୍ତପ୍ତ: ପୁତ୍ର- ଗୁରୁ ପ୍ରସାଦ ଦାଶ, ବନ୍ଧୁ ଓ ପରିବାରବର୍ଗ।
ଧ-୨୮୯

CLASSIFIED DISPLAY
MORE SPACE • SAME PRICE

**ଆଡ୍‌ୱାର୍ଲ୍ଡ**
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁଡ଼ାଳି ଓମେଡ୍ ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓଭ୍ରେ ବ୍ରିଜ୍ ପାଖ
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଟିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୬୧ ଶିବପୁରୀ
ୟୁପି-ଏ୬୬, ସେକ୍ଟର ୫, ନୋଏଡ଼ା
9810432170
7606841840

**BINET SCIENCE ACADEMY**
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
50 Years
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମେ ୧୩/୨୦୨୪ Bhubaneswar, Monday, May 13/ 2024


କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଫେଡେରେଶନ କପ୍ ଆଥ୍ଲେଟିକ୍ସରେ ରବିବାର ଅନୁଷ୍ଠିତ ପୁରୁଷ ୫୦୦୦ ମିଟର ରେସ୍।

# ଭୀରପଲ, ସନ୍ତୋଷଙ୍କୁ ୪୦୦ମି. ହର୍ଡଲ୍ସ ସ୍ୱର୍ଣ୍ଣ

**ଫେଡେରେଶନ କପ୍ ଆଥ୍ଲେଟିକ୍ସ**

**■ ୨୦୦ ମିଟର ଫାଇନାଲରେ ଓଡ଼ିଶାର ଶ୍ରାବଣୀ, ଜୟରାମ ଓ ଅନିମେଶ**

ଭୁବନେଶ୍ୱର, ୧୨।୫
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ୨୭ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ ରବିବାର ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ମହିଳା ଓ ପୁରୁଷ ୪୦୦ ମିଟର ହର୍ଡଲ୍ସରେ ଯଥାକ୍ରମେ ପଞ୍ଜାବର ଭୀରପଲ କୌର ଓ ତାମିଲନାଡୁର ସନ୍ତୋଷ କୁମାର ଟି. ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମହିଳା ୪୦୦ ମିଟର ହର୍ଡଲ୍ସରେ ଭୀରପଲ ୫୯.୪୩ ସେକେଣ୍ଡ ସମୟ ନେଇ ପ୍ରଥମ ହୋଇଥିବାବେଳେ କେରଳର ସାଲିନି ଭଲୁପରମବିଲ କ୍ରିସ୍ ୧:୦୦.୭୩ ଓ ପଞ୍ଜାବର ରମଣଦୀପ କୌର ୧:୦୧.୨୯ ସେକେଣ୍ଡ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପାଇଛନ୍ତି। ସେହିପରି ପୁରୁଷ ବିଭାଗରେ ସନ୍ତୋଷ ୫୦.୦୪, ପଞ୍ଜାବର ନିଖିଲ ଭରଦ୍ୱାଜ ୫୦.୯୨ ଓ ଗୁଜରାଟର ଧାଭଲ ମହେଶ ଉତେକର ୫୧.୧୩ ସେକେଣ୍ଡ ନେଇ ପ୍ରଥମ ତିନି ସ୍ଥାନ ପାଇଥିଲେ। ଓଡ଼ିଶାର ଶ୍ରାବଣୀ ନନ୍ଦ ମହିଳା ୨୦୦ ମିଟର ରେସ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରିଲିମ୍ ହିଟ୍-୩ରେ ରେସ୍ କରିଥିବା ଶ୍ରାବଣୀ ୨୪.୧୮ ସେକେଣ୍ଡ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପୁରୁଷ ୨୦୦ ମିଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଦଣ୍ଡପତି ମୃତ୍ୟମ ଜୟରାମ ଓ ଅନିମେଶ କୁଜୁର। ସେମିଫାଇନାଲ ହିଟ୍-୩ରେ ଅନିମେଶ ୨୦.୮୧ ଓ ଜୟରାମ ୨୧.୬୬ ସେକେଣ୍ଡ ସମୟ ନେଇଛନ୍ତି। ତେବେ ପୁରୁଷ ୮୦୦ ମିଟର ଫାଇନାଲରେ ପ୍ରବେଶ କରିବାରେ ଦେବାଶିଷ ପଟ୍ଟନାୟକ ଓ ଦୟାନିଧି ମୁଣ୍ଡା ବଞ୍ଚିତ ହୋଇଛନ୍ତି। ପୁରୁଷ ପୋଲଭଲ୍ଟରେ ମଧ୍ୟପ୍ରଦେଶର ଦେବ କୁମାର ମୀନା ୫.୧୦, ଉତ୍ତର ପ୍ରଦେଶର ଶେଖର କୁମାର ପାଣ୍ଡେ ୪.୯୦ ଓ ତାମିଲନାଡୁର ହରିହରନ ୪.୦ ମିଟର କ୍ଲିୟର କରି ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ମହିଳା ଜାଭେଲିନ ଥ୍ରୋରେ ଆନ୍ଧ୍ର ପ୍ରଦେଶର ରଶ୍ମି କେ. ୫୪.୭୫, କର୍ନାଟକର କରିସ୍ମା ଏସ୍. ୪୯.୯୧ ଓ ପଞ୍ଜାବର ରୁପିନ୍ଦର କୌର ୪୭.୬୬ ସେକେଣ୍ଡ ନେଇ ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି। ମହିଳା ଟ୍ରିପଲ ଜମ୍ପରେ ଆନ୍ଧ୍ର ପ୍ରଦେଶର ଏମ୍. ଅନୁଶା ୧୩.୫୩, କେରଳର ଶିନା ଏନ.ଭି. ୧୩.୩୨ ଓ କେରଳର ଗାୟତ୍ରୀ ଶିବକୁମାର ୧୩.୦୮ ମିଟର ସହ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମହିଳା ୫୦୦୦ ମିଟର ରେସ୍ ଜିତିଛନ୍ତି ପଶ୍ଚିମବଙ୍ଗର ଲିଲି ଦାସ। ସେ ୧୬:୩୧.୦୫, ମହାରାଷ୍ଟ୍ରର ପୁନମ ଦିନକର ସୋନୁନେ ୧୭:୦୨.୫୧ ଓ ହରିୟାଣାର କିରନ ୧୭:୦୬.୬୪ ସେକେଣ୍ଡ ନେଇ ପ୍ରଥମ ୩ ସ୍ଥାନ ପାଇଥିଲେ।



**୪୦୦ ମିଟର ହର୍ଡଲ୍ସ:** ମହିଳା ଓ ପୁରୁଷ ବିଭାଗରେ ସ୍ୱର୍ଣ୍ଣ ପଦକ ବିଜୟୀ ଭୀରପଲ କୌର ଓ ସନ୍ତୋଷ କୁମାର ଟି.।


ପୁରୁଷ ପୋଲଭଲ୍ଟରେ ସ୍ୱର୍ଣ୍ଣ ବିଜେତା ଦେବ କୁମାର ମୀନା।



ମହିଳା ଜାଭେଲିନ୍ ଥ୍ରୋର ପଦକ ବିଜେତାଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।


ପୁରୁଷ ୪୦୦ ମିଟର ହର୍ଡଲ୍ସ ଅବସରରେ ପ୍ରତିଯୋଗୀମାନେ।

# ସ୍କୁଲ୍ସ ଓପନ ଚେସ୍: ଭିନିତ ଚାମ୍ପିୟନ

ଭୁବନେଶ୍ୱର, ୧୨।୫
(ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ତ୍ରିନାଥ ଦାସ ମେମୋରିଆଲ ସ୍କୁଲ୍ସ ଓପନ ଚେସ୍‌ରେ ବିଜେଇଏମ୍-୧ର ଭିନିତ ନାୟକ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୪.୫ ପଏଣ୍ଟ ସହ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଭୁବନେଶ୍ୱର ଷ୍ଟିୱାର୍ଟ ସ୍କୁଲର ଶାଶ୍ୱତ ମହାପାତ୍ର ଓ ସେଣ୍ଟ ଜାଭିୟର ହାଇସ୍କୁଲ (କେଦାରଗୌରୀ)ର ନମସ୍ୟ ନଳିନୀ ୪ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସାଇ ବିଦ୍ୟାଶ୍ରୀ, ଦିବ୍ୟାଂଶୁ ଦାସ, ସତ୍ୟ ନାରାୟଣ ସ୍ୱାଇଁ, ରୁଦ୍ର ପ୍ରତାପ ମିଶ୍ର, ହୃଦୟ ଶ୍ରୀନିବାସ, ଦିବ୍ୟାଂଶ ମହନ୍ତ ଓ ଆଦ୍ୟାଶ୍ରୀ ପଣ୍ଡା ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୬ ଖେଳାଳିଙ୍କୁ ଏଜ୍‌ଗ୍ରୁପ୍ ଏବଂ ୫ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍‌ରେ ଅନୁଷ୍ଠିତ ପ୍ରତିଯୋଗିତାକୁ ଏହାର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଉଦ୍‌ଘାଟନ କରିଥିଲେ। ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍ୱର୍ଗତ ତ୍ରିନାଥ ଦାସଙ୍କ ଝିଅ ସବିତା ଦାସ, କ୍ୱାଇଁ ଦେବବ୍ରତ ପଟ୍ଟନାୟକ, ନାତୁଣୀ ଦେବାଂଶୀ ପଟ୍ଟନାୟକ ପ୍ରମୁଖ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଥିଲେ।


ରାଜ୍ୟ ସ୍କୁଲ୍ସ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଅର୍ମାନ, ସାର୍ଥକଙ୍କ ହାଟ୍ରିକ୍

**ସବ୍‌ଜୁନିୟର ଲିଗ୍ ଫୁଟ୍‌ବଲ**

ଭୁବନେଶ୍ୱର,୧୨।୫
(ସରୋଜ ଜେନା)

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସବ୍‌ଜୁନିୟର ଲିଗ୍ ଫୁଟ୍‌ବଲରେ ରବିବାର କର୍ବେଟ୍ ଏଫ୍‌ସି, ମୁମ୍ବାଇ ସ୍କୁଲ ସ୍ପୋର୍ଟ୍ସ ଆସୋସିଏଶନ ଓ ଟିଡିମ୍ ରୋଡ୍ ଆଥଲେଟିକ୍ ୟୁନିୟନ ବିଜୟୀ ହୋଇଛନ୍ତି। ୩ ମ୍ୟାଚ୍‌ରେ ମୁମ୍ବାଇ ସ୍କୁଲ ସ୍ପୋର୍ଟ୍ସ ଆସୋସିଏଶନ ଅଧିନାୟକ ଅର୍ମାନ ମହମ୍ମଦ ଓ ଦ ସ୍ପୋର୍ଟ୍ସ ସ୍କୁଲର ସାର୍ଥକ ଭଞ୍ଜରାୟ ହାଟ୍ରିକ୍ ଅର୍ଜନ କରିଥିଲେ।

ପ୍ରଥମ ମ୍ୟାଚ୍‌ରେ କର୍ବେଟ ଏଫ୍‌ସି ୭-୪ ଗୋଲରେ ପାରାପୁର ଏଫ୍‌ସିକୁ ପରାସ୍ତ କରିଛି। କର୍ବେଟ୍ ପକ୍ଷରୁ ବିଶାଲ ସିଂ ଭଣ୍ଡାରି ଡବଲ ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଗସ୍ତସ୍ୟ ଗୁପ୍ତା, ଦିବ୍ୟାଂଶ ସିଘେଂଲ, ଅଭିନବ ଡାଙ୍ଗି, ରିଶାନ୍ତ ରାଓ୍ୱତ ଓ ଦୀକ୍ଷାନ୍ତ ଯୋଶୀ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ମୁମ୍ବାଇ ସ୍କୁଲ ସ୍ପୋର୍ଟ୍ସ ଆସୋସିଏଶନ ୫-୧ ଗୋଲରେ ବେଲ୍‌ଗାମ ୟୁନାଇଟେଡ୍‌କୁ ପରାସ୍ତ କରିଥିଲା। ମୁମ୍ବାଇ ପକ୍ଷରୁ ଅଧିନାୟକ ଅର୍ମାନ୍ ମହମ୍ମଦ (୧୯,୪୭ ଓ ୫୦+୨) ମିନିଟରେ ସ୍କୋର କରି ହାଟ୍ରିକ୍ ଅର୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରିଡସ ଡାଡିବୁର୍ଜୋର ୨୦ ଓ ଶାବଲିନ ପିକାଲେ ୩୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ଅନ୍ତିମ ମ୍ୟାଚ୍‌ରେ ଅଧିନାୟକ ସାର୍ଥକ ଭଞ୍ଜରାୟଙ୍କ ହାଟ୍ରିକ୍ ସତ୍ତ୍ୱେ ଟିଡିମ୍ ରୋଡ ଆଥଲେଟିକ୍ ୟୁନିୟନ ନିକଟରୁ ୬-୫ ଗୋଲରେ ପରାଜିତ ହୋଇଛି ଦ ସ୍ପୋର୍ଟ୍ସ ସ୍କୁଲ। ସାର୍ଥକ ଭଞ୍ଜରାୟ(୩୨,୩୪,୩୯, ୪୯) ଗୋଲ ଦେଇଥିଲେ। ଟିଡିମ୍ ରୋଡ ପକ୍ଷରୁ ଆହେବାମ ରୋନନଦେବ) ଓ ସିନମ ପାଇଖୋମ୍ବା ସିଂ ଡବଲ ଗୋଲ ଦେଇଥିଲେ। ଆବୋଚା ଟୁଙ୍ଗଖାମଓ ଟାମ୍ପାକମାୟୁମଗୋଟିଏ ଲେଖାଏ ଗୋଲ ଦେଇଥିଲେ।

# କାର୍ଲସେନ ଚାମ୍ପିୟନ, ପ୍ରଜ୍ଞାନନ୍ଦ ଚତୁର୍ଥ

**ୱାରସ,୧୨।୫(ପି.ଟି.):** ପୋଲାଣ୍ଡରେ ଅନୁଷ୍ଠିତ ସୁପରବେଟ୍ ବ୍ଲିଜ୍ ଓ ର୍ୟାପିଡ୍ ଚେସ୍ ଟୁର୍ନାମେଣ୍ଟରେ ବିଜୟୀ ହୋଇଛନ୍ତି ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ନରୱେର ମାଗ୍ନସ୍ କାର୍ଲସେନ। ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦଙ୍କ ନିକଟରୁ ପରାଜିତ ହୋଇଥିଲେ ମଧ୍ୟ କାର୍ଲସେନ ଟାଇଟଲ କରାୟତ କରିଥିଲେ। ଚାଇନାର ୱେଇ ୟି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅଷ୍ଟମ ଓ ନବମ ରାଉଣ୍ଡରେ କାର୍ଲସେନ ମ୍ୟାଚ୍‌ର ଫଳାଫଳ ନିଜ ଆଡକୁ କରିଥିଲେ। ଅନ୍ତିମ ରାଉଣ୍ଡରେ ୱେଇ ୟି ମାତ୍ର ୫ ପଏଣ୍ଟ ସ୍କୋର କରିବା ସହ କାର୍ଲସେନଙ୍କ ଠାରୁ ୦.୫ ପଏଣ୍ଟ ପଛରେ ରହିଥିଲେ। କାର୍ଲସେନ ୯ ମ୍ୟାଚ୍‌ରୁ ୭ ବିଜୟ ଓ ୧ ଡ୍ର ସହ ୨୬ ପଏଣ୍ଟ ଅର୍ଜନ କରିଥିଲେ। ଭାରତୀୟ ଗ୍ରାଣ୍ଡମାଷ୍ଟରଙ୍କ ମଧ୍ୟରେ ଆର. ପ୍ରଜ୍ଞାନନ୍ଦ ଚତୁର୍ଥ ଓ ଅର୍ଜୁନ ଇରିଗାସୀ ପଞ୍ଚମ ସ୍ଥାନ ହାସଲ କରିଥିଲେ। ପୋଲାଣ୍ଡର ଡୁଡା ଜାନ କ୍ରିଷ୍ଟୋଫ୍ ୧୯.୫ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିଲେ। ଡିର୍ବେକ ଅବଦୁସାଟ୍ଟୋରୋଭ, କିରିଲ୍ ଶିଚେଭେଙ୍କୋ ଓ ଅନିଶ ଗିରି ଶେଷ ୩ ସ୍ଥାନରେ ରହିଥିଲେ।


ପ୍ରଜ୍ଞାନନ୍ଦ




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ